# ଯୀଶୁଙ୍କ ସହ ଏକ ଯାତ୍ରା

ପୁସ୍ତକ-୧

## ମନୁଷ୍ୟ ଧରିବା

ମୋର ଅନୁଗମନ କର, ମୁଁ ତୁମ୍ଭମାନଙ୍କୁ ମନୁଷ୍ୟ ଧରିବା ଶିଖାଇବି । (ମାଥିଉ ୪:୧୯)

ମିଖାଏଲ ଗିବସନ

<u>ଯୀଶୁଙ୍କ ସହ ଏକ ଯାତ୍ରା</u>

**ପୁସ୍ତକ ୧: ମନୁଷ୍ୟ ଧରିବା**

**କପିରାଇଟ୍ – ୨୦୧୦ ମିଖାଏଲ ଗିବସନ ଦ୍ୱାରା**

**୭୮୬୯ ଗ୍ରିନଲିଫ ଲେନ, ଦେନଭେର, କେଲୋରାଡ଼ୋ ୮୦୨୨୧**

**ଠିକ୍ଠାକ୍ ସୁରକ୍ଷିତ, ତୃତୀୟ ପ୍ରିନଟିଙ୍ଗ ୨୦୧୭**

ଶାସ୍ତ୍ରାଂଶ ଗୁଡ଼ିକ ନୂତନ ଆମେରିକାନ ସ୍ଟାଣ୍ଡାଡ଼ ବାଇବଲରୁ ଅଣାଗଲା କପିରାଇଟ, ଲକମାନ ଫାଉଣ୍ଡେସନ
୧୯୬୦, ୧୯୬୨, ୧୯୬୩, ୧୯୬୮, ୧୯୭୧, ୧୯୭୨, ୧୯୭୩, ୧୯୭୫, ୧୯୭୭
ଅନୁମତି ଦ୍ୱାରା ବ୍ୟବହାର କରାଗଲା ।

କଗ୍ରେସ କାଟାଲଗ ପୁସ୍ତକାଳୟ, କାର୍ଡ଼ ନମ୍ବର ଝଢ- ୭ – ୩୩୪-୭୦୩
ଆନ୍ତର୍ଜାତୀୟ ସ୍ଟାଣ୍ଡାଡ଼ ବୁକ ନମ୍ବର ୯୭୮-୦-୯୫୪୧୭୯-୧-୪

**ଉକ୍ତ ଶାସ୍ତ୍ରାଂଶ ତଳଲିଖିତ ପାଠରୁ ଉଦ୍ଧୃତ ।**

**ମୋର ଅନୁଗମନ କର**

**ଇଶ୍ୱରଙ୍କ ଠାରୁ ଏକ ସମ୍ବାଦ**

କପିରାଇଟ୍ – ୧୯୯୬ ମିଖାଏଲ ଗିବସନ ଦ୍ୱାରା
୭୮୬୯ ଗ୍ରିନଲିଫ ଲେନ, ଡ଼େନଭେର, କେଲୋରାଡ଼ୋ ୮୦୨୨୧ ଠିକଠାକ ସୁରକ୍ଷିତ ।
ଶାସ୍ତ୍ରାଂଶ ଗୁଡ଼ିକ ନୂତନ ଆମେରିକାନ ସ୍ଟାଣ୍ଡାଡ଼୍ ବାଇବଲରୁ ଅଣାଗଲା କପିରାଇଟ୍, ଲକମାନ ଫାଉଣ୍ଡେସନ
୧୯୬୦, ୧୯୬୨, ୧୯୬୩, ୧୯୬୮, ୧୯୭୧, ୧୯୭୨, ୧୯୭୩,୧୯୭୫, ୧୯୭୭
ଅନୁମତି ଦ୍ୱାରା ବ୍ୟବହାର କରାଗଲା ।

କଗ୍ରେସ କାଟାଲଗ ପୁସ୍ତକାଳୟ, କାର୍ଡ଼ ନମ୍ବର : ୯୬-୦୯୪୬୩୦
ଅନ୍ତର୍ଜାତୀୟ ସ୍ଟାଣ୍ଡାଡ଼ ବୁକ ନମ୍ବର : ୦-୯୬ ୫୪୧୭୯-୦-୫

## କାହାଣୀ

ମନୁଷ୍ୟ ସମାଜ ସହ ଇଶ୍ୱରଙ୍କ କାର୍ଯ୍ୟକଳାପ, ସଂସାର ମଧ୍ୟରେ ଏକ ଆଶ୍ଚର୍ଯ୍ୟ କଥା ଅଟେ । ଉକ୍ତ କାହାଣୀ ସାତ ପ୍ରକାର ସାହିତ୍ୟର ଏକ ମିଶ୍ରଣ ବିବରଣ, ଯାହାକୁ ବାଇବଲ କୁହାଗଲା । ଏହି ସାତ ପ୍ରକାର ସାହିତ୍ୟ ତିନି ଭାଗରେ ବିଭକ୍ତ କରାଯାଇଅଛି । ସାଧାରଣ ଭାବେ ସେମାନଙ୍କୁ ପୁରାତନ ନିୟମ, ନୂତନ ନିୟମ ଓ ସୁସମାଚାର ବୋଲି କୁହାଗଲା । ପୁରାତନ ନିୟମ ତିନି ପ୍ରକାର ଲେଖା ଶୈଳିର ସମିଷ୍ଟି । ଯାହାକୁ ବ୍ୟବସ୍ଥା, ଭବିଷ୍ୟଦ ବକ୍ତା ଓ ହସ୍ତାକ୍ଷର ବୋଲି କୁହାଯାଏ । ଏହି ଭାଗର ମୁଖ୍ୟ କାର୍ଯ୍ୟ, ମସିହା (ଉଦ୍ଧାରକର୍‌ତ୍ତା)ଙ୍କ ଆଡ଼କୁ ଲକ୍ଷ କରିବା । ସେହିପରି ନୂତନ ନିୟମ ମଧ ତିନି ପ୍ରକାର ଲେଖା ଶୈଳିର ସମଷ୍ଟି, ଯାହା ପ୍ରେରିତ ମାନଙ୍କ କାର୍ଯ୍ୟ, ପତ୍ର (ଚିଠି) ଏବଂ ଯୀଶୁ ଖ୍ରୀଷ୍ଟଙ୍କର ପ୍ରକାଶିତ ବାକ୍ୟ । ଏହି ଭାଗର ମୁଖ୍ୟ କାର୍ଯ୍ୟ, ସକଳ ମଙ୍ଗଳ ଦାନକୁ ପ୍ରକାଶ କରେ, ଯାହା ମସିହଙ୍କ ଠାରୁ ଆସିଥାଏ । ଶେଷ ଭାଗ, ସୁସମାଚାର କାହାଣୀର କେନ୍ଦ୍ରିୟ ଓ ମୁଖ୍ୟ ଭାଗକୁ ସ୍ଥାପନ କରେ, ଯାହା ମସିହ ଓ ଉଦ୍ଦେଶ୍ୟ ପ୍ରଭାବିତ କରେ । ଯେଉଁଥିପାଇଁ ସେ ପୃଥିବୀକୁ ପ୍ରେରଣ କରାଗଲେ । ସୁସମାଚାରର ମୁଖ୍ୟ କାର୍ଯ୍ୟ ଉଭୟ ପୁରାତନ ନିୟମ ଓ ନୂତନ ନିୟମକୁ, ମସିହା, ଇଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ଯୋଡ଼ି ଏକ ଧାରଣା ଦେବା ।

| | |
|---|---|
| ବ୍ୟବସ୍ଥା<br>ଭାବବାଦି<br>ହସ୍ତଲିପି | ପୁରାତନ ନିୟମ |
| ସୁସମାଚାର | ମସିହା |
| ପ୍ରେରିତ ମାନଙ୍କ କାର୍ଯ୍ୟ<br>ପତ୍ରିକା<br>ଯୀଶୁ ଖ୍ରୀଷ୍ଟଙ୍କର ପ୍ରକାଶିତ ବାକ୍ୟ | ନୂତନ ନିୟମ |

ମୋ ପୁସ୍ତକର ମୁଖ୍ୟ ଲକ୍ଷ ସେହି କାହାଣୀର ମୁଖ୍ୟ ଭାଗ, "ସୁସମାଚାର" କାହାଣୀର ଏହି ଭାଗ ଚାରି ବ୍ୟକ୍ତି ମାଥିଉ, ମାର୍କ, ଲୁକ ଓ ଯୋହନ ଙ୍କ ଦ୍ୱାରା ବ୍ୟକ୍ତ କରାଗଲା । ସେମାନେ ପ୍ରତ୍ୟେକ ମସିହଙ୍କର ଏକ

କାହାଣୀ ଲେଖିଲେ । ମାଥିଉଙ୍କର ସୁସମାଚାର ଅତି ପ୍ରାଞ୍ଜଳ ଓ ଏକ ଏବ୍ରୀୟ ଚିନ୍ତାଧାରାର ବିଷୟଗୁଡ଼ିକକୁ ମତବ୍ୟକ୍ତି କରାଯାଇ ଅଛି । ଲୁକଙ୍କ ସୁସମାଚାର କାଳାନୁକ୍ରମେ ଲେଖାଯାଇଅଛି ଓ ଯୋହନ ଲିଖିତ ସୁସମାଚାର ଅତିଆବଶ୍ୟକ ଆତ୍ମିକ ସତ୍ୟତାଗୁଡ଼ିକ ପ୍ରକାଶ କରେ । ମାର୍କ ପ୍ରଥମ ସୁସମାଚାର ଲେଖନ୍ତି ଏବଂ ଏହା ଏକ ଅଠା ସ୍ୱରୂପ ଅନ୍ୟ ସମସ୍ତଙ୍କୁ ଯୋଡ଼ି ରଖିଅଛି । ଏହା ସେମାନଙ୍କ ଚକ୍ଷୁ, କର୍ଣ୍ଣ ଏବଂ ହୃଦୟ ଦ୍ୱାରା ଯାହା ଆମେ ସମେସ୍ତ କାର୍ଯ୍ୟ ଗୁଡ଼ିକ ଦେଖିପାରୁ ଅଛୁ ଯାହା ଇଶ୍ୱର ମସିହଙ୍କ ଦ୍ୱାରା କଲେ । ପୁଣି ତାଙ୍କ ପ୍ରଚାରିତ ସୁସମ୍ବାଦକୁ ଶୁଣିବାକୁ ଓ ମାନବ ଜାତିପ୍ରତି ତାଙ୍କରି ପ୍ରେମର ଗଭିରତାକୁ ବୁଝିବା ନିମନ୍ତେ ସାହାଯ୍ୟ କଲେ ।

## ଉଦ୍ଦେଶ୍ୟ

ଉକ୍ତ ପୁସ୍ତକ ଲେଖିବା ମୋର ଉଦ୍ଦେଶ୍ୟ, ଚାରୋଟି ସୁସମାଚାରକୁ ଗୋଟିଏ ସାମଞ୍ଜସ୍ୟ କାହାଣୀ ବନାଇବା, ଯଦ୍ୱାରା ପାଠକ ଘଟଣାବଳୀ ଗୁଡ଼ିକ ଯାହା ମସିହଙ୍କୁ କେନ୍ଦ୍ରିଭୂତ କରେ ପୁଣି ପୃଥିବୀକୁ ତାଙ୍କ ଆଗମନ ବିଷୟରେ ସହଜରେ ବୁଝିପାରିଥାନ୍ତି । ତୁମ୍ଭେମାନେ ଯୀଶୁଙ୍କ ସହ ଅନୁଗମନ କରୁଅଛ ଓ ତାଙ୍କ ଜୀବନ ଯାତ୍ରାର ଶିକ୍ଷା ଗ୍ରହଣ କରିଅଛ ବୋଲି, ତୁମ୍ଭମାନଙ୍କୁ ଅନୁଭବ କରାଇବା ପାଇଁ ଇଚ୍ଛାକରେ ।

ଚାରୋଟି ସୁସମାଚାର ଯୋଡ଼ି ଏକ କାହାଣୀ ବନାଇବା ଛଡ଼ା ପାଠକ ମାନଙ୍କର ସତକର୍ତା ଓ ଜ୍ଞାନ ନିମେନ୍ତ ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଏଠାରେ ଯୋଡ଼ାଯାଇଅଛି ।

## ଦୁଇଟି ସ୍ୱତନ୍ତ୍ର ଗୁଣ

ସେ ପୁଣି ଫେରି ଆସିବା ପୂର୍ବରୁ କାର୍ଯ୍ୟଭାର ସମ୍ପାଦନ କରିବା ନିମନ୍ତେ ତାଙ୍କ ସ୍ୱର୍ଗକୁ ଉର୍ଦ୍ଧଗାମୀ ହେବା ଠିକ ପୂର୍ବରୁ ତାଙ୍କ ଶିଷ୍ୟମାନଙ୍କୁ ଆଦେଶ ଦେଲେ । ସେହିକାର୍ଯ୍ୟ ଭାର ଥିଲା । ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିଷ୍ମ ଦେଇ, ମୁଁ ତୁମ୍ଭ ମାନଙ୍କୁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷାଦେଇ, ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦା ସବର୍ଦା, ମୁଁ ତୁମ୍ଭ ମାନଙ୍କ ସଙ୍ଗେ ସଙ୍ଗେ ଅଛି । ଆଦେଶ ପ୍ରତି ଭୟରେ, ଯୀଶୁ ଯେଉଁ ସମସ୍ତ ଆଜ୍ଞା ଦେଲେ ସେ ସବୁ ପାଳନ ନିମେନ୍ତ ଅନ୍ୟମାନଙ୍କୁ ଶିକ୍ଷା ଦେବା । ସମସ୍ତ ଆଦେଶ, ଯାହା ଆପଣା ଦଳିୟ ଶିଷ୍ୟମାନଙ୍କୁ ଦେଲେ ମୁଁ ସେ ସମସ୍ତ ବଡ଼ ଅକ୍ଷରରେ ପ୍ରକାଶ କଲି । ତାଙ୍କ ଶିଷ୍ୟମାନଙ୍କୁ ଦେଇଥିବା

ଯୀଶୁଙ୍କ ସମସ୍ତ ଉପଦେଶ ପାଠରେ ଅଛି ଯାହା ସେ ସେମାନଙ୍କୁ ପଢ଼ାଉଥିଲେ । "ଯୀଶୁଙ୍କ ସହ ଏକ ଯାତ୍ରା" ପାଠର ଶିକ୍ଷାକ୍ରମରେ ସେମାନଙ୍କୁ ପଢ଼ାଇଥିବା ଯୀଶୁଙ୍କ ୫୬ ପାଠ ଅନ୍ତର୍ଭୁକ୍ତ ଅଟେ । ଉକ୍ତ ଶିକ୍ଷାକ୍ରମ ତିନୋଟି ପୁସ୍ତକ ବିଶିଷ୍ଟ ସେଗୁଡ଼ିକ ହେଲା, ମନୁଷ୍ୟ ଧରିବା, ଅମଳ ମଧ୍ୟକୁ ଏବଂ ମନ୍ଦିର ନିର୍ମାଣ କରିବା ।

## ଅନ୍ୟ ଗୁଣଗୁଡ଼ିକ

**କାଳାନୁକ୍ରମ:** ଏହି ପୁସ୍ତକରେ ଘଟିଥିବା ସମସ୍ତ ଘଟଣା ଗୁଡ଼ିକ କ୍ରମରେ ଅଛନ୍ତି ଯେଉଁଠାରେ ସେଗୁଡ଼ିକ ଘଟିଅଛି ଓ ଚାରି ମଙ୍ଗଳ ସମାଚାରର ବିବରଣର ଓ ସୁସମାଚାରର ବିଭିନ୍ନ ମେଳ ଖାଉଥିବା ବାକ୍ୟାଂଶରୁ ଟିକିଏ ପରେ ଟିକିଏ ତୁଳନା କରି ଅଣାଗଲା ।

**ତାରିଖ:** ପୁସ୍ତକ ମଧ୍ୟରେ ଘଟିଥିବା ଘଟଣାଗୁଡ଼ିକର ତାରିଖ ଯୀଶୁଙ୍କ କାହାଣୀ ସମ୍ବନ୍ଧିୟ ସମୟ ସୀମାକୁ ଆବିଷ୍କାର କରିବାରେ ପାଠକଙ୍କୁ ସାହାଯ୍ୟ କରିଥାଏ ।

**ବିଭାଗଗୁଡ଼ିକ:** ଯୀଶୁଙ୍କ ଜୀବନ ଏବଂ ମିସନର ବଡ଼ ଛବି ଦେଖିବାରେ ପାଠକ ମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଏହି ପୁସ୍ତକ ୧୮ ଭାଗରେ ବିଭକ୍ତ ହୋଇଅଛି ।

**ଶିଷ୍ୟରେ ଉଲ୍ଲେଖିତ ବିଷୟ:** ଯୀଶୁଙ୍କ ଜୀବନ ମଧ୍ୟରେ ଘଟିଥିବା ସ୍ୱତନ୍ତ୍ର ଘଟଣାବଳୀକୁ ଆଗକୁ ପୁସ୍ତକର ପ୍ରତ୍ୟେକ ଅଂଶକୁ ଉପଭୋଗ ରୂପେ ଉଲ୍ଲେଖ କରାଗଲା ।

**ଶିଷ୍ୟଙ୍କ ବିଷୟକ ପ୍ରମାଣପଦ (ଗଭୀର ଭାବପ୍ରବଣକ ଶବ୍ଦରେ):** ସେହି ଶିଷର୍କ ବିଷୟ ଅଧିନ ବାକ୍ୟାଂଶର ବ୍ୟବହୃତ ବାସ୍ତବ ଶାସ୍ତ୍ରାଂଶ ଗୁଡ଼ିକ ଚିହ୍ନଟ କରେ ।

**ପାଦଟିକା:** ପ୍ରତ୍ୟେକ ବାକାଂଶର ଅନ୍ତର ପାଦଟିକା ପ୍ରମାଣ ପଦ ଦେଖାଦିଏ । ସେହି ପ୍ରମାଣପଦ ଗୁଡ଼ିକ ବା ବାକ୍ୟଖଣ୍ଡ ଗୁଡ଼ିକ ଏକା ଶୈଳିରେ ଦେଖାଯାନ୍ତି । ଶାସ୍ତ୍ରର ସେହି ପ୍ରମାଣ ପଦ ଗୁଡ଼ିକ ଇଟାଲିକ ଶୈଳିରେ ଲେଖାଯାଏ ।

**ଶବ୍ଦାର୍ଥ ତାଲିକା:** ସାଧାରଣ ରୂପେ ବ୍ୟବହୃତ ପଦ କିଅବା ଚିହ୍ନ ଗୁଡ଼ିକର ବାକ୍ୟଗୁଡ଼ିକ କିମ୍ବା ପରିଭାଷା ଗୁଡ଼ିକ ଶବ୍ଦାର୍ଥ ତାଲିକାରେ ଗଚ୍ଛିତ, ଯାହା ପ୍ରତ୍ୟେକ ବାକ୍ୟାଂଶରେ କରାଯାଇଅଛି ।

**ଶାସ୍ତ୍ର:** ବାକ୍ୟାଂଶ ସିଧାସଳଖ ନୂତନ ଆମେରିକାନ ଷ୍ଟାଣ୍ଡାଡ଼ ବାଇବଲରୁ ନିଆଯାଇଅଛି ।

## ପାଠକଙ୍କୁ ପଦେ

ଉକ୍ତ ପୁସ୍ତକରେ ନିଆଯାଇଥିବା ପ୍ରତିଟି ମତ ସହ ସମସ୍ତେ ସହମତି ହୋଇ ନପାରନ୍ତି, ତଥାପି ଉକ୍ତ ପ୍ରସ୍ତୁତି କାରଣରେ ଅନେକ ଜ୍ଞାନ ଦାୟକ ବିଷୟଗୁଡ଼ିକ ବିଚାର ବିମର୍ଷ କରାଯାଇଅଛି । ଏହି ପୁସ୍ତକ, ମଙ୍ଗଳ ସୁସମାଚାର ଲେଖକଙ୍କର ବ୍ୟକ୍ତିଗତ ଲେଖାର ସ୍ଥାନ ନେବା ଉଦ୍ଦେଶ୍ୟ ନୁହଁ । କିନ୍ତୁ ସେମାନଙ୍କ ନିମନ୍ତେ ଏହା କେବଳ ଏକ ଅତିରିକ୍ତ ସେବା ଦେବା ନିମନ୍ତେ ଅଟେ । ବିଭିନ୍ନ ଘଟଣାବଳିର ସମୟ ସୀମା । ଐତିହାସିକ ଦଲିଲ । ଜ୍ୟୋତିର୍ ବିଜ୍ଞାନ ପ୍ରମାଣ, ଯିହୁଦୀୟ ପଞ୍ଜିକା ସହ ଏହାର ୧୯ ବର୍ଷର ଘଟଣାଚକ୍ର ପୁନରାବୃତି, ଇଶ୍ୱରଙ୍କ ଉତ୍ସବ ଓ ଯୀହୁଦୀ ଲୋକମାନଙ୍କ ପ୍ରଥାର ଆଧାରରେ ନିର୍ଦ୍ଧାରଣ କରାଯାଇଅଛି । ଯେଉଁମାନେ, ଇଶ୍ୱରଙ୍କ ବାକ୍ୟ ଅଧ୍ୟୟନରେ ଦୀର୍ଘ ସମୟର ପରିଶ୍ରମ ଓ ପ୍ରସ୍ତୁତି କରିଥାନ୍ତି । ଏହା ଆମେ ସମସ୍ତଙ୍କୁ ଶିଖିବାରେ ସାହାଯ୍ୟ କରିଥାଏ । ଖ୍ରୀଷ୍ଟରେ ସେମାନଙ୍କର ପ୍ରେମର ପରିଶ୍ରମ ନିମନ୍ତେ ସେମାନଙ୍କୁ ମୁଁ ମୋର ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରେ ।

## ମୋର ଆଶା

ମୋର ଆନ୍ତରିକ ଇଚ୍ଛା ଏହା ଯେ, ଏହି ପୁସ୍ତକରେ ତାଙ୍କ ପୁତ୍ରଙ୍କ ପଦନ୍ନତି ଦ୍ୱାରା ମୋର ସ୍ୱର୍ଗସ୍ଥ ପିତା ଗୌରବାନ୍ୱିତ ହୁଅନ୍ତୁ ଓ ସେଥିରେ ତମେ ପାଠକଗଣ ସମସ୍ତେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତିରୂପରେ ରୂପାନ୍ତରିତ ହୁଅ ।

## ଲେଖକଙ୍କ ଅଭିମତ

ଉକ୍ତ ଶିକ୍ଷା ଶ୍ରେଣୀ ପ୍ରସ୍ତୁତି ବିଷୟ । ଯୀଶୁଙ୍କ ସହ ଏକ ଯାତ୍ରାରେ ତୁମ୍ଭମାନଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଏକ ପ୍ରଭାବଶାଳୀ ଶିଷ୍ୟ ହେବାରେ ସାହାଯ୍ୟ କରିବା ମୋର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ମୁଁ ବିଶ୍ୱାସ କରେ ଯେ, ଯୀଶୁ କ'ଣ କହିଲେ, ନିରନ୍ତର ତୁମ୍ଭମାନଙ୍କୁ ସୁଚିତ ଓ ସେ କ'ଣ କହିଅଛନ୍ତି, ପାଳନ କରିବା ନିମନ୍ତେ ନିର୍ଦ୍ଦେଶ ଦେବା ଦ୍ୱାରା ତୁମ୍ଭମାନଙ୍କ ଜୀବନ ସମ୍ପୂର୍ଣ୍ଣ ପରିବର୍ତ୍ତନ ହେବ । ତେବେ ସେ ଯେପରି, ତମ୍ଭେମାନେ ମଧ୍ୟ ତାଙ୍କ ପରି ଏକ ବାସ୍ତବ ଶିଷ୍ୟ ହୋଇପାରିବ ।

ମୋ ଶିକ୍ଷାର ଲକ୍ଷ୍ୟ, ପ୍ରଥମ ଖ୍ରୀଷ୍ଟାବ୍ଦ ଖ୍ରୀଷ୍ଟିୟାନ ମାନଙ୍କ ଏକ ମନଭାବ ସହ ଶାସ୍ତ୍ରାଂଶ ଆପଣା ନିମନ୍ତେ କଥାକହୁ । ଉକ୍ତ ମନଭାବ ପୁରାତନ ନିୟମର ବିଷୟ ସବୁ, ପରମ୍ପରା, ରିତିନିତି, ଭାବନା ଏବଂ ତତ୍ୱ ଉପରେ ଚିତ୍ରଣ କରିବା ଦ୍ୱାରା ଉନ୍ନତି କରାଯାଇଅଛି ଯାହା ଯୀଶୁଙ୍କ ଅସଲି ଶିଷ୍ୟମାନେ ବୁଝି ପାରନ୍ତି ।

ସମୟ ସମୟରେ ମୋର ଶିକ୍ଷା, ମୁଁ ଯେପରି ମୋଶାଙ୍କ ବ୍ୟବସ୍ଥା ଆଡ଼କୁ ଏକ ଆହ୍ୱାନ କଲାପରି ଦେଖା ଯାଇପାରେ । କିନ୍ତୁ ମୁଁ ତୁମ୍ଭମାନଙ୍କୁ ଭରଷା ଦେଇପାରେ ଯେ, ଏହା ଏପରି କୌଣସି ବିଷୟ ନୁହେଁ । ମୁଁ ବିଶ୍ୱାସ କରେ ଖ୍ରୀଷ୍ଟିୟାନ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଇଶ୍ୱରଙ୍କ ଅନୁଗ୍ରହ ଅନୁଯାୟୀ ଉଦ୍ଧାର ପ୍ରାପ୍ତ ହୋଇଅଛନ୍ତି, ମୋଶାଙ୍କ ବ୍ୟବସ୍ଥା ପାଳନ ଦ୍ୱାରା ନୁହେଁ । ମଧ୍ୟ ମୁଁ ଅବଗତ ଅଟେ ଯେ "ଅନୁଗ୍ରହ ଦ୍ୱାରା ଉଦ୍ଧାର ଶବ୍ଦମାନ" ଅନେକଙ୍କ ପାଇଁ ଯେପରି ଚାହାନ୍ତି, ସେପରି ସେମାନେ ସେମାନଙ୍କ ଜୀବନ କିଣନ୍ତି । ଖ୍ରୀଷ୍ଟିୟାନ ମାନେ ଏକ ପବିତ୍ର ଲୋକ ହେବା ନିମନ୍ତେ ନିମନ୍ତ୍ରିତ, ବ୍ୟବସ୍ଥାହୀନ ଜୀବନ କାଟିବା ନିମନ୍ତେ ନୁହଁ, ତେଣୁ ଇଶ୍ୱରଙ୍କ ଅନୁଗ୍ରହ ଅପବ୍ୟବହାର କରିବା । ଏହା ମଧ୍ୟ ଏକ କାରଣ ନୁହେଁ । ତା ବଦେଳ ସେମାନେ ଇଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଜୀବନ କାଟିବା ଆବଶ୍ୟକ ନୁହେଁ । ଯାହା ଇଶ୍ୱର ଓ ମନୁଷ୍ୟ ପ୍ରତି ପ୍ରେମ ଅଟେ । ଯୀଶୁ କହିଲେ, ଯଦି ତୁମେ ମୋତେ ପ୍ରେମ କର, ତେବେ ମୋର ବାକ୍ୟ ପାଳନ କରିବ ।

ଶାସ୍ତ୍ର ଆଧାରରେ ଯୀଶୁଙ୍କ ସହ ଏକ ଯାତ୍ରା ବିଷୟ ଏକ ପଣ୍ଡିତ ରଚନା କିଅବା କଳ୍ପନାତ୍ମକ ଟିପ୍ପଣି ଦେବା ଅଭିପ୍ରାୟର ଉେଲ୍ଲଖ କରାଯାଇନାହିଁ, କିନ୍ତୁ ଭାବନା ସ୍ପର୍ଶ ଓ ଜୀବନ ପରିବର୍ତ୍ତନ ନିମନ୍ତେ ପ୍ରସ୍ତୁତି କରାଯାଇଅଛି । ଏହା କିଛି ଖ୍ରୀଷ୍ଟିୟାନ ମାନଙ୍କର ଆନନ୍ଦ ଓ ଉପକାର ନିମନ୍ତେ ପ୍ରସ୍ତୁତ ହୋଇଅଛି । ଯେଉଁମାନେ ସମସ୍ତ ସତ୍ୟତା ଦ୍ୱାରା ନିଜକୁ ପରିଚାଳନା ଓ ନିର୍ଦ୍ଦେଶିତ କରିବା ନିମନ୍ତେ ପବିତ୍ର ଆତ୍ମାଙ୍କ ଠାରେ ଭରଷା କରନ୍ତି । ମୋର ପ୍ରାଥର୍ନା ଯେ ଏହି ଶିକ୍ଷାଶ୍ରେଣୀ, ଖ୍ରୀଷ୍ଟରେ ଏକ ଫଳବନ୍ତ ଜୀବନ କାଟିବା ନିମନ୍ତେ ଏକ ବ୍ୟବହାରିକ ଉପାଦାନ ରୂପେ ତୁମ୍ଭକୁ ସାହାଯ୍ୟ କରୁ ।

## ସ୍ୱିକୃତି ପତ୍ର

ମୋର ସ୍ତ୍ରୀ ଯେନିସଙ୍କୁ ତାଙ୍କ ପ୍ରଗାଢ଼ ପ୍ରେମ, ଉତ୍ସାହ ଓ ବର୍ଷତମାମ ମୋତେ ସାହାଯ୍ୟ କରିଆସିଥିବା ଯୋଗୁଁ ତାଙ୍କ ଠାରେ ମୁଁ ଅତି କୃତଜ୍ଞ ଅଟେ । ଏ ସମସ୍ତ ବିହୁନେ ଏହି ପୁସ୍ତକର କାର୍ଯ୍ୟ ସମାପ୍ତ ହୋଇପାରିନଥାନ୍ତା । ପୁଣି ଆଗକୁ ପୁସ୍ତକ ଆବରଣର ରଙ୍ଗ ଚିତ୍ରଣ କରିବାରେ ତାଙ୍କର କଳାନିପୁଣ ଦକ୍ଷତା ଯୋଗୁଁ ଧନ୍ୟବାଦ ଅପର୍ଣ କରେ, ଯାହା ଯୀଶୁଙ୍କ ସହ ଏକ ଯାତ୍ରାର ଆବରଣକୁ ଆଶ୍ଚର୍ଯ୍ୟ ରୂପେ ଆଶିର୍ବାଦ ଆଣିଦେଇଛି ।

<u>ସମ୍ମାନତାର ସାକ୍ଷୀ</u>

ଓଡ଼ିଶାରେ (ପଶ୍ଚିମ ଭାରତ) ଈଶ୍ୱରଙ୍କ କାର୍ଯ୍ୟରେ ଅଂଶୀଦାର ହୋଇଥିବା ଯୋଗୁଁ ଅଶେଷ ଧନ୍ୟବାଦ ଦିଏ । ମୋ ପାଇଁ ଏହା ଏକ ଜୀବନ ପରିବର୍ତ୍ତନର ସମୟ ଥିଲା । ଆପଣଙ୍କ ଶିକ୍ଷା ଓ ପରିକ୍ଷଣରେ ଈଶ୍ୱରଙ୍କ ଯଥେଷ୍ଟ ଶକ୍ତି ଓ ଉପସ୍ଥିତିକୁ ମୁଁ ଦେଖିଲି ଓ ଅନୁଭବ କରିପାରିଲି । ଆପଣଙ୍କ ପ୍ରସ୍ତୁତ ପୁସ୍ତକ ଟିକା ଅଧ୍ୟୟନ କରିବାରେ ମୁଁ ସ୍ୱତନ୍ତ୍ର ଆନନ୍ଦ ନେଲି । ମୋର ଶିଷ୍ୟମାନଙ୍କୁ ଓ ଅନେକ ଅନ୍ୟମାନଙ୍କୁ ଏହା ବିଶ୍ଳେଷଣ କରିବ । ଆପଣଙ୍କ ଶିଷ୍ୟତ୍ୱ ତତ୍ତ୍ ମୋର ସେବା କାର୍ଯ୍ୟରେ ଅତି ସୁନ୍ଦର ରୂପେ ବ୍ୟବହାର କରିଛି । ପୁଣି ଭାରତର ଏହି ଓଡ଼ିଶାରେ ଯୀଶୁ ଖ୍ରୀଷ୍ଟଙ୍କର ଶିଷ୍ୟ କରିବା ନିମନ୍ତେ ମୁଁ ମୋର ଜୀବନକୁ ସମର୍ପିତ ଓ ଉତ୍ସର୍ଗ କରିଅଛି ।

**ଆଚାର୍ଯ୍ୟ କାର୍ତିକ ପାଲ**
**ଶିଷ୍ୟ ପ୍ରସ୍ତୁତକର୍ତ୍ତା ଓ ପଶ୍ଚିମ ଭାରତ ପାଳକ ।**

୧୦ ବର୍ଷ ପାଇଁ ଏକ ଯୁବା ଓ ପରିଣତ ବୟସର ପାଳକ ଥିଲେ । ସେବାକାର୍ଯ୍ୟରେ ଉଠାଇଥିବା, ଏହି ସଂସାର ପ୍ରଦାନ କରିଥିବା କେତେକ ଅତି ଉତମ ପାଠ୍ୟକ୍ରମ ଓ ଶିକ୍ଷାରେ ଯୋଗ ନେଲି । ଏହି ପରିପେକ୍ଷରେ ଯେବେ ମୁଁ ଏହି ଶିଷ୍ୟତ୍ୱ ପାଠ୍ୟକ୍ରମ ଦ୍ୱାରା ଚାଲିବାକୁ ଓ ଯୀଶୁ ଖ୍ରୀଷ୍ଟଙ୍କ ଶିକ୍ଷା ଶିଖିବାକୁ ଆରମ୍ଭ କଲି.... ମୁଁ ନିର୍ବୋଧ ହେଲି ଯାହା ସବୁ ମୁଁ ଏହି ତତ୍ୱ ଦ୍ୱାରା ଶିଖି ପାରିଲି, କୌଣସି ମଣ୍ଡଳି, ସେମିନାର ପୁସ୍ତକ, ପାଠ୍ୟକ୍ରମ, ପ୍ରଚାରକ, ଶ୍ରେଣୀ କି ଅବା ସଭା ସମିତି ମୋତେ କେବେ ମଧ୍ୟ ଏପରି ଶିକ୍ଷା ଦେଇନାହିଁ । ଆମ ମସିହା ବାସ୍ତବରେ ଆମ୍ଭମାନଙ୍କୁ କ'ଣ କୁହନ୍ତି... ଏବଂ କାହିଁକି ଚିରକାଳ ପାଇଁ ଆମେ ପରିବତର୍ନ ଅଟୁ । ମୁଁ ଜାଗ୍ରତ ହୋଇ ପାରିଛି, ଜୀବନ୍ତ ହୋଇପାରିଛି ଓ ମୁଁ ଅଧିକ ଚାହେଁ ।
**ବ୍ରାଣ୍ଡନ ଡ଼.**
**ଅର୍ଥଶାସ୍ତ୍ରୀ ପୁର୍ବ ଯୁବ ପାଳକ ।**

ଯୀଶୁଙ୍କ ସହ ଏକଯାତ୍ରା ଶିଷ୍ୟତ୍ୱ ପାଠ୍ୟକ୍ରମ ମୋ ଜୀବନକୁ ସମ୍ପୂର୍ଣ୍ଣ ପରିବତର୍ନ କରିଅଛି । ଯୀଶୁଙ୍କ ପରି ଯଦି ଆପଣ ଆପଣା ଜୀବନ ଅତିବାହିତ କରିବାକୁ ଶିଖିବେ ଏବଂ କିପରି ଏକ ଶିଷ୍ୟ ପ୍ରସ୍ତୁତ କର୍ତା ହେବେ । ତେବେ ଏହି ଅଧ୍ୟୟନ କର । ଏହା ବାସ୍ତବରେ ତୁମ୍ଭ ଜୀବନ ବଦଳାଇ ଦେବ ।
**ମିଚେଲ ଗ.**
**ଗୃହ ନିର୍ମାଣ, ମା ଓ ଶିଷ୍ୟ ପ୍ରସ୍ତୁତକର୍ତ୍ତା**

ଯୀଶୁଙ୍କ ସହ ଏକ ଯାତ୍ରା ସମ୍ପୂର୍ଣ୍ଣ ରୂପେ ଖ୍ରୀଷ୍ଟ କେନ୍ଦ୍ରିୟ ଓ ଇଶ୍ୱର ଗୌରବାନ୍ୱିତ ଅଟେ । ଏକ ବିଶ୍ୱାସ ରୂପେ ଯେଉଁମାନେ ଯୀଶୁଙ୍କ ପଛେ ଚାଲିବାକୁ ନିର୍ଣ୍ଣୟ କରି ପଢ଼ିବା ନିମନ୍ତେ ସମର୍ପିତ । ଏହି ପାଠ୍ୟକ୍ରମ ବ୍ୟବହାର ଇଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବା ନିମନ୍ତେ ଲୋକମାନଙ୍କୁ ମୁଁ ଦୃଢ଼ତା ସହ ସୁପାରିସ କରୁଅଛି ।

**ନୋହା ଏ.**

**ଉଦ୍ୟୋଗକର୍ତ୍ତା ଓ ପୂର୍ବ ମିସେନରି**

ବର୍ତ୍ତମାନ ମୁଁ ଅନ୍ୟମାନଙ୍କୁ ଶିଷ୍ୟ କରୁଛି ଓ ଅଧ୍ୟୟନ ସମୟର ଅନ୍ତିମ ଶିକ୍ଷା ଅପେକ୍ଷା ଏକ ଅଧିକ ଆଶିର୍ବାଦ ଦାୟକ ଶିକ୍ଷା ଉପାଦାନ ମୁଁ ପାଇଅଛି । ଶିଷ୍ୟତ୍ୱ ପ୍ରସ୍ତୁତି ନିମନ୍ତେ ଏହା ଏକ ପ୍ରତ୍ୟକ୍ଷ ବ୍ୟବହାରିକ ନୀତି ଅଟେ ଯାହା ଆଜିର ମଣ୍ଡଳୀରେ ଅତି ଆବଶ୍ୟକ ଅଟେ । ମହାନ ଆଦେଶ ଆଗକୁ ବଢ଼ାଇ ନେବା ନିମନ୍ତେ, ପ୍ରତ୍ୟେକ ଖ୍ରୀଷ୍ଟିୟାନ ମାନଙ୍କୁ ଆହ୍ୱାନ କରିବାର ଏହା ଏକ ଆବଶ୍ୟକୀୟ ମାର୍ଗ ଅଟେ ।

**ବ୍ରନଡ଼ନ ଇ.**

**ରିୟଲଟର ଓ ଶିଷ୍ୟ ପ୍ରସ୍ତୁତ କର୍ତ୍ତା**

# <u>ସୂଚିପତ୍ର</u>

## ପୁସ୍ତକ:୧

### ଯୀଶୁଙ୍କ ସହ ଏକ ଯାତ୍ରା

### ମନୁଷ୍ୟ ଧରିବା

**ମୋର ଅନୁଗମନ କର, ମୁଁ ତୁମ୍ଭମାନଙ୍କୁ ମନୁଷ୍ୟ ଧରିବା ଶିଖାଇବି । (ମାଥିଉ.୪:୧୯)**


ପ୍ରେମର ପ୍ରକାଶ ପୃଷ୍ଠା ୧୨
ସାଧାରଣ ଭାବେ ପଚରା ଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପୃଷ୍ଠା ୧୪
ଜଣେ ଶିଷ୍ୟ ମାନେ କ’ଣ ? ପୃଷ୍ଠା ୧୪
ମନ କିପରି ପରିଷ୍କୃତ ହୁଏ ? ପୃଷ୍ଠା ୧୫
ଶିଷ୍ୟତ୍ୱ ପ୍ରକିୟାର ପଦ୍ଧତି କ’ଣ ? ପୃଷ୍ଠା ୧୭
ଶିଷ୍ୟତ୍ୱ ପ୍ରକିୟାରେ ପବିତ୍ର ଆତ୍ମାଙ୍କ ଭୂମିକା କ’ଣ ? ପୃଷ୍ଠା ୧୭
ଯୀଶୁଙ୍କ ପାଖରେ କେତେ ଜଣ ଶିଷ୍ୟ ଥିଲେ ପୃଷ୍ଠା ୧୮
ଶିଷ୍ୟ ପ୍ରସ୍ତୁତି କରିବାକୁ କେଉଁ ପଦ୍ଧତି ଉତ୍କୃଷ୍ଟ ଅଟେ ? ପୃଷ୍ଠା ୧୯
ଜଣେ ବ୍ୟକ୍ତି ଶିଷ୍ୟ ହେବାର ପ୍ରକିୟାରେ, ସେ ବ୍ୟକ୍ତି ବାହାର ଅଥବା ବାଧାପ୍ରାପ୍ତ ହୋଇପାରେ କି ?ପୃଷ୍ଠା ୨୦
ଜଣେ ଆତ୍ମିକ ପରିପକ୍ୱ ଶିଷ୍ୟ ହେବା ନିମନ୍ତେ କେତେ ସମୟ ନେଇଥାଏ ପୃଷ୍ଠା ୨୧
ମଣ୍ଡଳୀରେ ଶିଷ୍ୟତ୍ୱର ଇତିହାସ କ’ଣ ଅଟେ ? ପୃଷ୍ଠା ୨୧
ଏହି ପୁସ୍ତକର ପାଠ୍ୟକ୍ରମର ଉଦ୍ଦେଶ୍ୟ କ’ଣ ? ପୃଷ୍ଠା ୨୫
ଶିଷ୍ୟତ୍ୱ ପ୍ରସ୍ତୁତିର ପ୍ରକ୍ରିୟା କିପରି ସମାପନ ହୋଇଥାଏ ? ପୃଷ୍ଠା ୨୫
ପାଠ ୧: ମୋର ଅନୁଗମନ କର ପୃଷ୍ଠା ୨୬
ପାଠ ୨: ତମେ କ’ଣ ଦେଖୁଅଛ ? ପୃଷ୍ଠା ୩୪
ପାଠ ୩: ଏକ ନୂତନ ମତ ବା ମନ୍ତବ୍ୟ ପୃଷ୍ଠା ୪୨
ପାଠ ୪: ଆଲୋକିତ ଜ୍ୟୋତିଃ ପୃଷ୍ଠା ୫୦
ପାଠ ୫: ଯୀଶୁ, ବ୍ୟବସ୍ଥା ଓ ଭବିଷ୍ୟଦ ବକ୍ତାଙ୍କ ସଫଳ କର୍ତ୍ତା ପୃଷ୍ଠା ୫୬
ପାଠ ୬: କ୍ରୋଧ ପରାଭୁତ କରିବା ପୃଷ୍ଠା ୬୯
ପାଠ ୭: ବିଶ୍ୱସ୍ଥ ହେବା ପୃଷ୍ଠା ୭୮
ପାଠ ୮: ପ୍ରତିଜ୍ଞାଗୁଡ଼ିକ ପାଳନ କରିବା ପୃଷ୍ଠା ୮୯
ପାଠ ୯: ତୁମ୍ଭର ଅଧିକାର ତ୍ୟାଗିବା ପୃଷ୍ଠା ୯୪
ପାଠ୧୦: ତୁମ୍ଭ ଶତ୍ରୁକୁ ପ୍ରେମ କର ପୃଷ୍ଠା ୧୦୧

ପାଠ ୧ ୧ :  ସମ୍ମାନ ପ୍ରାପ୍ତ ହେବା ପୃଷ୍ଠା ୧ ୦ ୪
ପାଠ ୧ ୨ :  ପ୍ରାର୍ଥନା ପୃଷ୍ଠା ୧ ୧ ୩
ପାଠ ୧ ୩:  ଧନ ସଂଚୟ କରିବା ପୃଷ୍ଠା ୧ ୧ ୯
ପାଠ ୧ ୪ :  ନ୍ୟାୟପାଳକଙ୍କ ମାପକ୍ରମ ପୃଷ୍ଠା ୧ ୨ ୪
ପାଠ ୧ ୫:  ବିଚାର ବୁଦ୍ଧି ବିକାଶ କରିବା ପୃଷ୍ଠା ୧୩୪
ପାଠ ୧ ୬:  ଚିରଦିନ କିପରି ବଂଚିବା ପୃଷ୍ଠା ୧୪୮
ପାଠ ୧ ୭:  ଫଳ ନିରୀକ୍ଷଣ ପୃଷ୍ଠା ୧୫୫
ଯୀଶୁଙ୍କ ଆପଣା ଶିଷ୍ୟମାନଙ୍କ ସହ ସମ୍ପର୍କର ସମୀକ୍ଷା ପୃଷ୍ଠା ୧୬୮
ତୋରାହ୍ (Torah)ର ପରିଭାଷା ପୃଷ୍ଠା ୧୭୦
ବ୍ୟବସ୍ଥା ଚିହ୍ନକୁ ଆଘାତ କରେ, ଆଉ ପାପ ଚିହ୍ନଠାରୁ ଉଭେଇଯାଏ ପୃଷ୍ଠା ୧୭୦
ଈଶ୍ୱରଙ୍କ ସହ ଗମନାଗମନ କରିବା, ଅର୍ଥ କ'ଣ ? ପୃଷ୍ଠା ୧୭୩
ତୁମ୍ଭେ ଯିଏ ଅଧର୍ମାଚରଣକୁ ଅଭ୍ୟାସ କରିଥାଅ ପୃଷ୍ଠା ୧୭୭

## ପ୍ରେମର ପ୍ରକାଶ/ଅଭିବ୍ୟକ୍ତ

*ତୁମ୍ଭକୁ ମୁଁ କିପରି ପ୍ରେମ କରେ ? ଉକ୍ତ ମାଧ୍ୟମ ଗୁଡ଼ିକ ମୋତେ ଗଣନା କରିବାକୁ ଦିଅ !*

*ଅତି ଗଭୀର, ପ୍ରଶସ୍ଥ ଓ ଉଚ୍ଚତା ସହ ମୁଁ ତୁମ୍ଭକୁ ପ୍ରେମ କରେ ।*

*ଯେଉଁ ପର୍ଯ୍ୟନ୍ତ ମୋ ଆତ୍ମା ପହଂଚି ପାରେ ।*

ତେବେ ତାଙ୍କ ସ୍ୱାମୀଙ୍କୁ ଲେଖିଥିବା ଏଲିଜାବେଥ ବେରିଥଙ୍କ ଦୈନନ୍ଦିନ ପ୍ରେମର ଚଉଦ ଧାଡ଼ି ବିଶିଷ୍ଟ କବିତାର ପ୍ରାରମ୍ଭିକ ଧାଡ଼ି ଗୁଡ଼ିକ ପଢ଼ । ମନୁଷ୍ୟ ପ୍ରେମକୁ ଅନୁରୂପ ବ୍ୟବହାର କରିଥାଏ । ପ୍ରେମର ଶବ୍ଦଗୁଡ଼ିକ ଆମ କର୍ଣ୍ଣ ନିମନ୍ତେ ଖୁସିର ଧ୍ୱନି ଅଟେ । ପ୍ରେମ ଆମ ଜୀବନରେ ଆନନ୍ଦ ଆଣିଥାଏ । ମନୁଷ୍ୟମାନେ ପ୍ରେମରେ ବଢ଼ନ୍ତି, କାରଣ ଆମ୍ଭେମାନେ ଇଶ୍ୱରଙ୍କ ପ୍ରତିମୂର୍ତିରେ ସୃଷ୍ଟି ହୋଇଅଛୁ, ଯିଏକି ପ୍ରେମ ଅଟନ୍ତି ଏବଂ ପ୍ରେମର ଏକ ଅଭିବ୍ୟକ୍ତ ହେବା ନିମେନ୍ତ ଆମେ ପ୍ରତ୍ୟେକ ସୃଷ୍ଟି ହେଲୁ ।

***ଯଦି ତୁମ୍ଭେମାନେ ମୋତେ ପ୍ରେମ କର,***

***ତାହାହେଲେ ତୁମ୍ଭେମାନେ ମୋର ଆଜ୍ଞାସବୁ ପାଳନ କରିବ ।*** [୧]

ଆପଣା ମୃତ୍ୟୁର ପୂର୍ବ ରାତିରେ ଇଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟ ଏହି ସମସ୍ତ କଥା ନିଜ ଶିଷ୍ୟମାନଙ୍କୁ କହିଥିଲେ । ତହିର ଅଳ୍ପକ୍ଷଣ ପରେ ସମ୍ପୂର୍ଣ୍ଣ ବଳିଦାନ ଦ୍ୱାରା ସମଗ୍ର ମାନବଜାତିକୁ ଆପଣା ପ୍ରେମ ପ୍ରକାଶ କରନ୍ତି । ସେ ଇଶ୍ୱରଙ୍କ ମେଶ ଶାବକ, ଯିଏ ସଂସାରର ପାପ ବହିନେଇଯାଏ । ସେହି ରାତ୍ରିରେ ହିଁ ଯୀଶୁ ଆପଣା ଶିଷ୍ୟ ମାନଙ୍କୁ ବାଖ୍ୟାକଲେ ଯେ, ସେ ଯେପରି ଆପଣା ପ୍ରତି ପ୍ରେମ ପ୍ରକାଶ କରନ୍ତି, ଠିକ ସେହିପରି ଜୀବନ ସାରା ଆପଣା ପିତାଙ୍କ ପ୍ରତି ଆପଣା ପ୍ରେମ ପ୍ରକାଶ କରିଥିଲେ । ମୁଁ ଯେପରି ମୋହର ପିତାଙ୍କ ଆଜ୍ଞା ପାଳନ କରି ତାହାଙ୍କ ପ୍ରେମରେ ସ୍ଥିର ହୋଇ ରହିଥାଏ, ସେ ପ୍ରକାର ତୁମ୍ଭେମାନେ ଯେବେ ମୋହର ଆଜ୍ଞାପାଳନ କର । ତାହାହେଲେ ମୋହର ପ୍ରେମରେ ସ୍ଥିର ହୋଇ ରହିବ । [୨]

---

[୧] ୧ ଯୋହନ ୧୪ : ୧୫

[୨] ୧ ଯୋହନ ୧୫ : ୧୦

*ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି,*
*ସେହିସବୁ ପାଳନ କରିବାକୁ ଶିକ୍ଷାଦେଇ ସେମାନଙ୍କୁ ଶିଷ୍ୟକର ।* [୩]

ସ୍ୱର୍ଗାରୋହଣ ପୂର୍ବରୁ ତାଙ୍କ ଅନୁଗମନକାରୀମାନଙ୍କୁ ଏଗୁଡ଼ିକ ଯୀଶୁଙ୍କ ଅନ୍ତିମ ବାକ୍ୟ ଥିଲା । ଅତି ସତର୍କତା ସହ ଯୀଶୁ ତାଙ୍କ ଶବ୍ଦ ଗୁଡ଼ିକୁ ଚୟନ କରିଥିଲେ । ସେ ସମସ୍ତ ଅତି ଗୁରୁତ୍ୱପୂର୍ଣ୍ଣ ଶବ୍ଦ ଗୁଡ଼ିକ, ସ୍ମରଣୀୟ ଏବଂ ଦୀର୍ଘ ସମୟର ପ୍ରଭାବ ନିମନ୍ତେ ସ୍ଥାପିତ କରାଗଲା । ଅଳ୍ପକ୍ଷଣ ପାଇଁ ସେଗୁଡ଼ିକ ଅଧ୍ୟୟନ କର ।

ତତ୍‌କ୍ଷଣାତ୍ ଦୁଇଟି ପ୍ରଶ୍ନ ମୋ ମନକୁ ଆସେ, ନିଜ ଶିଷ୍ୟମାନଙ୍କୁ କ'ଣ କରିବାକୁ ଯୀଶୁ ଆଦେଶ କରନ୍ତି ? ଆଉ କାହିଁକି ପାଳନ କରିବା ନିମନ୍ତେ ଅନ୍ୟମାନଙ୍କୁ ଶିକ୍ଷା ଦେବା ଆବଶ୍ୟକ, ଯେପରି ସେ ଆଦେଶ କରିଅଛନ୍ତି ? ଏହି ପ୍ରଶ୍ନଗୁଡ଼ିକର ଉତର, ଶିଷ୍ୟମାନଙ୍କ ଉତର ଅଟେ । ଯାହା ଯୀଶୁଙ୍କ ବ୍ୟବହାର ଦ୍ୱାରା ପ୍ରଗତି କରୁଥିଲେ । ତାଙ୍କ ସାଂସାରିକ ସେବାର ୩ ବର୍ଷ କାଳରେ, ଯୀଶୁ ସାଧାରଣ ପୁରୁଷ ଓ ମହିଳା ମାନଙ୍କୁ ଆହ୍ୱାନ କଲେ, ଯେଉଁମାନେ ତାଙ୍କ ଅନୁଗମନ କଲେ ଆଉ ସେମାନଙ୍କୁ ଶକ୍ତିଶାଳୀ ଶିଷ୍ୟ ଆଡ଼କୁ ବଦଳାଇ ଦେଲା । ତାଙ୍କ ସ୍ୱର୍ଗାହରଣର ୨୦ବର୍ଷ ମଧ୍ୟରେ ରୋମୀୟ ସାମ୍ରାଜ୍ୟର ଚତୁଃପାର୍ଶ୍ୱର୍ରେ ସେମାନେ ଜଣାଗଲେ, ଯେପରି, ସେମାନେ ପୃଥିବୀକୁ ଓଲଟପାଲଟ କରିଅଛନ୍ତି । ପୃଥିବୀ ପୃଷ୍ଠରେ ବାସ୍ତବରେ ସେମାନେ ଇଶ୍ୱରଙ୍କ ପ୍ରେମର ପ୍ରକାଶନ ହୋଇପାରିଲେ ।

ସେମାନଙ୍କୁ କ'ଣ ହେଲା ଯେ ପୃଥିବୀ ପୃଷ୍ଠରେ ଏପରି ଏକ ଅଦ୍ଭୁତ ପ୍ରଭାବ ପକାଇ ପାରିଲେ ? ଏହା ଅତି ସରଳ ଅଟେ । ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ଗୋଟିଏ ମାତ୍ର କାର୍ଯ୍ୟଭାର ଦେଲେ । ଏହା କିପରି କରାଯାଇପାରେ, ସେ ସେମାନଙ୍କୁ ସ୍ପଷ୍ଟରୂପେ କହିଥିଲେ । ଯୀଶୁ ସେମାନଙ୍କୁ ଯେପରି କରିବାକୁ କହିଥିଲେ, ସେପରି କଲେ ଆଉ ସେସବୁ କରିବା ନିମନ୍ତେ ସେ ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ପବିତ୍ର ଆତ୍ମା ପଠାଇଲେ । ଏହାର ଅବଶିଷ୍ଟ "ଇତିହାସ" ଅଟେ ।

ଯୀଶୁଙ୍କ ୫ ସୋପାନ ବିଶିଷ୍ଟ ଶିଷ୍ୟ ପ୍ରସ୍ତୁତ କରିବାର କାର୍ଯ୍ୟକ୍ରମ ଅତି ସରଳ ଥିଲା । ଯାଅ, ପ୍ରଚାର କର, ବାପ୍ତିସ୍ମ ଦିଅ ଏବଂ ଶିକ୍ଷା ଦିଅ ।

---

[୩] ମାଥିଉ ୨୮ : ୧୮

୧. ଉର୍ଦ୍ଧ୍ୱରୁ ଶକ୍ତି ଯୁକ୍ତ ନହେବା ପର୍ଯ୍ୟନ୍ତ **ରୁହ** ।

୨. ପୃଥିବୀର ବିଭିନ୍ନ ପ୍ରାନ୍ତରକୁ **ଯାଅ** ।

୩. ସମସ୍ତ ଜାତିକୁ ସୁସମାଚାର **ପ୍ରଚାର କର** ।

୪. ଯେଉଁମାନେ ବିଶ୍ୱାସ କରନ୍ତି ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ **ବାପ୍ତିସ୍ମ ଦିଅ** ।

୫. ଯେଉଁମାନେ ବିଶ୍ୱାସ କରି ବାପ୍ତିସ୍ମ ନେଇଅଛନ୍ତି । ପାଳନ କରିବା ନିମନ୍ତେ ଯାହାସବୁ ମୁଁ ତୁମ୍ଭମାନଙ୍କୁ କହିଲି, ସେ ସବୁ **ଶିକ୍ଷା ଦିଅ** ।

## ସାଧରଣ ରୂପେ ପଚରା ଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର

### ଏକ ଶିଷ୍ୟ ମାନେ କ'ଣ ?

ପରିଭାଷା ଆଧାରରେ, ଏକ ଶିଷ୍ୟମାନେ ଜଣେ ଶିକ୍ଷାଗ୍ରହଣକାରୀ; ଯାହା ସେ ଶିଖିଅଛି, ସେହିସବୁ କାର୍ଯ୍ୟରେ ଲାଗୁ କରିବା ଜଣେ ବ୍ୟକ୍ତି । ଯୀଶୁ ଏହି ପ୍ରକାରେ କହିଲେ; ଜଣେ ଶିଷ୍ୟ ତାଙ୍କ ଶିକ୍ଷକଠାରୁ ଉଚ୍ଚ ନୁହେଁ ଆଉ ନା ହିଁ ଜଣେ ଦାସ ତାଙ୍କ ମାଲିକଠାରୁ ବଡ଼ । ଶିଷ୍ୟ ତାଙ୍କ ଶିକ୍ଷକ ପରି ହେବା ଏବଂ ଦାସ ତାଙ୍କ ମାଲିକ ପରି ହେବା ।[୪] ଜଣେ ଶିଷ୍ୟ ନିମନ୍ତେ ଯଥେଷ୍ଟ ଅଟେ । ତେଣୁ ଯୀଶୁ ଖ୍ରୀଷ୍ଟଙ୍କ ଏକ ଶିଷ୍ୟଙ୍କ ଲକ୍ଷଥିଲା ଯେ ତାଙ୍କପରି ହେବା ଓ ତାଙ୍କପରି ଗୁଣ, ଲକ୍ଷ, ଇଚ୍ଛା, ମୂଲ୍ୟ ଓ ମିସନ ଅଧିନ ହେବା ।

### ଶିଷ୍ୟତ୍ୱ କ'ଣ ?

ଏକ ଖ୍ରୀଷ୍ଟିୟାନ ମତ ଅନୁସାରେ ଶିଷ୍ୟତ୍ୱ ଯୀଶୁଙ୍କ ପରି ହେବା ଏକ ପ୍ରକ୍ରିୟା ଅଟେ, ଏହା ଶିଷ୍ୟ ଠାରୁ ଶିକ୍ଷକ ସ୍ତରକୁ ପରିବର୍ତ୍ତନ ହେବା କେତେକ ମଣ୍ଡଳୀ ଶିଷ୍ୟତ୍ୱକୁ ଆତ୍ମିକ ବୃଦ୍ଧି କିଅବା ଆତ୍ମିକ ପରିପକ୍ୱତା ବା ଆତ୍ମିକ ପରିବର୍ତ୍ତନ ବୋଲି ବୁଝାନ୍ତି । ଏହା ଶିଷ୍ୟଙ୍କ କାର୍ଯ୍ୟ ଓ ଚିନ୍ତା ଶୈଳିର ଅନ୍ତର୍ଭୁକ୍ତ ଯୋଦ୍ୱାରା ସେ ଶିକ୍ଷକଙ୍କ ଅନୁରୂପ ଧାରଣ କରିଥାଏ । ପ୍ରେରିତ ପାଉଲ କହିଲେ, ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର

[୪] ମାଥିଉ ୧୦ : ୨୪-୨୫

ଅନୁରୂପୀ ହୁଅ ନାହିଁ; କିନ୍ତୁ ଆପଣ ମନର ନୂତନୀକରଣ ଦ୍ୱାରା ପରିବର୍‍ତ୍‍ତିତ ହୁଅ । ଯଦ୍ୱାରା ଇଶ୍ୱରଙ୍କ ଇଚ୍ଛା କଅଣ ତମେ ପରୀକ୍ଷା କରି ଜାଣିପାର ଆଉ ତାହା ଉତ୍‍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ ଅଟେ । [୫]

## ମନର ନୂତନୀକରଣ କିପରି ହୁଏ ?

ମନର ନୂତନୀକରଣରେ ବ୍ୟବହୃତ ମୁଖ୍ୟ ଶବ୍ଦ ହେଲା 'ପରିବର୍‍ତ୍‍ତନ' ଅଟେ । [୬] ଅନେକ ଖ୍ରୀଷ୍ଟିୟାନ ଏହି ଶବ୍ଦକୁ ସେମାନଙ୍କ ପରିତ୍ରାଣ (ପରିବର୍‍ତ୍‍ତନ ଓ ସୁସମାଚାରକୁ ବିଶ୍ୱାସ କର) ଅବା ସେମାନଙ୍କର ପାପ ତ୍ୟାଗ (ଆପଣା ପାପରୁ ଫେର) ଜୀବନ ସହ ଯୋଡ଼ିଥାନ୍ତି । ତଥାପି, ଏହାର ସରଳ ଅର୍ଥ ହେଲା; ତୁମ୍ଭର ଚିନ୍ତା ଓ ବିଶ୍ୱାସ ଧାରାକୁ ବଦଳାଅ ।

ଆମ ଦୈନନ୍ଦିନ ଜୀବନରେ ସବୁବେଳେ ଏହା ଘଟି ଆସୁଅଛି । ଉଦାହରଣ ସ୍ୱରୂପ, ଏକ ସ୍ୱତନ୍ତ୍ର ବିଷୟରେ ଆମେ ଅଧିକା ଖବର ବା ସୂଚନା ପାଉ ଯାହା ଉକ୍ତ ବିଷୟକ ଆମ ଚିନ୍ତାଧାରାକୁ ବଦଳାଇବାକୁ ଅନୁମତି ଦିଏ । ବେଳେ ବେଳେ ଆମେ ଏପରି ଏକ ବ୍ୟାଖ୍ୟା ଶୁଣିଥାଉ ଯାହା, ପୂବର୍ରୁ ମୁଁ ବାସ୍ତବରେ ଏ ବିଷୟରେ ଭାବିନଥିଲି । କିନ୍ତୁ ଅନେକ ଘଟଣାରେ, ପ୍ରତିଦିନ ଆମେ ସୁଚନାକୁ ମିଶ୍ରଣ କରିଥାଉ । ଯାହା ପ୍ରତିଫଳରେ ଆମରି ସାଧାରଣ ବିଶ୍ୱାସ ପଦ୍ଧତିକୁ ଆଘାତ କରେ ।

ଆମେ କିଛି ଶୁଣିବା ଦ୍ୱାରା କିଛି ମାତ୍ରାରେ ଆମେ ସମସ୍ତେ ଆଘାତ ପ୍ରାପ୍ତ ହୋଇଅଛୁ । ଯୀଶୁ ମଧ୍ୟ ତାଙ୍କ ଶିଷ୍ୟ ମାନଙ୍କୁ ସାବଧାନ ହେବା ନିମନ୍ତେ ସତର୍କ କରୁଥିଲେ । ଯାହା ସେମାନେ ଶୁଣୁଥିଲେ ।[୭] କାରଣ ସେ ଜାଣିଥିଲେ ଯେ ଏହା ତାଙ୍କ ମନ ଓ ହୃଦୟକୁ ଆଘାତ କରିବ । ଏକ ଖ୍ରୀଷ୍ଟିୟାନ ଭାବେ ଆମେ ସମସ୍ତଙ୍କୁ ଜାଣିବାକୁ ହେବ ଯେ, ଉଭୟ ଇଶ୍ୱରଙ୍କ ରାଜ୍ୟ ଓ ସ୍ୱର୍ଗୀୟ ରାଜ୍ୟ ବାକ୍ୟ ଦ୍ୱାରା ପରିଚାଳିତ ହୋଇ ଆସୁଅଛି । ଏହି ସଂସାରର ରାଜ୍ୟଗୁଡ଼ିକ ଉପରେ ଶୟତାନ ବଳପୁବର୍କ ଅଧିକାର ପ୍ରାପ୍ତ କରିଛି । କାରଣ ଲୋକେ ତାଙ୍କ ବାକ୍ୟକୁ ବିଶ୍ୱାସ କରନ୍ତି ଯାହା ସମ୍ପୂର୍ଣ୍ଣ ମିଛ ଓ ପରେ ଅନ୍ୟକୁ ଦିଆଯାଏ । ଇଶ୍ୱରଙ୍କ ରାଜ୍ୟ ବଢ଼େ

---

[୫] ରୋମୀୟ ୧୬ : ୨

[୬] ପରିବତର୍ନ, ସରଳ ଅର୍ଥ, ନିଜରାସ୍ତା ବନ୍ଦକରି ଇଶ୍ୱରଙ୍କ ରାସ୍ତା ଅବଲମ୍ବନ କରିବା ।

[୭] ମାର୍କ ୪:୨୪ ଏବଂ ଲୁକ ୮:୧୮

ଯେବେ ତାଙ୍କ ବାକ୍ୟକୁ ବିଶ୍ୱାସ କରି, ତା' ଉପରେ ଚାଲେ ଓ ତତ୍ପରେ ଅନ୍ୟମାନଙ୍କ ସହ ତାକୁ ବଣ୍ଟାଯାଏ ।

ଆଜି ଆମେ ସମ୍ବାଦ ଯୁଗରେ ଜୀବନ କାଟିଆସୁଛୁ । ଦିନ ତମାମ ଆମେ ନିରନ୍ତର ବାକ୍ୟଗୁଡ଼ିକ ସହ ଗାଳିଗୁଲଜ କରିଥାଉ । ଯଦି ଖ୍ରୀଷ୍ଟିୟାନ ମାନଙ୍କୁ ଇଶ୍ୱରଙ୍କ ରାଜ୍ୟକୁ ଆଗକୁ ବଢ଼ାଇବାକୁ ଅଛି । ତେବେ ଆଦେଶ ଏହା ଯେ, ସେମାନେ ପରିବର୍ତ୍ତନ ହୋଇ କିଅବା ସେମାନେ ବିଶ୍ୱାସ କରିଆସିଥିବା ମିଛ ଜାଗାରେ ଇଶ୍ୱରଙ୍କ ସତ୍ୟତାକୁ ସ୍ଥାପନ କରିବାକୁ ହେବ । ଏହି ସ୍ଥାପନ ଇଶ୍ୱରଙ୍କ ବାକ୍ୟ ପ୍ରତି ବିଶ୍ୱାସ କରିବା ଦ୍ୱାରା ହୋଇଥାଏ । ଏହା ପୂର୍ଣ୍ଣ ହେବା ପୂର୍ବରୁ ସତ୍ୟ ବାଇବଲ ବିଶ୍ୱାସର ତିନୋଟି ଭାଗ ଅଛି ।

୧. ଇଶ୍ୱରଙ୍କ ବାକ୍ୟକୁ ସତ୍ୟରୂପେ ଆନ୍ତରିକତା ସହ ବିଶ୍ୱାସ କରିବା ।

୨. ଅନ୍ୟମାନଙ୍କ ସମ୍ମୁଖରେ ଇଶ୍ୱରଙ୍କ ବାକ୍ୟକୁ ସ୍ୱିକାର କରିବା ।

୩. ପୁଣି ଇଶ୍ୱରଙ୍କ ବାକ୍ୟ ଯାହା କରିବାକୁ ଆଦେଶ କରେ, ତାହା କାର୍ଯ୍ୟକାରୀ କରିବା ।

ତିନୋଟି ଶିଖିବା ପ୍ରକ୍ରିୟାର ଏକ ଯୁଗ୍ମ କାର୍ଯ୍ୟ ଦ୍ୱାରା ଯଥା: ଶ୍ରବଣ, ଦର୍ଶନ ଓ ସ୍ପର୍ଶ; ଯାହାର ଅନୁପାତରେ ମନର ନୂତନୀକରଣ ହୋଇ, ଏହା ବୃଦ୍ଧି ହୋଇପାରେ । ପ୍ରଥମରେ ତମେ ସେହି ବ୍ୟକ୍ତିଙ୍କୁ କୁହ ଏହା କିପରି କରିବାକୁ ପଡ଼ିବ, ତାପରେ ଏହା କିପରି କରାଯାଏ ସେହି ବ୍ୟକ୍ତିଙ୍କୁ ଦେଖାଅ । ଆଉ ତାପରେ ସେମାନଙ୍କୁ କରିବାକୁ ଦିଅ । ଏକ ମନ ନୂତନିକରଣର ଗୋଟିଏ ଉଦାହରଣ । ଆମେ ଯେବେ ଗୋଟିଏ ପିଲାଙ୍କୁ ତାଙ୍କ ପାଦୁକାର ବନ୍ଧନ କିପରି ବନ୍ଧାଯାଏ । ତାପରେ ଏହାକିପରି କରାଯାଏ ଦେଖାଇ ଥାଉ ପୁଣି ଶେଷରେ ତାଙ୍କୁ ଏହା ବାରମ୍ବାର କରିବାକୁ କହୁ । ଆଉ ଏହା ଯେତେବେଳ ପର୍ଯ୍ୟନ୍ତ ଅନ୍ୟରୂପକୁ ଆସିନାହିଁ ବାରମ୍ବାର କରିବାକୁ କହିଥାଉ । ଏହା କିପରି ବନ୍ଧାଯାଏ ଯେବେ ପିଲା ଅନ୍ୟକୁ ଶିଖାଇବା ସ୍ତରକୁ ଆସିଯାଏ । ସେ ତାଙ୍କ ଶିକ୍ଷକଙ୍କ ପରି ହୋଇଯାଏ କିଅବା ଅନ୍ୟଶବ୍ଦରେ ସେ ଶିଷ୍ୟ ହୋଇପାରିଛି । ସବୁବେଳେ ଯୀଶୁଖ୍ରୀଷ୍ଟ ଏହି ପ୍ରଣାଳୀ ଆପଣା ଶିଷ୍ୟମାନଙ୍କ ଜୀବନରେ ବ୍ୟବହାର କଲେ ।

## ଶିଷ୍ୟତ୍ୱ ପ୍ରକିୟା କ'ଣ ପଦ୍ଧତିଗତ !

ମୁଁ ବିଶ୍ୱାସ କରେ, ଏହି ପ୍ରଶ୍ନର ଉତର ହଁ ଅଟେ । ଲୋକମାନେ ଆପଣା ପିଲାମାନଙ୍କୁ ପଦ୍ଧତି ଅନୁସାରେ ବଢ଼ାଇଥାନ୍ତି । ଉଦାହରଣ ସ୍ୱରୂପ ଲୋକମାନେ ଆପଣା ପିଲାମାନଙ୍କୁ ଦୌଡ଼ିବାକୁ ଶିଖାଇବା ପୂର୍ବରୁ, ସେମାନଙ୍କୁ ଚାଲିବା ଶିଖାନ୍ତି । ତତ୍‌ପରେ ସେମାନେ ଫୁଟବଲ ଖେଳିବା ଶିଖାଇବା ପୂର୍ବରୁ, ସେମାନଙ୍କୁ ବେସବଲ ଖେଳିବା ଶିଖାନ୍ତି । ମନୁଷ୍ୟର ସମ୍ପୂର୍ଣ୍ଣ ଶିଖିବା ପ୍ରକିୟା ପଦ୍ଧତି ଗତ ଅଟେ । ଆଉ ସେଗୁଡ଼ିକ ବାଇବଲରେ ମଧ୍ୟ ଅନ୍ତର୍ଭୁକ୍ତ ଅଟେ । କାରଣ ଇଶ୍ୱର କହନ୍ତି... କାରଣ ଏତ ବିଧି ଉପରେ ବିଧି, ବିଧି ଉପରେ ବିଧି; ଧାଡ଼ି ଉପରେ ଧାଡ଼ି, ଧାଡ଼ି ଉପରେ ଧାଡ଼ି, ଏଠି ଅଳ୍ପ ସେଠି ଅଳ୍ପ । [୮]

ଶିଷ୍ୟ ପ୍ରସ୍ତୁତ କରିବାରେ ଯୀଶୁ କେବେ ମଧ୍ୟ ଦ୍ୱନ୍ଦ ପଦକ୍ଷେପ ନେଇ ନାହାଁନ୍ତି । ସେ ଯାହା ସବୁ କଲେ, ସେ ସମସ୍ତରେ ତାଙ୍କ ଅଭିପ୍ରାୟ ଥିଲା । ୧୬ ପ୍ରେରିତଙ୍କ ଆହ୍ୱାନ, ସେମାନଙ୍କ ପ୍ରଶିକ୍ଷଣରେ ପଦ୍ଧତି ଓ କ୍ରମ, ସେମାନଙ୍କୁ ପ୍ରଶିକ୍ଷଣ ନିମନ୍ତେ ବିନିଯୋଗ ସମୟ ଏବଂ ପବିତ୍ର ଆତ୍ମାଙ୍କ ଦ୍ୱାରା ତାଙ୍କରି ଶକ୍ତିପ୍ରାପ୍ତ ତାଙ୍କରି ମନର ଅଭିପ୍ରାୟ ଥିଲା । ଏହି ପାଠ୍ୟକ୍ରମ "ଯୀଶୁଙ୍କ ସହିତ ଏକ ଯାତ୍ରା" ସେହି ପ୍ରଣାଳିକୁ ପାଳନ କରିବା ନିମନ୍ତେ ଅପେକ୍ଷା କର ।

## ଶିଷ୍ୟତ୍ୱ ପ୍ରକ୍ରିୟାରେ ପବିତ୍ର ଆତ୍ମାଙ୍କ ଭୂମିକା କ'ଣ ?

ଆସ ଆମେ ଏହି କଥା ଦ୍ୱାରା ଆରମ୍ଭ କରିବା । ଜଣେ ଯୀଶୁଙ୍କ ଶିଷ୍ୟ ହେବା ନିମନ୍ତେ ତାଙ୍କ ଦ୍ୱାରା ଶିକ୍ଷାପ୍ରାପ୍ତ ହେବାକୁ ପଡ଼ିବ । ଏହା ଏକ ପ୍ରାଥମିକ କାରଣ ଯେ, ସେ ନିଜ ଓ ତାଙ୍କ ବାକ୍ୟ କଣ କୁହେ, ଖ୍ରୀଷ୍ଟିୟାନ ମାନଙ୍କ ମଧ୍ୟରେ ରହି ସେମାନଙ୍କୁ ଶିକ୍ଷାଦେବା ନିମନ୍ତେ ଯୀଶୁ ପବିତ୍ର ଆତ୍ମାଙ୍କୁ ପ୍ରେରଣ କଲେ ।

---

[୮] ଯିଶାଇୟ ୨୮:୧୦

ପବିତ୍ର ଆତ୍ମା ବିଷୟରେ ଯୀଶୁ କହିଲେ, କିନ୍ତୁ ସେ ଅର୍ଥାତ ସତ୍ୟମୟ ଆତ୍ମା ଆସିଲେ ସେ ପଥଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ କାରଣ ସେ ଆପଣା ଠାରୁ କଥା କହିବେ ନାହିଁ, ମାତ୍ର ଯାହା ଯାହା ଶୁଣିବେ ସେହିସବୁ କହିବେ ପୁଣି ଆଗାମୀ ବିଷୟ ସବୁ ତୁମ୍ଭମାନଙ୍କୁ ଜଣାଇବେ ।[୯]

ବେଳେବେଳେ ଖ୍ରୀଷ୍ଟିୟାନମାନଙ୍କ ଅଦଭୁତ ଚିନ୍ତା ଭାବନା ଦେଖାଯାଏ, ଯେବେ ତାଙ୍କ ଜୀବନରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଘଟିଥାଏ । ଆସନ୍ତୁ କିଛି ଉଦାହରଣରୁ କେତେକ ଭୁଲ ବିଶ୍ୱାସକୁ ଦେଖିବା, କେତେକ କହନ୍ତି, ଯେହେତୁ ପବିତ୍ର ଆତ୍ମା ସେମାନଙ୍କୁ ପରିଚାଳନା କରିବେ । ଆଉ ସେମାନେ କହନ୍ତି ଶାସ୍ତ୍ର କ'ଣ କହେ, ସେ ସବୁ ଜାଣିବା ନିମନ୍ତେ ଆବଶ୍ୟକ ନହେଁ । ଏହା କଦାପି ସତ୍ୟ ହୋଇପାରେ କାରଣ ୨ୟ ତିମଥି ୩:୧୬-୧୭ କହେ । ସମସ୍ତ ଶାସ୍ତ୍ର[୧୦] ଇଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ । ଯେପରି ଇଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।

କେତେକ ଖ୍ରୀଷ୍ଟିୟାନ କହନ୍ତି ଯେ, ସେମାନଙ୍କୁ ଶିକ୍ଷା ନେବା ନିମନ୍ତେ କାହାରି ଆବଶ୍ୟକତା ନାହିଁ, କାରଣ ପବିତ୍ର ଆତ୍ମା ତାହା କରିବେ । କିଛି ମାତ୍ରାରେ ଏହା ସତ ଅଟେ । ତଥାପି ଶାସ୍ତ୍ର ମଧ୍ୟ କହେ ଯେ "ଯୀଶୁ ଖ୍ରୀଷ୍ଟ କାହା କାହାକୁ ପ୍ରେରିତ, କାହା କାହାକୁ ଭାବବାଦୀ, କାହା କାହାକୁ ସୁସମାଚାର ପ୍ରଚାରକ ପୁଣି କାହା କାହାକୁ ପାଳକ ଓ ଶିକ୍ଷକ ରୂପେ ନିଯୁକ୍ତ କରି ଦାନ କରି ଅଛନ୍ତି । ଯେପରି ସାଧୁମାନେ ସେବାକାର୍ଯ୍ୟ ନିମନ୍ତେ ସିଦ୍ଧି ଲାଭ କରନ୍ତି ଓ ଖ୍ରୀଷ୍ଟଙ୍କ ଶରୀର ନିଷ୍ଠା ପ୍ରାପ୍ତ ହୁଏ । ଶେଷରେ ଯେପରି ଆମ୍ଭେମାନେ ସମସ୍ତେ ବିଶ୍ୱାସରେ ଓ ଇଶ୍ୱରଙ୍କ ପୁତ୍ର ବିଷୟକ ଜ୍ଞାନରେ ଏକତା ପ୍ରାପ୍ତ ହେଉ ଅର୍ଥାତ୍ ଖ୍ରୀଷ୍ଟଙ୍କ ପୂର୍ଣ୍ଣତାର ପରିମାଣନୁସାରେ ପୂର୍ଣ୍ଣ ବୟସ୍କ ପୁରୁଷ ହେଉ ।"[୧୧] ତେଣୁ ବିଶ୍ୱାସର ଏକତା ଓ ଇଶ୍ୱରଙ୍କ ପୁତ୍ରଙ୍କ ଜ୍ଞାନ ଆମେ ପ୍ରାପ୍ତ ହେବା ପର୍ଯ୍ୟନ୍ତ ଏହି ଇଶ୍ୱର ଅଭିଷେକ ସେବା ବଂଚିରହିବ ।

ଅନେକ ଖ୍ରୀଷ୍ଟିୟାନମାନେ ଆଶା ରଖନ୍ତି । ସେମାନଙ୍କ ପକ୍ଷର କୌଣସି ପରିଶ୍ରମ ବିନା ପବିତ୍ର ଆତ୍ମା ସେମାନଙ୍କୁ ସକଳ କାର୍ଯ୍ୟ କରିବାକୁ ସାହର୍ଯ୍ୟ କରେ । ଯେବେ ସେ, ସତ୍ୟତାର ଆତ୍ମା ଆସିବେ, ସେ ସମସ୍ତ

---

[୯] ଯୋହନ ୧୬:୧୩

[୧୦] ଶାସ୍ତ୍ର ଅର୍ଥ, ଯାହା ଏହା ଲେଖାଯାଇଅଛି।

[୧୧] ଏଫିସୀୟ ୪:୧୧-୧୩

ସତ୍ୟତା ଆଡ଼କୁ ବଢ଼ାଇ ନେବେ । ଏଠାରେ ଦୃଷ୍ଟିପାତ କର ଯେ ଯୀଶୁ କହିନାହାଁନ୍ତି ଯେ ପବିତ୍ର ଆତ୍ମା ତାଙ୍କ ଲୋକମାନଙ୍କୁ ସତ୍ୟ ଆଡ଼କୁ ବଳପୂର୍ବକ ଗତି ନିର୍ଦ୍ଦେଶ କରିବେ, କିନ୍ତୁ ପଥ ପଦର୍ଶକ ହେବ ବୋଲି କହିଅଛନ୍ତି । ଏହା ଏକ ସହଯୋଗ ଚେଷ୍ଟା ଅଟେ । ଇଶ୍ୱରଙ୍କ ଲୋକମାନେ ତାକୁ ଅନୁସରଣ କରିବା ନିମନ୍ତେ ପବିତ୍ର ଆତ୍ମାଙ୍କୁ ଅନୁସରଣ କରିବା ନିମନ୍ତେ ବିଶ୍ୱାସ ଓ ଆଜ୍ଞାବହତା ଆବଶ୍ୟକ ଅଟେ । ରୋମୀୟ ୮:୬ କୁହେ ତେଣୁ ଯେବେ ଲୋକେ ଇଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି ସେମାନେ ଇଶ୍ୱରଙ୍କ ସନ୍ତାନ ।

## ଯୀଶୁଙ୍କର କେତୋଟି ଶିଷ୍ୟ ଥିଲେ ?

ଯୀଶୁଙ୍କ ଅନେକ ପୁରୁଷ ଓ ମହିଳା ଶିଷ୍ୟ ଥିଲେ । ତାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ତାଙ୍କରି ପ୍ରେରିତ ନିମନ୍ତେ ସେ ୧୬ ଜଣଙ୍କୁ ଆହ୍ୱାନ କଲେ । ସ୍ୱର୍ଗାରୋହଣର ୧୦ ଦିନ ପରେ ବାଇବଲ ଲିଖିତ ଆକାରରେ କୋହେ ଯେ ନିସ୍ତାର ପର୍ବବେଳେ ତାଙ୍କ ୧୬୦ ଶିଷ୍ୟମାନେ ଏକତ୍ର ହୋଇଥିଲେ । ଯାହା ମଣ୍ଡଳୀରେ ପେଂଟିକଷ୍ଟ କୁହାଯାଏ । ଯେଉଁଦିନ ପବିତ୍ର ଆତ୍ମା ଲୋକଙ୍କ ଭାଷା ଗୁଡ଼ିକ କହିବା ପାଇଁ ଶିଷ୍ୟମାନଙ୍କୁ ଶକ୍ତିଯୁକ୍ତ କଲେ, ଯେଉଁମାନେ ଅନ୍ୟାନ୍ୟ ଦେଶରୁ ପର୍ବ ପାଳନ ନିମନ୍ତେ ଆସିଥିଲେ, ତାପରେ ପିତର ଏହି ଲୋକ ମାନଙ୍କୁ ସୁସମାଚାର ପ୍ରଚାର କଲେ । ୩ ହଜାର ଲୋକ ତାଙ୍କ ପ୍ରଚାର ବିଶ୍ୱାସ କରି ବାପ୍ତିଷ୍ମ ନେଲେ । ତତ୍‌ପରେ ପ୍ରେରିତ ମାନେ ଗୋଟିଏ ଘରୁ ଅନ୍ୟ ଘରକୁ ଯିବାକୁ ଲାଗିଲେ ଯେଉଁଠାରେ ବିଶ୍ୱାସୀମାନେ ଛୋଟ ଦଳରେ ଜମା ହେଉଥିଲେ, ପୁଣି ଯାହା ପାଳନ କରିବା ନିମନ୍ତେ ଆଦେଶ ଦେଲେ ତାହା ସେମାନଙ୍କୁ ଶିକ୍ଷା ଦେଉଥିଲେ ।

## ଯୀଶୁଙ୍କ ଏକ ଶିଷ୍ୟ ହେବା ନିମନ୍ତେ କ'ଣ ଆବଶ୍ୟକ ଅଟେ ?

୧. ଯୀଶୁଙ୍କ ବିଷୟକ ସୁସମାଚାରକୁ **ବିଶ୍ୱାସକର,** ଯେ ସେ ଉଭୟ ପ୍ରଭୁ ଓ ତ୍ରାଣକର୍‌ତ୍ତା ଅଟନ୍ତି । ବିଶ୍ୱାସ ଦ୍ୱାରା ଜଣେ ବ୍ୟକ୍ତି ପୁନର୍ଜନ୍ମ ହୋଇ ଇଶ୍ୱରଙ୍କ ପରିବାର ଭୁକ୍ତ ହୁଏ । ଏଥିରେ ପଶ୍ଚାତାପର ଏକ କ୍ରିୟା ଦରକାର ପଡ଼େ - ପୂର୍ବରୁ ଯାହା ବିଶ୍ୱାସ କରୁଥିଲେ, ସେଥିରୁ ବଦଳିବ ।

୨. **ବାପ୍ତିଷ୍ମ ହେବା** – ଏହି କ୍ରିୟା ଦ୍ୱାରା ଜଣେ ବ୍ୟକ୍ତି ଘୋଷଣା କରେ ଯେ ସେ ଇଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ପୁନର୍ଜର୍ନ୍ମ ହୋଇ ଓ ବର୍ତମାନ ପରିତ୍ରାଣ ପାଇଅଛି । ଯୀଶୁ କହିଲେ, ଯେ କେହି ବିଶ୍ୱାସ କରି ବାପ୍ତିଷ୍ମ ନିଏ ସେ ରକ୍ଷା ପାଇବ । [୧୨]

୩. ଯୀଶୁଙ୍କ ଉପଦେଶ ଗ୍ରହଣ କରିବାକୁ **ଆଗ୍ରହ ପ୍ରକାଶ** କର ।

୪. ପ୍ରସ୍ତୁତ ନିମନ୍ତେ ସମୟ **ଉତ୍ସର୍ଗ କର** ।

୫. ଯୀଶୁଙ୍କ ଆଦେଶକୁ **ଶିଖ** ।

୬. ସେ ଯାହା କରିବାକୁ କହନ୍ତି **ପାଳନ କର** ।

୭. ଇଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା **ପରିଚାଳିତ ହୁଅ** । ପାଉଲଙ୍କ ଅନୁସାରେ ଯେଉଁମାନେ ସଦାପ୍ରଭୁଙ୍କ ଆତ୍ମା ଦ୍ୱାରା ପରିଚାଳିତ ହୁଅନ୍ତି । ସେମାନେ ଇଶ୍ୱରଙ୍କ ସନ୍ତାନ ।

## ଶିଷ୍ୟ ଗଠନ ନିମନ୍ତେ କେଉଁ ଉତମ ମାଧ୍ୟମ ବ୍ୟବହାର ହୋଇଅଛି ?

୫ ରୁ ୧୦ ବ୍ୟକ୍ତି ବିଶିଷ୍ଟ ଛୋଟିଆ ଦଳ ଗଠନ ଶିଖିବା ଓ ବଢ଼ିବା ନିମନ୍ତେ ଏକ ଆଦର୍ଶ ସ୍ଥାନ ହୋଇପାରେ । ଲୋକଙ୍କ ପରସ୍ପର ଅଭ୍ୟାସ, ଦାୟିତ୍ୱଧିନ ହେବା, ଶିଖିବା ଓ ଲକ୍ଷ ପୁରା କରିବା ନିମନ୍ତେ ସେମାନେ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରନ୍ତି ।

## ଜଣେ ବ୍ୟକ୍ତି ଶିଷ୍ୟ ହେବା ପ୍ରକ୍ରିୟାରେ ସେ ବାହାର କି ଅବା ବାଧାପ୍ରାପ୍ତ ହୋଇପାରେ କି ?

ଏହି ପ୍ରଶ୍ନର ଉତର ହେଉଛି ହଁ । ଏହାର ଗୋଟିଏ ଉଦାହରଣ ଯୋହନ ପୁସ୍ତକ ୬:୫୩-୬୬ ରେ ଅଛି । ଯୀଶୁଙ୍କ ଅନେକ ଶିଷ୍ୟମାନେ ତାଙ୍କୁ ଛାଡ଼ି ଚାଲିଗଲେ । ସେମାନେ ବିଶ୍ୱାସ କରିପାରିଲେ ନାହିଁ ଯେ ତାଙ୍କ ଶରୀର ଖାଇବା ଓ ତାଙ୍କ ରକ୍ତ ପିଇବା ନିମନ୍ତେ ଯୀଶୁ ସେମାନଙ୍କୁ ଚାହିଁବେ । ଆଜିର ମଣ୍ଡଳୀରେ ଏହି ଚାହିଦାକୁ ପ୍ରଭୁଭୋଜ ବୋଲି କୁହାଯାଏ ।

## ଜଣେ ଶିଷ୍ୟ ହେବା ନିମନ୍ତେ କେତେ କାଳ କ୍ଷେପଣ କରିବାକୁ ପଡ଼େ ?

---

[୧୨] ମାର୍କ ୧୬:୧୬

ଆସ, ଏହା କହି ଏହି ପ୍ରଶ୍ନର ଉତର ଆରମ୍ଭ କରିବା । ଯୀଶୁ ଖ୍ରୀଷ୍ଟଙ୍କ ଜଣେ ଶିଷ୍ୟ ହେବା । ଏକ ଲମ୍ବା ଜୀବନ ପକ୍ରିୟା ଅଟେ । ତଥାପି ଜଣେ ବ୍ୟକ୍ତି ପରିବର୍ତନ ପରେ, ତିନି ବର୍ଷ ମଧ୍ୟରେ ଆତ୍ମିକ ପରିପକ୍ୱତାର କେତୋଟି ଗୁରୁତ୍ୱପୂର୍ଣ୍ଣ ବୃଦ୍ଧିର ସ୍ତର ପ୍ରାପ୍ତ କରିବାର ଦେଖାଯାଏ । ନିମ୍ନଲିଖିତ ଅଂଶ ପ୍ରତି ଧ୍ୟାନ ଦିଅ ।

୧. ଆତ୍ମିକ ପରିପକ୍ୱ ହୋଇ ଶିଷ୍ୟ ପ୍ରସ୍ତୁତ କରିବାକୁ ତାଙ୍କ ଶିଷ୍ୟମାନେ ଯୋଗ୍ୟ ବିବେଚିତ ହେବା ପୂର୍ବରୁ । ପ୍ରଶିକ୍ଷଣରେ ଯୀଶୁ ୩ ବର୍ଷ କ୍ଷେପଣ କରିଥିଲେ ।

୨. ପ୍ରେରିତ.୧:୮ ରେ ଆମେ ଆବିଷ୍କାର କର ଯେ, ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ କହିଲେ ଯେ, ସେମାନେ ଯିରୁଶାଲୋମ, ଯିହୁଦା, ସମରିୟା ଓ ପୃଥିବୀର ସବୁ ପ୍ରାନ୍ତରରେ ସାକ୍ଷୀ ହେବ । ଅନେକ ଐତିହାସିକ ବ୍ୟକ୍ତି ମାନଙ୍କ ଅନୁସାରେ, ଯିରୁଶାଲୋମରେ ପେଂଟିକଷ୍ଟ ଦିବସର ପିତରଙ୍କ ସୁସମାଚାର ପ୍ରଚାର ଠାରୁ, ସିରିଅାରେ ଏକ ବିଜାତିୟ କର୍ଣ୍ଣିଲିୟଙ୍କୁ ସେ ପ୍ରଚାର କରିବା ମଧ୍ୟରେ ପ୍ରାୟ ୧୦ ବର୍ଷର ସମୟ ଲାଗିଥିଲା । ଯେବେ କର୍ଣ୍ଣିଲିୟ, ଏକ ରୋମିୟ ମାନଙ୍କ ପ୍ରତିନିଧି ବାପ୍ତିଷ୍ମ ନେଲେ । ଏହା ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ସୁସମାଚାର ପ୍ରଚାର କରିବା ବିଷୟକୁ ଚିହ୍ନଟ କରେ । ଏହି ଐତିହାସିକ ବିବରଣୀରୁ ଏହା ଜାଣିପାରୁ ଯେ ଯିରୁଶାଲୋମ, ଯିହୁଦା ଓ ସମିରିଆର ତିନି ଅଂଚଳର ପ୍ରତିଟି ତିନି ୪ ବର୍ଷ ମଧ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ଆତ୍ମିକ ପରିପକ୍ୱତା ପ୍ରାପ୍ତ କରିଥିଲେ ।

୩. ଗାଲାତୀୟ.୧:୧୫-୧୮ ରେ ପ୍ରେରିତ ପାଉଲ କହନ୍ତି ଯେ ତାଙ୍କ ପରିବର୍ତ୍ତନ ପରେ । ଯିରୁଶାଲେମରେ ପିତରଙ୍କ ସହିତ ସାକ୍ଷାତ କରିବା ପୂର୍ବରୁ ସେ ତିନିବର୍ଷ ଆରବୀୟ ଓ ଦାମସକ୍ରେ କ୍ଷେପଣ କଲେ ।

୪. ପ୍ରେରିତ.୨୦:୨୮ ରେ ଏଫିସୀୟରେ ମଣ୍ଡଳୀର ନେତାମାନଙ୍କୁ ପାଉଲ ସ୍ମରଣ କରାନ୍ତି ଯେ, ସେମାନଙ୍କୁ ଶିକ୍ଷା ଦେବାରେ ସେ ୩ ବର୍ଷ କ୍ଷେପଣ କଲେ ।

### ମଣ୍ଡଳୀର ଶିଷ୍ୟତ୍ୱର ଇତିହାସ କ'ଣ ଅଛି ?

ଯୀଶୁଙ୍କ ପୁନରୁତ୍ଥାନର ପରବର୍ତ୍ତୀ ସମୟରେ ପ୍ରାଥମିକ ବର୍ଷ ଗୁଡ଼ିକରେ ମଣ୍ଡଳୀର ମୁଖ୍ୟ ଲକ୍ଷ୍ୟ "ଶିଷ୍ୟତ୍ୱ" ଥିଲା । ସୁସମାଚାର ପ୍ରଚାରିତ ହେଲା । ଲୋକେ ପଶ୍ଚାତାପ କରି ବାପ୍ତିଷ୍ମ ନେଲେ ଓ

ଯେଉଁମାନଙ୍କୁ ପ୍ରଭୁଙ୍କ ଆଦେଶଗୁଡ଼ିକ ଶିକ୍ଷାଦିଆଯାଇଥିଲା । ଧାମିର୍କତାର ପଥରେ ଅନ୍ୟମାନଙ୍କୁ ଉପଦେଶ ଦେଲେ । ଛୋଟିଆ ଦଳର ଲୋକମାନେ ଗୃହରେ ପ୍ରଶିକ୍ଷଣ ନେଲେ ଓ ଅଧିକ ଶିଷ୍ୟ ପ୍ରସ୍ତୁତ ନିମନ୍ତେ ବାହାରକୁ ପଠାଇଲେ ।

ଏହି ଛୋଟିଆ ଦଳଗୁଡ଼ିକ ସ୍ୱୟଂଶାସିତ ଥିଲେ । ସେମାନଙ୍କ ସମ ବିଶ୍ୱାସ ଦ୍ୱାରା ଅନ୍ୟଦଳଗୁଡ଼ିକ ସହ ସମ୍ପର୍କରେ ଥିଲେ । ଏକା ଦଳର ନେତୃତ୍ୟ ଏଥିର ବୋୟଜ୍ୟେଷ୍ଠ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ହେଉଥିଲା । ସେମାନେ ସାଧାରଣତଃ ଅତିକମରେ ୩୦ ବର୍ଷ ବୟସର ଥିଲେ ଓ ପବିତ୍ର ଜୀବନର ବାଇବଲ ନିୟମ ଦ୍ୱାରା ଜୀବନ କାଟୁଥିଲେ । କିଛି କାଳ ପରେ ଏହି ବୋୟଜ୍ୟୋଷ୍ଠମାନେ ପାଳକ ବୋଲି ଜଣାଗଲେ – ଯିଏକି ମେଷମାନଙ୍କ ଉପରେ ଦୃଷ୍ଟି ରଖି ସେମାନଙ୍କର ଯତ୍ନ ନିଏ ।

୨ ଓ ୩ ଖ୍ରୀଷ୍ଟାବ୍ଦ ବେଳେ, ଯେବେ ଗୋଟିଏ ଅଂଚଳରେ ଦଳ ସଂଖ୍ୟା ବୃଦ୍ଧି ପାଉଥିଲା । ଦଳ ମଧ୍ୟରେ କାର୍ଯ୍ୟର ସହୋଯଗ କରିବା ନିମନ୍ତେ ଏକ ବୋୟଜ୍ୟୋଷ୍ଠଙ୍କୁ ମୋନନିତ କରାଯାଇଥିଲା । ଆଉ ତାଙ୍କୁ ବିଶପ ନାମ ଦିଆଯାଉଥିଲା । ପୁଣି ସେହି ଅଂଚଳର ଦଳଗୁଡ଼ିକ ନିମନ୍ତେ ଏକ ପ୍ରତିନିଧିତ୍ୱ ଓ ମୁଖପାତ୍ର ରୂପେ ସେବା କରିଆସୁଥିଲା । ଅତ୍ୟଧିକ ତାଡ଼ନା ମଧ୍ୟରେ ମଧ ଶିଷ୍ୟତ୍ୱ ପ୍ରଣାଳୀ ଏହି ସମୟରେ ଅଳ୍ପକେ ବଦଳି ଗଲା ।

ତଥାପି, ଚତୁର୍ଥ ଶତାବ୍ଦୀର ପ୍ରାରମ୍ଭରେ ଏହି ମଣ୍ଡଳୀ ଧର୍ମ ନିରିପେକ୍ଷ ସଂସାର ଶକ୍ତି ସହ ଯୋଡ଼ି ହେବାକୁ ଆରମ୍ଭ କଲା । ଭାବିଲେ ଯେ ପୃଥିବୀରେ ଇଶ୍ୱରଙ୍କ ରାଜ୍ୟର ସ୍ଥାପନ ଏହି ମାଧମରେ ହୋଇପାରିବ । ଏକ ନିଷ୍ଠାପୂର୍ଣ୍ଣ ବିଶ୍ୱାସ ପ୍ରଣାଳି ବିକାଶ କରିବା ନିମନ୍ତେ ଶିଷ୍ୟ ଗଠନରୁ ମଣ୍ଡଳୀର ଲକ୍ଷ୍ୟ ବଦଳିବାକୁ ଲାଗିଲା । ଯାହା ଜଣେ ବ୍ୟକ୍ତି ବିଶ୍ୱାସ କରେ, ତାଙ୍କ ପ୍ରତି ଛାଇଯାଏ । ଯାହାକୁ ସେ ବିଶ୍ୱାସ କରିଥାଏ । ଖ୍ରୀଷ୍ଟିୟାନ ସାମ୍ରାଜ୍ୟର ସରକାର ଧର୍ମ ହେଲା ଏବଂ ଧର୍ମ ପରିବର୍ତ୍ତନ କରିବା ପାଇଁ ଲୋକମାନଙ୍କୁ ବାଧ କରାଗଲା । ମଣ୍ଡଳୀ ଗୃହଗୁଡ଼ିକ ନିର୍ମାଣ କରାଗଲା । ଶାସ୍ତ୍ରର ନୂତନ ନିୟମର ଅଂଶଗୁଡ଼ିକ ବିଭିନ୍ନ ପ୍ରକାର ଲେଖାରୁ ଅଣାଯାଇ ପରେ ପୁରାତନ ନିୟମରେ ଯୋଡ଼ାଗଲା । ଏହି ଲେଖାଗୁଡ଼ିକ ଆମରି ବାଇବଲ ହେଲା ।

ରାଜନୈତିକ ଅଧିକାର ଓ କୋଠର ବିଶ୍ୱାସ ପାଇଁ ସଂଘର୍ଷ ଆଇନ ଅନୁଯାୟୀ ବଢ଼ିବାକୁ ଲାଗିଲା । ତାଙ୍କ ମଧ୍ୟରେ ଅନେକ ବିବାଦ ପରେ ବିଶପ କୋଠର ବିଶ୍ୱାସର ବିଷୟକୁ ନିର୍ଣ୍ଣୟ କଲେ ୫ଟି ଖ୍ରୀଷ୍ଟିୟାନ୍ କେନ୍ଦ୍ର (ରୋମ, କନଷ୍ଟାଂଟ୍ ନୋବେଲ, ଅନ୍ତକିୟା, ଆଲେକଜେଣ୍ଡ୍ରିଆ ଓ ଯିରୁଶାଲୋମ) ର ବିଶପମାନେ,

ସେମାନଙ୍କ ଲୋକ ସଂଖ୍ୟା ଅଧିକା ହୋଇଥିବା ଯୋଗୁଁ ଅନ୍ୟ ବିଶପମାନଙ୍କ ଠାରୁ ବଡ଼ ଅଧିକାର ରହିବ ବୋଲି ମତ ଦିଆଗଲା । ଏହି ଶକ୍ତିଶାଳୀ ବିଶପମାନେ କୋଠର ବିଶ୍ୱାସ ମତ ବିଷୟରେ ସେମାନଙ୍କ ସହିତ ସମର୍ଥନରେ ଯୋଗଦେବା ନିମନ୍ତେ ଅନ୍ୟ ବିଶପମାନଙ୍କୁ ବାଧ୍ୟ କଲେ । କେବଳ ଦୁଇଟି ବିଶପ ଯେଉଁମାନଙ୍କର ନିଜ ବିଶ୍ୱାସୀ ଥିଲେ । ବଳକା ରହିବା ପର୍ଯ୍ୟନ୍ତ କଳହ ଲାଗି ରହିଥିଲା । ଏହି ଦୁଇ ଜଣ ହେଲେ ରୋମର ବିଶପ (ଯାହାଙ୍କ ରୋମିୟ ରାଜେନିତିକ ପଶ୍ଚିମ ଅଂଶ ଗୁଡ଼ିକ ସହ ଯଡ଼ିତ ଥିଲେ) ଏବଂ କନଷ୍ଟାଂଟ୍ ନୋବେଲର ବିଶପ (ଯାହାକି ରୋମିୟ ସାମ୍ରାଜ୍ୟର ପୂର୍ବଅଂଚଳ ଗୁଡ଼ିକର ସହ ରାଜେନୈତିକ ସମନ୍ଧ ଥିଲା) ଏହି ଦୁଇ ଦଳ ମଧ୍ୟର ବିବାଦ ୧୦୫୪ ପର୍ଯ୍ୟନ୍ତ ତିଷ୍ଟି ରହିଲା । ଯେବେ ପ୍ରଥମ କରି ମଣ୍ଡଳୀ ରୋମୀୟ ସାମ୍ରାଜ୍ୟ ଓ ପୂର୍ବୀୟ କୋଠର ବିଶ୍ୱାସି ଦଳମାନଙ୍କଠାରୁ ଭିନ୍ନ ହେଲା ।

ଧର୍ମପରାୟଣତା ବଜାଇରଖିବା ଓ ଲୋକମାନଙ୍କ ବିଶ୍ୱାସର ନିୟନ୍ତ୍ରଣ ନିମନ୍ତେ , ମଣ୍ଡଳୀ ଲୋକମାନଙ୍କୁ ତାଲିମ ଦେଲେ ଯଦ୍ୱାରା ସେମାନେ ବ୍ୟକ୍ତିଗତ ମଣ୍ଡଳୀମାନଙ୍କୁ ପରିଚାଳନା କରିବେ । ପ୍ରକୃତରେ ଏହି ଦଳର ଶିକ୍ଷିତ ବ୍ୟକ୍ତିମାନେ ସମ୍ଭ୍ରାନ୍ତଶାଳୀ ଶ୍ରେଣୀର ଲୋକ ହେଉଥିଲେ । ସେମାନଙ୍କୁ ଧର୍ମଯାଜକ ବୋଲି କୁହାଯାଏ । ଲାଟିନ ଓ ଗ୍ରୀକ୍ ବାଇବଲ ଭାଷା ଥିଲା ଏବଂ ଏକ ତାଲିମ ପ୍ରାପ୍ତ ଯାଜକ ଦ୍ୱାରା ଏହା ବୁଝାଯାଉଥିଲା । ଯାଜକିୟ ବୃତିର ଉନ୍ନତି ଯୋଗୁଁ ସାଧାରଣ ପୁରୁଷ ଓ ସ୍ତ୍ରୀମାନେ ତାଙ୍କ ଦ୍ୱାରା ଆଉ ମଣ୍ଡଳୀରେ ଶିଷ୍ୟ ହୋଇ ପାରିଲେ ନାହିଁ । ସେହି କାର୍ଯ୍ୟ ତାଲିମପ୍ରାପ୍ତ ଲୋକମାନଙ୍କୁ ହସ୍ତାନ୍ତର କରାଗଲା । ଖ୍ରିଷ୍ଟିୟାନମାନେ ଏକ ବିଶ୍ୱାସର ଏକ କୋଠର ନିୟମରୁ ପୃଥକ୍ ହୋଇ ଯୀଶୁଖ୍ରୀଷ୍ଟ ଅନୁଗମନକାରୀ ହେବା ପାଇଁ ବ୍ୟଗ୍ର ହେଲେ ।

ବାଲ୍ୟ ମଣ୍ଡଳୀର ସାଧାରଣ ଦଳୀୟ ସଭାଗୁଡ଼ିକ ସହଭାଗୀତା, ପ୍ରଭୁଙ୍କ ମେଜ, ପ୍ରାର୍ଥନା ଏବଂ ଯୀଶୁଙ୍କ ଦତ ଆଦେଶ ମୁଳଦୂଆ ର ଶିଷ୍ୟମାନଙ୍କ ଶିକ୍ଷାର ଅନ୍ତର୍ଭୂକ୍ତ ହୁଏ । ପ୍ରଭୁଭୋଜ ଉତ୍ସବକୁ ରୋଟି ଓ ଦ୍ରାକ୍ଷାରସ ଉପାସନା ପର୍ବ ବୋଲି ମଧ୍ୟ କୁହାଯାଏ । ଯାହା ଏହି ଏକତ୍ରି କରଣର କେନ୍ଦ୍ରବିନ୍ଦୁ ହେଲା । ମଧ୍ୟ ଯୁଗରେ ମଣ୍ଡଳି ପବିତ୍ରତାର କ୍ଷିଣତରେ ପହଚେଂ ଏବଂ ଏହାର ନେତୃତ୍ୱାଧିନ ନେତାମାନେ ଭ୍ରଷ୍ଟ ହେଲେ । ଏ ସମସ୍ତ ଘଟଣା ପରିବର୍ତ୍ତେତ ଭରଷା ଉଛରେ ଥିଲା ।

୧୫ଶହ ଖ୍ରୀଷ୍ଟାବ୍ଦର ଶେଷ ଭାଗ ଓ ୧୬ ଖ୍ରୀଷ୍ଟାବ୍ଦର ପ୍ରାରମ୍ଭରେ ତିନୋଟି ମୁଖ୍ୟ ଘଟଣା ଘଟିଲା, ଯାହା ମଣ୍ଡଳୀର ଭବିଷ୍ୟତକୁ ରୂପ ଦେଇପାରେ । ୧୪୫୪ ରେ ଯୋହନ ଗଟୋନବର୍ଗ ଇଉରୋପର ପ୍ରଥମ

ସ୍ଥାନାନ୍ତର ରୂପର ଛାପଖାନା ବ୍ୟବହାର କରିଥିଲେ । ପ୍ରକୃତରେ ଏହାଦ୍ୱାରା ବାଇବଲ ବ୍ୟକ୍ତିଗତ ଲୋକମାନଙ୍କ ନିଜ ଭାଷାରେ ଛପାଯାଇ ଆଜି ଅନେକ ଲୋକଙ୍କ ହୋଇପାରିଛି । ୧୪୯୨ ର କଲମ୍ବସଙ୍କ ଦ୍ୱାରା ଆମେରିକାର ଆବିଷ୍କାର ଯାହା ପରବର୍ତ୍ତୀ ସମୟରେ ଖ୍ରୀଷ୍ଟଙ୍କ ନିମନ୍ତେ ତାଡ଼ନାପ୍ରାପ୍ତ ଲୋକମାନଙ୍କ ପାଇଁ ସୁରକ୍ଷାର ସ୍ଥାନ ହୋଇପାରିଲା । ଲୋକେ ଆପଣା ଧର୍ମ ପାଳନ ପାଇଁ ସ୍ୱାଧିନ ପାଇଲେ । ଏବଂ ୧୫୧୭ ରେ ଜଣେ ଜର୍ମାନୀ କାଥଲିକ ବ୍ୟକ୍ତି ମାର୍ଟିର୍ନଲୁଥର ନାମକ ଯାଜକ ଧର୍ମଗତ ସଂସ୍କାରର ଅଗ୍ନି ଜଳାଇଲେ, ଯାହା ଖ୍ରୀଷ୍ଟ ସାମ୍ରାଜ୍ୟର ପ୍ରେତ୍ୟକ ଜାଗାକୁ ବିସ୍ତାର ହୋଇଅଛି ।

ଧର୍ମଗତ ସଂସ୍କାର ଯୋଗୁଁ ମଣ୍ଡଳିର ଅନେକ କାର୍ଯ୍ୟଗୁଡ଼ିକକୁ ମଣ୍ଡଳୀ ପ୍ରତିବାଦ କରିବାକୁ ଆରମ୍ଭ କରି ଏକ ଖାଂଟି ବିଶ୍ୱାସ ପ୍ରତି ଫେରିବା କୁ ଚାହଁଲେ । ଏହି ପ୍ରତିବାଦକାରୀ ଦୁଇଟି ଶିବିରରେ ବିଭକ୍ତ ହେଲେ । ଯେଉଁମାନେ କାଥଲିକ ମଣ୍ଡଳୀରେ ସ୍ଥିର ରହିଲେ ଓ ଯେଉଁମାନେ ଛାଡ଼ିଲେ । ଯେଉଁମାନେ ମଣ୍ଡଳୀ ଭିତରେ ରହି ସଂସ୍କାର ଆଣିବାକୁ ଚେଷ୍ଟା କଲେ । ସେମାନଙ୍କୁ ହତ୍ୟା କରାଗଲା କିଅବା ଚୁପ କରାଗଲା । ଆଉ ଏକ ଶିବିର ଭାବିଲେ ଏହା ରୋମାନ କ୍ୟାଥଲିକ ମଣ୍ଡଳୀ ସହ ପୁନଃମିଳନ ହେବା ଅସମ୍ଭବ, ତେଣୁ ଏମାନଙ୍କଠାରୁ ପୃଥକ ହୋଇଗଲେ । ଆଉ ଏହି ଦଳ ପ୍ରୋଟେଷ୍ଟାଣ୍ଟ ବୋଲି ଗଣିତ ହେଲେ ।

ଧର୍ମଗତ ସଂସ୍କାର କିଛି ସମୟ ଲାଗିଲା । ମନୁଷ୍ୟ ତିଆରି ପରମ୍ପରା ଓ ରୀତିନୀତିରୁ ପରିବର୍ତ୍ତନ । ବାଇବଲ ଆଡ଼କୁ ଲୋକଙ୍କ ମନ ଫେରିବା ଓ ଯୀଶୁ ଖ୍ରୀଷ୍ଟଙ୍କଠାରେ ଏକ ସରଳ ବିଶ୍ୱାସ ସ୍ଥାପନ କରିବା ଧିରେ ଧିରେ ଜାତ ହେବାକୁ ଲାଗିଲା । ତଥାପି ବିଶ୍ୱାସ ମତର ସମର୍ଥକମାନେ ଏହି ନୂତନ ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀଗୁଡ଼ିକର ଲକ୍ଷ୍ୟରେ ଆଜି ପର୍ଯ୍ୟନ୍ତ ଲାଗିରହି, ଏତେ ଜଣ ଯେ ଆଜି ଆମ ମଧ୍ୟରେ ଶହଶହ ସମ୍ପ୍ରଦାୟ ଓ ହଜାର ହଜାର ନିଚି ମଣ୍ଡଳୀଗୁଡ଼ିକ ଅଛି । ଜଣେ ବ୍ୟକ୍ତି ଯାହା ବିଶ୍ୱାସ କରେ । ଜଣକ ଉପରେ ଅଥଚ ପ୍ରଭାବ ପକାଏ । ଯାହା ଉପରେ ଜଣେ ବ୍ୟକ୍ତି ବିଶ୍ୱାସ କରେ ।

ଅନେକ ସଂସ୍କାର ବାଦୀ ଅଜ୍ଞାତ ସାଧାରଣ ଲୋକମାନଙ୍କୁ ସ୍ୱରଣରେ ଆଣି ବିଶ୍ୱାସ କଲେ ଯେ, କୋଠର ବିଶ୍ୱାସମତ ଜୀବିତି ରଖିବା ନିମନ୍ତେ ଲୋକମାନଙ୍କ ଉପରେ ବଳପୂର୍ବକ ନିୟନ୍ତ୍ରଣ ରଖିବା ଆବଶ୍ୟକ । ତେଣୁ କରି ପେଶାଧିନ ଯାଜକ ଜଗିରହି ସେମାନେ ସେବା କାର୍ଯ୍ୟ କରିବେ । ଏହାର ପ୍ରକୃତ ଉଦେଶ୍ୟ ଏହା ଥିଲା ।

ଆଜି ଏହା ଦେଖାଯାଉଅଛି ଯେ ଅନେକ ମଣ୍ଡଳୀ ମଧ୍ୟରୁ ଖ୍ରୀଷ୍ଟିୟାନର ବାସ୍ତବ ମୁଳକୁ ଫେରି ଆସିବା ପାଇଁ ସ୍ୱଚ୍ଛ ଚେଷ୍ଟା କରୁଅଛନ୍ତି । ଲୋକମାନେ ଯୀଶୁଙ୍କୁ ଜାଣିବାକୁ ଚାହୁଁଛନ୍ତି । ଆଉ ଶିଷ୍ୟତ୍ୱ ଅନେକ ଦଳମାନଙ୍କରେ ଏକ ଅସ୍ପଷ୍ଟ ଶବ୍ଦ ହୋଇଯାଇଅଛି । ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ପରସ୍ପର ସହଭାଗୀତା କରିବା ନିମନ୍ତେ ଏକ କ୍ଷୁଧା ଅଛି ଓ ପ୍ରଭୁଙ୍କ ସେବା କରିବା ନିମନ୍ତେ ଏକ ଇଚ୍ଛା ଅଛି । ଲୋକେ ଉର୍ଦ୍ଧର ଶକ୍ତି ସହ ସୁସଜିତ ହୋଇ ସେମାନେ ଏକ ପବିତ୍ର ଲୋକ ହେବାକୁ ଚାହାଁନ୍ତି । ସେମାନେ ଯୀଶୁଙ୍କ ଶିଷ୍ୟ ହେବାକୁ ଚାହାଁନ୍ତି । ଆଉ ଅନ୍ୟମାନଙ୍କର ଜୀବନ ପରିବର୍ତ୍ତନରେ ସେମାନେ ସହଭାଗୀ ହେବାକୁ ଚାହାଁନ୍ତି ।

ଏଠାରେ ଆଶା ଅଛି, କିନ୍ତୁ ଖ୍ରୀଷ୍ଟିୟାନମାନେ କାର୍ଯ୍ୟକରିବାକୁ ପଡ଼ିବ । ଆମେ ଛୋଟିଆ ଦଳରେ ଯୋଗ ଦେବା ଦରକାର । ପରସ୍ପର ପ୍ରେମ କରିବା ଆବଶ୍ୟକ ଏବଂ ଲୋକଙ୍କ ଜୀବନରେ ପରିବର୍ତ୍ତନର ପ୍ରଭାବ ପକାଇବା ନିମନ୍ତେ ମିଳିମିଶି କାମ କରିବାକୁ ପଡ଼ିବ । ଆମେ ଯେବେ ଏକତ୍ର ହେଉ, ପ୍ରଭୁଭୋଜ ପାଳନ କରିବା ଆବଶ୍ୟକ । ଏକ ସୁଗନ୍ଧ ଦ୍ରବ୍ୟ ତୁଲ୍ୟ ଈଶ୍ୱରଙ୍କଠାରେ ପ୍ରାର୍ଥନା ଉତ୍ସର୍ଗ କରିବା ଦରକାର । ପୁଣି ଯୀଶୁ ଖ୍ରୀଷ୍ଟ ଯାହା ଆଦେଶ ଦେଇଅଛନ୍ତି, ପ୍ରତ୍ୟେକ ଖ୍ରୀଷ୍ଟିୟାନ ସେ ସବୁ ଶିଖି, ପାଳନ କରିବାକୁ ପଡ଼ିବ ।

## ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ କ'ଣ ?

୧. ଯୀଶୁ ଖ୍ରୀଷ୍ଟଙ୍କ ଏକ ଶିଷ୍ୟହେବା ବିଷୟରେ ପଚରାଯାଇଥିବା ପ୍ରଶ୍ନଗୁଡ଼ିକର ଉତର ।

୨. ମଣ୍ଡଳୀ ଓ ଯୀଶୁ ଖ୍ରୀଷ୍ଟଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ।

୩. ଶିଷ୍ୟ ପ୍ରସ୍ତୁତି ପ୍ରକ୍ରିୟାରେ ଜ୍ଞାନ ତତ୍ତ୍ ପ୍ରଦାନ କରିବା ।

୪. ଅନୁସରଣ କରିବା ପାଇଁ ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ କହିଥିବା ସବୁ ବିଷୟର ଏକ ଶିକ୍ଷା ରୂପରେଖା ପ୍ରଦାନ କର ।

## ଶିଷ୍ୟ ପ୍ରସ୍ତୁତି ପ୍ରକ୍ରିୟା କିପରି ସମ୍ପାଦନ ହୋଇପାରିଛି ?

୧. ଶିଷ୍ୟ ପ୍ରସ୍ତୁତ ପ୍ରକ୍ରିୟା ୫୮ଟି ପାଠରେ ବିଭକ୍ତ କରାଯାଇଅଛି ।

୨. ପ୍ରତିଟି ପାଠରେ ତାଙ୍କ ଶିଷ୍ୟମାନଙ୍କୁ ଦେଇଥିବା ଯୀଶୁଙ୍କ ଆଦେଶ କାର୍ଯ୍ୟରେ ଗୋଟିଏ କିମ୍ବା ଅଧିକ ରୂପ ଦିଆଯାଇଅଛି । ସେହିପରି ମୋଟାମୋଟି ୨୬୩ ବ୍ୟକ୍ତିଗତ ଆଦେଶ ଗଚ୍ଛିତ ଅଛି ।

୩. ଆଦେଶ ବୁଝିବାରେ ଏକ ସକ୍ଷିପ୍ତ ଶିକ୍ଷା ଜ୍ଞାନ ପ୍ରଦାନ କରିବ ।

୪. ପାଠ ଉପରେ ଧାରଣା ଦେବା ନିମନ୍ତେ ଦଳିୟ ଆଲୋଚନା ପ୍ରଶ୍ନଗୁଡ଼ିକ ପ୍ରସ୍ତୁତ କରାଯାଇଅଛି ।

୫. ଏହି ପାଠରେ କ'ଣ ଶିଖିଲ, କାର୍ଯ୍ୟକାରି କରିବା ନିମନ୍ତେ ଏକ ପ୍ରସ୍ତାବ କରାଯାଇଅଛି ।

## ପାଠ-୧
## ମୋର ଅନୁଗମନ କର

**ଆଇସବ୍ରେକର ଦଳ !**

ଆପଣ ଯେବେ "ମୋର ଅନୁଗମନ କର ବାକ୍ୟ" ଶୁଣନ୍ତି ଆପଣଙ୍କ ମନକୁ କେଉଁ ଦୃଶ୍ୟ ଆସିଥାଏ ?

**ଉପକ୍ରମ !**

ଯୀଶୁଙ୍କ ଜଣେ ଶିଷ୍ୟ ହେବା, ଜଣେ ଛୁଆ ଆପଣା ମାଁ ଓ ବାପାଙ୍କ ଅନୁଗମନ କରି ଶିକ୍ଷାରେ ଉନ୍ନତି ହେବା ପ୍ରକ୍ରିୟା ସଦୃଶ । ସାଧାରଣତଃ ଜଣେ ଛୁଆ ପ୍ରାରମ୍ଭରେ ତିନୋଟି ବିଷୟ ଶିଖିଥାଏ, ସେଗୁଡିକ ହେଲା ମାଁ, ବାପା ଓ ନାଁ । ମାଁ ଓ ବାପା ଶବ୍ଦାବଳୀ ସେହି ଲୋକମାନଙ୍କୁ ଚିହ୍ନଟ କରେ, ଯାହାଙ୍କଠାରେ ଛୁଆ ସଂଯୁକ୍ତ ହୋଇଅଛି । ଆଉ ମାଁ ଓ ବାପାଙ୍କ ଦ୍ୱାରା ବ୍ୟବହୃତ ନାଁ ଶବ୍ଦ ସେମାନଙ୍କ ଅଧିକାର ସ୍ଥାପନକରେ ଓ ଛୁଆ ପ୍ରତି ଏକ ଆଜ୍ଞା ପ୍ରୟୋଗ କରନ୍ତି ଯାହା ତାଙ୍କ ଆଜ୍ଞାବହତାକୁ ଦାବି କରିଥାଏ । ଏହି ଶବ୍ଦଗୁଡ଼ିକର ବ୍ୟବହାର ଦ୍ୱାରା ଗୋଟିଏ ପିଲାର ପ୍ରଶିକ୍ଷଣ ଆରମ୍ଭ ହୋଇଥାଏ । ବାଧ୍ୟତା ପ୍ରଥମ ପାଠ ଯାହା ସେ ଶିଖିବା ଆବଶ୍ୟକ । ଜଣେ ବ୍ୟକ୍ତି ପୁନର୍ଜନ୍ମ ପ୍ରାପ୍ତ ପରେ ସାଧାରଣତଃ ସେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଶବ୍ଦ ତଥା ମଣ୍ଡଳୀ ଏବଂ ଈଶ୍ୱର ବିଷୟରେ ଶିଖେ । ସେମାନେ ତାଙ୍କୁ ସେ ସମସ୍ତଙ୍କୁ ଚିହ୍ନିବାରେ ସାହାଯ୍ୟ କରନ୍ତି, ଯାହାଙ୍କ ସହିତ ସେ

ସମନ୍ୱିତ ଅଟେ । ଏହାର ପରବର୍ତ୍ତୀ ଶବ୍ଦ ଯାହା ସେ ଶିଖିବା ଆବଶ୍ୟକ ତାହା "ମୋର ଅନୁଗମନ କର" ଅଟେ । ଯୀଶୁ ଆପଣା ଶିଷ୍ୟମାନଙ୍କୁ, ସେମାନଙ୍କ ପ୍ରଶିକ୍ଷଣର ପ୍ରାରମ୍ଭରେ ଏହି ବାକ୍ୟ ପ୍ରୟୋଗ କଲେ । ସେ ସମସ୍ତ ଶବ୍ଦ ତାଙ୍କ ଅଧିକାର ଓ ଏକ ଆଜ୍ଞା ପ୍ରୟୋଗ କରେ ଯାହା ସେମାନଙ୍କ ଆଜ୍ଞାବହତା ମାଗଁକରେ । ଆଉ ଏକ ଛୁଆଙ୍କ ପରି ଏକ ଶିଷ୍ୟଙ୍କୁ ମଧ୍ୟ ନାଁ ଶବ୍ଦକୁ ବ୍ୟବହାର କରିବା ନିମନ୍ତେ ପ୍ରଥମ ସୁଯୋଗ ପ୍ରଦାନ କରେ ।

**ଶାସ୍ତ୍ରପାଠ:**

<u>ଯୋହନ.୧:୩୫-୫୧, ଲୂକ.୫:୧-୧୧, ୨୭-୨୮; ମାଥିଉ.୪:୧୮-୨୨, ୯:୯ ; ମାର୍କ.୧: ୧୬-୨୦,୨: ୧୪</u>

## ପ୍ରଥମ ଶିଷ୍ୟଗଣ

## ଯୋହନ.୧:୩୫-୫୧

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ତହିଁ ଆରଦିନ ପୁନର୍ବାର ଯୋହନ ଓ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଦୁଇ ଜଣ ଠିଆ ହୋଇଥିଲେ; ଆଉ, ସେ ଯୀଶୁଙ୍କୁ ସେହି ବାଟ ଦେଇ ଯାଉଥିବା ଦେଖି ତାହାଙ୍କୁ ଏକଦୃଷ୍ଟିରେ ଚାହିଁ କହିଲେ, ଏହି ଦେଖ, ଈଶ୍ୱରଙ୍କ ମେଷଶାବକ । ସେହି ଦୁଇ ଜଣ ଶିଷ୍ୟ ତାହାଙ୍କ କଥା ଶୁଣି ଯୀଶୁଙ୍କ ପଛେ ପଛେ ଗଲେ । ଯୀଶୁ ବୁଲିପଡ଼ି ସେମାନଙ୍କୁ ପଛେ ପଛେ ଆସୁଥିବା ଦେଖି ପଚାରିଲେ, ତୁମ୍ଭେମାନେ କ'ଣ ଖୋଜୁଅଛ ? ସେମାନେ ତାହାଙ୍କୁ ପଚାରିଲେ, ରାବ୍ବୀ (ଅନୁବାଦ କଲେ ଏହାର ଅର୍ଥ ଗୁରୁ), ଆପଣ କେଉଁଠାରେ ରୁହନ୍ତି ? ସେ ସେମାନଙ୍କୁ କହିଲେ, ଆସ, ଦେଖିବ । ସେଥିରେ ସେମାନେ ଯାଇ ତାହାଙ୍କ ବସା ଦେଖିଲେ, ପୁଣି, ସେହି ଦିନ ତାହାଙ୍କ ସାଙ୍ଗରେ ରହିଲେ; ସେତେବେଳେ ସକାଳ ପ୍ରାୟ ଦଶଟା ହୋଇଥିଲା । ଯେଉଁ ଦୁଇ ଜଣ ଯୋହନଙ୍କ କଥା ଶୁଣି ଯୀଶୁଙ୍କ ପଛେ ପଛେ ଯାଇଥିଲେ, ସେମାନଙ୍କ ମଧ୍ୟରୁ ଜଣେ ଶିମୋନପିତରଙ୍କ ଭାଇ ଆନ୍ଦ୍ରୀୟ ଥିଲେ । ସେ ପ୍ରଥମେ ଆପଣା ଭାଇ ଶିମୋନଙ୍କ ଦେଖା ପାଇ ତାହାଙ୍କୁ କହିଲେ, ଆମ୍ଭେମାନେ ମସୀହଙ୍କର (ଅନୁବାଦ କଲେ ଏହି ନାମର ଅର୍ଥ ଖ୍ରୀଷ୍ଟ) ଦେଖା ପାଇଅଛୁ । ସେ ତାଙ୍କୁ ଯୀଶୁଙ୍କ ନିକଟକୁ ଆଣିଲେ । ଯୀଶୁ ତାଙ୍କୁ ଏକଦୃଷ୍ଟିରେ ଚାହିଁ କହିଲେ, ତୁମ୍ଭେ ଯୋହନଙ୍କ ପୁତ୍ର ଶିମୋନ । ତୁମ୍ଭେ କୈଫା (ଅନୁବାଦ କଲେ ଏହାର ଅର୍ଥ ପିତର) ନାମରେ ଖ୍ୟାତ ହେବ । ତହିଁ ଆରଦିନ ଯୀଶୁ ଗାଲିଲୀକୁ ବାହାରି ଯିବା ପାଇଁ ଇଚ୍ଛା କଲେ, ଆଉ ସେ ଫିଲିପ୍ପଙ୍କ ଦେଖା ପାଇ ତାଙ୍କୁ କହିଲେ, ମୋହର ଅନୁଗମନ କର ।

ଫିଲିପ୍ପ ବେଥସାଇଦାର ଲୋକ ଥିଲେ, ତାହା ଆନ୍ଦ୍ରୀୟ ଓ ପିତରଙ୍କର ନଗର ଥିଲା । ଫିଲିପ୍ପ ନିଥନିୟେଲଙ୍କ ଦେଖା ପାଇ ତାଙ୍କୁ କହିଲେ, ଯାହାଙ୍କ ବିଷୟରେ ମୋଶା ମୋଶାଙ୍କ ବ୍ୟବସ୍ଥାରେ ଲେଖିଅଛନ୍ତି, ପୁଣି, ଭାବବାଦୀମାନେ ମଧ୍ୟ ଲେଖିଅଛନ୍ତି, ଆମ୍ଭେମାନେ ତାହାଙ୍କର ଦେଖା ପାଇଅଛୁ; ସେ ଯୋଷେଫଙ୍କ ପୁତ୍ର ନାଜରିତୀୟ ଯୀଶୁ । ନିଥନିୟେଲ ତାଙ୍କୁ ପଚାରିଲେ, ନାଜରିତରୁ କି କୌଣସି ଉତମ ବିଷୟ ଉତ୍ପନ୍ନ ହୋଇ ପାରେ ? ଫିଲିପ୍ପ ତାଙ୍କୁ କହିଲେ, ଆସି ଦେଖ । ଯୀଶୁ ନିଥନିୟେଲଙ୍କୁ ଆପଣା ନିକଟକୁ ଆସୁଥିବା ଦେଖି ତାଙ୍କ ବିଷୟରେ କହିଲେ, ଏହି ଦେଖ, ପ୍ରକୃତରେ ଏ ଜଣେ ଇସ୍ରାଏଲୀୟ ଲୋକ, ଏହାଙ୍କଠାରେ ଛଳନା ନାହିଁ । ନିଥନିୟେଲ ତାହାଙ୍କୁ ପଚାରିଲେ, ଆପଣ ମୋତେ କିପରି ଚିହ୍ନିଲେ ? ଯୀଶୁ ତାଙ୍କୁ ଉତ୍ତର ଦେଲେ, ଫିଲିପ୍ପ ତୁମ୍ଭକୁ ଡାକିବା ପୂର୍ବେ ତୁମ୍ଭେ ଯେତେବେଳେ ଡିମ୍ବିରି ଗଛ ତଳେ ଥିଲ, ସେତେବେଳେ ମୁଁ ତୁମ୍ଭକୁ ଦେଖିଥିଲି । ନିଥନିୟେଲ ତାହାଙ୍କୁ ଉତର ଦେଲେ, ହେ ଗୁରୁ ଆପଣ ଈଶ୍ୱରଙ୍କ ପୁତ୍ର, ଆପଣ ଇସ୍ରାଏଲର ରାଜା । ଯୀଶୁ ତାଙ୍କୁ ଉତର ଦେଲେ, ମୁଁ ତୁମ୍ଭକୁ ଡିମ୍ବିରି ଗଛ ତଳେ ଦେଖିଥିଲି ବୋଲି କହିବାରୁ କି ତୁମ୍ଭେ ବିଶ୍ୱାସ କରୁଅଛ ? ତୁମ୍ଭେ ଏହାଠାରୁ ଆହୁରି ମହତ୍ ବିଷୟ ଦେଖିବ । ପୁଣି, ସେ ତାହାଙ୍କୁ କହିଲେ, ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭେମାନେ ସ୍ୱର୍ଗକୁ ଉନ୍ମୁକ୍ତ ଓ ଈଶ୍ୱରଙ୍କ ଦୂତମାନଙ୍କୁ ମନୁଷ୍ୟପୁତ୍ରଙ୍କ ଉପରେ ଆରୋହଣ ଓ ଅବତରଣ କରିବା ଦେଖିବ ।

## "ମୋର ଅନୁଗମନ କର"

## ମାଥିଉ.୪:୧୮-୨୨, ମାର୍କ.୧: ୧୬-୨୦, ଲୁକ.୫:.୧-୧୧

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ସେ ଗାଲିଲୀ ସମୁଦ୍ର କୂଳରେ ବୁଲୁଥିବା ସମୟରେ ଶିମୋନ, ଯାହାଙ୍କୁ ପିତର ବୋଲି କହନ୍ତି, ଆଉ ତାହାଙ୍କ ଭାଇ ଆନ୍ଦ୍ରିୟ, ଏହି ଦୁଇ ଭାଇଙ୍କୁ ସମୁଦ୍ରରେ ଭଉଁରୀ ଜାଲ ପକାଉଥିବା ଯୀଶୁ ଦେଖିଲେ, କାରଣ ସେମାନେ ମତ୍ସ୍ୟଜୀବୀ ଥିଲେ । ଦିନେ ଯେତେବେଳେ ଲୋକସମୂହ ତାହାଙ୍କ (ଯୀଶୁଙ୍କ) ଉପରେ ମାଡ଼ିପଡ଼ି ଈଶ୍ୱରଙ୍କ ବାକ୍ୟ ଶୁଣୁଥିଲେ, ଆଉ ସେ ହ୍ରଦ କୂଳରେ ଦୁଇଟି ନୌକା ଥିବାର ଦେଖିଲେ; ମାଛୁଆମାନେ ସେଥିରୁ ଓହ୍ଲାଇ ଜାଲ ଧୋଉଥିଲେ । ସେହି ନୌକାଗୁଡ଼ିକ ମଧ୍ୟରୁ ଯାହା ଶିମୋନଙ୍କର ଥିଲା, ସେଥିରେ ସେ ଚଢ଼ି ସ୍ଥଳରୁ ଅଳ୍ପ ଦୂରକୁ ଯିବା ନିମନ୍ତେ ତାହାଙ୍କୁ ଅନୁରୋଧ କଲେ; ଆଉ, ସେ ବସି ନୌକାରୁ ଲୋକ ସମୂହକୁ ଶିକ୍ଷା ଦେବାକୁ ଲାଗିଲେ । ସେ କଥା ଶେଷ କରି ଶିମୋନଙ୍କୁ କହିଲେ, ଗଭୀର ଜଳକୁ ଯାଇ ମାଛ ଧରିବା

ନିମନ୍ତେ ତୁମ୍ଭମାନଙ୍କର ଜାଲ ପକାଅ । ଏଥିରେ ଶିମୋନ ଉତ୍ତର ଦେଲେ, ହେ ଗୁରୁ, ଆମ୍ଭେମାନେ ରାତିଯାକ ପରିଶ୍ରମ କରି କିଛି ଧରି ନାହୁଁ; କିନ୍ତୁ ଆପଣଙ୍କ କଥାରେ ମୁଁ ଜାଲ ପକାଇବି । ଆଉ, ସେମାନେ ତାହା ପକାଇ ବହୁତ ମାଛ ଧରିଲେ, ପୁଣି, ସେମାନଙ୍କ ଜାଲ ଛିଣ୍ଡିବାକୁ ଲାଗିଲା । ସେଥିରେ ସେମାନଙ୍କର ଯେଉଁ ସହକର୍ମୀମାନେ ଅନ୍ୟ ନୌକାରେ ଥିଲେ, ସେମାନେ ଯେପରି ଆସି ସାହାଯ୍ୟ କରନ୍ତି, ଏଥିପାଇଁ ସେମାନେ ସେମାନଙ୍କୁ ଠାରିଲେ । ଏଥିରେ ସେମାନେ ଆସି ଦୁଇଟି ନୌକାକୁ ଏପରି ପୂର୍ଣ୍ଣ କଲେ ଯେ, ସେଗୁଡ଼ିକ ବୁଡ଼ିବାକୁ ଲାଗିଲା । କିନ୍ତୁ ଶିମୋନ ପିତର ଏହା ଦେଖି ଯୀଶୁଙ୍କ ଚରଣ ତଳେ ପଡ଼ି କହିଲେ, ହେ ପ୍ରଭୁ, ମୋ ନିକଟରୁ ଯିବା ହେଉନ୍ତୁ, ଯେଣୁ ମୁଁ ଜଣେ ପାପୀ ମନୁଷ୍ୟ । କାରଣ ସେମାନେ ଏତେ ମାଛ ଧରିଥିଲେ ଯେ, ତାହା ଦେଖି ସେ ଓ ତାହାଙ୍କ ସଙ୍ଗୀ ସମସ୍ତେ ଆଶ୍ଚର୍ଯ୍ୟ ହେଲେ; ପୁଣି, ଜେବଦୀଙ୍କ ଦୁଇ ପୁତ୍ର ଯାକୁବ ଓ ଯୋହନ, ଯେଉଁମାନେ ଶିମୋନଙ୍କର ସହଭାଗୀ ଥିଲେ, ସେମାନେ ମଧ୍ୟ ସେହି ପ୍ରକାର ଆଶ୍ଚର୍ଯ୍ୟାନ୍ୱିତ ହେଲେ । ପୁଣି, ଯୀଶୁ ଶିମୋନଙ୍କୁ କହିଲେ, ଭୟ କର ନାହିଁ, ଆଜିଠାରୁ ତୁମ୍ଭେ ମନୁଷ୍ୟମାନଙ୍କୁ ଧରିବ । ଏବଂ ଯେତେବେଳେ ସେମାନେ ନୌକାଗୁଡ଼ିକୁ କୂଳକୁ ଆଣିଲେ, ସେ ସେମାନଙ୍କୁ କହିଲେ, "ମୋହର ଅନୁଗମନ କର, ମୁଁ ତୁମ୍ଭମାନଙ୍କୁ ମନୁଷ୍ୟ ଧରିବା ଶିଖାଇବି ।" ସେଥିରେ ସେମାନେ ସେହିକ୍ଷଣି ଜାଲ ଛାଡ଼ି ତାହାଙ୍କର ଅନୁଗମନ କଲେ । ପୁଣି, ସେ ସେଠାରୁ ଆଗକୁ ଯାଇ ଜେବଦୀଙ୍କ ପୁତ୍ର ଯାକୁବ ଓ ତାହାଙ୍କ ଭାଇ ଯୋହନ ନାମକ ଆଉ ଦୁଇ ଭାଇଙ୍କୁ ସେମାନଙ୍କ ପିତା ଜେବଦୀଙ୍କ ସହିତ ନୌକାରେ ଜାଲ ସଜାଉଥିବା ଦେଖି ସେମାନଙ୍କୁ ଡାକିଲେ । ସେଥିରେ ସେମାନେ ସେହିକ୍ଷଣି ନୌକା ଓ ସେମାନଙ୍କର ପିତାଙ୍କୁ ଛାଡ଼ି ତାହାଙ୍କର ଅନୁଗମନ କଲେ ।

## ମାଥିଉ ଜଣେ ଶିଷ୍ୟ ହୁଅନ୍ତି

## ମାଥିଉ.୯:୯, ମାର୍କ.୨:୧୪, ଲୂକ.୫:୨୭-୨୮

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ତତ୍ପରେ ସେ ବାହରକୁ ଯାଇ କରଆଦାୟ ଅଫିସର ବସିଥିବା ଜଣେ **ଲେବି**[୧୩] ନାମକ କରଗ୍ରାହୀକୁ ଦେଖିଲେ ଏବଂ ସେ ତାଙ୍କୁ କହିଲେ ମୋର ଅନୁଗମନ କର । ଆଉ ସେ ସମସ୍ତ ପଛରେ ଛାଡ଼ିଦେଇ ଓ ଉଠି ତାଙ୍କୁ ଅନୁଗମନ କରିବା ଆରମ୍ଭ କଲେ ।

---

[୧୩] **ଲେବି** - ଏକ ଏବ୍ରିୟ ଶବ୍ଦ ଅଟେ, ଯାହାର ଅର୍ଥ "ଯୋଡ଼ି ହେବା" । ସାଧାରଣତଃ ତାଙ୍କୁ ମାଥିଉ ବୋଲି ଲୋକେ ଜାଣୁଥିଲେ, ଉକ୍ତ ଇଂରାଜୀ ଶବ୍ଦର ଏବ୍ରିୟ ନାମ "ମାତିତ୍ୟାହୁ" ରୁ ଆସିଅଛି, ଯାହାର ଅର୍ଥ ହେଉଛି "ଈଶ୍ୱରଙ୍କ ଠାରୁ ଉପହାର" । କଫରନାହୂମ୍ ରେ

**ଆଦେଶ:**

❖ ମୋର ଅନୁଗମନ କର ।

**ଶିକ୍ଷଣୀୟ ବିଷୟ:**

ଆଜ୍ଞାବହତାର ପାଠ ଶିଖିବା ଏକ କଷ୍ଟକର ବିଷୟ ଅଟେ । ଏଥିରେ ଏହା ଆବଶ୍ୟକ ମନେକରେ ଯେ ଜଣେ ବ୍ୟକ୍ତି ଆପଣା ଉପର ଅଧିକାରୀଙ୍କୁ ଜ୍ଞାତ ହେବା ପରେ ଉକ୍ତ ଅଧିକାରୀଠାରେ ଆପଣା ଇଚ୍ଛାକୁ ସମର୍ପଣ କରେ । ଏହା ସବୁ ସମୟରେ ସହଜ ସାଧ୍ୟ ହୋଇ ନ ଥାଏ, ବିଶେଷକରି ଯେବେ ଅଧିକାରୀ ତୁମକୁ କିଛି କରିବାକୁ କୁହନ୍ତି ଯାହା ତମେ କରିବାକୁ ଇଚ୍ଛା କରି ନ ଥାଅ । ଯୀଶୁ ତୁମର ଆଜ୍ଞାବହତାକୁ ଚାହାଁନ୍ତି । ଏହା ବ୍ୟତୀତ ତମେ କଦାପି ତାଙ୍କ ଶିଷ୍ୟ ହୋଇପାରିବ ନାହିଁ ।

ଯେବେ ଯୀଶୁ ତାଙ୍କ ଅନୁଗମନ ନିମନ୍ତେ ଅସଲି ଶିଷ୍ୟଗଣଙ୍କୁ ଆହ୍ୱାନକଲେ, ସେମାନେ ସେହି ମସୀହଙ୍କୁ ଦେଖିଲେ, ସ୍ପର୍ଶ କଲେ, ଆଘ୍ରାଣକଲେ ଓ ଶ୍ରବଣ କଲେ । ଶାରୀରିକ ରୁପେ ସେ ସେମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ଏବଂ ପ୍ରତ୍ୟେକ ସ୍ଥାନରେ ସେମାନେ ତାଙ୍କ ଶାରୀରିକ ଉପସ୍ଥିତିର ଅନୁଗମନ କଲେ । କିନ୍ତୁ ତାହା ପ୍ରକୃତ ଶିକ୍ଷା ନ ଥିଲା ଯାହା ସେ ସେମାନଙ୍କୁ ପଢ଼ାଉଥିଲେ । ସେ ଯେ ତାଙ୍କ ସହିତ ଶାରୀରିକ ରୁପେ ଭବିଷ୍ୟତରେ ନଥିବେ ସେହି ଦିନମାନଙ୍କର ପ୍ରସ୍ତୁତି ନିମନ୍ତେ ତାଙ୍କ କଷ୍ଟ ସ୍ୱର ବାକ୍ୟ ଅନୁସରଣ ନିମନ୍ତେ ସେ ସେମାନଙ୍କୁ ଶିକ୍ଷା ଦେଉଥିଲେ । ଯୋଦ୍ୱାରା ସେମାନେ ତାଙ୍କ ବଦଳେ ଯିଏ ସେମାନଙ୍କ ସହିତ ରହିବ ସେହି ପବିତ୍ର ଆତ୍ମାଙ୍କ କଷ୍ଟ ସ୍ୱର ଦ୍ୱାରା ପରିଚାଳିତ ହେବେ । କଷ୍ଟ ଦ୍ୱାରା ବାକ୍ୟ ଅନୁସରଣ କରିବା ନିମନ୍ତେ ଯୀଶୁ ଶିଷ୍ୟମାନଙ୍କୁ ଶିକ୍ଷ୍ୟା ଦେଲେ ଯାହା ସେମାନଙ୍କୁ ପାଳନ କରିବା ନିମନ୍ତେ ଅପେକ୍ଷା କରାଗଲା । ଆପଣା ପିତାଙ୍କୁ ଆଜ୍ଞା ପ୍ରତି, ଆପଣା ଆଜ୍ଞାବହତା, ପ୍ରମାଣର ଉଦାହରଣ ଦ୍ୱାରା ମଧ୍ୟ ସେ ସେମାନଙ୍କୁ ପରିଚାଳନା କଲେ । ଯେଉଁ ସମସ୍ତ ବିଷୟ ପୁରାତନ ନିୟମରେ ଲିପିବଦ୍ଧ କରାଗଲା । ସେ ଯାହା ପ୍ରଚାରକଲେ, ତାହା ପାଳନ କଲେ ।

---

ମାଥିଉ ଜଣେ ମୁଖ୍ୟ କରଗ୍ରାହି ଥିଲେ । ଯାକୁବ,ଯୋହନ, ପିତର, ଓ ଆନ୍ଦ୍ରିୟ ସମେତ ଅନ୍ୟ କେଉଟ ମାନଙ୍କ ଠାରୁ ନିଶ୍ଚିତ ରୁପେ କର ଆଦାୟ କରୁଥିଲେ, ଯେବେ ସେମାନେ ମାଛ ଧରି ବିକ୍ରି କରିବା ନିମନ୍ତେ ବଜାରକୁ ଆଣୁଥିଲେ । ସେ ମଧ୍ୟ କଫରନାହୁମ୍ ଦପ୍ତରର ଏକ ମୁଖ୍ୟ ଅଫିସର ହୋଇପାରନ୍ତି, ଯାହାଙ୍କ ପୁଅଙ୍କୁ ଯିଶୁ ସୁସ୍ଥ କରିଥିଲେ । ସେ ମଧ୍ୟ ମାଥିଉ ସୁସମାଚାରର ଲେଖକ ଅଟନ୍ତି ।

କଷ୍ଟ ସ୍ୱର ବାକ୍ୟ ଉତ୍‌ତମ ଭାବେ ଅନୁସରଣ ନିମନ୍ତେ ପିତାମାତା ଆପଣା ପିଲାମାନଙ୍କୁ ଶିକ୍ଷା ଦିଅନ୍ତି । ପିଲାମାନେ ଆପଣା ପିତାମାତାଙ୍କ କଷ୍ଟ ସ୍ୱରରେ ଅନ୍ତର୍ଭୁକ୍ତ ଅଧିକାରକୁ ବୁଝିପାରନ୍ତି ଓ ଆପଣା ପିତା ମାତାଙ୍କ ଦ୍ୱାରା ସ୍ଥାପିତ ଆଦର୍ଶକୁ ଅନୁସରଣ କରନ୍ତି । ତଥାପି ମା ଓ ବାପା ଯାହା ଶିକ୍ଷା ଦିଅନ୍ତି, ଯେବେ ସେମାନେ ନିଜେ ପାଳନ କରନ୍ତି ନାହିଁ, ପିଲାମାନେ ସେମାନଙ୍କ ଶିକ୍ଷାବଦଳେ, ପିତାମାତାଙ୍କର କାର୍ଯ୍ୟକଳାପକୁ ଆଦରି ନିଅନ୍ତି ।

ପ୍ରାଥମିକ **ଶିଷ୍ୟମାନେ**[୧୪] ଯୀଶୁଙ୍କୁ ଅନୁସରଣ କରିବା ଶିଖିଲେ । ସେ ସେମାନଙ୍କୁ ଶିକ୍ଷା ପ୍ରଦାନ କଲାପରେ, ଯାହା ସେ ସେମାନଙ୍କୁ କରିବା ନିମନ୍ତେ ଆଦେଶ ଦେଇଥିଲେ ସେହି ଶିକ୍ଷା ଅନୁସାରେ ଲୋକଙ୍କ ମଧ୍ୟକୁ ଯାଇ ଶିଷ୍ୟକରିବା ନିମନ୍ତେ ସେ ସେମାନଙ୍କୁ କହିଲେ । ସେ ସେମାନଙ୍କୁ ଯାହା ସବୁ କରିବାକୁ କହିଲେ, ସେ ସମସ୍ତ ପ୍ରକୃତରେ ପାଳନ କରିବା ଦ୍ୱାରା ନିଜକୁ ଆଦର୍ଶ କରି ସେମାନଙ୍କୁ ପରିଚାଳନା କରିବାକୁ ଥିଲା । ଆଉ ଏହାର ଫଳାଫଳ ଆଶ୍ଚର୍ଯ୍ୟ ଜନକ ଥିଲା । ପ୍ରେରିତ ପୁସ୍ତକ ସ୍ପଷ୍ଟ ରୂପେ ପ୍ରକାଶକରେ ଯେ ସମସ୍ତ ଆଶ୍ଚର୍ଯ୍ୟ କ୍ରିୟାଗୁଡ଼ିକ ଓ ମଣ୍ଡଳୀ ଦୃତ ବୃଦ୍ଧି ଶିଷ୍ୟମାନଙ୍କ ଆଜ୍ଞାବହତା ଜୀବନର ପରିଣାମ ।

ଯୀଶୁ ବର୍ତ୍‌ତମାନ ପର୍ଯ୍ୟନ୍ତ ଏହି ଆଶା ଆଜିର ମଣ୍ଡଳୀମାନଙ୍କ ପାଇଁ ବ୍ୟକ୍ତ କରନ୍ତି ଓ ଆଜି ପର୍ଯ୍ୟନ୍ତ ତାଙ୍କର ପ୍ରଣାଳୀ ପରିବର୍ତ୍‌ତନ ହୋଇନାହିଁ । ତାଙ୍କ ଅନୁଗମନ ନିମନ୍ତେ ଆଜି ମଧ୍ୟ ସେ ଲୋକଙ୍କୁ ଆହ୍ୱାନ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ପାଳନ କରିବାରେ ଆଜି ମଧ୍ୟ ଆଶ୍ଚର୍ଯ୍ୟ କାର୍ଯ୍ୟ ଘଟି ଆସୁଛି । ବାସ୍ତବରେ, ଜଣେ ବ୍ୟକ୍ତିଙ୍କ ଜୀବନର, ପୁନର୍ଜନ୍ମର ଅଲୌକିକ କାର୍ଯ୍ୟ, ସେହି ପ୍ରକାରେ ଘଟିଥାଏ । ଯୀଶୁଙ୍କ ବିଷୟକ ପ୍ରଚାରିତ ଈଶ୍ୱରଙ୍କ ବାକ୍ୟ ସେମାନେ ଶୁଣିଲେ, ବିଶ୍ୱାସ କଲେ ଓ ତାଙ୍କୁ ଆପଣା ପ୍ରଭୁ ରୁପେ ସ୍ୱିକାର କରିବା ପରେ ତାଙ୍କୁ ଗ୍ରହଣ କଲେ । ତାଙ୍କ ବାକ୍ୟ ଶୁଣିବା ଓ ଉକ୍ତ ବାକ୍ୟ ପାଳନ କରିବା ମାଧ୍ୟମିକ ଯୀଶୁଙ୍କର ଅନୁଗମନ କରିବା । ପ୍ରେରିତ ପାଉଲ କହିଲେ, ବିଶ୍ୱାସ ଶ୍ରବଣରୁ ଜାତ ହୁଏ" ।[୧୫] ଯୀଶୁ କହିଲେ ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ଶୁଣନ୍ତି, ପଢ଼ନ୍ତି ଓ ଏହା ପାଳନ କରନ୍ତି ସେମାନେ ଧନ୍ୟ, ଏବଂ ଈଶ୍ୱର ନିଜେ ଶିଷ୍ୟମାନଙ୍କୁ

---

[୧୪] **ପ୍ରଥମ ଶିଷ୍ୟଗଣ**, ତାଙ୍କ ଶିଷ୍ୟମାନଙ୍କ ସହିତ ଯୀଶୁଙ୍କର ସମ୍ପର୍କ କଣ ଥିଲା ? ଉକ୍ତ ସତନ୍ତ୍ର ସମ୍ପର୍କର ଜ୍ଞାନ ସମସ୍ତ ଭବିଷ୍ୟତ ଶିଷ୍ୟ କର୍ତାମାନଙ୍କ ନିମନ୍ତେ ଏକ ନମୁନା ଅଟେ, ଯେପରି ଯୀଶୁ ତାଙ୍କ ପ୍ରଧାନ ଆଜ୍ଞାରେ ତାଙ୍କ ଶିଷ୍ୟମାନଙ୍କୁ ଆଜ୍ଞା ଦେଇଛନ୍ତି, ଯାଅ,......ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହି ସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର (ମାଥିଉ ୨୮: ୧୯-୨୦ – ପତ୍ରିକାର ୮୬ ପୃଷ୍ଠାକୁ ଦେଖ, ତାଙ୍କ ଶିଷ୍ୟମାନଙ୍କ ସହିତ ଯୀଶୁଙ୍କ ସମ୍ବନ୍ଦର ସମିକ୍ଷା ପତ୍ର) ।

[୧୫] ଲୁକ ୧୧: ୨୮

ସ୍ୱର୍ଗରୁ ଘୋଷଣା କରି କହିଲେ, "ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ, ଏହାଙ୍କ ବାକ୍ୟ **ଶ୍ରବଣ କର**" ।[୧୬]

**ଦଳିୟ ଆଲୋଚନା ତାଲିକାପତ୍ର:**

❖ ଏକ ଆଜ୍ଞାର ତିନୋଟି ମୁଖ୍ୟ ଉପାଦାନ ଅଛି ।

- ଆଜ୍ଞା **ଦେବା** ।
- ଆଜ୍ଞା **ଶୁଣିବା** ।
- ଆଜ୍ଞା **ପାଳନ** କରିବା ।

❖ ଆଜ୍ଞା ପାଳନ ପୂର୍ବରୁ, ଏକ ଆଜ୍ଞା **ଶ୍ରବଣରେ** ବିଶେଷ ୪ ଗୋଟି ଉପ ଅଂଶ ଆବଶ୍ୟକ ଅଟେ ।

- ଆପଣ ଶାରୀରିକ ରୁପେ ଏହା **ଶୁଣିବାକୁ** ପଡ଼ିବ ।
- ଏହାର **ଅର୍ଥ** କ'ଣ ଆପଣ ଜାଣିବାକୁ ପଡ଼ିବ ।
- ଏହା ଯେ ଆପଣଙ୍କ **ଆଡ଼କୁ** ନିର୍ଦ୍ଦେଶ କରେ ଆପଣ ଜାଣିବା ଦରକାର ।
- ଏହା ଯେ ଆପଣଙ୍କ **ନେତାଙ୍କ** ପକ୍ଷରୁ, ଆପଣ ଜାଣିବା ଦରକାର ।

❖ ଏକ ଆଜ୍ଞା ପ୍ରକୃତରେ **ପାଳନ କରିବା** ନିମନ୍ତେ ମୁଖ୍ୟତଃ ୩ ଗୋଟି ଉପାଂଶୁ ଆବଶ୍ୟକ ଅଟେ ।

- ପାଳନ ନିମନ୍ତେ ଆପଣ **ଆଗ୍ରହୀ ହେବା** ଉଚିତ ।
- ବର୍ତ୍ତମାନ ଆପଣ ଯାହା **କରିଆସୁଛନ୍ତି,** ତାହା ଆପଣଙ୍କ ଦଳକୁ କରିବାକୁ ପଡ଼ିବ ।
- ପ୍ରକୃତରେ ଆପଣ ଏହି ସମସ୍ତ **କରିବାକୁ ପଡ଼ିବ ।**

❖ ଲୁକ ୫: ୧-୧୧ ରେ ଲିଖିତ ଯୀଶୁ ଓ ପିତରଙ୍କ କାହାଣୀରୁ, ଆସନ୍ତୁ ଆମେ ଏକ ଆଜ୍ଞା ଶ୍ରବଣ ଓ ପାଳନ କରିବାର ଅନେକ ଉପାଦାନ ଗୁଡ଼ିକ ଚିହ୍ନଟ କରିବା ।

- ଆମେ ଜାଣୁ ପିତର ଆଜ୍ଞାକୁ ଶୁଣିଲେ, କାରଣ ସେ ଏହାପ୍ରତି ଅନୁରୂପ ବ୍ୟବହାର କଲେ ।
- ଉକ୍ତ ଆଜ୍ଞାର ଅର୍ଥ କ'ଣ ପିତର ଜାଣିଥିଲେ, କାରଣ ସେ ଜଣେମାଛ ଧରିବା ବ୍ୟକ୍ତି ଥିଲେ ।
- ଏହା ତାଙ୍କୁ ନିର୍ଦ୍ଦେଶ କରାଯାଇଥିଲା, ପିତର ଜାଣିଲେ କାରଣ ଏହା ତାଙ୍କରି ଡଙ୍ଗା ଥିଲା ।

---

[୧୬] ମାଥିଉ ୧୭: ୮

- ଏହା ଜଣେ ବ୍ୟକ୍ତି ଠାରୁ ଯାହାଙ୍କ ଠାରେ ଅଧିକାର ଥିଲା, ପିତର ଜାଣିଲେ କାରଣ ସେ ଯୀଶୁଙ୍କୁ ମାଲିକ ବୋଲି ସମ୍ବୋଧନ କରିଥିଲେ ।
- ଉକ୍ତ ଆଜ୍ଞାରେ ଯଦିଓ କିଛି ମାତ୍ରାରେ ଅସନ୍ତୁଷ୍ଟ ଥିଲେ, ତଥାପି ସେ ଆପଣ ଇଚ୍ଛାରେ ନିଜକୁ ସମର୍ପଣ କଲେ ।
- ପିତର ଯାହା କରି ଆସୁଥିଲେ ଓ କହି ଆସୁଥିଲେ, ସେ ବନ୍ଦ କଲେ ।
- ସେ ଗଭିର ଜଳ ଆଡ଼କୁ ଯାତ୍ରା ଆରମ୍ଭ କଲେ ।

❖ ଅଲୌକିକ କାର୍ଯ୍ୟ କେବେ ଘଟିଲା ? (ପିତରଙ୍କ ଆଜ୍ଞାବହତା ପରେ ଅଲୌକିକ କାର୍ଯ୍ୟ ଘଟିଥିଲା) ।

❖ ଖ୍ରୀଷ୍ଟିଆନମାନେ ଯିଶୁ ଖ୍ରୀଷ୍ଟ ଅନୁଗମନ ବେଳେ ସେମାନେ ଝୁଣ୍ଟି ପଡିବାର କାରଣମାନ ।

- **ଅଜ୍ଞତା**- ବାକ୍ୟ କ'ଣ କହେ, ତାହା ନ ଜାଣିବା ।
- **ନିଷ୍ଠୁରତା**- ବାକ୍ୟ କ'ଣ କହେ, ତାହା ପ୍ରୟୋଗ ନ କରିବା ।
- **ସନ୍ଦେହ**- ସେମାନଙ୍କ ଜୀବନରେ ଚଳିତ ଘଟଣାବଳୀ ବିଷୟରେ ଅତ୍ୟଧିକ ଚିନ୍ତା ।
- **ଭୁବନ ଖବର**- ଆପଣା ପ୍ରଭୁଙ୍କୁ ଶୁଣିବା ବଦଳରେ ଅନ୍ୟମାନଙ୍କୁ ଶୁଣନ୍ତି ।

**ଉକ୍ତ ଶିକ୍ଷାର ମୂଳଶିକ୍ଷା ବିଷୟ:**

ଈଶ୍ୱରଙ୍କ ବାକ୍ୟ, ଯୀଶୁ ଯାହା କହନ୍ତି, ଶୁଣ ଓ ପାଳନ କର ।

**ପ୍ରୟୋଗ:**

୧. ଯୋହନ.୧୦:୨୭ ମୁଖସ୍ଥ କର, "ମୋ' ମେଷସବୁ ମୋହର ସ୍ୱର ଶୁଣନ୍ତି ଓ ମୁଁ ସେମାନଙ୍କୁ ଜାଣେ, ଆଉ ସେମାନେ ମୋହର ପଛେ ପଛେ ଚାଲନ୍ତି" ।
୨. ପାଳନ କରିବାକୁ ତୁମକୁ ଏକ ବ୍ୟକ୍ତିଗତ ଆଜ୍ଞା ଦେବା ନିମନ୍ତେ ପ୍ରଭୁଙ୍କ ଠାରେ ପ୍ରାର୍ଥନା କର ଓ ଫଳାଫଳ ଉଲ୍ଲେଖ କରି ଦଳ ସହ ଭାଗ କର ।

## ପାଠ-୨
## ତମେ କ'ଣ ଦେଖୁଅଛ ?

**ଆଇସବ୍ରେକର ଦଳ:**

- ଆପଣଙ୍କୁ ଅନ୍ୟ ଲୋକଙ୍କ ଠାରୁ କ'ଣ ଭିନ୍ନ କରେ ?
- ଅନ୍ୟ କୌଣସି ଲୋକଙ୍କୁ ମନ ବଦଳାଇବା ନିମନ୍ତେ ଆପଣ କେଉଁ ମାଧ୍ୟମରେ ଚେଷ୍ଟା କରିଥାଅ ।

**ଉପକ୍ରମ:**

ପୃଥିବୀ ଏକ ଗର୍ଭାଗୃହରୁ ଜନ୍ମ ଜଣେ ଶିଶୁଙ୍କ ନିମନ୍ତେ ଏକ ଅପରିଚିତ ଓ ଭିନ୍ନ ସ୍ଥାନ ଅଟେ । ଏହା ଏକ ଆରାମ ବିହିନ୍ନ ସ୍ଥାନ, ଏବଂ ଗୃହ ସୁରକ୍ଷାର ଅଭାବ ଥାଏ । ଶିଶୁ ସହଜରେ କ୍ରନ୍ଦନ କରେ, ତା ପାଇଁ ସମସ୍ତ ବିଷୟ ଅପରିଚିତ ଓ ବିଦେଶୀ ଅଟେ । କିନ୍ତୁ ଏହିପରି ଏକ ବୌରିତାର ପରିବେଶ ମଧ୍ୟକୁ ବାପା ଓ ମାଁ ତାଙ୍କୁ ଆଣିଥାନ୍ତି, ଓ ଚତୁଃପାର୍ଶ୍ୱୀୟ ଓ ଲୋକ, ଯାହାଙ୍କ ସହିତ ବାପା ଓ ମାଁ ସହଜରେ ମିଳାମିଶା ହୋଇଥାନ୍ତି, ସେମାନଙ୍କ ସହ ସେ ପରିଚିତ ହେବାକୁ ପଡ଼େ । ଯୀଶୁ ଆପଣା ନୂତନ ଶିଷ୍ୟମାନଙ୍କୁ ସେହିଭଳି ସ୍ଥାନ ଦେଇ ମଧ୍ୟ ଦେଇଅଛନ୍ତି ।

ଯୀଶୁଙ୍କ ଶିଷ୍ୟମାନେ ଗାଲିଲୀୟ ଯୀହୁଦି ଅଟନ୍ତି, ଯାହା ଗାଲିଲୀ ସମୁଦ୍ରର ଉତରି ସୁଅରେ ଅବସ୍ଥିତ। ସେମାନେ ଏକ ପ୍ରଦେଶ ସିମିତ ବ୍ୟକ୍ତି ମାନେ ଥିଲେ। ପ୍ରଭୁଙ୍କ ଭୋଜନକୁ ଯୋଗ ଦେବା ନିମନ୍ତେ, ବର୍ଷରେ ତିନି ଥର ସେମାନେ ଯୀରୁଶାଲମ ତୀର୍ଥଯାତ୍ରା କରୁଥିଲେ। ତାଙ୍କରି ଅଭ୍ୟାସଗତ ପଥ, ଜର୍ଦ୍ଦନ ନଦୀ ପ୍ରାନ୍ତର ଦେଇ ସେମାନେ ସହଜରେ ଯାତ୍ରା କରୁଥିଲେ।

ପ୍ରାନ୍ତର ଓ ସାର, ଜଳ ସେ ଚିତ ଓ ଉର୍ବରା ଥିଲା। ସେହି ପଥ ସେମାନଙ୍କୁ ଶମିରୋଣୀୟ ଅନଚଳ ଦେଇ ନିଜ, ଯାହା ଆପଣା ଗୃହ ଓ ଯିରୁଶାଲମ ମଧ୍ୟରେ ଅବସ୍ଥିତ। ସେମାନଙ୍କ ପାଇଁ **ଶମିରୋଣିୟ**[୧୭] ଅନଚଳ, ଘୃଣିତ ମାନଙ୍କ ଗୃହ ଅଟେ, ଯେଉଁମାନେ ସତ୍ୟ ଈଶ୍ୱରଙ୍କୁ ଜାଣନ୍ତି ନାହିଁ, ଆଉ ଯାହାଙ୍କ ସହିତ ଯିହୁଦୀମାନଙ୍କର ଅଧିକା କିଛି ସମ୍ପର୍କ ନାହିଁ।

ବସନ୍ତ ଋତୁର ପହଳାରେ, ଯୀଶୁଙ୍କ ସହିତ ଶିଷ୍ୟମାନେ ନିସ୍ତାର ପର୍ବ ନିମନ୍ତେ ଯିରୁଶାଲମ ଯାଉଥିଲେ। ଯିରୁଶାଲମ ଚତୁଃପାର୍ଶ୍ୱର ବନ୍ଧୁତ୍ୱ ପରିବେଶ ମଧ୍ୟରେ ସେମାନେ କିଛି ସମୟ ବିତାଉଥିଲେ। ଏହା ଯିହୁଦା ଅନଚଳ, ଇଶ୍ରାଏଲ ପ୍ରଦେଶର ପୁର୍ବା*ଳ ଅଟେ। ଅନଚଳର ସ୍ଥାନୀୟ ଲୋକମାନଙ୍କୁ ସେମାନେ ସେବା କରୁଥିଲେ ଓ ସେମାନଙ୍କ ମଧ୍ୟରୁ କେତେକଙ୍କୁ ବାପ୍ତିସ୍ମ ଦେଉଥିଲେ। ଯେବେ ସେମାନେ ଯିରୁଶାଲମରେ ଯୋଗ ଦେଲେ, ଏହି ଭଳି କାର୍ଯ୍ୟକାଳ ସମ୍ଭବତଃ ବର୍ଷର ଦ୍ୱିତୀୟ ଭୋଜ ପର୍ଯ୍ୟନ୍ତ ଜାରୀ ରହୁଥିଲା, ଏହି ଭୋଜନକୁ ସପ୍ତାହ ବୋଲି କୁହାଗଲା, କାରଣ ଏହା ନିସ୍ତାର ପର୍ବର ସାତ ସପ୍ତାହ ପରେ ଘଟିଥାଏ।

ସମୟ ବସନ୍ତ ଋତୁର ଶେଷଭାଗ ଥିଲା। ତାପମାତ୍ରା ଅଧିକା ହୋଇ ଆସୁଥାଏ ହଠାତ ଯିଶୁ ଗାଲିଲୀକୁ ବାହୁଡିବା ନିମନ୍ତେ ନିର୍ଣ୍ଣୟ କରନ୍ତି। ଏହି ସମୟରେ ସମିରୋଣୀୟ ଅନଚଳାଧିନ ସଂକ୍ଷିପ୍ତ ମାର୍ଗ ଦେଇ ସେ ଶିଷ୍ୟମାନଙ୍କୁ କଡାଇ ନେଉଛନ୍ତି। ପର୍ବତମାଳ ଦ୍ୱାରା ଉକ୍ତ ଯାତ୍ରା ଅତି ଅପରିଚିତ ଓ କଷ୍ଟସାଧ। ଅନ୍ୟ ପର୍ବତୀୟ ମାର୍ଗ ସହ ତୁଳନା କଲେ ଏହା ପଥୁରିଆ, ଅଳ୍ପ ଜଳ ଓ ଛାୟା ସହ ପବନ ପ୍ରବାହିତ ପର୍ବତମାଳ ପୁର୍ଣ୍ଣ ଏକ ମରୁ ଅ*ଳ ଅଟେ। ସେମାନେ ସାହିରେ ଏକ ଗ୍ରାମରେ ରହିଲେ। ଗେରିଜିମ୍, ଆଶୀର୍ବାଦର

---

[୧୭] ଯେତେବେଳେ ଇଶ୍ରାଏଲର ୧୦ ପୁତ୍ର ବିଶିଷ୍ଟ ଉତରାନଚଳ, ଇଶ୍ରାଏଲ ରାଜ୍ୟ ଖ୍ରୀଷ୍ଟପୁର୍ବ ୭୨୧ ରେ ଆଶିରିୟ ମାନଙ୍କ ଦ୍ୱାରା ପରାଜିତ ହେଲେ, ଅନେକ ଲୋକଙ୍କୁ ଦାସତ୍ୱ ବନ୍ଧନକୁ ନିଆଗଲା ଏବଂ ଆଶିରୀୟ ସାମ୍ରାଜ୍ୟର ବିଭିନ୍ନ ଅ*ଳକୁ ପ୍ରେରଣା କରାଗଲା ଏବଂ ପ୍ରାୟ ୬୭୭ ଖ୍ରୀଷ୍ଟ ପୂର୍ବ ଉତରାନଚଳ ଇଶ୍ରାଏଲୀୟ ୧୦ ଗୋଷ୍ଠୀକୁ ଏକ ପ୍ରାନ୍ତରକୁ ପ୍ରେରଣ ନ କରିବା ଉଦ୍ଦେଶ୍ୟ, ଇଶ୍ରାଏଲୀୟଙ୍କ ଅଧୀନରେ ଆଶିରୀୟ ମାନେ ଅନ୍ୟ ଦେଶିୟ ଲୋକ ମାନଙ୍କୁ ଆଣି ସେଠାରେ ରଖିଲେ। ଆଉ ଏହି ଅଣ ଇଶ୍ରାଏଲୀୟ ସମିରୀୟ ମାନେ ବୋଲି କୁହାଗଲା।

ପର୍ବତ ଓ ଇବାଲ ଅଭିଶାପର ପର୍ବତ ଏହାର ପଶ୍ଚିମ ପାର୍ଶ୍ୱରେ ଛିଡ଼ା ହୋଇଅଛି । ଏହା ଆଦି ପିତା ଯାକୁବଙ୍କ କୂପଙ୍କ ସ୍ଥାନ ଅଟେ । ଏହା ମଧ୍ୟାହ୍ନ ସମୟ, ଭୋଜନ ବିରତିର ସମୟ ଠିକ୍ ଏହି ସମୟରେ କୂପକୁ ଆସିଥିବା ମହିଳାଙ୍କ ସହିତ ଯୀଶୁ ସାକ୍ଷାତ କରନ୍ତି । ଉକ୍ତ ସମୟ ଯୀଶୁଙ୍କ ଶିଷ୍ୟମାନଙ୍କ ସାଂସାରିକ ବିଚାରଧାରା ର ପଥ ପରିବର୍ତ୍ତନର ସମୟ ଅଟେ ।

**ଶାସ୍ତ୍ର ପାଠ:**

## କୂପରେ ମହିଳା ଜଣକ

## ଯୋହନ.୪:୧-୪୨

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ଯୀଶୁ ଯେ ଯୋହନଙ୍କ ଅପେକ୍ଷା ଅଧିକ ଶିଷ୍ୟ କରୁଅଛନ୍ତି ଓ ବାପ୍ତିସ୍ମ ଦେଉଅଛନ୍ତି (ଯଦ୍ୟପି ଯୀଶୁ ଆପେ ବାପ୍ତିସ୍ମ ଦେଉ ନ ଥିଲେ, ମାତ୍ର ତାହାଙ୍କ ଶିଷ୍ୟମାନେ ଦେଉଥିଲେ), ଏହା ଫାରୂଶୀମାନେ ଶୁଣିଅଛନ୍ତି ବୋଲି ଯେତେବେଳେ ପ୍ରଭୁ ଜାଣିଲେ, ସେତେବେଳେ ସେ ଯିହୂଦା ପ୍ରଦେଶ ପରିତ୍ୟାଗ କରି ପୁନର୍ବାର ଗାଲିଲୀକୁ ପ୍ରସ୍ଥାନ କଲେ । କିନ୍ତୁ ଶମିରୋଣ ମଧ୍ୟ ଦେଇ ତାହାଙ୍କୁ ଯିବାକୁ ପଡ଼ିଲା । ତେଣୁ ସେ ଯାଇ ଯାକୁବ ଆପଣା ପୁତ୍ର ଯୋଷେଫଙ୍କୁ ଯେଉଁ ଭୂମିଖଣ୍ଡିକ ଦାନ କରିଥିଲେ, ସେଥିର ନିକଟବର୍ତ୍ତୀ ସୁଖାର ନାମକ ଶମିରୋଣର ଗୋଟିଏ ନଗରରେ ପହଂଚିଲେ; ସେହି ସ୍ଥାନରେ ଯାକୁବଙ୍କ କୂପ ଥିଲା । ଅତଏବ, ଯୀଶୁ ପଥଶ୍ରାନ୍ତ ହୋଇଥିବାରୁ ସେହି କୂପ ନିକଟରେ ବସିପଡ଼ିଲେ । ସେତେବେଳେ **ମଧ୍ୟାହ୍ନ**[୧୮] ହୋଇଥିଲା । ଆଉ, ଜଣେ ଶମିରୋଣୀୟା ସ୍ତ୍ରୀ ପାଣି କାଢ଼ିବା ନିମନ୍ତେ ଆସିଲା । ଯୀଶୁ ତାହାକୁ କହିଲେ, ମୋତେ ପିଇବାକୁ ଦିଅ । କାରଣ ତାହାଙ୍କର ଶିଷ୍ୟମାନେ ଖାଦ୍ୟ କିଣିବା ନିମନ୍ତେ ନଗରକୁ ଯାଇଥିଲେ । ସେଥିରେ ଶମିରୋଣୀୟା ସ୍ତ୍ରୀ ତାହାଙ୍କୁ କହିଲା, ଆପଣ ଜଣେ ଯିହୂଦୀ ହୋଇ କିପରି ଶମିରୋଣୀୟା ସ୍ତ୍ରୀ ଯେ ମୁଁ, ମୋ' ହାତରୁ ପିଇବାକୁ ମାଗୁଅଛନ୍ତି ? କାରଣ ଶମିରୋଣୀୟମାନଙ୍କ ସହିତ ଯିହୂଦୀମାନଙ୍କର ବ୍ୟବହାର ନାହିଁ । ଯୀଶୁ ତାହାକୁ ଉତର ଦେଲେ, ଈଶ୍ୱରଙ୍କ ଦାନ ଓ ମୋତେ ପିଇବାକୁ ଦିଅ ବୋଲି ଯେ ତୁମ୍ଭକୁ କହୁଅଛନ୍ତି, ସେ କିଏ, ଏହା ଯଦି ତୁମ୍ଭେ ଜାଣିଥାଆନ୍ତ, ତାହାହେଲେ ତୁମ୍ଭେ ତାହାଙ୍କୁ ମାଗିଥାଆନ୍ତ, ଆଉ ସେ ତୁମ୍ଭକୁ

[୧୮] ୬ ଘଣ୍ଟିକା , ମଧ୍ୟାହ୍ନ ସମୟ

**ଜୀବନ୍ତ ଜଳ**[୧୯] ଦେଇ ଥାଆନ୍ତେ । ସେହି ସ୍ତ୍ରୀଲୋକ ତାହାଙ୍କୁ କହିଲା, ମହାଶୟ, ଜଳ କାଢ଼ିବା ନିମନ୍ତେ ଆପଣଙ୍କ ନିକଟରେ କୌଣସି ପାତ୍ର ନାହିଁ ପୁଣି, କୂଅ ତ ଗଭୀର; ତେବେ ଆପଣ କେଉଁ ଠାରୁ ସେହି ଜୀବନ୍ତ ଜଳ ପାଇଅଛନ୍ତି ? ଆମ୍ଭମାନଙ୍କର ଯେଉଁ ପିତୃପୁରୁଷ ଯାକୁବ ଆମ୍ଭମାନଙ୍କୁ ଏହି କୂଅ ଦେଇଥିଲେ, ଆଉ ଆପେ, ପୁଣି, ତାଙ୍କ ପୁତ୍ରମାନେ ଓ ପଶୁପଲ ଏଥିରୁ ପାନ କରିଥିଲେ, ତାଙ୍କଠାରୁ କି ଆପଣ ଶ୍ରେଷ୍ଠ ? ଯୀଶୁ ତାହାକୁ ଉତର ଦେଲେ, ଯେ କେହି ଏହି ଜଳ ପାନ କରେ, ସେ ପୁନର୍ବାର ତୃଷିତ ହେବ; କିନ୍ତୁ ମୁଁ ଯେଉଁ ଜଳ ଦେବି, ତାହା ଯେ କେହି ପାନ କରିବ, ସେ କେବେ ହେଁ ତୃଷିତ ହେବ ନାହିଁ, ବରଂ ମୁଁ ତାହାକୁ ଯେଉଁ ଜଳ ଦେବି, ତାହା ଅନନ୍ତ ଜୀବନଦାୟକ ଜଳର ନିର୍ଝରସ୍ୱରୂପେ ତାହାଠାରେ ଉଚ୍ଛୁଳି ଉଠୁଥିବ । ସ୍ତ୍ରୀଲୋକଟି ତାହାଙ୍କୁ କହିଲା, ମହାଶୟ, ମୋତେ ଯେପରି ଶୋଷ ନ ଲାଗେ, ପୁଣି, ପାଣି କାଢ଼ିବା ନିମନ୍ତେ ଏତେ ବାଟ ଏଠାକୁ ଆସିବାକୁ ନ ପଡ଼େ, ଏଥି ନିମନ୍ତେ ମୋତେ ସେହି ଜଳ ଦିଅନ୍ତୁ । ଯୀଶୁ ତାକୁ କହିଲେ, ଯାଅ, ତୁମ୍ଭ ସ୍ୱାମୀକୁ ଡାକି ଏଠାକୁ ଆସ । ସ୍ତ୍ରୀଲୋକଟି ତାହାଙ୍କୁ ଉତର ଦେଲା, ମୋର ସ୍ୱାମୀ ନାହିଁ । ଯୀଶୁ ତାଙ୍କୁ କହିଲେ, ମୋହର ସ୍ୱାମୀ ନାହିଁ, ଏହା ତ ଠିକ କହିଲ; କାରଣ ତୁମ୍ଭର ୫ ସ୍ୱାମୀ ଥିଲେ, ଆଉ ବର୍‌ତ୍‌ତମାନ ତୁମ୍ଭ ପାଖରେ ଯେ ଅଛି, ସେ ତୁମ୍ଭର ସ୍ୱାମୀ ନୁହେଁ; ଏହା ସତ୍ୟ କହିଅଛ । ସ୍ତ୍ରୀଲୋକଟି ତାହାଙ୍କୁ କହିଲା, ମହାଶୟ, ଆପଣ ଯେ ଜଣେ ଭାବବାଦୀ, ଏହା ମୁଁ ଜାଣି ପାରୁଅଛି । ଆମ୍ଭମାନଙ୍କ ପିତୃପୁରୁଷମାନେ ଏହି **ପର୍ବତରେ**[୨୦] ଉପାସନା କଲେ; ଆଉ, ଆପଣମାନେ କହୁଅଛନ୍ତି, ଯେଉଁ ସ୍ଥାନରେ ଉପାସନା କରିବା ଉଚିତ, ତାହା ଯିରୁଶାଲମରେ ଅଛି । ଯୀଶୁ ତାହାକୁ କହିଲେ, ଆଗୋ ନାରୀ, ମୋ' କଥା ବିଶ୍ୱାସ କର, ଯେଉଁ ସମୟରେ ତୁମ୍ଭେମାନେ ଏହି ପର୍ବତରେ କିମ୍ବା ଯିରୂଶାଲମରେ ପିତାଙ୍କର ଉପାସନା କରିବ ନାହିଁ, ଏପରି ସମୟ ଆସୁଅଛି । ଯାହାକୁ ତୁମ୍ଭେମାନେ ଜାଣ ନାହିଁ, ତାହାକୁ ଉପାସନା କରୁଥାଅ; ଯାହାଙ୍କୁ ଆମ୍ଭେମାନେ ଜାଣୁ, ତାହାଙ୍କୁ ଉପାସନା କରୁଥାଉ, କାରଣ ପରିତ୍ରାଣ ଯିହୂଦୀମାନଙ୍କ ମଧ୍ୟରୁ ଆସେ । କିନ୍ତୁ ଯେଉଁ ସମୟରେ ସତ୍ୟ ଉପାସକମାନେ **ଆତ୍ମାରେ ଓ ସତ୍ୟରେ**[୨୧] ପିତାଙ୍କର ଉପାସନା କରିବେ, ସେପରି ସମୟ ଆସୁଅଛି; ପୁଣି, ବର୍‌ତ୍‌ତମାନ ସୁଦ୍ଧା ଉପସ୍ଥିତ; କାରଣ ପିତା ଏହି ପ୍ରକାର ଉପାସକ ଚାହାଁନ୍ତି

---

[୧୯] ଜୀବନ୍ତ ଜଳ, ଏହି ଶବ୍ଦର ଅର୍ଥ ଏକ ଝରଣାରୁ ପ୍ରବାହୀତ ଜଳ ।ଏହା ଜମା ଜଳ ପରିବର୍ତ୍ତେ ବିଶେଷତ ଏକ ଶ୍ରୋତ ଜଳକୁ ବୁଝାଏ ।

[୨୦] ଗେରିଜିମ ପର୍ବତ

[୨୧] ଆତ୍ମାରେ ଓ ସତ୍ୟରେ, "ଶରୀର ଉପରେ ନିର୍ଭର ନ କରି ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଦର୍ପ କର" ଫିଲିପିୟ ୩: ୩ ।

। ଈଶ୍ୱର ଆତ୍ମା ଅଟନ୍ତି, ପୁଣି, ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ସେମାନେ ଆତ୍ମାରେ ଓ ସତ୍ୟରେ ଉପାସନା କରିବା ଉଚିତ । ସ୍ତ୍ରୀଲୋକଟି ତାହାଙ୍କୁ କହିଲା, ମସୀହ, ଯାହାଙ୍କୁ ଖ୍ରୀଷ୍ଟ କହନ୍ତି, ସେ ଆସୁଅଛନ୍ତି ବୋଲି ମୁଁ ଜାଣେ; ଯେତେବେଳେ ସେ ଆସିବେ, ସେ ଆମ୍ଭମାନଙ୍କୁ ସମସ୍ତ ବିଷୟ ଜଣାଇବେ । ଯୀଶୁ ତାହାଙ୍କୁ କହିଲେ, ତୁମ୍ଭ ସହିତ କଥା କହୁଅଛି ଯେ ମୁଁ, ମୁଁ ସେହି ଅଟେ । ଏପରି ସମୟରେ ତାହାଙ୍କର ଶିଷ୍ୟମାନେ ଆସି ତାହାଙ୍କୁ ଜଣେ ସ୍ତ୍ରୀଲୋକ ସହିତ କଥାବାର୍ତ୍ତା କରୁଥିବା ଦେଖି ଚମତ୍କୃତ ହେଲେ, ତଥାପି ଆପଣ କ'ଣ ଚାହାଁନ୍ତି, କିମ୍ବା କାହିଁକି ତାହା ସାଙ୍ଗରେ କଥା କହୁଅଛନ୍ତି, ଏହା କେହି ପଚାରିଲେ ନାହିଁ । ସେଥିରେ ସେହି ସ୍ତ୍ରୀ ଆପଣା ଜଳପାତ୍ର ଥୋଇଦେଇ ନଗରକୁ ଯାଇ ଲୋକମାନଙ୍କୁ କହିଲା, ଆସ, ଜଣଙ୍କୁ ଦେଖିବ, ମୁଁ ଯାହା ଯାହା କରିଅଛି, ସେହି ସବୁ ସେ ମୋତେ କହିଲେ; ସେ କେଜାଣି ଖ୍ରୀଷ୍ଟ ହେବେ ପରା ? ଏଥିରେ ଲୋକେ ନଗରରୁ ବାହାରି ତାହାଙ୍କ ନିକଟକୁ ଯିବାକୁ ଲାଗିଲେ । ଇତିମଧ୍ୟରେ ଶିଷ୍ୟମାନେ ତାହାଙ୍କୁ ଅନୁରୋଧ କରି କହିଲେ, ହେ ଗୁରୁ, ଭୋଜନ କରିବା ହେଉନ୍ତୁ । କିନ୍ତୁ ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ଯେଉଁ ଖାଦ୍ୟ ବିଷୟ ଜାଣ ନାହିଁ, ଭୋଜନ କରିବା ନିମନ୍ତେ ମୋହର ଏପରି ଖାଦ୍ୟ ଅଛି । ତେଣୁ ଶିଷ୍ୟମାନେ ପରସ୍ପର କହିବାକୁ ଲାଗିଲେ, କେହି ତାହାଙ୍କୁ ଖାଦ୍ୟ ଆଣି ଦେଇଛି ପରା ? ଯୀଶୁ ସେମାନଙ୍କୁ କହିଲେ, ମୋହର ପ୍ରେରଣ କର୍ତ୍ତାଙ୍କ ଇଚ୍ଛା ସାଧନ କରିବା ଓ ତାହାଙ୍କର କାର୍ଯ୍ୟ ସମାପ୍ତ କରିବା, ଏହା ହିଁ ମୋହର ଖାଦ୍ୟ । ଶସ୍ୟ କାଟିବାକୁ ଆହୁରି ଚାରି ମାସ ଅଛି, ଏହା କି ତୁମ୍ଭେମାନେ କହୁ ନାହଁ ? ଦେଖ, ମୁଁ ତୁମ୍ଭମାନଙ୍କୁ କହୁଅଛି, କ୍ଷେତ୍ରଗୁଡ଼ିକ ପ୍ରତି ଦୃଷ୍ଟିପାତ କର; ସେହି ସବୁ କଟାଯିବା ନିମନ୍ତେ ପାଚିଗଲାଣି । ଏବେ ସୁଦ୍ଧା କଟାଳି ମୂଲ ପାଉଅଛି ଓ ଅନନ୍ତ ଜୀବନ ନିମନ୍ତେ ଫଳ ସଂଗ୍ରହ କରୁଅଛି, ଯେପରି ବୁଣାଳୀ ଓ କଟାଳି ଉଭୟ ମିଳି ଆନନ୍ଦ କରନ୍ତି । କାରଣ ଜଣେ ବୁଣେ ଓ ଅନ୍ୟ ଜଣେ କାଟେ, ଏହି କଥା ଏ ସମ୍ବନ୍ଧରେ ସତ୍ୟ । ତୁମ୍ଭେମାନେ ଯାହା ନିମନ୍ତେ ପରିଶ୍ରମ କରି ନାହଁ, ତାହା କାଟିବା ପାଇଁ ମୁଁ ତୁମ୍ଭମାନଙ୍କୁ ପଠାଇଲି; ଅନ୍ୟମାନେ ପରିଶ୍ରମ କରିଅଛନ୍ତି, ଆଉ ତୁମ୍ଭେମାନେ ସେମାନଙ୍କ ପରିଶ୍ରମର ଫଳ ପାଉଅଛ । ମୁଁ ଯାହା ଯାହା କରିଅଛି, ସେହି ସବୁ ସେ ମୋତେ କହିଲେ ବୋଲି ଯେଉଁ ସ୍ତ୍ରୀଲୋକ ସାକ୍ଷ୍ୟ ଦେଇଥିଲା, ତାହାର କଥା ହେତୁ ସେହି ନଗରର ଶମିରୋଣୀୟମାନଙ୍କ ମଧ୍ୟରୁ ଅନେକେ ତାହାଙ୍କଠାରେ ବିଶ୍ୱାସ କଲେ । ଅତଏବ, ସେହି ଶମିରୋଣୀୟମାନେ ତାହାଙ୍କ ନିକଟକୁ ଆସି ସେମାନଙ୍କ ସହିତ ରହିବା ନିମନ୍ତେ ତାହାଙ୍କୁ ଅନୁରୋଧ କଲେ, ଆଉ ସେ ଦୁଇ ଦିନ ସେ ସ୍ଥାନରେ ରହିଲେ । ପୁଣି, ତାହାଙ୍କ ବାକ୍ୟ ହେତୁ ଆହୁରି ଅନେକ ଲୋକ ବିଶ୍ୱାସ କଲେ; ଆଉ, ସେମାନେ ସେହି ସ୍ତ୍ରୀଲୋକକୁ କହିଲେ, ଏବେ ତୁମ୍ଭ

କଥା ହେତୁ ଆମ୍ଭେମାନେ ବିଶ୍ୱାସ କରୁ ନାହୁଁ, ବରଂ ଆମ୍ଭେମାନେ ନିଜେ ନିଜେ ଶୁଣିଅଛୁ, ପୁଣି, ଏ ଯେ ପ୍ରକୃତରେ ଜଗତର ତ୍ରାଣକର୍ତ୍ତା, ଏହା ଆମ୍ଭେମାନେ ଜାଣିଅଛୁ ।

**ଆଦେଶ:**

❖ ଆପଣା ଚକ୍ଷୁ ଉନ୍ମୁକ୍ତ କରି କ୍ଷେତ ପ୍ରତି ଦୃଷ୍ଟିପାତ କର, ସେମାନେ ପକ୍ୱ ହୋଇ ଅମଳ ଅବସ୍ଥାରେ ଅଛନ୍ତି ।

**ଶିକ୍ଷଣୀୟ ବିଷୟ:**

ବିଷୟ, ଯାହା ଯୀଶୁ ଶିକ୍ଷା ଦେଇ ଆସୁଥିଲେ, ଅବଗତ ଶକ୍ତି ସହ କାର୍ଯ୍ୟକାରୀ ହୋଇ ଆସୁଥିଲା । ଶିଷ୍ୟମାନେ ଦୃଷ୍ଟିପାତ କରୁଥିଲେ, ବୁଝୁଥିଲେ ଓ ସ୍ୱଭାବିକ ପୃଥିବୀରେ ଚତୁଃପାର୍ଶ୍ୱ ଉପବିଷ୍ଟ ଶାରୀରିକ ବ୍ୟବସ୍ଥା ଗୁଡ଼ିକୁ ପାଳନ କରୁଥିଲେ । ଭିନ୍ନ ଭାବରେ ଦୃଷ୍ଟି ଦେବା ନିମନ୍ତେ ଯୀଶୁ ସେମାନଙ୍କୁ ଉତ୍ସାହ ଦେଉଥିଲେ । ସେ ଚାହିଁଲେ, ଯେ ସେମାନଙ୍କ ବୁଝିବା ଶକ୍ତି ଆତ୍ମିକତା ଆଡ଼କୁ କଢାଇ ନେଉ ।

ଯୀଶୁ ଆପଣା ଶିକ୍ଷା ବକ୍ତବ୍ୟ ସହ ଆରମ୍ଭ କରନ୍ତି, ଆପଣ କ'ଣ କୁହ ନାହିଁ ଅମଳ ନିମନ୍ତେ ଆଉ ୪ ମାସ ବାକି ଅଛି । ଶିଷ୍ୟମାନଙ୍କ ଜାଗତିକ ଚିନ୍ତା ପ୍ରକ୍ରିୟା ଆରମ୍ଭ ହୁଏ । ଏହାମଇ ମାସ ଅଟେ, ଲୋକମାନେ ଅଳ୍ପ ଦିନ ପୂର୍ବେ ସେମାନଙ୍କ କପା ରୋପଣ କରିଛନ୍ତି ଓ ଏହା ବୃଦ୍ଧି ନିମନ୍ତେ ଆଉ ୪ ମାସ ଲାଗିବ ପୁଣି ସିତମ୍ବର ମାସରେ ଏହା ଅମଳ କରାଯିବ । କିନ୍ତୁ ଯୀଶୁ କହିଲେ, ଚକ୍ଷୁ ଉନ୍ମୁକ୍ତ କରି କ୍ଷେତଗୁଡ଼ିକ ପ୍ରତି ଦୃଷ୍ଟିପାତ କର ସେମାନେ ଅମଳ ନିମନ୍ତେ ପକ୍କା ଅଟନ୍ତି ।

ଯେବେ ଶିଷ୍ୟମାନେ ପଛକୁ ବିସ୍ତାରିତ କ୍ଷେତଗୁଡିକ ଅନାଇ, ଅମଳ ହେବାକୁ ଥିବା ପକ୍କା କପା ଫଳ ସେମାନେ ଦେଖନ୍ତି ନାହିଁ । କିନ୍ତୁ ବହୁଦୁରର ଶୁକ୍ଳ ବସ୍ତ୍ର ପରିହିତ ଲୋକମାନେ, କ୍ଷେତ ମଧ୍ୟଦେଇ ଆପଣା ଆଡ଼କୁ ଆସୁଥିବା ଦେଖିଲେ । ଯୀଶୁ ଲୋକମାନଙ୍କ ବିଷୟ, ଲୋକଙ୍କୁ ଆତ୍ମାଙ୍କ ଏକ ଅମଳ ବିଷୟରେ କହୁଅଛନ୍ତି, କପା ବିଷୟ ନୁହଁ । ଅମଳ ବର୍ତମାନ ଆରମ୍ଭ ହୋଇଅଛି, ଯୁଗାନ୍ତ ସମୟର ଶେଷ ମହାନ ଅମଳ ସମୟରେ ନୁହଁ । ଆଉ ଶିଷ୍ୟମାନଙ୍କ ମନ ଆତ୍ମିକ ସଂଯୋଗ ନିମନ୍ତେ ଉଦ୍‌ବିଗ୍ନ ହେଉଥାଏ ।

ଯୀଶୁ ଚାଲୁ ରଖନ୍ତି ! "ଏବେ ସୁଦ୍ଧା କଟାଳି ଭୁଲ ପାଉଛି ଓ ଅନନ୍ତ ଜୀବନ ନିମନ୍ତେ ଫଳ ସଂଗ୍ରହ କରୁଅଛି, ଯେପରି ବୁଣାଳି ଓ କଟାଳି ଉଭୟ ମିଳି ଆନନ୍ଦ କରନ୍ତି । କାରଣ ଜଣେ ବୁଣେ ଓ ଅନ୍ୟଜଣ କାଟେ, ଏହି

କଥା ଏ ସମ୍ବନ୍ଧରେ ସତ୍ୟ। ତୁମ୍ଭେମାନେ ଯାହା ନିମନ୍ତେ ପରିଶ୍ରମ କରି ନାହ ତାହା କାଟିବା ପାଇଁ, ମୁଁ ତୁମ୍ଭମାନଙ୍କୁ ପଠାଇଲି, ଅନ୍ୟମାନେ ପରିଶ୍ରମ କରିଅଛନ୍ତି, ଆଉ ତୁମ୍ଭେମାନେ ସେମାନଙ୍କ ପରିଶ୍ରମର ଫଳ ପାଉଛି" । ଶିଷ୍ୟମାନେ ବୁଣିବା ଓ କାଟିବା ବିଷୟ ନେଇ ଚିନ୍ତା କରିବାକୁ ଆରମ୍ଭ କଲେ ଏକ ମଞ୍ଜି ଭୂମିରେ ପକାଅ ଆଉ ସେହି ସ୍ଥାନରେ ଏକ ଗଛ ଉଠିବା ଜଣେ ବୁଣେ ଓ ଜଣେ ଅମଳ କରେ ଗଛ ଗୁଡ଼ିକ ସବୁ ବେଳେ ଅଧିକ ମଞ୍ଜି ପ୍ରାପ୍ତ କରେ । ଆମେ କେତେ ବିଜ ଆସନ୍ତା କୃଷି ନିମନ୍ତେ ବଜାଇ ରଖୁ ଓ ବାକି ଖାଦ୍ୟ ଓ ଅନ୍ୟାନ୍ୟ ବ୍ୟବହାର ନିମନ୍ତେ ରଖୁ । ଏ ସମସ୍ତ ଆମ୍ଭମାନଙ୍କ ଅତିପରିଚିତ ବିଷୟଅଟେ ।

ଉକ୍ତ ଶାସ୍ତ୍ର ଧିରେ ଧିରେ ସେମାନଙ୍କ ମନକୁ ସ୍ପର୍ଶକଲା । ସେମାନେ ଦେଖିଲେ କ୍ଷେତ ଦେଇ ଲୋକମାନେ ଯୀଶୁଙ୍କ ନିକଟକୁ ଆସୁଥିଲେ । ହଁ! ଉକ୍ତ ଯୀଶୁ ମସିହଙ୍କ ବିଷୟ ଯିଶାୟ ଭବିଷ୍ୟତ ବକ୍ତାଙ୍କ ଗୁଡ଼ା କାଗଜରେ ଥିଲା । ଦେଖ, ଯେଉଁ ଗୋଷ୍ଠିକି ତୁମ୍ଭେ ଜାଣୁ ନାହ, ତାହାକୁ ତୁମ୍ଭେ ଆହ୍ୱାନ କରିବ ଓ ଯେଉଁ ଗୋଷ୍ଠୀ ତୁମ୍ଭକୁ ଜାଣିଲା ନାହିଁ, ସେ ତୁମ୍ଭ ନିକଟକୁ ଦୌଡିବ । ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କର ଓ ଇଶ୍ରାଏଲ ଧର୍ମରୂପଙ୍କ ସକାଶୁ ଏହା ଘଟିବ, କାରଣ ସେ ତୁମ୍ଭକୁ ଗୌରବାନ୍ୱିତ କରିଅଛନ୍ତି ।[୨୨] ମଧ୍ୟ ବୁଣିବା ଓ ଅମଳ କରିବା ବିଷୟ ଯିଶାୟରେ ମଧ୍ୟ ଅନ୍ତର୍ଭୁକ୍ତ ଏହା କେବଳ ଈଶ୍ୱରଙ୍କ ବାକ୍ୟ ସମ୍ବନ୍ଧୀୟ ଅଟେ । ଯେହେତୁ ଯେପରି ବୃଷ୍ଟି ଓ ହିମ ଆକାଶରୁ ତଳକୁ ଆସେ ଓ ସେଠାକୁ ଫେରିଯାଏ ନାହି, ମାତ୍ର ଭୂମିକୁ ସନ୍ତରା କରେ, ପୁଣି ଫଳବତି ଓ ତୃଣ ଆଜି ଉତ୍ପନ କରି ବପନକାରୀକି ବୀଜ ଓ ଭୋଜନକାରୀକି ଭକ୍ଷ୍ୟ ଦୀଏ । ସେହିପରି ଆମ୍ଭ ମୁଖ ନିର୍ଗତ ବାକ୍ୟ ହେବ, ତାହା ନିଷ୍ଫଳ ହୋଇ ଆମ୍ଭ ନିକଟକୁ ଫେରି ଆସିବ ନାହିଁ, ମାତ୍ର ଆମ୍ଭେ ଯାହା ଇଚ୍ଛା କରୁ, ତାହା ସିଦ୍ଧ କରିବ ଓ ଯେଉଁ କାର୍ଯ୍ୟ ପାଇଁ ଆମ୍ଭେ ପ୍ରେରଣ କରୁ, ତହିଁରେ କୃତାର୍ଥ ହେବ ।[୨୩]

ଯୀଶୁ କ'ଣ କଥା ହେଉଛନ୍ତି, ବର୍ତମାନ ଶିଷ୍ୟମାନେ ବୁଝିବାକୁ ଆରମ୍ଭ କଲେ, ଯେଉଁମାନେ ମସୀହଙ୍କ ପୂର୍ବେ ଆସିଲେ, ପିତୃପୁରୁଷ ମୋଶା, ଦାଉଦ୍, ଓ ଭବିଷ୍ୟତ ବକ୍ତାମାନେ ମସିହଙ୍କ ବିଷୟରେ ଈଶ୍ୱରଙ୍କ ବାକ୍ୟର ବୀଜ ବୁଣିଲେ । ମସିହ ଆସୁଅଛନ୍ତି, ତାଙ୍କ ରାଜ୍ୟ ଓ ମାନବଜାତିର ଉଦ୍ଧାର ବିଷୟକ ବାକ୍ୟ ଦ୍ୱାରା ସେମାନେ ବାକ୍ୟ **ବୁଣିଲେ** । ପ୍ରତ୍ୟେକ ଯିଏ ମସୀହଙ୍କ ଅନୁଗମନ କରେ ଆତ୍ମାର ଅମଳ କରିବାକୁ ପଡ଼େ ।

---

[୨୨] ଯିଶାଇୟ ୫୫ : ୫

[୨୩] ଯିଶାଇୟ ୫୫ : ୧୦-୧୧

ମସୀହ, ତାଙ୍କ ରାଜ୍ୟ ଏବଂ ମନୁଷ୍ୟ ଜାତିର ପରିତ୍ରାଣ ଆସିଅଛନ୍ତି ସାକ୍ଷ୍ୟ ପ୍ରଦାନ ଦ୍ୱାରା ସେମାନେ **ଅମଳ କଲେ** । ଏବଂ ଉଭୟ ଦଳର ଲୋକମାନେ ଏକାଠି ଈଶ୍ୱରଙ୍କ ରାଜ୍ୟରେ ଆନନ୍ଦ କଲେ ।

**ଦଳିୟ ଆଲୋଚନା:**

୧. କ୍ଷେତ ଅମଳ ନିମନ୍ତେ ପ୍ରସ୍ତୁତି ଦେଖିବା ନିମନ୍ତେ କେଉଁ ସମସ୍ତ ପ୍ରତିବନ୍ଧକଗୁଡ଼ିକ ଆମ୍ଭମାନଙ୍କୁ ଅତିକ୍ରମ କରିବାକୁ ପଡିପାରେ ?

୨. ଲୋକଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀ ପର୍ଯ୍ୟବେକ୍ଷଣରୁ ଏକ ଆତ୍ମିକ ବାର୍‌ତ୍‌ତାଳାପ ଆରମ୍ଭ କରିବାରେ ଜଣେ ବ୍ୟକ୍ତିଙ୍କୁ କ'ଣ କ'ଣ ମାଧ୍ୟମ ଅବଲମ୍ବନ କରିବାକୁ ପଡିପାରେ ? (ଏକ ଉଦାହରଣ: ଏକ ଦିନର ସମୟ ଜାଣିବା ନିମନ୍ତେ ଜଣେ ବ୍ୟକ୍ତି ଆପଣା ଘଡ଼ି ଦେଖିଥାଏ । ତଳ ଲିଖିତ ଯେ କୌଣସି ପ୍ରଶ୍ନ ପଚାରିବା ଦ୍ୱାରା ଏକ ଆତ୍ମିକ ବାର୍ତାଳାପକୁ ଆଗକୁ ବଢାଇଯାଇ ନିଆଯାଇ ପାରିବ । ଈଶ୍ୱର ମନୁଷ୍ୟର ବିଚାର କରିବେ, ଏହି ସମୟ କେବେ ଆସିବ ? ଜଗତର ସମାପ୍ତ କେବେହେବ ? କ'ଣ ଜଣେ ବ୍ୟକ୍ତି ଚିର ଦିନ ବଂଚିପାରେ ? ଆପଣଙ୍କ ଜୀବନରେ ଆଉ କେତେ ବର୍ଷ ବଳକା ଅଛି ?

**ଶିକ୍ଷାର ମୂଳ ବିଷୟ:**

ଆପଣଙ୍କ ଚତୁଃପାର୍ଶ୍ୱର ଲୋକଙ୍କର ମନଯୋଗୀ ହୁଅ, ଏହା ଏକ ଆତ୍ମିକ ପ୍ରତି ବୃଦ୍ଧି ଆଡ଼କୁ କଢାଇ ନିଏ ।

**ପ୍ରୟୋଗ:**

**୧.** ଲୋକଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀ ଉପରେ ଧ୍ୟାନ ଦିଏ । ଏକ ଆତ୍ମିକ ବାର୍ତାଳାପକୁ ଆରମ୍ଭ କରିବା ନିମନ୍ତେ କିଛି ସମୟ ଉପରେ ଭାବ, ଯାହା ସେମାନଙ୍କୁ ପଚରା ଯାଇପାରେ । ତୁମ୍ଭର ମତାମତଗୁଡ଼ିକୁ ଲେଖିବା ଓ ପ୍ରଶ୍ନଗୁଡ଼ିକ ଯାହା ସେମାନଙ୍କୁ ପଚରାଯିବା । ଅନ୍ୟ ସାମୁହିକ ସଭାରେ ସେମାନଙ୍କୁ କୁହ ।

**୨.** ମଣ୍ଡଳୀରେ ଜଣକୁ, ଯାହାକୁ ତୁମ୍ଭେ ଭାବେ ଜାଣ ନାହିଁ, ମଧ୍ୟାହ୍ନ କିମ୍ବା ରାତ୍ରି ଭୋଜନ ନିମନ୍ତେ ଆହ୍ୱାନ କର ।

## ପାଠ-୩
## ଏକ ନୂତନ ଦୃଷ୍ଟିକୋଣ

**ଆଇସବ୍ରେକର ଦଳ:**

ଗୋଟିଏ ପରିବାରର ମୂଲ୍ୟ କ'ଣ ଯାହା ତୁମର ପିତାମାତା ଜୋର ଦିଅନ୍ତି ଏବଂ ଏହା କାହିଁକି ଗୁରୁତ୍ୱ ପୂର୍ଣ୍ଣ ଅଟେ ?

**ଉପକ୍ରମ:**

ସାଧାରଣତଃ, ପିଲାମାନେ ଦେଖିବା ଏବଂ ଶୁଣିବା ଦ୍ୱାରା ଶିଖନ୍ତି । ସେହିଭଳି ଶିଷ୍ୟମାନେ ଯୀଶୁଙ୍କୁ ଦେଖୁଥିଲେ ଓ ଶୁଣୁଥିଲେ ଶିଖିବାପାଇଁ । ସେମାନେ ତାଙ୍କ ସହିତ ଏକ ବର୍ଷରୁ ଅଧିକ ସମୟ ଧରି ରହିଛନ୍ତି । ଯେତେବେଳେ, ସୁଖାର ନିକଟବର୍‌ତ୍ତୀ କୂପରେ ଶମିରୋଣୀୟା ନାମକ ମହିଳାଙ୍କ ସହିତ ସେମାନଙ୍କର ସାକ୍ଷାତ ହେବାର କିଛି ସମୟ ପରେ ବାପ୍ତିଜକ ଯୋହନଙ୍କୁ କାରାଗାରରେ ନିକ୍ଷେପ କରାଗଲା । ଯୀଶୁ ନିଜ ସହର ନାଜରିତରୁ କଫର୍ନାହୂମକୁ ଚାଲିଗଲେ, ଯେଉଁଠାରେ ସେ ତାଙ୍କର ସେବା କାର୍ଯ୍ୟ କଲେ । ତାଙ୍କର ସେବା କାର୍ଯ୍ୟ ହେଲା, ପ୍ରଚାର କରିବା, ରୋଗୀଙ୍କୁ ସୁସ୍ଥ କରିବା ଏବଂ ଭୂତ ମାନଙ୍କୁ ତଡ଼ିବା । ଯୀଶୁଙ୍କ

ପ୍ରଚାର କରୁଥିବା ବାର୍ତ୍ତା ହେଉଛି, 'ସମୟ ପୂର୍ଣ୍ଣ ହୋଇଛି, ଏବଂ ଈଶ୍ୱରଙ୍କ ରାଜ୍ୟ ପାଖେଇ ଆସୁଛି, ଅନୁତାପ କର ଏବଂ ସୁସମାଚାରରେ ବିଶ୍ୱାସ କର ।' ଖାଲି ଏତିକି ନୁହେଁ, ସେ ଜୁଆଡେ ଗଲେ ଜନତା ତାଙ୍କୁ ଅନୁସରଣ କରୁଥିଲେ ।

ଥରେ, ଯୀଶୁ ନିଜ ଶିଷ୍ୟମାନଙ୍କୁ ଯିରୁଶାଲମ ନିସ୍ତାର ପର୍ବକୁ ନେଇଗଲେ । ବିଶ୍ରାମବାରରେ ବେଥେସଦା ପୁଷ୍କରିଣୀରେ ଜଣେ ଛୋଟା ବ୍ୟକ୍ତିଙ୍କୁ ଯୀଶୁ ସୁସ୍ଥ କଲାବେଳେ ତାଙ୍କ ବିରୁଦ୍ଧରେ ବିରୋଧ ଆରମ୍ଭ ହେବାକୁ ଲାଗିଲା । ଯେତେବେଳେ ସେ ଈଶ୍ୱରଙ୍କ ପୁତ୍ର ବୋଲି ଦାବି କରନ୍ତି ସେତେବେଳେ ଯୀଶୁ ଧାର୍ମିକ ନେତାମାନଙ୍କୁ ଆହୁରି କ୍ରୋଧିତ କରିଥିଲେ । ତା'ପରେ ତାଙ୍କ ଶିଷ୍ୟମାନେ କ୍ଷେତରୁ ଶସ୍ୟ ଉଠାଇବା, ଖାଇବା ଏବଂ ଖାଇବା ସମୟରେ ବିଶ୍ରାମବାରରେ କାମକରୁଥିବା ଅଭିଯୋଗ ଲାଗିଲା, ଯୀଶୁଙ୍କର ଶିଷ୍ୟମାନଙ୍କ ଉପରେ ।

ଗାଲିଲୀକୁ ଫେରି, ଯୀଶୁ ଏରେମୋସ ପର୍ବତକୁ ଆରୋହଣ କଲେ, ଯେଉଁଠାରେ ସେ ପ୍ରାର୍ଥନାରେ ରାତି ବିତାଇଲେ । ଏବଂ ପାହାଡର ଦକ୍ଷିଣ ପାର୍ଶ୍ୱରେ ଥିବା ଏକ ଗୁମ୍ଫା ତାଙ୍କ ପାଇଁ ଆଶ୍ରୟ ହେଲା । ସକାଳେ, ଶିଷ୍ୟମାନେ ଯୀଶୁଙ୍କ ନିକଟକୁ ଆସିଲେ ଏବଂ ସେ ସେମାନଙ୍କ ମଧ୍ୟରୁ ବାର ଜଣଙ୍କୁ ତାଙ୍କର ପ୍ରେରିତ ବୋଲି ନାମିତ କଲେ (ଯେଉଁମାନେ ପ୍ରେରିତ) । ମିଳିତ ଭାବରେ, ସେମାନେ ପର୍ବତରୁ ତଳ ସ୍ଥାନକୁ ଓହ୍ଲାଇଲେ, ଯାହା ଆଜି ପାର୍ବତ୍ୟ ଉପଦେଶ ନାମରେ ଜଣାଶୁଣା ।

ପାର୍ବତ୍ୟ ଉପଦେଶ ହେଉଛି ଖ୍ରୀଷ୍ଟଙ୍କ ନିୟମ । ଈଶ୍ୱରଙ୍କ ପାରିବାରିକ ମୂଲ୍ୟବୋଧ ଉପରେ ଏହା ଯୀଶୁଙ୍କ ଶିକ୍ଷା । ଏହା ଦଶ ଆଜ୍ଞା ସହିତ ତୁଳନା କରାଯାଏ, ଯାହା ମୋଶା ନିଜ ଇସ୍ରାଏଲୀୟ ଲୋକମାନଙ୍କୁ ଗ୍ରହଣ ଏବଂ ପ୍ରଦାନ କରିଥିଲେ । ପାର୍ବତ୍ୟ ଉପଦେଶ ଏବଂ ଦଶ ଆଜ୍ଞା ଘଟଣା ଅତ୍ୟନ୍ତ ସମାନ ।

ଉଭୟ ଘଟଣା ନିସ୍ତାର ପର୍ବକୁ ଅନୁସରଣ କରେ । ଘଟଣା ଘଟିବା ପୂର୍ବରୁ ଉଭୟ ମୋଶା ଏବଂ ଯୀଶୁ ଚମତ୍କାର କାର୍ଯ୍ୟ କରିଥିଲେ । ଉଭୟଙ୍କୁ ବହୁସଂଖ୍ୟାରେ ଲୋକ ଅନୁସରଣ କରୁଥିଲେ । ଉଭୟ ଏକ ପର୍ବତ

ଉପରକୁ ଯାଇଥିଲେ, ଯେଉଁଠାରେ ସେମାନେ ଇଶ୍ୱରଙ୍କ ସହିତ ସମୟ ବିତାଇଥିଲେ । ନିମ୍ନରେ ଥିବା ଜନତାଙ୍କୁ ଈଶ୍ୱରଙ୍କ ନିୟମ ଦେବା ପାଇଁ ଉଭୟ ପର୍ବତରୁ ଓହ୍ଲାଇଥିଲେ । ଈଶ୍ୱରଙ୍କ ଆଙ୍ଗୁଠି ଦ୍ୱାରା ଲେଖା ଯାଇଥିବା ଦଶ ଆଦେଶ ମୋଶା ପ୍ରଦାନ କରିଥିଲେ, ଯାହା ଦୁଇଟି ପଥର ଟାବଲେଟରେ ଲେଖାଯାଇଥିଲା । ଯୀଶୁଙ୍କର ଆଦେଶ ଗୁଡିକ ମଧ୍ୟ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ଲୋକଙ୍କ ହୃଦୟରେ ଲେଖା ହୋଇଛି । ଉଭୟ ଦଶ ଆଜ୍ଞା ଏବଂ ପାର୍ବତ୍ୟ ଉପଦେଶ ସଠିକ ଯୀବନଯାପନ ପାଇଁ ନିର୍ଦ୍ଦେଶ ରହିଛି । ଉଭୟ ଆଶୀର୍ବାଦ ଏବଂ ଅଭିଶାପ ଧାରଣ କରନ୍ତି । ମୋଶା ଇସ୍ରାଏଲୀୟ ମାନଙ୍କୁ ନିୟମ (ତୋରା) ଦେବା ସମାପ୍ତ କଲେ, ଯେପରି ଲୋକମାନେ ଆଶୀର୍ବାଦ ଏବଂ ଅଭିଶାପ ଘୋଷଣା କରି ପାରିବେ (ଦ୍ୱିତୀୟ ବିବରଣ ୨୮) । ଯୀଶୁ ମଧ୍ୟ ନଅ ଆଶୀର୍ବାଦ (ପାର୍ବତ୍ୟ ଉପଦେଶ) ଏବଂ ଚାରୋଟି ଅଭିଶାପ (ଦୁଃଖ) ସହିତ ତାଙ୍କ ନିୟମ ପ୍ରଦାନ ଆରମ୍ଭ କରିଥିଲେ ।

ଯେହେତୁ ଯୀଶୁ ଅପେକ୍ଷା କରିଥିବା ଜନତାଙ୍କ ନିକଟକୁ, ଏରେମୋସ ପର୍ବତରୁ ତଳକୁ ଓହ୍ଲାଇଲେ, କାରଣ ତାଙ୍କର ପ୍ରତିଫଳନ କରିବାର ସମୟଥିଲା । ଯୀଶୁ କହିଲେ, ତୁମ ଦକ୍ଷିଣରେ ଗାଲିଲୀ ସମୁଦ୍ର ଅଛି । ବୀଣା ଆକୃତିର ପୁଷ୍କରିଣି ନୀଳ ଏହି ଦୃଶ୍ୟ ଉପରେ ପ୍ରାଧାନ୍ୟ ହେଇଛି । ତାଙ୍କ ବାମ ପାର୍ଶ୍ୱରେ ସୂର୍ଯ୍ୟର ସୁବର୍ଣ୍ଣ କକ୍ଷ ପୂର୍ବ ପାହାଡ ଉପରୁ ଉଠିଛି । ଦୁଇ କିଲୋମିଟର ଦୂରରେ ତାଙ୍କ ଘର କପର୍ନାହୁମ୍ ନୁହେଁ । ପଶ୍ଚିମ ଦିଗରେ ଜେନେସାରେଟ୍ର ସମୃଦ୍ଧ ଫସଲ ଉତ୍ପାଦନ କରୁଥିବା ମାଟି ରହିଲା । ବର୍ଷର ଏହି ସମୟରେ ଅଧିକାଂଶ ଦିନରେ ସୂର୍ଯ୍ୟଙ୍କର ଉଜ୍ଜ୍ୱଳ ଉତାପ ସମଗ୍ର ଦୃଶ୍ୟକୁ ଦୁର୍ବଳ କରିଥାଏ । ଏହି ଏରେମୋସ ପର୍ବତ ଘାସରେ ପରିପୂର୍ଣ୍ଣ ଏବଂ ବଣୁଆ ଫୁଲରେ ଆଚ୍ଛାଦିତ ହୋଇଛି ଏବଂ ଚାରାମାନଙ୍କର ଚିତ୍କାର ବାୟୁକୁ ଭରିଦିଏ । ସେହିପରି ଶିଷ୍ୟମାନେ, ପିଲାମାନଙ୍କ ପରି, ପରବର୍ତ୍ତୀ ପର୍ଯ୍ୟାୟ ପ୍ରଶିକ୍ଷ ପାରିବାରିକ ମୂଲ୍ୟବୋଧ ଉପରେ ଶିକ୍ଷା ଆବଶ୍ୟକ କରନ୍ତି ।

**ଶାସ୍ତ୍ର ପାଠ:**

## ଏକ ନୂତନ ଦୃଷ୍ଟିକୋଣ (ସ୍ୱର୍ଗୀୟ ସୁଖ)

## ପାର୍ବତ୍ୟ ଉପଦେଶ[୨୪]

## ମାଥିଉ୫:୧-୧୨, ଲୂକ୬:୨୦-୨୬

"ପ୍ରଭୁଙ୍କଠାରୁ ଏକ ବାର୍‌ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ସେଥିରେ ସେ ମୁଖ ଫିଟାଇ ସେମାନଙ୍କୁ ଶିକ୍ଷା ଦେଇ କହିବାକୁ ଲାଗିଲେ, "ଆତ୍ମାରେ ଦୀନହୀନ ଲୋକେ ଧନ୍ୟ, କାରଣ ସ୍ୱର୍ଗରାଜ୍ୟ ସେମାନଙ୍କର । ଶୋକାର୍ତ୍ତ ଲୋକେ ଧନ୍ୟ, କାରଣ ସେମାନେ ସାନ୍ତ୍ୱନା ପ୍ରାପ୍ତ ହେବେ । ନମ୍ର ଲୋକେ ଧନ୍ୟ, କାରଣ ସେମାନେ ପୃଥିବୀର ଅଧିକାରୀ ହେବେ । ଧାର୍ମିକତା ନିମନ୍ତେ କ୍ଷୁଧିତ ଓ ତୃଷିତ ଲୋକେ ଧନ୍ୟ, କାରଣ ସେମାନେ ପରିତୃପ୍ତ ହେବେ । ଦୟାଳୁ ଲୋକେ ଧନ୍ୟ, କାରଣ ସେମାନେ ଦୟା ପ୍ରାପ୍ତ ହେବେ । ଶୁଦ୍ଧ ଚିତ ଲୋକେ ଧନ୍ୟ, କାରଣ ସେମାନେ ଈଶ୍ୱରଙ୍କ ଦର୍ଶନ ପାଇବେ । ଶାନ୍ତିକାରକ ଲୋକେ ଧନ୍ୟ, କାରଣ ସେମାନେ ଈଶ୍ୱରଙ୍କ ସନ୍ତାନ ଭାବରେ ପରିଚିତ ହେବେ । ଧାର୍ମିକତା ନିମନ୍ତେ ତାଡ଼ନା ପ୍ରାପ୍ତ ଲୋକେ ଧନ୍ୟ, କାରଣ ସ୍ୱର୍ଗ ରାଜ୍ୟ ସେମାନଙ୍କର । ଲୋକେ ଯେବେ ତୁମ୍ଭମାନଙ୍କୁ ମୋ' ସକାଶେ ନିନ୍ଦା ଓ ତାଡ଼ନା କରନ୍ତି, ପୁଣି, ମିଥ୍ୟାରେ ତୁମ୍ଭମାନଙ୍କ ବିରୁଦ୍ଧରେ ସମସ୍ତ ପ୍ରକାର ମନ୍ଦ କଥା କହନ୍ତି, ତେବେ ତୁମ୍ଭେମାନେ ଧନ୍ୟ । ଆନନ୍ଦ କର ଓ ଉଲ୍ଲସିତ ହୁଅ, କାରଣ ସ୍ୱର୍ଗରେ ତୁମ୍ଭମାନଙ୍କର ପୁରସ୍କାର ପ୍ରଚୁର; ସେହିପରିତ ସେମାନେ ତୁମ୍ଭମାନଙ୍କ ପୂର୍ବରୁ ଆସିଥିବା ଭାବବାଦୀମାନଙ୍କୁ ତାଡ଼ନା କରିଥିଲେ ।"

**ଆଦେଶ:**

- ଆନନ୍ଦ କର ଓ ଉଲ୍ଲସିତ ହୁଅ, କାରଣ ସ୍ୱର୍ଗରେ ତୁମ୍ଭମାନଙ୍କର ପୁରସ୍କାର ପ୍ରଚୁର ଅଟେ ।

**ଦଳୀୟ ଆଲୋଚନା:**

**୧.** ଆମ ସଂସ୍କୃତିରେ ଲୋକଙ୍କ ମୂଲ୍ୟଗୁଡ଼ିକ କିପରି ତୁଳନା କରାଯାଏ, ଯୀଶୁଙ୍କର ସେହି ଆଠଟି ତାଲିକା ଭୁକ୍ତ ମୂଲ୍ୟବାନ ସ୍ୱର୍ଗୀୟସୁଖ ।

---

[୨୪] ପାର୍ବତ୍ୟ ଉପଦେଶ- ଯଦିଓ ଏହି ଅଂଶ ଗୁଡ଼ିକ ପର୍ବତ ଉପରେ କୁହାଯାଇଅଛି, ପ୍ରକୃତରେ ଯୀଶୁ ନିଜ ଶିଷ୍ୟମାନଙ୍କ ସହିତ ଏକ ସ୍ତରୀୟ ସ୍ଥାନକୁ ଓହ୍ଲାଇବା ପରେ ଘଟିଥିଲା । ଏଠାରେ ଯୀଶୁ ନିଜ ଅନୁଗାମୀ ମାନଙ୍କୁ ତାଙ୍କର "ନିୟମ" ବା "ଶିକ୍ଷା" ବିଷୟରେ ବର୍ଣ୍ଣନା କଲେ ଯେପରି ମୋଶା ସିୟନ ପର୍ବତରୁ ଇସ୍ରାଏଲୀୟ ମାନଙ୍କ ନିକଟକୁ ଓହ୍ଲାଇବା ସମୟରେ କରିଥିଲେ, ତଦୃପ ଯୀଶୁ କଲେ ।

**୨.** ଆମର ସାଂସ୍କୃତିକ ମୂଲ୍ୟବୋଧକୁ ଲୋକମାନେ କିପରି ଶିକ୍ଷା ଦିଅନ୍ତି ?

**ଶିକ୍ଷଣୀୟ ବିଷୟ:**

ସ୍ୱର୍ଗୀୟ ସୁଖ ଲୋକମାନଙ୍କର ଚିନ୍ତାଧାରାକୁ ଆହ୍ୱାନ କରେ । ଯୀଶୁ ଚାହାଁନ୍ତି ଯେ ତାଙ୍କ ଶିଷ୍ୟମାନେ ତିନୋଟି ଜିନିଷ ଶିଖନ୍ତୁ । **ପ୍ରଥମତଃ,** ଈଶ୍ୱରଙ୍କ ପରିବାର ମଧ୍ୟରେ ଥିବା ମୂଲ୍ୟଗୁଡ଼ିକ ଜଗତର ମୂଲ୍ୟ ସହିତ ସମାନ ନୁହେଁ । **ଦ୍ୱିତୀୟତଃ,** ଏହି ମୂଲ୍ୟଗୁଡିକକୁ ଧରି ରଖିବା ପାଇଁ ପୁରସ୍କାର ହେଉଛି ଭବିଷ୍ୟତରେ । ଏବଂ **ଶେଷରେ,** ଈଶ୍ୱରଙ୍କ ପରିବାରର ଅନ୍ତର୍ନିହିତ ମନୋଭାବ ହେଉଛି "ଆନନ୍ଦ," ନିର୍ଯାତନାର ସମ୍ମୁଖୀନ ହୋଇଥିଲେ ମଧ୍ୟ ।

"ଆନନ୍ଦ" ମାନେ ଅତ୍ୟଧିକ ଆନନ୍ଦିତ ହେବା । ଆନନ୍ଦ କରିବାର ଅର୍ଥ ହେଉଛି ପୁନର୍ବାର ଅତ୍ୟଧିକ ଆନନ୍ଦିତ ହେବା । ଲୋକମାନେ ଆନନ୍ଦ କରିବାର ଅନେକ କାରଣ ଖୋଜନ୍ତି ଏବଂ ସେମାନେ ସମସ୍ତେ ଭାଗ୍ୟ ପରିସ୍ଥିତିରେ ନିଜକୁ ଖୋଜିବାକୁ ଆଧାରିତ। ଖୁସି ହେବାର କିଛି କାରଣ ହୁଏତ ଶିଶୁ ଜନ୍ମ ସମୟରେ, କାର୍ଯ୍ୟରେ ବୃଦ୍ଧି ପାଇବା, ଜ୍ୟାକପଟ ଜିତିବା କିମ୍ବା ଫୁଟବଲ ଦଳ ସୁପରବଲ୍ ଆଧାରିତ ଜିତିବା। ଯେତେବେଳେ ଲୋକମାନେ ଖୁସି ହୁଅନ୍ତି ସେମାନେ ସାଧାରଣତ ଆନନ୍ଦ ଦାୟକ ଶବ୍ଦ କରନ୍ତି ଏବଂ ବହୁତ ଶକ୍ତିଶାଳୀ ହୁଅନ୍ତି। ଏହା ହେଉଛି ମନୋଭାବ ଯାହା ଯୀଶୁ ଚାହୁଁଛନ୍ତି ଯେ ତାଙ୍କ ଶିଷ୍ୟମାନେ ହୁଅନ୍ତୁ।

ଲୋକମାନେ ଭାଗ୍ୟ ପରିସ୍ଥିତିରେ ନିଜକୁ ପାଇଲେ ଆନନ୍ଦିତ ହେବା ସହଜ ଅଟେ । କିନ୍ତୁ ଯେତେବେଳେ ଜଣେ ବ୍ୟକ୍ତି ନିଜକୁ ଯନ୍ତ୍ରଣାଦାୟକ କିମ୍ବା କଠିନ ପରିସ୍ଥିତିରେ ପାଇଥାଏ, ସେତେବେଳେ ଆନନ୍ଦ କରିବା ପାଇଁ ଏହା ବିଶେଷ ଗୁଣ ଆବଶ୍ୟକ କରେ । ସେ ବ୍ୟକ୍ତି ପରିସ୍ଥିତି ବାହାରେ ଦେଖିବା ଉଚିତ୍ । କି ଏହା ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣେ, ଈଶ୍ୱର ଯେ ସେ ବ୍ୟକ୍ତିର ସ୍ୱାର୍ଥ ପାଇଁ ଏହି ପରିସ୍ଥିତିକୁ ଅନୁମତି ଦେଇଛନ୍ତି । ଏହା ମଧ୍ୟ ଈଶ୍ୱରଙ୍କ ଭବିଷ୍ୟତର ପ୍ରତିଜ୍ଞା ଏବଂ ଯନ୍ତ୍ରଣା ସହିବାକୁ ଭଲପାଇବା ଆବଶ୍ୟକ କରେ । ଏହା ଏକ ଭିନ୍ନ ଦୃଷ୍ଟିକୋଣ ଆବଶ୍ୟକ କରେ । ଭବିଷ୍ୟଦବକ୍ତା ହବକୂକ୍ ଭବିଷ୍ୟବାଣୀ କରିଛନ୍ତି ଯେ ଈଶ୍ୱର ଏକ ନୂତନ ସୃଷ୍ଟି କରିବାକୁ ଯାଉଛନ୍ତି, ଏକ ଭିନ୍ନ ଦୟାଳୁ ଲୋକ, ଯେଉଁମାନେ ବିଶ୍ୱାସ ଦ୍ୱାରା ଚାଳନ୍ତି, ନାଁ କି

ଦର୍ଶନଦ୍ୱାରା । ହବକ୍କୁକ ପୁସ୍ତକର ଶେଷ ତିନୋଟି ପଦ ଏହିପରି । "କାରଣ ଯଦ୍ୟପି ଡିମ୍ବିରି ବୃକ୍ଷ ପୁଷ୍ପିତ ନୋହିବ, କିଅବା ଦ୍ରାକ୍ଷାଲତାରେ ଫଳ ନ ଧରିବ; ଜୀତ ବୃକ୍ଷ ଫଳ ନ ଫଳିବ ଓ କ୍ଷେତ ଖାଦ୍ୟଦ୍ରବ୍ୟ ଉତ୍ପନ୍ନ ନ କରିବ; ଖୁଆଡ଼ରୁ ମେଷପଲ ଉଚ୍ଛିନ୍ନ ହେବ, ଆଉ ଗୋଠରେ ଗୋରୁପଲ ନ ଥିବ; ତଥାପି ମୁଁ ସଦାପ୍ରଭୁଙ୍କ ଠାରେ ଆନନ୍ଦ କରିବି । ମୁଁ ଆପଣା ତ୍ରାଣର ପରମେଶ୍ୱରଙ୍କଠାରେ ଉଲ୍ଲାସ କରିବି । ପ୍ରଭୁ ସଦାପ୍ରଭୁ ମୋର ବଳସ୍ୱରୂପ ଓ ସେ ମୋର ଚରଣ ହରିଣୀର ଚରଣ ସଦୃଶ କରନ୍ତି, ପୁଣି ମୋର ଉଚ୍ଚସ୍ଥଳୀରେ ମୋତେ ଗମନ କରାଇବେ । ମୋର ତାରଯୁକ୍ତ ଯନ୍ତ୍ରରେ ପ୍ରଧାନ ବାଦ୍ୟକର ନିମନ୍ତେ ।"[୨୫]

ଏଠାରେ ଭବିଷ୍ୟଦ୍‌ବକ୍ତା ତୁଳନା କରୁଛନ୍ତି ନୂତନ ସୃଷ୍ଟି ଏବଂ ଏହି ଜଗତର ପୁରୁଷମାନେ ଯେପରି ପୃଥିବୀର ଜିନିଷକୁ ଦେଖନ୍ତି । ପୁରୁଷମାନେ ଜିନିଷର ଅଭାବ ଏବଂ ସେମାନଙ୍କ ହାତର କାର୍ଯ୍ୟ ପାଇଁ ଚିନ୍ତିତ । ଯେତେବେଳେ ଏହି ଜିନିଷ ଗୁଡିକ ବିଫଳ ହୁଏ ସେମାନେ ନିରାଶ ହୁଅନ୍ତି । ନୂତନ ସୃଷ୍ଟି ଏକ ହରିଣ ପରି ତିଆରି ହୁଏ । ସେମାନଙ୍କର ଏକ ଭଲ ଦୃଶ୍ୟ ଅଛି କାରଣ ସେମାନେ ଏକ ଉଚ୍ଚତାରେ ବସବାସ କରନ୍ତି । ହରିଣ ମାନେ ଖାଲି ପଶୁଶାଳା କିମ୍ବା ଫସଲ ବିଫଳ ହେବା ସହିତ ଚିନ୍ତିତ ନୁହଁନ୍ତି । ସେମାନେ ମନୁଷ୍ୟର ପରିସ୍ଥିତି ବିଷୟରେ ଚିନ୍ତା କରନ୍ତି ନାହିଁ କାରଣ ଇଶ୍ୱର ସେମାନଙ୍କୁ କିପରି ସୃଷ୍ଟି କରିଛନ୍ତି ତାହା ନୁହେଁ । ଇଶ୍ୱର ହରିଣକୁ ପୋଷାକ କରନ୍ତି ଏବଂ କଠୋର ଉପାଦାନରେ ଆଶ୍ରୟ ଦିଅନ୍ତି । ସେ ସେମାନଙ୍କୁ ଖାଦ୍ୟ ଏବଂ ଜଳ ଯୋଗାନ୍ତି ଏବଂ ସେମାନେ ଦିନର ଉତାପରେ ଥଣ୍ଡା ସ୍ଥାନରେ ବିଶ୍ରାମ କରନ୍ତି ।

କେହି କେହି ପଚାରନ୍ତି, ଇଶ୍ୱର ଯୀଶୁ ଖ୍ରୀଷ୍ଟଙ୍କ କାରଣରୁ ଧାର୍ମିକ ମାନଙ୍କୁ କାହିଁକି ନିର୍ଯ୍ୟାତନା ପାଇଁ ଅନୁମତି ଦିଅନ୍ତି ? ତିନୋଟି କାରଣ ଅଛି । **ପ୍ରଥମ** କାରଣ ହେଉଛି, ଏହା ଇଶ୍ୱରଙ୍କଠାରୁ ଏକ **ଚିହ୍ନ** । "ମୋହର ଏହି ମାତ୍ର ଇଚ୍ଛା, ଖ୍ରୀଷ୍ଟଙ୍କ ସୁସମାଚାରର ଯୋଗ୍ୟ ପ୍ରଜା ସ୍ୱରୂପେ ଆଚରଣ କର, ଯେପରି ମୁଁ ଉପସ୍ଥିତ ହୋଇ ତୁମ୍ଭମାନଙ୍କୁ ଦେଖିଲେ ଅବା ଅନୁପସ୍ଥିତ ଥାଇ ତୁମ୍ଭମାନଙ୍କ ବିଷୟରେ ଶୁଣିଲେ ଜାଣିପାରିବି ଯେ, ତୁମ୍ଭେମାନେ ଏକ ଆତ୍ମାରେ ସ୍ଥିର ରହି ସୁସମାଚାରର ବିଶ୍ୱାସ ନିମନ୍ତେ ଏକ ପ୍ରାଣରେ ଏକ ସଙ୍ଗରେ ଉଦ୍ୟମ କରୁଅଛ, ପୁଣି, କୌଣସି ବିଷୟରେ ବିପକ୍ଷମାନଙ୍କ ଦ୍ୱାରା ତ୍ରାସଯୁକ୍ତ ନୁହଁ; ତାହା ସେମାନଙ୍କ ପକ୍ଷରେ

---

[୨୫] ହବକକୂକ ୩: ୧୭-୧୯

ବିନାଶ, କିନ୍ତୁ ତୁମ୍ଭମାନଙ୍କ ପକ୍ଷରେ ପରିତ୍ରାଣର ଈଶ୍ୱରଦତ୍ତ ଏକ ଲକ୍ଷଣ; କାରଣ ଖ୍ରୀଷ୍ଟଙ୍କଠାରେ କେବଳ ବିଶ୍ୱାସ କରିବା ନିମନ୍ତେ ତୁମ୍ଭମାନଙ୍କୁ ଯେ ଅନୁଗ୍ରହ ଦିଆଯାଇଅଛି, ତାହା ନୁହେଁ, ମାତ୍ର ତାହାଙ୍କ ସକାଶେ ଦୁଃଖ ଭୋଗ ମଧ୍ୟ କରିବା ନିମନ୍ତେ ତୁମ୍ଭମାନଙ୍କୁ ଅନୁଗ୍ରହ ଦିଆଯାଇଅଛି; ଆଉ ମୋତେ ଯେଉଁ ପରି ଯୁଦ୍ଧ କରିବାର ଦେଖିଥିଲ, ପୁଣି, ବର୍ତ୍ତମାନ କରୁଅଛି ବୋଲି ଶୁଣୁଅଛ, ତୁମ୍ଭେମାନେ ସେହିପରି ଯୁଦ୍ଧ କରୁଅଛ ।"[୨୬] ଏହା ଖ୍ରୀଷ୍ଟିଆନମାନଙ୍କ ପାଇଁ ପରିତ୍ରାଣ ଏବଂ ଯେଉଁମାନେ ସେମାନଙ୍କୁ ବିରୋଧ କରନ୍ତି ସେମାନଙ୍କ ପାଇଁ ବିନାଶର ଏକ ସଙ୍କେତ । ଖ୍ରୀଷ୍ଟିୟାନମାନେ ସେମାନଙ୍କ ପରିତ୍ରାଣ ବିଷୟରେ ଈଶ୍ୱରଙ୍କ ଠାରୁ ନିଶ୍ଚିତତା ଗ୍ରହଣ କରୁଛନ୍ତି ଯେତେବେଳେ ସେମାନେ ଯୀଶୁଖ୍ରୀଷ୍ଟଙ୍କ ସାକ୍ଷ୍ୟ ପାଇଁ ନିର୍ଯାତିତ ହୁଅନ୍ତି ।

**ଦ୍ୱିତୀୟ** କାରଣ ପ୍ରଥମ ସହିତ ସମ୍ପର୍କ, ଜଣେ ବ୍ୟକ୍ତିର ବିଶ୍ୱାସର **ପରୀକ୍ଷା** । ଏହା ଅସଲି କି ନୁହେଁ? ଏହି କାରଣ ପାଇଁ ୧ମ ପିତର.୧:୩-୯ ରେ ସନ୍ଦର୍ଭ ମିଳିଥାଏ । **ତୃତୀୟ** କାରଣ ମଧ୍ୟ ପିତରଙ୍କ ପ୍ରଥମ ପତ୍ରରେ ଦେଖିବାକୁ ମିଳେ । ଅଧ୍ୟାୟ ୪ ପଦ ୧୨-୧୪ କହେ, ଯେ ଖ୍ରୀଷ୍ଟଙ୍କ ପାଇଁ ନିର୍ଯାତିତ ଲୋକମାନଙ୍କ ଉପରେ ଗୌରବର ଆତ୍ମା ଏବଂ ଈଶ୍ୱର ବାସ କରନ୍ତି । ପ୍ରକୃତରେ, ଯେଉଁମାନେ ଏହି ବ୍ୟକ୍ତି ବିଶେଷଙ୍କୁ ବିରୋଧ କରନ୍ତି ଏବଂ ସେମାନଙ୍କୁ ନିର୍ଯ୍ୟାତନା କରନ୍ତି, ସେମାନେ ଈଶ୍ୱରଙ୍କୁ, ତାଙ୍କ ଖ୍ରୀଷ୍ଟଙ୍କୁ ଏବଂ ତାଙ୍କର ପରିତ୍ରାଣର ମାର୍ଗକୁ ଘୃଣା କରନ୍ତି ।

ଯୀଶୁ କହିଥିଲେ, 'ମନୁଷ୍ୟ ପୁତ୍ରଙ୍କ ଉଦ୍ଦେଶ୍ୟରେ ଯେତେବେଳେ ଲୋକ ମାନେ ତୁମକୁ ଘୃଣା କରନ୍ତି, ତୁମକୁ ବିଚ୍ଛିନ୍ନ କରନ୍ତି, ତୁମକୁ ଅପମାନିତ କରନ୍ତି, ଏବଂ ତୁମର ନାମକୁ ମନ୍ଦ ବୋଲି କହିଥା'ନ୍ତି, ସେତେବେଳେ ତୁମେ ଧନ୍ୟ । ସେହିଦିନ ଆନନ୍ଦିତ ହୁଅ ଏବଂ ଆନନ୍ଦ ପାଇଁ ଲମ୍ଫ ଦିଅ ଦେଖ, ସ୍ୱର୍ଗରେ ତୁମ୍ଭର ଉପହାର ମହାନ; କାରଣ ପୂର୍ବ ପୁରୁଷମାନେ ଭବିଷ୍ୟଦ୍ବକ୍ତାମାନଙ୍କ ପ୍ରତି ବ୍ୟବହାର କରୁଥିଲେ । ଯୀଶୁ ଚାହାଁନ୍ତି ଯେ ତାଙ୍କ ଶିଷ୍ୟମାନେ ସେମାନଙ୍କ ବିଶ୍ୱାସ ପାଇଁ ନିର୍ଯାତିତ ହେବାକୁ ଅପେକ୍ଷା କରନ୍ତୁ । ଏତେ ଅଧିକ ଯେ ସେ ଚାହାଁନ୍ତି ଯେ ସେମାନେ ନିର୍ଯାତନାରେ ଆନନ୍ଦିତ ହୁଅନ୍ତୁ । ଯୀଶୁ ନିର୍ଯ୍ୟାତନାକୁ ଆଦର୍ଶ ବୋଲି ବିବେଚନା

[୨୬] ଫିଲିପୀୟ ୧: ୨୭-୩୦

କଲେ । ଯେତେବେଳେ ତୁମେ ନିର୍ଯ୍ୟାତିତ ହେବା ପରିବର୍ତେ ତୁମକୁ ନିର୍ଯାତନା ଦିଆଯାଉଛି, ସେ ଏହି ବାକ୍ୟକୁ ମଧ୍ୟ ବ୍ୟବହାର କରିଥିଲେ ।

ଯେହେତୁ ଯୀଶୁ ନିର୍ଯ୍ୟାତନାକୁ ଆଶୀର୍ବାଦ ଭାବରେ ଦେଖନ୍ତି, ତେଣୁ ତାଙ୍କ ଅନୁଗାମୀମାନେ ନିର୍ଯ୍ୟାତନା ଆସିବା ବାଟ ଖୋଜି ବାହାର କରିବା ଉଚିତ୍ । ଏହା ବହୁତ ସରଳ; କେବଳ ଯୀଶୁ ଖ୍ରୀଷ୍ଟଙ୍କଠାରେ ତୁମର ବିଶ୍ୱାସ ଘୋଷଣା କରିବା ଆରମ୍ଭ କର । ପ୍ରେରିତମାନଙ୍କ ପୁସ୍ତକରେ ଯେଉଁ ଢାଞ୍ଚା ଦେଖିଅଛ: ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଘୋଷଣା କଲେ, ନିର୍ଯ୍ୟାତନା ଆସେ, ତା'ପରେ ଆନନ୍ଦ ଆରମ୍ଭ କରିବ ।

**ଦଳୀୟ ଆଲୋଚନା:**

**୧.** ତୁମେ କିପରି ଆନନ୍ଦ ପ୍ରକାଶ କରି ପାରିବ ?

**ଉକ୍ତ ଶିକ୍ଷାର ମୂଳ ଶିକ୍ଷା:**

ଆନନ୍ଦରେ ବଞ୍ଚ, କାରଣ ଏହା ତୁମ ପାଇଁ ଇଶ୍ୱରଙ୍କ ଇଚ୍ଛା ଏବଂ ତୁମେ ପୁରସ୍କୃତ ହେବ

**ପ୍ରୟୋଗ:**

ପ୍ରେରିତମାନଙ୍କ କାର୍ଯ୍ୟ ପୁସ୍ତକରୁ ପ୍ରଚାର, ନିର୍ଯ୍ୟାତନା ଏବଂ ଆନନ୍ଦ କରିବାର ଢାଞ୍ଚାର ନିମ୍ନଲିଖିତ ୫ଟି ବିବରଣୀ ପଢ଼ିବା । ୫ଟି ବିଷୟରେ ତୁମେ କିପରି ଅନୁଭବ କଲ ଲେଖ ଏବଂ ସାମୁହିକ ଭାବରେ ତୁମର ଭାବନା ବାନ୍ଟ ।

୧. ପିତର ଏବଂ ଯୋହନ

- ପ୍ରଚାର କଲେ (୩:୧-୨୬)
- ନିର୍ଯ୍ୟାତିତ ହେଲେ (୪:୧-୨୨)
- ଆନନ୍ଦିତ ହେଲେ (୪୨୩-୩୧)

୨. ପ୍ରେରିତ ମାନେ

- ପ୍ରଚାର କଲେ (୫:୧୨-୧୬)
- ନିର୍ଯ୍ୟାତିତ ହେଲେ (୫:୧୭-୩୯)

- ଆନନ୍ଦିତ ହେଲେ (୫:୪୦-୪୨)

୩. ଷ୍ଟିଫେନ୍

- ପ୍ରଚାର କଲେ (୬:୮-୧୦)
- ନିର୍ଯ୍ୟାତିତ ହେଲେ (୬:୧୧-୭:୫୮)
- ଆନନ୍ଦିତ ହେଲେ (୭:୫୯-୬୦)

୪. ପାଉଲ ଏବଂ ବର୍ଣ୍ଣବ୍ବା

- ପ୍ରଚାର କଲେ (୧୩:୧୪-୪୩)
- ନିର୍ଯ୍ୟାତିତ ହେଲେ (୧୩: ୪୪-୫୦)
- ଆନନ୍ଦିତ ହେଲେ (୧୩:୫୧-୫୨)

୫. ପାଉଲ ଏବଂ ସିଲା

- ପ୍ରଚାର କଲେ (୧୬:୧୧-୧୮)
- ନିର୍ଯ୍ୟାତିତ ହେଲେ (୧୬:୧୯-୨୪)
- ଆନନ୍ଦିତ ହେଲେ (୧୬:୨୫-୩୪)

## ପାଠ-୪
## ଦୀପ୍ତିମୟ ଆଲୋକ

**ଆଇସବ୍ରେକର ଦଳ:**

ଚକ୍ଷୁ ବନ୍ଦ କରି, କୋଠରୀ ବା କୋଠରୀଗୁଡ଼ିକ ଚତୁଃପାର୍ଶ୍ୱରେ ଦଳର ସଦସ୍ୟମାନଙ୍କୁ ଭ୍ରମଣ କରିବାକୁ ଦିଅ । ଦଳକୁ ପରବର୍ତ୍ତୀ ପ୍ରଶ୍ନ ପଚାର, "ଏହି ଅଭ୍ୟାସ ଆପଣଙ୍କୁ କିପରି ଅନୁଭବ କରି ପାରିଛି" ।

**ଉପକ୍ରମ:**

ଯେବେ ଯୀଶୁ ପାର୍ବତ୍ୟ ପ୍ରଚାର ସହ ଅଗ୍ରସର ହୁଅନ୍ତି, ପ୍ରତ୍ୟେକ ଶିଷ୍ୟମାନେ ଅତି ଆତୁରତାରେ ଶୁଣୁଛନ୍ତି । ସେ ସେମାନଙ୍କୁ ପ୍ରତ୍ୟକ୍ଷ ଦେଖି, ଘୋଷଣା କଲେ ଯେ, ସେମାନେ ଜଗତର ଲବଣ ଓ ସଂସାରର ଜ୍ୟୋତି ଅଟନ୍ତି । ତପ୍ରେ ଛାଡ ମାରିବା ଅଭିନୟ ସହ ଆପଣା ଡାହାଣ ହାତ ଦ୍ୱାରା ପଶ୍ଚିମା*ଳକୁ ସୁଚିତ କରନ୍ତି ।

ଶିଷ୍ୟମାନେ ତିକ୍ଷମ ଦୃଷ୍ଟିରେ ଚାହିଁ ବସିଲେ । ଯେତେବେଳେ ପର୍ଯ୍ୟନ୍ତ ତାଙ୍କ ଚକ୍ଷୁ ଯାବତ ସହର ଉପରେ ବହିଯାଏ, ଯାହାକି ଯୀଶୁଙ୍କ ଶିଷ୍ୟ ମାନଙ୍କୁ ଶିକ୍ଷ୍ୟା ଦେବା ସ୍ଥାନରୁ ୮ ମାଇଲ ଦୁରତାରୁ ମଧ୍ୟ କମ୍ । ଏକ ସହର ପାହାଡ଼ ଉପରେ ଗଠିତ, କଦାପି ଲୁଚି ରହେ ନାହିଁ ।

**ଶାସ୍ତ୍ରପାଠ:**

**ଦୀପ୍ତିମୟ ଆଲୋକ**

**ପାର୍ବତ୍ୟ ପ୍ରଚାର**

**ମାଥିଉ.୫:୧୩-୧୬**

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତାଂଶରୁ ଉଦ୍ଧୃତ"

ତୁମ୍ଭେମାନେ ପୃଥିବୀର ଲବଣ, କିନ୍ତୁ ଲବଣ ଯଦି ସ୍ୱାଦବିହୀନ, ତେବେ ତାହା କାହିଁରେ ଲବଣାକ୍ତ ହେବ ? ତାହା ଆଉ କୌଣସି କାର୍ଯ୍ୟଯୋଗ୍ୟ ନୁହେଁ, କେବଳ ବାହାରେ ପକାଯାଇ ଲୋକମାନଙ୍କ ପାଦ ତଳେ ଦଳିତ ହେବାର ଯୋଗ୍ୟ । ତୁମ୍ଭେମାନେ ଜଗତର ଜ୍ୟୋତିଃ । ପର୍ବତ ଉପରେ ସ୍ଥାପିତ ନଗର ଗୁପ୍ତ ହୋଇ ରହି ନ ପାରେ; କିବା ଲୋକମାନେ ଦୀପ ଜାଳି **ମାଣ ତଳେ**[୨୭] ରଖନ୍ତି ନାହିଁ, ମାତ୍ର ଦୀପରୁଖା ଉପରେ ରଖନ୍ତି, ସେଥିରେ ତାହା ଗୃହରେ ଥିବା ସମସ୍ତ ଲୋକକୁ ଆଲୋକ ଦିଏ । ସେହି ପ୍ରକାରେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମାକୀର୍ତ୍ତନ କରିବେ ।

**ଆଦେଶ:**

❖ ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ଏପରି ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି, ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମାକୀର୍ତ୍ତନ କରିବେ ।

**ଦଳିୟ ଆଲୋଚନା:**

**୧.** ତାଙ୍କ ଶିଷ୍ୟମାନଙ୍କୁ ଜଗତର ଲବଣ କହନ୍ତି ? ଆପଣ ଏ ବିଷୟରେ କ'ଣ ଭାବନ୍ତି ?

- ଲବଣଏକ ଚୁକ୍ତିର ନିଦର୍ଶନରେ ବ୍ୟବହାର କରାଯାଇ ଥିଲା । ପୃଥିବୀରେ ଶିଷ୍ୟମାନେ ଚିହ୍ନ ସଦୃଶ ହେବାକୁ ଥିଲା ଯାହା ସଦାପ୍ରଭୁ ମନୁଷ୍ୟ ସହ ଏକ ଚୁକ୍ତି ସ୍ଥାପନ କଲେ ।

---

[୨୭] ମାଣ ତଳେ- କଂସା, ଗିନା କିମ୍ବା ଟେଠୋକଇ

- ଲବଣ ଏକ ସୁରକ୍ଷା ଦାୟି ଅଟେ, ଯାହା ଖାଦ୍ୟକୁ ପାଚିବା ଓ ନଷ୍ଟ ହେବାରୁ ରକ୍ଷା କରେ । ଶିଷ୍ୟମାନଙ୍କୁ ଲୋକମାନଙ୍କ ଜୀବନକୁ ସୁରକ୍ଷା ଦେବାକୁ ଥିଲା ଓ ସେମାନଙ୍କୁ ପାପର କଳଙ୍କତାରୁ ରକ୍ଷା ଓ ପବିତ୍ରତାରେ ରାଗି ରହିବା ନିମନ୍ତେ ସାହାଯ୍ୟ କରିବାର ଥିଲା ।
- ଲବଣ ଏକ ମସଲା ଅଟେ, ଯାହା ଜୀବନକୁ ସ୍ୱାଦିଷ୍ଟ ଆଣିଦିଏ । ଲୋକ ମାନଙ୍କୁ ଆଶୀର୍ବାଦ କରିବା ଦ୍ୱାରା ଶିଷ୍ୟମାନଙ୍କୁ ସେମାନଙ୍କ ଜୀବନରେ ମୁଲ୍ୟ ଯୋଗ କରିବାକୁ ପଡିଲା ।

୨. ଲବଣ କିପରି ସ୍ୱାଦହୀନ ହୁଏ ?

- ଅଧିକା ସମୟ ପବନରେ ପଡ଼ି ରହିଲା ଯୋଗୁଁ ଲବଣ ଆପଣା ସ୍ୱାଦ ହରାଏ । କିନ୍ତୁ କେବଳ ଭାଗର ହିଁ ସ୍ୱାଦ ହିନ ହୁଏ ।
- ମୁଣ୍ଡି ଉପରେ ରଖିବା ଦ୍ୱାରା ଲବଣ ଆପଣା ସ୍ୱାଦ ହରାଏ ନାହିଁ । ଶିଷ୍ୟମାନଙ୍କ ଲବଣର ଉତ୍ସ ହୃଦୟର ମୃତିକାରେ ଗୁପ୍ତ ରହିବା ଦରକାର ।
- ହୃଦୟ ମଧ୍ୟରେ ଲବଣ ଈଶ୍ୱରଙ୍କ ଜ୍ଞାନକୁ ସୁଚିତକରେ ଯାହା ଜଣେ ବ୍ୟକ୍ତିଙ୍କ ମଧ୍ୟରେ ବାସ କରେ । ହୃଦୟ ମଧ୍ୟରେ ଲବଣ ବାକ୍ୟ କହିବା ଦ୍ୱାରା ଅମର ହୋଇଥାଏ । କାଥଲିକ ମଣ୍ଡଳୀ ଆଜି ପର୍ଯ୍ୟନ୍ତ ଏକ ଚିହ୍ନ ରୁପେ ଅନେକ ପିଲାମାନଙ୍କୁ ସେମାନଙ୍କ ଓଷ୍ଠ କିମ୍ବା ତାଙ୍କ ମୁଖରେ ଲବଣ ଦେଇ ବାପ୍ତିସମ ଦିଅନ୍ତି ଯାହା ଈଶ୍ୱରଙ୍କ ଜ୍ଞାନ ତାଙ୍କ ମଧ୍ୟରେ ବାସ କରିଥାଏ ।

୩. କିପରି ଜଣେ ବ୍ୟକ୍ତିଙ୍କୁ ଜାଣିବା ସ୍ଥିତିକୁ କଢାଇ ନିଅ ଯେ ସେ ଅନ୍ଧ ଥିଲା ?

୪. କେଉଁ ସମସ୍ତ ବିଷୟ ଆଲୋକ କରିଥାଏ ?

- ଆଲୋକ ଅନ୍ଧାର ଦୁର କରିଥାଏ ।
- ଆଲୋକ ଗୁପ୍ତ ବିଷୟକୁ ଦୂର କରିଥାଏ ।
- ଆଲୋକ ଲୋକଙ୍କୁ ଦେଖିବାରେ ସାହାଯ୍ୟ କରିଥାଏ । ସେମାନେଙ୍କ ଆବଶ୍ୟକତା ପ୍ରାପ୍ତ କରିବା କାର୍ଯ୍ୟ କଳାପରେ ସେମାନେଙ୍କୁ ସହୋଜଗ କରିଥାଏ ।
- ଆଲୋକ ବିଷୟଗୁଡ଼ିକ ଚିହ୍ନଟ କରିବାରେ ଲୋକଙ୍କୁ ସାହାଯ୍ୟ କରିଥାଏ ।

**ଶିକ୍ଷଣୀୟ ବିଷୟ:**

ଯେତେବେଳେ ଯୀଶୁଙ୍କ ଏହି ସମସ୍ତ ଆଲୋକ ସମନ୍ଧୀୟ ଶିକ୍ଷା ଶିଷ୍ୟମାନେ ଶୁଣନ୍ତି, ଅନେକ ପ୍ରଶ୍ନ ସେମାନେଙ୍କ ମନରେ ଜାତ ହେବାକୁ ଲାଗିଲା । ଯୀଶୁ ଖ୍ରୀଷ୍ଟ କାହିଁକି ସେମାନେଙ୍କୁ ଜଗତର ଜ୍ୟୋତିଃ ବୋଲି କହିଲେ ? ଯେଉଁ ଆଲୋକ ସେମାନଙ୍କଠାରେ ଅଛି ? କିପରି ସେମାନେ ଉକ୍ତ ଆଲୋକରୁ ପ୍ରଜ୍ଜଳିତ କରିବେ, ଯଦ୍ୱାରା ଲୋକେ ସ୍ୱର୍ଗୀୟ ଈଶ୍ୱରଙ୍କ ମହିମା କରିବେ ? ଯୀଶୁ କେଉଁ ବିଷୟରେ କହୁଛନ୍ତି ? ଶିଷ୍ୟମାନେ ଯେପରି ପରିପକତା ଅବସ୍ଥାକୁ ଆସନ୍ତି, ସେମାନେଙ୍କ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଆସୁଥାଏ ।

ଯେବେ ଯୀଶୁ ଏହି ଆଦେଶ ଆପଣା ଶିଷ୍ୟମାନଙ୍କୁ ଦିଅନ୍ତି, ତୁମ୍ଭର ଆଲୋକ ବୋଲି ଦର୍ଶାଇଲେ । ଶିଷ୍ୟମାନେ ଉଦ୍ଭାବନ କଲେ, ଯେ ତାଙ୍କ ପାଖରେ ଯେଉଁ ଆଲୋକ ଥିଲା, ସେ କେବଳ ନିଜେ ଯୀଶୁ ଥିଲେ । ଆପଣା ସୁସମାଚାରର ପ୍ରାରମ୍ଭିକ ବାକ୍ୟରେ ଓ ପ୍ରେରିତ ଯୋହନ ଏହି ବିଷୟରେ ଲେଖିଲେ । "ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ । ସେ ଆଦ୍ୟରେ ଈଶ୍ୱରଙ୍କ ସହିତ ଥିଲେ । ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହେଲା; ଆଉ ଯେ ସମସ୍ତ ସୃଷ୍ଟ ହୋଇଅଛି, ସେଥିମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟ ହୋଇ ନାହିଁ । ତାହାଙ୍କଠାରେ ଜୀବନ ଥିଲା ଓ ସେହି ଜୀବନ ମନୁଷ୍ୟ ମାନଙ୍କର **ଜ୍ୟୋତିଃ** । ସେହି **ଜ୍ୟୋତିଃ** ଅନ୍ଧକାରରେ ଜାଜ୍ୱଲ୍ୟମାନ ହୋଇ ଆସୁଅଛି, ଆଉ ଅନ୍ଧକାର ତାହା ଗ୍ରହଣ କରି ନାହିଁ । ଈଶ୍ୱରଙ୍କ ନିକଟରୁ ପ୍ରେରିତ ଜଣେ ବ୍ୟକ୍ତି ଉପସ୍ଥିତ ହେଲେ; ତାହାଙ୍କ ନାମ ଯୋହନ । ସେ ଯେପରି ଜ୍ୟୋତିଃ ବିଷୟରେ ସାକ୍ଷ୍ୟ ଦିଅନ୍ତି, **ପୁଣି, ତାହାଙ୍କ ଦ୍ୱାରା ସମସ୍ତେ ବିଶ୍ୱାସ କରନ୍ତି, ଏଥିପାଇଁ ସେ ସାକ୍ଷ୍ୟ ଦେବା ନିମନ୍ତେ ଆସିଲେ** । ସେ ନିଜେ ସେହି ଜ୍ୟୋତିଃ ନ ଥିଲେ, କିନ୍ତୁ **ଜ୍ୟୋତିଃ** ବିଷୟରେ ସାକ୍ଷ୍ୟ ଦେବା ନିମନ୍ତେ ଆସିଲେ । ଯେଉଁ ସତ୍ୟ **ଜ୍ୟୋତିଃ** ପ୍ରତ୍ୟେକ ମନୁଷ୍ୟଙ୍କୁ ଆଲୋକ ପ୍ରଦାନ କରନ୍ତି, ସେ ଜଗତକୁ ଆସୁଥିଲେ" । ପ୍ରେରିତ ଯୋହନ ମଧ୍ୟ ଯୀଶୁ ଆପଣା ବିଷୟରେ ବ୍ୟବହାର କରିଥିବା ଏକ ବାକ୍ୟକୁ ଲିପିବଦ୍ଧ କଲେ । ଏହା ଏହି ପରି ପଢ଼ାଯାଏ, "ଯୀଶୁ ପୁନର୍ବାର ଲୋକମାନଙ୍କୁ ଶିକ୍ଷା ଦେଇ କହିଲେ, ମୁଁ ଜଗତର **ଜ୍ୟୋତିଃ**; ଯେ ମୋହର ଅନୁଗମନ କରେ, ସେ କେବେ ହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ, ବରଂ ଜୀବନର **ଜ୍ୟୋତିଃ** ପାଇବ" ।[୨୮]

---

[୨୮] ଯୋହନ ୮: ୧୨

ଯୀଶୁ ଆପଣା ଶିଷ୍ୟମାନଙ୍କୁ ଜଗତରଜ୍ୟୋତି ବୋଲି ଡାକିଲେ ଏହା ପଛର କାରଣ ଯେ ତାଙ୍କଠାରେ ସେମାନେଙ୍କ ବିଶ୍ୱାସ ଓ ପରିତ୍ରାଣ ର ପଥ ବିଷୟରେ ଘୋଷଣା କଲେ । ଫିଲିପିୟ ମଣ୍ଡଳୀକୁପତ୍ର ଲେଖିବା ବେଳେ ଟାଉନ ଏହି ଗୁରୁତ୍ୱ ବିନ୍ଦୁକୁ ଉର୍ଯା ଦେଲେ । "ବଚସା ଓ ତର୍କବିତର୍କ ବିନା ସମସ୍ତ କାର୍ଯ୍ୟ କର, ଯେପରି ତୁମ୍ଭେମାନେ ନିର୍ଦ୍ଦୋଷ ଓ ଅମାୟିକ ହୋଇ ଏହି କୁଟିଳ ବିପଥଗାମୀ ବଂଶ ମଧ୍ୟରେ ଈଶ୍ୱରଙ୍କ ଅନିନ୍ଦନୀୟ ସନ୍ତାନସନ୍ତତି ହୁଅ; ସେମାନଙ୍କ ମଧ୍ୟରେ ତୁମ୍ଭେମାନେ ଜୀବନର ବାକ୍ୟ ଧରି ଜଗତରେ ଜ୍ୟୋତିଃ ସ୍ୱରୂପ ପ୍ରକାଶ ପାଉଅଛ; ସେଥିରେ ମୁଁ ଯେ ବୃଥାରେ ଦୌଡ଼ି ନାହିଁ କିଅବା ବୃଥାରେ ପରିଶ୍ରମ କରି ନାହିଁ, ସେ ସମ୍ୱନ୍ଧରେ ଖ୍ରୀଷ୍ଟଙ୍କ ଦିନରେ ଦର୍ପ କରି ପାରିବି" ।[୨୯]

ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ କହିଲେ ଯେ ସେମାନଙ୍କ ଆଲୋକ ଏପରି ପ୍ରକାଶ କରିବେ ଯେ ଲୋକମାନେ ତାଙ୍କ ଉତ୍ତମ କାର୍ଯ୍ୟ ଦେଖି ପାରିବେ ଏହି ସମସ୍ତ ଉତ୍ତମ କାର୍ଯ୍ୟ ବଦଳରେ ଲୋକେ ସଦାପ୍ରଭୁଙ୍କ ପ୍ରଶଂସା କଲେ । ସମସ୍ତ ଉତ୍ତମ କର୍ମକୁ ଜ୍ଞାତ ହେବା ନିମନ୍ତେ ବୁଝିବା ଶକ୍ତି ଆବଶ୍ୟକ । କାରଣ ଯଦି ମନୁଷ୍ୟ ଆପଣାର ନିଜ ଉତ୍ତମ କାର୍ଯ୍ୟ କରେ, ସେମାନେ ନିଜେ ଗୌରବ ପାଏ, ଈଶ୍ୱରନୁହଁ ।

ଉତ୍ତମକାର୍ଯ୍ୟଗୁଡ଼ିକ କଣ ଜାଣିବା ନିମନ୍ତେ ପ୍ରଥମ ନମୁନା ମାଥିଉ.୧୯:୧୬-୧୭ ରେ ଲେଖାଅଛି । "ଆଉ ଦେଖ, ଜଣେ ତାହାଙ୍କ ନିକଟକୁ ଆସି ପଚାରିଲେ, ହେ ଗୁରୁ, ଅନନ୍ତ ଜୀବନ ପ୍ରାପ୍ତ ହେବା ନିମନ୍ତେ ମୁଁ କେଉଁ ସତ୍କର୍ମ କରିବି ? ସେ ତାହାଙ୍କୁ କହିଲେ, ସତ୍ କେବଳ ଜଣେ; କିନ୍ତୁ ତୁମ୍ଭେ ଯଦି ଜୀବନରେ ପ୍ରବେଶ କରିବାକୁ ଇଚ୍ଛା କର, ତେବେ ଆଜ୍ଞାସବୁ ପାଳନ କର" । ଯୀଶୁ ସମସ୍ତ ଉତ୍ତମତା କେବଳ ଈଶ୍ୱରଙ୍କ ସହିତ ସମାନ କରନ୍ତି ! ତେଣୁ ସମସ୍ତ ଉତ୍ତମ କର୍ମ ସଦାପ୍ରଭୁଙ୍କ ଦ୍ୱାରା ହୁଏ, ମନୁଷ୍ୟ ଦ୍ୱାରା ନୁହଁ ।

ଯେବେ ମନୁଷ୍ୟମାନେ ଈଶ୍ୱରଙ୍କ କାର୍ଯ୍ୟର ଘୋଷଣା କରନ୍ତି, ସେମାନେ ଅତି ଉତ୍ତମ କାର୍ଯ୍ୟ କରନ୍ତି । ତାହା ଧାର୍ମିକତା ଅଟେ ! ଗୀତ ସହିତା ମଧ୍ୟରୁ ୨ଟି ଗୀତ ଉକ୍ତ ବିଷୟକୁ ସ୍ପଷ୍ଟ ରୂପେ ପ୍ରକାଶ କରେ । ଗୀତସହିତା.୭୩:୨୮ କହେ,"ମାତ୍ର ପରମେଶ୍ୱରଙ୍କର ନିକଟବର୍ତ୍ତୀ ହେବାର ମୋହର ମଙ୍ଗଳ;ମୁଁ ତୁମ୍ଭର

---

[୨୯] ଫିଲିପିୟ ୨: ୧୪-୧୬

ସକଳ କର୍ମ ବର୍ଣ୍ଣନା କରିବା ପାଇଁ ପ୍ରଭୁ ସଦାପ୍ରଭୁଙ୍କୁ ଆପଣାର ଆଶ୍ରୟ ସ୍ୱରୂପ କରିଅଛି"। ଗୀତ ସହିତା ୭୮: ୪ ଘୋଷଣା କରେ, " ଆମ୍ଭେମାନେ ତାହାସବୁ ସେମାନଙ୍କ ସନ୍ତାନଗଣ ଠାରୁ ଗୁପ୍ତ ରଖିବା ନାହିଁ, ଆସନ୍ତା ପୀଢ଼ି ନିକଟରେ ସଦାପ୍ରଭୁଙ୍କର ପ୍ରଶଂସା ଓ ତାହାଙ୍କର ପରାକ୍ରମ ଓ ତାହାଙ୍କ କୃତ ଆଶ୍ଚର୍ଯ୍ୟକର୍ମ ସକଳ ବର୍ଣ୍ଣନା କରିବା"।

ଅନ୍ତିମ ଧାରଣ ଯୋହନ.୬:୨୮-୨୯ ରେ ଲେଖାଅଛି। ସେଥିରେ ସେମାନେ ତାହାଙ୍କୁ ପଚାରିଲେ, "ଈଶ୍ୱରଙ୍କ କାର୍ଯ୍ୟସବୁ କରିବା ନିମନ୍ତେ ଆମ୍ଭମାନଙ୍କୁ କ'ଣ କରିବାକୁ ହେବ? ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ଈଶ୍ୱର ଯାହାଙ୍କୁ ପ୍ରେରଣ କରିଅଛନ୍ତି, ତାହାଙ୍କଠାରେ ବିଶ୍ୱାସ କରିବା ହିଁ ଈଶ୍ୱରଙ୍କ କାର୍ଯ୍ୟ ଅଟେ"। ବାକ୍ୟ କହେ ଯେ ଉତମ କାର୍ଯ୍ୟ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ ଓ ଈଶ୍ୱର କଣ କରି ଅଛନ୍ତି ତାହା ଘୋଷଣା କରିବାର ସମଷ୍ଟି ଅଟେ। ପ୍ରେରିତ ପାଉଲ ୨ୟ କରିନ୍ତିୟ.୪: ୩-୬ ରେ ଏହି ବିନ୍ଦୁଗୁଡ଼ିକୁ ସଂକ୍ଷିପ୍ତରେ ଆଲୋଚନା କରନ୍ତି। "କିନ୍ତୁ ଯଦ୍ୟପି ଆମ୍ଭମାନଙ୍କ ସୁସମାଚାର ଆଚ୍ଛାଦିତ ଥାଏ, ତାହା ବିନାଶ ପ୍ରାପ୍ତମାନଙ୍କ ପକ୍ଷରେ ଆଚ୍ଛାଦିତ; ଈଶ୍ୱରଙ୍କ ପ୍ରତିମୂର୍ତ୍ତୀ ଯେ ଖ୍ରୀଷ୍ଟ ତାହାଙ୍କ ଗୌରବମୟ ସୁସମାଚାରର ଆଲୋକ ଯେପରି ଏହି ପ୍ରକାର ଲୋକଙ୍କ ପ୍ରତି ପ୍ରକାଶିତ ନ ହୁଏ, ଏଥିନିମନ୍ତେ ଏହି ଜଗତ୍‌ପତି ଅବିଶ୍ୱାସୀମାନଙ୍କର ଜ୍ଞାନ ଚକ୍ଷୁ ଅନ୍ଧ କରିଅଛି । **କାରଣ ଆମ୍ଭେମାନେ ଆପଣା ଆପଣାକୁ ପ୍ରଚାର କରୁ ନାହୁଁ, ମାତ୍ର ଖ୍ରୀଷ୍ଟ ଯୀଶୁ ଯେ ପ୍ରଭୁ,** ପୁଣି, ଯୀଶୁଙ୍କ ସକାଶେ ଆମ୍ଭେମାନେ ଯେ ତୁମ୍ଭମାନଙ୍କର ସେବକ, ଏହା ପ୍ରଚାର କରୁ । **ଯେଣୁ ଅନ୍ଧକାରରୁ ଦୀପ୍ତି ପ୍ରକାଶ ପାଉ** ବୋଲି ଆଜ୍ଞା ଦେଇଥିଲେ ଯେଉଁ ଈଶ୍ୱର, ସେ ଖ୍ରୀଷ୍ଟଙ୍କ ମୁଖରେ ପ୍ରକାଶିତ ଈଶ୍ୱରଙ୍କ ଗୌରବମୟ ଜ୍ଞାନର ଆଲୋକ ଦେଖାଇବା ନିମନ୍ତେ ଆମ୍ଭମାନଙ୍କ ହୃଦୟରେ ଆଲୋକ ପ୍ରକାଶ କରିଅଛନ୍ତି" । ପ୍ରେରିତମାନେ ସେମାନେଙ୍କ ନିଜସ୍ୱ କାର୍ଯ୍ୟକୁ ଘୋଷଣା ନ କରି, କେବଳ ସେମାନଙ୍କ ଦାସତ୍ୱତାକୁ ଘୋଷଣା କରିଥିଲେ। ଯୀଶୁ ଖ୍ରୀଷ୍ଟ ଯେ ପ୍ରଭୁ ଅଟନ୍ତି, ଏହା ପ୍ରଚାର କଲେ ଆଉ ଯେବେ ସେମାନେ ପ୍ରଚାର କଲେ, ଆଲୋକ ପ୍ରସାରିତ ହେଲା।

**ଦଳିୟ ଆଲୋଚନା:**

୧. ଶିଷ୍ୟମାନଙ୍କ ସହ ତାଙ୍କ ଜ୍ୟୋତି ବିଷୟକ କଥପ କଥନରେ, ଜ୍ୟୋତି ଯେ ଗୁପ୍ତ କରାଯାଇ ପାରେ, ଯୀଶୁ ଏହାର ସମ୍ଭାବ୍ୟତା ଦର୍ଶାନ୍ତି । କ'ଣ ଖ୍ରୀଷ୍ଟିୟାନମାନେ ସେମାନଙ୍କ ଜ୍ୟୋତି ଗୁପ୍ତ ରଖନ୍ତି ? ଯଦି ହଁ, ତେବେ କାହିଁକି ? (ହିତୋପଦେଶ.୨୪:୧୧-୧୨)

୨. ଯୋହନ.୩:୧୮-୨୦ରେ ଯୀଶୁ କହିଲେ ଯେ, ଯେଉଁ ଲୋକମାନେ ଆଲୋକକୁ ଆମେ ନାହିଁ, ସେ ଅନ୍ଧକାରକୁ ପସନ୍ଦ କରେ, କାରଣ ସେମାନଙ୍କ କାର୍ଯ୍ୟ ମନ୍ଦ ଅଟେ । ତାଙ୍କ ବାକ୍ୟ ଆଧାରରେ ଜ୍ୟୋତି ହେବା ପ୍ରମାଣେ ଆପଣଙ୍କ କ'ଣ ସବୁ ଦାୟିତ୍ୱ ଅଛି ?

**ଶିକ୍ଷାର ମୂଳ ବିଷୟ :**

ତୁମ୍ଭର ଜ୍ୟୋତିଃ ଆଲୋକମୟ ହୁଏ, ଯେବେ ତୁମେ ଯୀଶୁଙ୍କ ସାକ୍ଷ୍ୟ ଅନ୍ୟକୁ ଦିଅ ।

**ପ୍ରୟୋଗ:**

ଲବଣ ଓ ଜ୍ୟୋତି ହୁଅ । ଯୀଶୁ ଖ୍ରୀଷ୍ଟ ଯେ ପ୍ରଭୁ ଅଟନ୍ତି ଏହା ସାକ୍ଷ୍ୟ ଦେବା ଆରମ୍ଭ କର କିମ୍ୱା ବୁଝିବା ନିମନ୍ତେ ଅନ୍ୟମାନଙ୍କୁ ସାହାଯ୍ୟ କର ଯେ ସେମାନେ ଅନ୍ଧ ଅଟନ୍ତି । କ'ଣ ସବୁ ହେଲା ଆଗାମୀ ଦଳୀୟ ସଭାରେ ବର୍ଣ୍ଣନା କର ।

## ପାଠ-୫

## ଯୀଶୁ ଖ୍ରୀଷ୍ଟ, ବ୍ୟବସ୍ଥାର ପୂର୍ଣ୍ଣକାରୀ ଏବଂ ଭାବବାଦୀ ।

**ଆଇସବ୍ରେକର ଦଳ:**

ସାମୁହିକ ଭାବରେ ନିମ୍ନଲିଖିତ ପ୍ରଶ୍ନ ପଚାର ।

- ବିଭିନ୍ନ ପ୍ରକାର ବ୍ୟବସ୍ଥାର ନାମ ଦିଅ । (ପ୍ରକୃତିର ବ୍ୟବସ୍ଥା, ବ୍ୟବସ୍ଥାର ନୀତି, ପିତା ମାତାଙ୍କର ବ୍ୟବସ୍ଥା, ସରକାରୀ ବ୍ୟବସ୍ଥା ଏବଂ ଇଶ୍ୱରଙ୍କ ବ୍ୟବସ୍ଥା)
- କିଏ ନିୟମ ତିଆରି କରେ ? (ଯେଉଁମାନେ କ୍ଷମତାରେ ଅଛନ୍ତି)
- ତୁମେ ଭାବୁଛ କାହିଁକି ଏହି ନିୟମ ଦିଆ ଯାଇଛି ? (ସୀମା ପ୍ରତିଷ୍ଠା କରିବାକୁ, ନିର୍ଦ୍ଦେଶାବଳୀ, ସାମାଜିକ ଗ୍ରହଣ, ନାଗରିକଙ୍କ ସୁରକ୍ଷା ଏବଂ ଇଶ୍ୱରୀୟତାକୁ ପ୍ରୋତ୍ସାହିତ କରିବା ପାଇଁ)
- ଆପଣ କେବେ ନିୟମ ଭାଙ୍ଗିଛନ୍ତି କି ଯଦି ହଁ, ଏହାର ପରିଣାମ କ'ଣ ଥିଲା ? (ହଁ, ଏକ ଯନ୍ତ୍ରଣା ଦାୟକ ପରିଣାମ)
- କାହିଁକି ନିୟମଭଙ୍ଗ କରିବାର ପରିଣାମ ଅଛି ? (ଅନୁପଯୁକ୍ତ ଆଚରଣକୁ ଦଣ୍ଡ ଦେବା କିମ୍ବା ଅନୁଶାସନ କରିବା ପାଇଁ)

**ଉପକ୍ରମ:**

ଅଧିକାଂଶ ଲୋକ ଯିହୁଦୀ ବିଶ୍ୱାସ ବିଷୟରେ ଜାଣିବା କିମ୍ବା ସେହି ବିଶ୍ୱାସରେ ବଢି ନାହାଁନ୍ତି । ଯୀଶୁ କ'ଣ କହୁଛନ୍ତି ଏବଂ ଶିଷ୍ୟମାନେ ତାଙ୍କୁ କିପରି ଶୁଣିଛନ୍ତି ତାହା ବୁଝିବା ପାଇଁ କିଛି ପୃଷ୍ଠଭୂମି ସୂଚନା ଆବଶ୍ୟକ । ଯୀଶୁ, ନିୟମ ଏବଂ ଭବିଷ୍ୟଦ୍‌ବକ୍ତାମାନଙ୍କ ବିଷୟରେ କଥାବାର୍‌ତ୍ତା କରି ପାର୍ବତ୍ୟ ଉପଦେଶରେ ତାଙ୍କର ପରବର୍‌ତ୍ତୀ ବିଷୟର ପରିଚୟ ଦେଇଥିଲେ । ଚାଲ ସେଠାରୁ ଆରମ୍ଭ କରିବା ।

ଯେପରି ଆମେ ଜାଣୁ ଆଜି, ବାଇବଲରେ *୬୬*ଟି ପୁସ୍ତକ ଅଛି ଯାହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଏହି ଦୁଇଟି ଅଂଶ ପୁରାତନ ଏବଂ ନୂତନ ନିୟମ ଭାବରେ ଜଣାଶୁଣା । ନୂତନ ନିୟମ ୨୭ ଟି ପୁସ୍ତକକୁ ନେଇ ଗଠିତ । ଯୀଶୁଙ୍କ ମୃତ୍ୟୁ ପରେ ସତୁରି ବର୍ଷ ମଧ୍ୟରେ ଘଟିଥିବା ବିଭିନ୍ନ ଲେଖା ସଂଗ୍ରହରୁ ଏହା ବିକଶିତ ହୋଇଥିଲା । ୩୯୭ ଖ୍ରୀଷ୍ଟାବ୍ଦରେ, "କାର୍ଥେଜ ପରିଷଦ" ନୂତନ ନିୟମକୁ ଶାସ୍ତ୍ର ଭାବରେ ଅନୁମୋଦନ କଲା ।

ସେହି ଭଳି, ପୁରାତନ ନିୟମ ୩୯ଟି ପୁସ୍ତକକୁ ନେଇ ଗଠିତ । ମୋଶାଙ୍କଠାରୁ ଆରମ୍ଭ କରି ୧୧୦୦ ବର୍ଷ ମଧ୍ୟରେ ଘଟୁଥିବା ବିଭିନ୍ନ ଲେଖାର ସଂଗ୍ରହରୁ ଏହା ବିକଶିତ ହୋଇଥିଲା । ଏହି ୩୯ଟି ପୁସ୍ତକ ଯୀଶୁଙ୍କ

ସମୟରେ ଶାସ୍ତ୍ର ଭାବରେ ଜଣାଶୁଣା ଥିଲା । ଯେତେବେଳେ କୌଣସି ନୂତନ ନିୟମ ଲେଖକ ଶାସ୍ତ୍ର ବିଷୟରେ କହନ୍ତି, ସେ କେବଳ ପୁରାତନ ନିୟମକୁ ଅନୁସରଣ କରନ୍ତି । ଏଭଳି ଏକ ଜଣାଶୁଣା ପୁସ୍ତକ ଭାବରେ ପ୍ରକାଶ ପାଇଥିଲା ଖ୍ରୀଷ୍ଟୀୟାନମାନଙ୍କର ଏହି ବାଇବଲଟି ।

ଯିହୂଦୀମାନେ ଶାସ୍ତ୍ରକୁ ତିନି ଭାଗରେ ବିଭକ୍ତ କରନ୍ତି । ଶାସ୍ତ୍ରକୁ **"ତନଖ"** କୁହାଯାଏ, ଯାହା ତିନି ଭାଗର ପ୍ରଥମ ଅକ୍ଷରରୁ ଗଠିତ ଏକ ସଂକ୍ଷିପ୍ତ ଶବ୍ଦ ।

୧. ତୋରା (**T**orah) ହେଉଛି ପ୍ରଥମ ଭାଗ ଏବଂ ଏହାର ଅର୍ଥ ହେଉଛି 'ନିୟମ' ଏବଂ 'ଶିକ୍ଷାଦାନ' । ତୋରା ପା*ଟି ପୁସ୍ତକ କିମ୍ବା ପେ[। ଟିଉକକୁ ନେଇ ଗଠିତ (ଆଦିପୁସ୍ତକ, ଯାତ୍ରା, ଲେବୀୟ ପୁସ୍ତକ, ସଂଖ୍ୟାଗୁଡିକ, ଏବଂ ଦ୍ଵିତୀୟବିବରଣୀ) ।

୨. ନଭିମ (**N**aviim) ହେଉଛି ଦ୍ଵିତୀୟ ଭାଗ ଏବଂ ଏହାର ଅର୍ଥ ହେଉଛି "ଭବିଷ୍ୟଦ୍‌ବକ୍ତା" ଏହି ଅଂଶରେ ଇତିହାସିକ ପୁସ୍ତକ, (ଯିହୋଶୂୟ, ବିଚାରପତିମାନେ, ୧ ଶାମୁୟେଲ, ୨ ଶାମୁୟେଲ, ୧ ରାଜା, ୨ ରାଜା), ପ୍ରମୁଖ ଭବିଷ୍ୟଦ୍‌ବକ୍ତା ( ଯିଶାଇୟ, ଯିରିମିୟ, ଏବଂ ଯିହିଜିକଲ) ଏବଂ ଛୋଟ ଭବିଷ୍ୟଦ୍‌ବକ୍ତା ମାନେ ରହିଛନ୍ତି (ହୋଶେୟ, ଜୁଏଲ, ଆମୋସ୍, ଓବଦିଆ, ଯୂନସ, ମୀଖା, ନାହୂମ୍, ହବକ୍କୁକ୍, ସିଫନିୟ, ହାଗାଇ, ଯିଖରିୟ, ଏବଂମଲାଖି) ।

୩. କେତୁଭିମ୍ (**K**etuvim) ହେଉଛି ତୃତୀୟ ବିଭାଗ ଏବଂ ଏହାର ଅର୍ଥ ହେଉଛି 'ଲେଖା' । ଲେଖା ଗୁଡ଼ିକରେ ୫ ଟି ସ୍କ୍ରୋଲ୍ (ଉପଦେଶକ, ରୁଥ, ଏଷ୍ଟର, ଶଲୋମନଙ୍କ ଗୀତ (କିମ୍ବା ଗୀତର ଗୀତ), ଏବଂ ବିଳାପ), ଏବଂ ଅନ୍ୟାନ୍ୟ ଲେଖା ଅନ୍ତର୍ଭୁକ୍ତ (୧ ଇତିହାସ, ୨ ଇତିହାସ, ଏଜ୍ରା, ନିହିମିୟା, ଆୟୁବ, ଗୀତସଂହିତା, ହିତୋପଦେଶ, ଏବଂଦାନିୟେଲ) ।

**ତୋରା**[୩୦] ('ନିୟମ' ବା 'ଶିକ୍ଷାଦାନ') ରେ ୬୧୩ ନିୟମ ଅଛି । ସେଠାରେ ୩୬୫ ଟି ନକାରାତ୍ମକ ନିୟମ ଅଛି । ଯିହୁଦୀ ରବୀଙ୍କ ଅନୁଯାୟୀ ଏହା ଶରୀରରେ ଶିରା ସଂଖ୍ୟା କିମ୍ବା ଗୋଟିଏ ବର୍ଷରେ ଦିନ ସହିତ ଅନୁରୂପ ଅଟେ । ୨୪୮ ଟି ସକାରାତ୍ମକ ନିୟମ ଅଛି, ଯାହା ଶରୀରରେ ହାଡର ସଂଖ୍ୟା ସହିତ ଅନୁରୂପ ଅଟେ । ହାଡର ଉଦ୍ଦେଶ୍ୟ ହେଉଛି ଶରୀର ପାଇଁ ଗଠନ ଯୋଗାଇବା । ଶିରା ରକ୍ତ ବହନ କରେ

---

[୩୦] ତୋରା – (ଯେବ ପାପ ସିମାଚୁତ ହୁଏ, ବ୍ୟବସ୍ଥା ସିମାକୁ ଆଘାତ କେର) ସମ୍ପୂର୍ଣ୍ଣ ବ୍ୟାଖ୍ୟା ପାଇଁ ପୃଷ୍ଠା ୮୭ ଦେଖନ୍ତୁ ।

ଏବଂ 'ଜୀବନ ରକ୍ତରେ ଅଛି" । ଇଶ୍ୱରଙ୍କ ନିୟମ ଗୁଡ଼ିକ ଶରୀର ପାଇଁ ଜୀବନ ଏବଂ ଗଠନ ପ୍ରଦାନ କରେ କିମ୍ବା ଜଣେ ବ୍ୟକ୍ତି ଦୈନିକ କିମ୍ବା ବର୍ଷକୁ ୩୬୫ ଦିନ ବଂଚିବା ଉଚିତ୍ । ଏହି ନିୟମ ଗୁଡିକ ଦୁଇଟି ବ୍ୟାପକ ଶ୍ରେଣୀରେ ବିଭକ୍ତ: ଆନୁଷ୍ଠାନିକ (ଇଶ୍ୱରଙ୍କ ପ୍ରତିନିୟମ) ଏବଂ ନାଗରିକ (ନିଜ ଭିତରେ ନିୟମ) । ଦଶ ଆଜ୍ଞା ଏହି ସମସ୍ତ ନିୟମକୁ ସଂକ୍ଷିପ୍ତ କରେ ଏବଂ ଏହା ଯାତ୍ରା ୨୦:୧-୧୭ ରେ ମିଳିଥାଏ ।

ଯେତେବେଳେ ମୋଶା ସୀୟନ ପର୍ବତରୁ ଓହ୍ଲାଇଲେ, ସେ ଦୁଇଟି ପଥରରେ ଲେଖାଥିବା ଦଶଆଜ୍ଞା ପ୍ରଦାନ କଲେ । ପ୍ରତ୍ୟେକ ପଥରରେ ୫ଟି ଆଦେଶ ଲେଖା ଯାଇଥିଲା, (ପାଠ୍ୟ ଶେଷରେ ସଂଲଗ୍ନକ ଦେଖନ୍ତୁ) ପ୍ରଥମ ୫ ଟି ନିୟମ ଇଶ୍ୱରଙ୍କ ସହିତ ଲୋକଙ୍କର ସମ୍ପର୍କ ଏବଂ ଦ୍ୱିତୀୟ ୫ ଟି ମନୁଷ୍ୟର ସମ୍ପର୍କ ନିଜ ସହିତ ଜଡିତ । ପ୍ରତ୍ୟେକ ସେଟେର ସର୍ବ ଶ୍ରେଷ୍ଠରୁ କମ ପର୍ଯ୍ୟନ୍ତ ଅବତରଣ କ୍ରମରେ ତାଲିକା ଭୁକ୍ତ । ଯଦି ଜଣେ ବ୍ୟକ୍ତି ସର୍ବନିମ୍ନ ଆଦେଶକୁ ଭାଙ୍ଗି ଦିଅନ୍ତି ତେବେ ସେ ସର୍ବଶ୍ରେଷ୍ଠ ଆଦେଶ ଭଙ୍ଗ କଲାଭଳିଆ ଧାରଣା ହେଉଛି ।

ପ୍ରଥମ ୫ଟି ସେଟେର, ୫ ନମ୍ବର ଆଜ୍ଞା ହେଉଛି 'ତୁମ ପିତା ଏବଂ ମାତାଙ୍କୁ ସମ୍ମାନ ଦିଅ' । ଯଦି କୌଣସି ବ୍ୟକ୍ତି ସେହି ଆଦେଶକୁ ଭାଙ୍ଗନ୍ତି ତେବେ ଏହା ପ୍ରଥମ ଆଦେଶକୁ ଭାଙ୍ଗିଲା ଭଳିଆ, "ମୋ ବିନା ତୁମର ଅନ୍ୟ ଦେବତା କେହି ନାହାନ୍ତି" । ଏହାର ଅର୍ଥ ଏପରି । ଯଦି କୌଣସି ବ୍ୟକ୍ତି ତାଙ୍କ ପିତାମାତାଙ୍କୁ ସମ୍ମାନ କରନ୍ତି ନାହିଁ, ଯେଉମାନଙ୍କୁ ଇଶ୍ୱର ତାଙ୍କ ଉପରେ ରଖିଛନ୍ତି, ତେବେ ସେ ମଧ୍ୟ ଇଶ୍ୱରଙ୍କୁ ସମ୍ମାନ ନ କରିବା ସହିତ ସମାନ ଅଟେ । କାରଣ ସେ ଆତ୍ମ ନିର୍ଭରଶୀଳ ଏବଂ ନିଜକୁ ଇଶ୍ୱର ବୋଲି ଭାବନ୍ତି ।
ଦ୍ୱିତୀୟ ୫ଟି ସେଟେର, ଦଶମ ଆଜ୍ଞା ହେଉଛି 'ତୁମେ ଅନ୍ୟର ଜିନିଷ ଲୋଭ କରିବ ନାହିଁ' । ଯଦି କୌଣସି ବ୍ୟକ୍ତି ସେହି ଆଦେଶକୁ ଭାଙ୍ଗନ୍ତି ତେବେ ଏହା ଷଷ୍ଠ ଆଜ୍ଞାକୁ ଭାଙ୍ଗିବା ଭଳିଆ, "କି ତୁମେ ହତ୍ୟା କରିବ ନାହିଁ" । ଏହାର ଅର୍ଥ ଏପରି । ଯେତେବେଳେ ଜଣେ ବ୍ୟକ୍ତି ଲୋଭ କରେ ସେ ଏହାକୁ ପାଇବା ପାଇଁ କିଛି ବନ୍ଦ କରିବ ନାହିଁ । ଏହି ଧାରଣାର ସାମ୍ପ୍ରତିକ ଉଦାହରଣ ହେଉଛି ବ୍ୟାଙ୍କ ଡକାୟତ, ଯିଏ ଧରିବା ସମୟରେ କାହାକୁ ହତ୍ୟା କରେ । ସେ ଏପରି କିଛି ଲୋଭ କରିବା ଆରମ୍ଭ କରନ୍ତି ଯାହା ତାଙ୍କର ନୁହେଁ, ଏବଂ ତା'ପରେ ସେ ଯାହା ଚାହିଁ ଥାଏ ଚୋରି କରେ ଏବଂ ଶେଷରେ ଏହାକୁ ପାଇବା ପାଇଁ କାହାକୁ ହତ୍ୟା କରେ ।

ଦଶ ଆଜ୍ଞାକୁ କେବଳ ଦୁଇଟି ଆଜ୍ଞା ଦ୍ଵାରା ସଂକ୍ଷିପ୍ତ କରାଯାଇ ପାରେ । ଯୀଶୁ ଯେତେବେଳେ ଦଶ ଆଜ୍ଞାରେ କେଉଁ ମହତ୍ ଆଦେଶ ଥିଲା, ସେହି ପ୍ରଶ୍ନର ସମ୍ମୁଖୀନ ହେଲେ, ଯୀଶୁ ଦୁଇଟି ଶାସ୍ତ୍ରର ଉତ୍ତର ଦେଇ ଉତ୍ତର ଦେଲେ: ଦ୍ଵିତୀୟ ବିବରଣ ୬:୫ ଏବଂ ଲେବୀୟପୁସ୍ତକ ୧୯:୧୮ । "ଯୀଶୁ ତାହାଙ୍କୁ କହିଲେ, 'ତୁମ୍ଭେ ଆପଣା ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ଶକ୍ତି ସହିତ ସଦାପ୍ରଭୁ ତୁମ୍ଭ ପରମେଶ୍ଵରଙ୍କୁ ପ୍ରେମ କରିବ । 'ଏହା ହେଉଛି ମହାନ୍ ଏବଂ ପ୍ରମୁଖ ଆଦେଶ । ଦ୍ଵିତୀୟଟି ଏହାପରି ଅଟେ, 'ତୁମ୍ଭେ ଆପଣା ପ୍ରତିବାସୀକୁ ଆତ୍ମ ତୁଲ୍ୟ ପ୍ରେମ କରିବ ।' ଏହି ଦୁଇଟି ଆଦେଶ ଉପରେ ସମ୍ପୂର୍ଣ୍ଣ ନିୟମ ଏବଂ ଭବିଷ୍ୟଦ୍‌ବକ୍ତାମାନେ ନିର୍ଭର କରନ୍ତି" ।

**ଶାସ୍ତ୍ରପାଠ:**

## ଯୀଶୁ ଖ୍ରୀଷ୍ଟ, ବ୍ୟବସ୍ଥାର ପୂର୍ଣ୍ଣକାରୀ ଏବଂ ଭାବବାଦୀ
## ପାର୍ବତ୍ୟ ପ୍ରଚାର
## ମାଥିଉ.୫:୧୭-୨୦

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ମୁଁ ଯେ ମୋଶାଙ୍କ ବ୍ୟବସ୍ଥା କି ଭାବବାଦୀମାନଙ୍କ **ଧର୍ମଶାସ୍ତ୍ର**[୩୧] ଲୋପ କରିବାକୁ ଆସିଅଛି, ଏପରି ଭାବ ନାହିଁ; **ଲୋପ**[୩୨] କରିବାକୁ ଆସି ନାହିଁ ବରଂ **ସଫଳ**[୩୩] କରିବାକୁ ଆସିଅଛି । କାରଣ ମୁଁ ତୁମ୍ଭମାନଙ୍କୁ ସତ୍ୟ

---

[୩୧] **ବ୍ୟବସ୍ଥା ଏବଂ ଭାବବାଦିମାନେ -** ଯିଶୁ ଖ୍ରୀଷ୍ଟ ସେ ସବୁ ବିଷୟକୁ ଦର୍ଶାଇଥିଲେ, ଯାହା ତାଙ୍କ ପିତା ପରମେଶ୍ଵର ପ୍ରତିଷ୍ଠା କରିଥିଲେ (ବ୍ୟବସ୍ଥା) ଏବଂ ତାଙ୍କ ପିତା ଇଛା କଲେ କି ସେ (ଭାବବାଦିମାନଙ୍କ) ଜରିଆରେ ସେ ସବୁ ବିଷୟକୁ ଆଣିବା ପାଇଁ । ବ୍ୟବସ୍ଥା ସଠିକ ଅର୍ଥ ପ୍ରଦାନ କରେ, ତାହା ଶିକ୍ଷା ଦେବା ବା ପରମେଶ୍ଵରଙ୍କର ଉପଦେଶ । କିନ୍ତୁ ଏ ସବୁଠାରୁ ଅଧିକା ଇଶ୍ଵରୀୟ ଆଚରଣ ଡାନଚା, ଜୀବନ ନିମନ୍ତେ ଏହି ସଂସାରରେ, ଏହା ମଧ୍ୟ ବ୍ୟାଖ୍ୟା କରେ କି ଏହା ଏକ ଇଶ୍ଵରଙ୍କର ନିଜ ଆଚରଣ ଡାନଚା । ଯେଉଁ ରିତି ପରମେଶ୍ଵର ତାଙ୍କ ସୃଷ୍ଟି ନିମନ୍ତେ ବର୍ଣ୍ଣନା କରିଅଛନ୍ତି । ଯେତେବେଳେ ଆମ୍ଭେମାନେ ଆମ୍ଭ ଜୀବନକୁ –ତୋରା- ବ୍ୟବସ୍ଥା ଆଧାରରେ ନିୟନ୍ତ୍ରଣ କରିଥାଉ । ଆମେମାନେ କେବଳ ଇଶ୍ଵରଙ୍କର ଇଛାକୁ ପୁରା କରି ନଥାଉ । କିନ୍ତୁ ଆମେମାନେ ମଧ୍ୟ ଇଶ୍ଵରଙ୍କର ଆଚରଣକୁ ଅନୁକରଣ କରୁ । ଇଶ୍ଵରିୟ ସମ୍ପର୍କ ସୃଷ୍ଟି ସହିତ ମାନବୀୟ / ଭୌତିକ ଭାବରେ ଯେତେବେଳେ ଅନୁବାଦ କରୁ । ଅନ୍ୟ ଶବ୍ଦରେ (ରବୀଶ୍) ର ଅର୍ଥ, ଇଶ୍ଵରଙ୍କ ଆଚରଣ ଶରୀର ବା ରକ୍ତ ଭଳିଆ ନୁହଁ । ଏହି ଶରିର ଓ ରକ୍ତର ଅର୍ଥ ହେଉଛି, ଅନ୍ୟମାନେ କରିବା ନିମନ୍ତେ ଉପଦେଶ ଦେବା ।, କିନ୍ତୁ ନିଜେ କର ନାହିଁ । ଯାହା ବି ହେଉ, ପରମେଶ୍ଵର ଯାହା ନିଜେ କରନ୍ତି, ତାହା ହିଁ ତାଙ୍କ ନିଜ ଲୋକଙ୍କୁ କରିବା କିମ୍ଵା ପାଳନ କରିବା ନିମନ୍ତେ କୁହନ୍ତି । (ଉଦାହରଣ ସ୍ଵରୁପ, ୧ ଯୋହନ ୨:୩-୬, ।)

[୩୨] **ଲୋପ କରିବା** – ମୁଁ ସର୍ବତ୍ର ହରେଇଲି ନାହିଁ, ମୁଁ କ୍ଷତି କଲି ନାହିଁ, ମୁଁ ଦୁର କଲି ନାହିଁ, ମୁଁ ଧ୍ଵଂସ କଲି ନାହିଁ (ଉଭୟ ଆକ୍ଷରିକ ଭାବରେ ବା ରୂପକ ଭାବରେ), ମୁଁ ଜୁଆଳି ବନ୍ଦ କଲି ନାହିଁ, କିମ୍ଵା ଘୋଡାର ଅଶ୍ଵବନ୍ଦନୀ ଅନିୟନ୍ତ୍ରଣ କଲି ନାହିଁ, ନା କି କୌଣସି ପଶୁର ବନ୍ଧା ହୋଇଥିବା ଜିନିଷକୁ । ନା ମୁଁ ରୂପକ ଭାବେର, କ୍ଷତି, ବୃଥା ତର୍ଜମା, ସଫଳତାରୁ ବନଚିତ, କିମ୍ଵା ପରମେଶ୍ଵରଙ୍କର ଅନୁଷ୍ଠାନକୁ

କହୁଅଛି, ଯେପର୍ଯ୍ୟନ୍ତ ଆକାଶ ମଣ୍ଡଳ ଓ ପୃଥିବୀ ଲୋପ ନ ପାଇବ, ସେପର୍ଯ୍ୟନ୍ତ ସମସ୍ତ ନ ଘଟିବା ଯାଏ ମୋଶାଙ୍କ ବ୍ୟବସ୍ଥାରୁ ଏକ ମାତ୍ରା କି ଏକ ବିନ୍ଦୁ କୌଣସି ପ୍ରକାରେ ଲୋପ ପାଇବ ନାହିଁ । ଅତଏବ ଯେ କେହି ଏହି ସମସ୍ତ କ୍ଷୁଦ୍ରତମ **ଆଜ୍ଞା**[୩୪] ମଧ୍ୟରୁ କୌଣସି ଗୋଟିଏ **ଆଜ୍ଞା ମାନେ ନାହିଁ**[୩୫] ଓ ଲୋକଙ୍କୁ ସେହି

---

ଜଣକୁ ମଧ୍ୟସ୍ଥ ଆଣିଲି ନାହିଁ । ସରକାର ବା ବ୍ୟବସ୍ଥାର ଆକାର । (ସମାର୍ଥକ ଶବ୍ଦ - ଶକ୍ତିରୁ ବନଚିତ, ରଦ୍ଦ କରିବା, ପ୍ରତ୍ୟାହାର କରିବା, ତ୍ୟାଗ କରିବା) ।

[୩୩] **ପୂରଣ କରିବା** - ଆଜ୍ଞା ମାନିବା, ବା ଏପରି ଚାଲିବା ଆବଶ୍ୟକ (ଉଦାହରଣ ସ୍ୱରୁପ, ମାଥିଉ ୩:୧୩-୧୬, ସେତେବେଳେ ଯୀଶୁ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ନିମନ୍ତେ ଗାଲିଲୀରୁ ଯର୍ଦ୍ଦନକୁ ଆସିଲେ । କିନ୍ତୁ ଯୋହନ ତାହାଙ୍କୁ ନିବାରଣ କରିବାକୁ ଚେଷ୍ଟା କରି କହିଲେ, ଆପଣଙ୍କ ଦ୍ୱାରା ବାପ୍ତିଜିତ ହେବା ମୋହର ପ୍ରୟୋଜନ, ଆଉ ଆପଣ ମୋ' ନିକଟକୁ ଆସୁଅଛନ୍ତି ? ମାତ୍ର ଯୀଶୁ ତାଙ୍କୁ ଉତର ଦେଲେ, ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ । ସେଥିରେ ସେ ତାହାଙ୍କ କଥାରେ ସମ୍ମତ ହେଲେ । ) (ଉଦାହରଣ ସ୍ୱରୁପ, ଯିହିଜିକଲ ୩୬:୨୫-୨୭, ପୁଣି, ଆମ୍ଭେ ତୁମ୍ଭମାନଙ୍କ ଉପରେ ଶୁଚି ଜଳ ସିନଚିବା, ତହିଁରେ ତୁମ୍ଭେମାନେ ଶୁଚି ହେବ; ତୁମ୍ଭମାନଙ୍କର ସବୁ ଅଶୌଚରୁ ଓ ତୁମ୍ଭମାନଙ୍କର ସକଳ ପ୍ରତିମାଗଣଠାରୁ ଆମ୍ଭେ ତୁମ୍ଭମାନଙ୍କୁ ଶୁଚି କରିବା । ଆହୁରି, ଆମ୍ଭେ ତୁମ୍ଭମାନଙ୍କୁ ଏକ ନୂତନ ହୃଦୟ ଦେବା ଓ ଆମ୍ଭେ ତୁମ୍ଭମାନଙ୍କ ଅନ୍ତରରେ ଏକ ନୂତନ ଆତ୍ମା ସ୍ଥାପନ କରିବା; ଆଉ, ଆମ୍ଭେ ତୁମ୍ଭମାନଙ୍କ ମାଂସ ମଧ୍ୟରୁ ପ୍ରସ୍ତରମୟ ହୃଦୟ କାଢ଼ି ନେବା ଓ ଆମ୍ଭେ ତୁମ୍ଭମାନଙ୍କୁ ମାଂସମୟ ହୃଦୟ ଦେବା । ପୁଣି, ଆମ୍ଭେ ତୁମ୍ଭମାନଙ୍କ ଅନ୍ତରରେ ଆମ୍ଭର ଆତ୍ମା ସ୍ଥାପନ କରିବା ଓ ତୁମ୍ଭମାନଙ୍କୁ ଆମ୍ଭର ବିଧିରୂପ ପଥରେ ଚଳାଇବା, ତହିଁରେ ତୁମ୍ଭେମାନେ ଆମ୍ଭର ଶାସନସକଳ ରକ୍ଷା କରି ପାଳନ କରିବ ।) ଏବଂ ଗାଲାତୀୟ ୫:୨୫, ଯଦି ଆମ୍ଭେମାନେ ଆତ୍ମାଙ୍କ ଦ୍ୱାରା ଜୀବନ ପ୍ରାପ୍ତ ହୋଇଅଛୁ, ତେବେ ଆତ୍ମାଙ୍କ ଦ୍ୱାରା ମଧ୍ୟ ଆଚରଣ କରୁ ।

[୩୪] **ରଦ୍ଦ କରିବା** (ପ୍ରତ୍ୟାହାର କରିବା, କୋହଳ କରିବା) – (କାର୍ଯ୍ୟାଳୟ ସହ ଚୁକ୍ତି, ନିର୍ଣ୍ଣୟ ବା ଫଳାଫଳ) କୁ ବେଆଇନ ଘୋଷଣା କରିବା, (ଆକ୍ଷରିକ ଭାବରେ ବା ସାଙ୍କେତିକ ଭାବରେ) ହରେଇବା । (ସମାର୍ଥକ ଶବ୍ଦ - ବିଧ୍ୱଂସ କରିବା (କ୍ଷମତାକୁ ଓ ଶକ୍ତିକୁ ତଳକୁ ଖସେଇବା), (ଅନୁଷ୍ଠାନର ପଦ୍ଧତୀକୁ ସ୍ଥାପନା କରିବା), ଉଦାହରଣ ସ୍ୱରୁପ ଘୋଷଣା କରିବା କି ବିବାହ କରିବା ଏକ ବୈଧହୀନ ଆଇନ ବା ଅସ୍ତିତ୍ୱ ଅଟେ । (ପ୍ରତ୍ୟାହାର କରିବା) ଖାରଜ କରିବା ବା (ବ୍ୟବସ୍ଥା, ଅଧିକାର, ପ୍ରଚଳିତ ଚୁକ୍ତି) ଠାରୁ ଦୁରରେ ରହିବା, ବା ଟାଳିବା ନିଜ କର୍ତବ୍ୟ ଠାରୁ । (ସମାର୍ଥକ ଶବ୍ଦ - ପ୍ରତ୍ୟାଖ୍ୟାନ କରିବା, ବିଖଣ୍ଡନ କରିବା, ଖାରଜ କରିବା, ରଦ୍ଦ କରିବା, ଲେଉଟି ପଡିବା, ବତିଲ କରିବା, ପ୍ରାଧାନ୍ୟ ବଜାୟ ରଖିବା, ଦୁରକୁ କରିବା, ରଦ୍ଦ କରିବା, ଭଂଗ କରିବା, ଅକାମି କରିବା, ନିଷ୍ଫଳତା, ଶୂନ୍ୟ, ରଦ୍ଦ କରିବା, ମିଳାଇବା, ନିଷେଧ ଅଧିକାର, ଅବିଧେୟ ହେବା, ବା ଖାଲି ହେବା, ନିବୃତ କରିବା) (ଉଦାହରଣ ସ୍ୱରୁପ, ରୋମୀୟ ୩:୩୧, ଯେଣୁ ଯେତେ ବ୍ୟବସ୍ଥାବିହୀନ ହୋଇ ପାପ କରିଅଛନ୍ତି, ସେମାନେ ମଧ୍ୟ ବ୍ୟବସ୍ଥା ବିନା ବିନଷ୍ଟ ହେବେ; ଆଉ, ଯେତେ ବ୍ୟବସ୍ଥା ପ୍ରାପ୍ତ ହୋଇ ପାପ କରିଅଛନ୍ତି, ସେମାନେ ବ୍ୟବସ୍ଥାନୁସାରେ ବିଚାରିତ ହେବେ, କାରଣ ବ୍ୟବସ୍ଥାର ଶ୍ରୋତାମାନେ ଈଶ୍ୱରଙ୍କ ସାକ୍ଷାତରେ ଧାର୍ମିକ ନୁହନ୍ତି, କିନ୍ତୁ ବ୍ୟବସ୍ଥା ପାଳନକାରୀମାନେ ଧାର୍ମିକ ଗଣିତ ହେବେ ।

[୩୫] **ଗ୍ରନ୍ଥ ଆଧାରିତ ସମାନ୍ତର ବ୍ୟବସ୍ଥାର ସଂଜ୍ଞାଗୁଡିକ** – (ଉଦାହରଣ ସୂରୁପ ମାଥିଉ ୨୮:୨୦, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର; ଆଉ ଦେଖ, ଯୁଗା; ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ

ପ୍ରକାରେ ଶିକ୍ଷା ଦିଏ, ସେ ସ୍ୱର୍ଗ ରାଜ୍ୟରେ କ୍ଷୁଦ୍ରତମ ବୋଲି ପରିଚିତ ହେବ; କିନ୍ତୁ ଯେକେହି ସେହି ସମସ୍ତ **ପାଳନ**[୩୬] କରେ ଓ ଶିକ୍ଷା ଦିଏ, ସେ ସ୍ୱର୍ଗରାଜ୍ୟରେ ମହାନ ବୋଲି ପରିଚିତ ହେବ । ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭମାନଙ୍କ **ଧାର୍ମିକତା**[୩୭] ଶାସ୍ତ୍ରୀ ଓ ଫାରୂଶୀମାନଙ୍କ ଧାର୍ମିକତା ଅପେକ୍ଷା ଅଧିକ ନ ହେଲେ ତୁମ୍ଭେମାନେ କୌଣସି ପ୍ରକାରେ ସ୍ୱର୍ଗ ରାଜ୍ୟରେ ପ୍ରବେଶ କରିବ ନାହିଁ ।

---

ସଙ୍ଗେ ସଙ୍ଗେ ଅଛି । ) । **ପର୍ଯ୍ୟବେକ୍ଷକ କରିବା** – ରକ୍ଷଣ କରିବା, ପ୍ରହର କରିବା, ପର୍ଯ୍ୟବେକ୍ଷକ କରିବା, ଦୃଷ୍ଟି ରଖିବା, ନିରନ୍ତର ପ୍ରହର ରଖିବା, ସାଇତିବା, ଏବଂ ମୁଁ **ଧର୍ମାବେଶ ଦେଇଥିବା**, ସୁବ୍ୟବସ୍ଥିତ,ଆଦେଶ ପାଳନ କରିବା ଆବଶ୍ୟକ ହୁକୁମ ଦେବା, ସିଧାସଳଖ ଭାବରେ ବା ଧାର୍ଯ୍ୟ କରିବା ଅଧିକାରୀମାନଙ୍କ ଜରୀଆରେ ବା ଜରୁରୀ ସାବଧାନ ବାଣୀ (ଭଦ୍ର ବା ବନ୍ଧୁ ସଦୃଶ ନିନ୍ଦା କରିବା, ଅସାବଧାନତା ଯୋଗୁଁ ହୋଇଥିବା ଭୁଲରୁ ପରାମର୍ଶ ବା ଆବଦ୍ଧ କରି ଦଶ ଆଜ୍ଞାରେ ଆମ୍ଭମାନଙ୍କୁ ପ୍ରଥମେ ଦିଆଯାଇଥିଲା । ଯାହା ଈଶ୍ୱରଙ୍କର ହାତ ଖୋଦେଇ ଦୁଇଗୋଟି ପଥର ଟାବଲେଟରେ ଲେଖାଥିଲା । ଯେତେବେଳେ କିଛି ଲେଖାଯାଏ, ଲିପିର ଉପାଦାନ ତାହା ପ୍ରକାଶ କରିଥାଏ, (କାଳି), ତାହାର ଅଲଗା ଅସ୍ତିତ୍ୱକୁ ବାକି ରଖିଥାଏ । ଯେଉଁ ଉପାଦାନ ସେମାନେ ବସାଣ କରିଅଛନ୍ତି, (ପଶୁଚର୍ମ) ଚିତ୍ର କରିବା ପାଇଁ ବା ଲେଖିବା ପାଇଁ ବ୍ୟବହୃତ ଚର୍ମ । ଦ୍ୱିତିୟ ବିଷୟ ହେଲା, ଯେଉଁ ପଥରରେ ଲିପି ଖୋଦିତ ହେଲା, ତାହା ଜାଲିଆତିରୁ ବନଚିତ ହେଲା । ଶବ୍ଦଗୁଡିକ ପଥର ଏବଂ ପଥର ହେଉଛି ଶବ୍ଦଗୁଡିକ.....ସେହିଭଳିଆ । ଚିହ୍ନ, (ତୋରା) ଦୃଷ୍ଟିକୋଣରୁ ସେହି ଲିପିରେ ଲିପିବଦ୍ଧ ହେଇଛି, ଆମ୍ଭମାନଙ୍କ ହୃଦୟରେ । ଆମ୍ଭେ ବୁଝିରୁ ଏହା, ଆମ୍ଭମାନଙ୍କର ଆବେଗ ଏହା ଦ୍ୱାରା ଜାଗ୍ରତ କରାଯାଏ ।ଏହା ଆମ୍ଭମାନଙ୍କର ଜୀବନ ଶୈଳୀ କିମ୍ବା ବ୍ୟକ୍ତିତ୍ୱ ହେଇଯାଏ । କିନ୍ତୁ ଏହା କିଛି ଅତିରିକ୍ତ ଭାବରେ ଆମ୍ଭମାନଙ୍କ ପାଖରେ ରହିଯାଏ । କିନ୍ତୁ (ତୋରା) ର ଆୟତନ ଯାହା (ବିଧାନ) ଆମ୍ଭ ସତାରେ ଖୋଦିତ ହେଇଛି । ସେହି (ତୋରା) ର ଆୟତନରେ ଇଶ୍ୱରଙ୍କ ସହିତ ସଂଯୋଗର ମାନ ପ୍ରକାଶ କରେ କି ଏହା ଏକ ବହୁତ ହିଁ ମର୍ମର ବିଷୟ ଅଟେ, ବିଶ୍ୱାସିମାନଙ୍କ ଆତ୍ମା ପାଇଁ । (ଉଦାହରଣ ସୂରୁପ, ଯାତ୍ରା ପୁସ୍ତକ ୩୧:୧୮, ୩୨:୧୬, ଯିରରମିୟ ୩୧:୩୩, ୨ କରିନ୍ତୀୟ ୩:୩-୯) ।

[୩୬] **ତତ୍ତ୍ୱାବଧାନ** (ଉକ୍ଟରସ୍ୱ, ସ୍ୱକ୍ଟ ଉକ୍ଟ) - ଗଡିବା ବା କରିବା (ବନାଇବା, ନିର୍ମାଣ କରିବା, ନିର୍ମାଣ କରିବା : ସମ୍ପାଦନ କରିବା, କାର୍ଯ୍ୟ, କାରଣ) (କରିବାକୁ) କିଛି ପଦ୍ଧତିକୁ ଅନୁସରଣ କରିବା ଦ୍ୱାରା କାର୍ଯ୍ୟର ଭାବକୁ ଏବଂ ମନର ଚିନ୍ତାଧାରାକୁ ପ୍ରକାଶ କରିଥାଏ । ସାର୍ବଜନୀନ : କାର୍ଯ୍ୟର ଗଠନ ବ୍ୟାଖ୍ୟା କରିଥାଏ । ଠିକ ଭାବରେ କାର୍ଯ୍ୟ କରିବା, ଠିକ ଭାବରେ ବ୍ୟବସ୍ଥା ପାଳିବା, ଏହାର ଆବଶ୍ୟକ ପୁର୍ଣ କର, ସେହି ଜିନିଷ ଗୁଡିକ କର ଯାହା ବ୍ୟବସ୍ଥା କୁହେ । (ସମାର୍ଥକ ଶବ୍ଦ - ପାଳନ କରିବା, ଏକମତ ହେବା, ନିଯୁକ୍ତ କରିବା, ହେବା, ବହନ କରିବା, କାରଣ, ବିଳମ୍ବ ନ କରି ପ୍ରତିଶୃତି କରିବା, ପ୍ରୟୋଗ କରିବା, ପୁର୍ଣ କରିବା, ଲାଭ କରିବା, ଧରି ରଖିବା, ରଖିବା, ପର୍ଯ୍ୟବେକ୍ଷକ କରିବା, ପ୍ରଦର୍ଶନ କରିବା, ଯୋଗାଇବା, ଉଦ୍ଦେଶ୍ୟ, ସୁରକ୍ଷିତ, ଅପେକ୍ଷା କରିବା, କାର୍ଯ୍ୟ, ଉପୁଯାଇବା) ।

[୩୭] **ନ୍ୟାୟସଗଂତ** – ଉଚିତ ରୁପେ, ନ୍ୟାୟ ପାଳିକା ନିଶ୍ଚିତ କରିବା, (ମକଦ୍ଦମା ସମ୍ପର୍କରେ ନିଶ୍ଚିତ କରିବା), ନୂତନ ନିୟମରେ, ପରମେଶ୍ୱରଙ୍କର ଅନୁମୋଦନ କରିବା କାର୍ଯ୍ୟ, ଐଶରୀକ ଅନୁମୋଦନ, ପରମେଶ୍ୱର ଦ୍ୱାରା କଣ ଠିକ ପରିକ୍ଷା ପରେ ବିବେଚନା କରିବା ବା ଦର୍ଶାଇବା, ଉଦାହରଣ ସ୍ୱରୁପ, କଣ ପରମେଶ୍ୱରଙ୍କ ଆଖିରେ ଅନୁମୋଦନ କରିବା। ପରମେଶ୍ୱରଙ୍କର ଅବସ୍ଥା ଯାହା ଏପରି କେ ହେବା ଉଚିତ, ନ୍ୟାୟସଂଗତ- ପରମେଶ୍ୱରଙ୍କ ଦ୍ୱାରା ହେ ସ୍ଥିତି ଗ୍ରହଣ ଯୋଗ୍ୟ । ନ୍ୟାୟପର ଭାବରେ ଚାଲିବା ବା ନ୍ୟାୟସଂଗତ ଭାବରେ ଗମନ କରିବା ହିଁ ଅକପଟ, ଧାର୍ମୀକ ମନୁଷ୍ୟ ସଦୃଶ୍ୟ ଅଟେ । (ଉଦାହରଣ ୨ ତିମଥି ୩:୧୬, ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ ) । ନ୍ୟାୟଯୁକ୍ତ କାର୍ଯ୍ୟ କରିବା କିମ୍ବା ଅକପଟ ଭଳିଆ ଜୀବନ ବନଚିବା, (ଉଦାହରଣ ୧ ଯୋହନ ୨:୨୯, ସେ ଧାର୍ମିକ ଅଟନ୍ତି, ଏହା ଯଦି ଜାଣ, ତେବେ ଯେକେହି ଧର୍ମାଚରଣ କରେ, ସେ ଯେ ତାହାଙ୍କଠାରୁ ଜାତ,, ଏହା ମଧ୍ୟ ଜାଣ । ) (୧ ଯୋହନ ୩:୭, ହେ ବତ୍ସଗଣ, କେହି ତୁମ୍ଭମାନଙ୍କୁ ଭ୍ରାନ୍ତ ନ କରୁ; ଯେ ଧର୍ମାଚରଣ କରେ,

**ଆଦେଶ:**

❖ ମୁଁ ଯେ ମୋଶାଙ୍କ ବ୍ୟବସ୍ଥା କି ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ଲୋପ କରିବାକୁ ଆସିଅଛି, ଏପରି ଭାବ ନାହିଁ; ଲୋପ କରିବାକୁ ଆସି ନାହିଁ ବରଂ ସଫଳ କରିବାକୁ ଆସିଅଛି ।

**ଦଳୀୟ ଆଲୋଚନା:**

**୧.** ଆଜି ଚର୍ଚ୍ଚରେ ଅନେକ କହୁଛନ୍ତି ଯେ, ଖ୍ରୀଷ୍ଟିଆନମାନେ ଆଉ ଆଇନ ଅଧୀନରେ ନୁହଁନ୍ତି ବରଂ ଅନୁଗ୍ରହରେ ଅଛନ୍ତି । ଏହି ବକ୍ତବ୍ୟର ଅର୍ଥ ଆପଣ କ'ଣ ବୁଝନ୍ତି ?

**ଶିକ୍ଷାର ମୂଳ ବିଷୟ:** ଯୀଶୁ ଚାହାଁନ୍ତି ନାହିଁ ଯେ, ତାଙ୍କ ଶିଷ୍ୟମାନେ ଭାବନ୍ତୁ ଯେ ସେ ନିଜ ଧର୍ମ ପ୍ରତିଷ୍ଠା କରିବା ପାଇଁ ସେମାନଙ୍କୁ ଏହି ଶିକ୍ଷା ଦେଉଛନ୍ତି । ସେ ତାହା କରୁ ନାହାଁନ୍ତି, କିନ୍ତୁ ତାହା ସେ ଦୂର କରୁଛନ୍ତି । ସେମାନଙ୍କ ପିଲାମାନଙ୍କ ପ୍ରତି ପିତା ମାତାଙ୍କ ପରି ସେ ଚାହାଁନ୍ତି ଯେ ସେମାନେ ଜ୍ଞାନ ଏବଂ ବୁଝାମଣାରେ ଲାଭ କରନ୍ତୁ ।

ଯେତେବେଳେ ଯୀଶୁ ନିୟମ ଏବଂ ଭବିଷ୍ୟଦ୍‌ବକ୍ତାମାନଙ୍କ ବିଷୟରେ କହିଥିଲେ, ସେତେବେଳେ ସେ କେବଳ କିଛି ନିୟମ ଏବଂ ଭବିଷ୍ୟବାଣୀ ବିଷୟରେ କହିଥିଲେ । ଶାସ୍ତ୍ରରେ ଲେଖାଯାଇଥିବା ସମସ୍ତ ସମୁଦାୟ ବିଷୟରେ ସେ କହୁଥିଲେ । ଯୀଶୁ ତାଙ୍କ ପିତା ଯାହା ପ୍ରତିଷ୍ଠା କରିଥିଲେ (ନିୟମ) ଏବଂ ତାଙ୍କ ପିତା ଯାହା ଚାହୁଁଥିଲେ ତାହା କରିବାକୁ ଯାଉଥିଲେ (ଭବିଷ୍ୟଦ୍‌ବକ୍ତାଙ୍କ ଭବିଷ୍ୟବାଣୀ) । ଏବଂ ଯୀଶୁ ଘୋଷଣା କଲେ ଯେ ସେ କେବଳ ସେମାନଙ୍କୁ ପୂର୍ଣ୍ଣ କରିବେ !

---

ସେ ଯେପରି ଧାର୍ମିକ ଅଟନ୍ତି, ସେ ସେହିପରି ଧାର୍ମିକ ଅଟେ ) (୧ ଯୋହନ ୩:୧୦, ଏଥିରେ କିଏ ଈଶ୍ୱରଙ୍କ ସନ୍ତାନ ଓ କିଏ ଶୟତାନର ସନ୍ତାନ, ଏହା ପ୍ରକାଶିତ ହୁଏ; ଯେକେହି ଧର୍ମାଚରଣ କରେ ନାହିଁ, କିଅବା ଆପଣା ଭାଇକୁ ପ୍ରେମ କରେ ନାହିଁ, ସେ ଈଶ୍ୱରଙ୍କଠାରୁ ଜାତ ନୁହେଁ । ) (୧ ପିତର ୨:୨୪, ଆମ୍ଭେମାନେ ଯେପରି ପାପ ପ୍ରତି ମୃତ ହୋଇ ଧାର୍ମିକତା ନିମନ୍ତେ ଜୀବନ ଯାପନ କରୁ, ଏଥିନିମନ୍ତେ ସେ ଆପେ କ୍ରୁଶ ଉପରେ ନିଜ ଶରୀରରେ ଆମ୍ଭମାନଙ୍କର ସମସ୍ତ ପାପ ବହନ କଲେ; ତାହାଙ୍କ ପ୍ରହାରରେ ତୁମ୍ଭେମାନେ ସୁସ୍ଥ ହୋଇଅଛ )।

ମୃତ୍ୟୁର ପୁନରୁଥାନ ପରେ, ଯୀଶୁ ଏମାଉସ ରାସ୍ତାରେ ଯାଉଥିବା ସମୟରେ ତାଙ୍କର ଦୁଇଜଣ ଶିଷ୍ୟଙ୍କୁ ଦେଖା କଲେ । "ଏବଂ ମୋଶାଙ୍କ ଠାରୁ ଆରମ୍ଭ କରି ("ତୋରା" କିମ୍ବା "ନିୟମ" କିମ୍ବା "ଶିକ୍ଷାଦାନ") ଏବଂ ସମସ୍ତ ଭବିଷ୍ୟଦ୍‌ବକ୍ତା ମାନଙ୍କ ସହିତ, ସେ ସମସ୍ତ ଶାସ୍ତ୍ରରେ ନିଜ ବିଷୟରେ ଥିବା ବିଷୟଗୁଡ଼ିକୁ ସେମାନଙ୍କୁ ବୁଝାଇଲେ ।[୩୮] କୌଣସି ସାଧାରଣ ମଣିଷ ଯାହା ଲେଖାଯାଇଛି ତାହା ସମ୍ପୂର୍ଣ୍ଣରୂପେ ପୂରଣ କରିପାରିବ ନାହିଁ, କେବଳ ଯେଉଁମାନଙ୍କ ମଧ୍ୟରୁ ଶାସ୍ତ୍ର ସାକ୍ଷ୍ୟ ଦେଇଛି, ଇଶ୍ୱରଙ୍କ ବାକ୍ୟ, ନିଜେ, ଯୀଶୁ ।

ପ୍ରେରିତ ଯୋହନଙ୍କ ଅନୁଯାୟୀ ସୁସମାଚାର ଯୀଶୁଙ୍କ ସାକ୍ଷ୍ୟ ସହିତ ଆରମ୍ଭ । "ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଇଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ । ସେ ଆଦ୍ୟରେ ଇଶ୍ୱରଙ୍କ ସହିତ ଥିଲେ । ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହେଲା; ଆଉ ଯେ ସମସ୍ତ ସୃଷ୍ଟ ହୋଇଅଛି, ସେଥି ମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟ ହୋଇ ନାହିଁ" ।[୩୯] ଯୋହନଙ୍କ ବାକ୍ୟର ଅର୍ଥ ବୁଝିବା ପରି ଲାଗେ, କିନ୍ତୁ ବୁଝିବା କଷ୍ଟକର । ଚାଲ ସେହି ବାକ୍ୟ ଉପରେ ବୁଝିବା ପାଇଁ ଚେଷ୍ଟା କରିବା ।
ବାଇବଲ କିପରି ଆରମ୍ଭ ହୁଏ ତୁମର ମନେ ଅଛି କି? "ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ସମୂହ ଓ ପୃଥିବୀକୁ ସୃଷ୍ଟି କଲେ ।" ସେଗୁଡିକ କିପରି ସୃଷ୍ଟି ହେଲା ତୁମର ମନେ ଅଛି କି? ଇଶ୍ୱର ତାଙ୍କ ବାକ୍ୟ ଦ୍ୱାରା ସେମାନଙ୍କୁ ଅସ୍ତିତ୍ୱରେ କହିଥିଲେ ସବୁକିଛି ସୃଷ୍ଟି ହେଲା । ଯୋହନଙ୍କ ଅନୁଯାୟୀ, ଯୀଶୁ ହେଉଛନ୍ତି ଇଶ୍ୱରଙ୍କ ବାକ୍ୟ । ଆପଣ ହୁଏତ କହି ପାରିବେ ଯେ ଇଶ୍ୱରଙ୍କ ପ୍ରତ୍ୟେକ ଚିନ୍ତାଧାରା ଏବଂ ଯୋଜନା ପଛରେ ଯୀଶୁ ଏକ ସୃଜନଶୀଳ ଶକ୍ତି । ସେ ଜିନିଷଗୁଡିକ ପୂରଣ କରନ୍ତି ! ଇଶ୍ୱର ତାଙ୍କ ପୁତ୍ର, ଇଶ୍ୱରଙ୍କ ବାକ୍ୟ ମାଧ୍ୟମରେ ସବୁକିଛି ସୃଷ୍ଟି କଲେ ।

ଶାସ୍ତ୍ରଗୁଡ଼ିକ ହେଉଛି ସ୍ୱର୍ଗରେ ଆମ ପିତାଙ୍କ ପ୍ରକାଶିତ ଧାରଣା ଏବଂ ଯୋଜନା; ସେମାନଙ୍କୁ ପୂରଣ କରିବା ଇଶ୍ୱରଙ୍କ ବାକ୍ୟ ଉପରେ ନିର୍ଭର କରେ । କାରଣ ତାଙ୍କ ବ୍ୟତୀତ ଆଉ କିଛି ସୃଷ୍ଟି କରାଯାଇ ନାହିଁ । ଆମେ ଜାଣୁ ଇଶ୍ୱରଙ୍କ ବାକ୍ୟ ଜନ୍ମ ସମୟରେ, ଯୀଶୁ କିମ୍ବା ୟଶୁଆ କିମ୍ବା ଯିହୋଶୂୟ ନାମରେ ଦିଆଯାଇଥିଲା । ନାମର ଅର୍ଥ ହେଉଛି "ମୁଁ ପରିତ୍ରାଣ" ବା "ଇଶ୍ୱରଙ୍କ ପରିତ୍ରାଣ" । ଇଶ୍ୱରଙ୍କ ଲୋକମାନେ ମଧ୍ୟ ଇଶ୍ୱରଙ୍କ

---

[୩୮] ଲୂକ ୨୪:୨୭

[୩୯] ଯୋହନ ୧:୧-୩

ବାକ୍ୟକୁ ଇମାନୁଏଲ୍ କିମ୍ବା "ଈଶ୍ୱର ଆମ ସହିତ" ବୋଲି କହୁଥିଲେ । ତଥାପି, ଈଶ୍ୱରଙ୍କ ବାକ୍ୟ ଯୀଶୁ କିମ୍ବା ଇମାନୁଏଲ୍ ଠାରୁ ଅଧିକ । ସେ ଈଶ୍ୱରଙ୍କ ପୁତ୍ର, ସମସ୍ତ ବିଷୟର ସୃଷ୍ଟିକର୍ତା ଏବଂ ଈଶ୍ୱରଙ୍କ ସହିତ ଜଣେ, ତାଙ୍କ ପିତା । ସେ ହେଉଛନ୍ତି ଈଶ୍ୱରଙ୍କର ସମସ୍ତ ଅଭିବ୍ୟକ୍ତି ।

କାରଣ, ଈଶ୍ୱରଙ୍କ ବାକ୍ୟ ଏବଂ ପିତା ଏକ, ସେମାନଙ୍କୁ କିପରି ବିଭାଜିତ କରାଯାଇ ପାରିବ? ସେମାନେ କରି ପାରିବେ ନାହିଁ । ଈଶ୍ୱରଙ୍କ ବାକ୍ୟ ସର୍ବଦା ପିତାଙ୍କ ସହିତ ସମାନ ଅଟେ ଏବଂ ତାଙ୍କ ଇଚ୍ଛା ବ୍ୟତୀତ ଅନ୍ୟ କିଛି କରି ପାରିବ ନାହିଁ । କାରଣ, ଯୋହନ.୪:୩୪ ରେ ଯୀଶୁ ନିଜ ଶିଷ୍ୟମାନଙ୍କୁ କହିଥିଲେ, "ମୋହର ପ୍ରେରଣ କର୍ତାଙ୍କ ଇଚ୍ଛା ସାଧନ କରିବା ଓ ତାହାଙ୍କର କାର୍ଯ୍ୟ ସମାପ୍ତ କରିବା, ଏହା ହିଁ ମୋହର ଖାଦ୍ୟ" ।

ଏକତା, ଏକତ୍ୱ ଏବଂ ସମସ୍ୱର ଏହି ଧାରଣା ମନୁଷ୍ୟକୁ ଦିଆଗଲା ଯେହେତୁ ଆମେ ଈଶ୍ୱରଙ୍କ ପ୍ରତିମୂର୍ତ୍ତୀରେ ସୃଷ୍ଟି ହୋଇଥିଲୁ । ଏବଂ ଯେହେତୁ ଆମେ ତାଙ୍କ ପ୍ରତିମୂର୍ତ୍ତୀରେ ସୃଷ୍ଟି ହୋଇଛୁ, ଈଶ୍ୱର ଚାହାଁନ୍ତି ନାହିଁ ଯେ, ଆମେ ମିଛ କହିବା । ମିଥ୍ୟା ଏକତା, ଏକତ୍ୱ ଏବଂ ସମସ୍ୱରକୁ ନଷ୍ଟ କରେ । ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ସତର୍କ କରାଇଲେ ଯେ ସେମାନେ ଯାହା କହିଥିଲେ ସେମାନେ ତାହା କରିବାକୁ କହିଥିଲେ, "ତୁମ୍ଭମାନଙ୍କ ହଁ କଥା ହଁ ହେଉ, ନା କଥା ନା ହେଉ ।"[୪୦] ଯେତେବେଳେ ଜଣେ ବ୍ୟକ୍ତି ଯାହା କରେ ତାହା କରେ ନାହିଁ, ସେ ଈଶ୍ୱରଙ୍କ ପ୍ରତିମୂର୍ତୀକୁ କ୍ଷୁର୍ଣ୍ଣ କରେ । ସେହି ବ୍ୟକ୍ତିଙ୍କ ମଧ୍ୟରେ କୌଣସି ଏକତା, ଏକତ୍ୱ କିମ୍ବା ସମନ୍ୱୟ ନାହିଁ କାରଣ ତାଙ୍କ ଶବ୍ଦ ତାଙ୍କ କାର୍ଯ୍ୟ ସହିତ ମେଳ ଖାଉ ନାହିଁ ।

ଯେହେତୁ ଯୀଶୁ କଥାବାର୍ତା ଜାରି ରଖି, ସେ ନିଜ ଶିଷ୍ୟମାନଙ୍କୁ ଆଶ୍ୱାସନା ଦିଅନ୍ତି ଯେ ସେଥିରେ ଥିବା ସମସ୍ତ କାର୍ଯ୍ୟ ପୂରଣ ନ ହେବା ପର୍ଯ୍ୟନ୍ତ ନିୟମ କିମ୍ବା ବ୍ୟବସ୍ଥା ଲୋପ ହେବ ନାହିଁ । ନିୟମର ସମସ୍ତ ଆଦେଶ ଆଧ୍ୟାତ୍ମିକ, ପବିତ୍ର ଏବଂ ଉତମ ଅଟେ । ଏହିପରି ଚିନ୍ତା କର, "କେଉଁ ନିୟମ ଲୋକମାନଙ୍କ ପାଇଁ ଭଲ ନୁହେଁ?" ଯଦି ନିୟମଗୁଡ଼ିକ ଭଲ, ତେବେ ଈଶ୍ୱର, ଯିଏ ଉତ୍ତମ ଏବଂ ସେମାନଙ୍କୁ ଦେଇଛନ୍ତି, ସେଗୁଡ଼ିକୁ ଅପସାରଣ କରିବେ ନାହିଁ ।

---

[୪୦] ମାଥିଉ ୫:୩୭

ଯୀଶୁ କହିଥଲେ, "ଅତଏବ ଯେ କେହି ଏହି ସମସ୍ତ କ୍ଷୁଦ୍ରତମ ଆଜ୍ଞା ମଧ୍ୟରୁ କୌଣସି ଗୋଟିଏ ଆଜ୍ଞା ମାନେ ନାହିଁ ଓ ଲୋକଙ୍କୁ ସେହି ପ୍ରକାରେ ଶିକ୍ଷା ଦିଏ, ସେ ସ୍ୱର୍ଗ ରାଜ୍ୟରେ କ୍ଷୁଦ୍ରତମ ବୋଲି ପରିଚିତ ହେବ; କିନ୍ତୁ ଯେ କେହି ସେହି ସମସ୍ତ ପାଳନ କରେ ଓ ଶିକ୍ଷା ଦିଏ, ସେ ସ୍ୱର୍ଗ ରାଜ୍ୟରେ ମହାନ ବୋଲି ପରିଚିତ ହେବ ।"[୪୧] ଆପଣ ତାଙ୍କ ବକ୍ତବ୍ୟରେ କିଛି କତୁହଳପ୍ରଦ ଲକ୍ଷ୍ୟ କରିଛନ୍ତି କି? ଜଣେ ବ୍ୟକ୍ତି ସ୍ୱର୍ଗରାଜ୍ୟରେ ରହିପାରିବେ ଏବଂ ଆଦେଶ ପାଳନ କରିବେ ନାହିଁ ଏବଂ ଅନ୍ୟମାନଙ୍କୁ ମଧ୍ୟ ସମାନ କାର୍ଯ୍ୟ କରିବାକୁ ଶିଖାଇ ପାରିବେ । ଆଜ୍ଞା ପାଳନ କରିବା କିମ୍ବା ପାଳନ ନ କରିବା ସ୍ୱର୍ଗରାଜ୍ୟରେ ରହିବାର ଆବଶ୍ୟକତା ନୁହେଁ । ସେଗୁଡିକର ପାଳନ କେବଳ ସ୍ୱର୍ଗରାଜ୍ୟ ମଧ୍ୟରେ ଜଣେ ବ୍ୟକ୍ତିର ସ୍ଥିତି ନିର୍ଣ୍ଣୟ କରେ ।[୪୨]

ଯୀଶୁଙ୍କ ପରବର୍ତୀ ବକ୍ତବ୍ୟ ହେଉଛି ଏକ ବ୍ଲକବଷ୍ଟର! କାରଣ ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭମାନଙ୍କ ଧାର୍ମିକତା ଶାସ୍ତ୍ରୀ ଓ ଫାରୂଶୀମାନଙ୍କ ଧାର୍ମିକତା ଅପେକ୍ଷା ଅଧିକ ନ ହେଲେ ତୁମ୍ଭେମାନେ କୌଣସି ପ୍ରକାରେ ସ୍ୱର୍ଗ ରାଜ୍ୟରେ ପ୍ରବେଶ କରିବ ନାହିଁ ।[୪୩] ନିୟମ ଏବଂ ଆଦେଶ ପାଳନ କରି ସ୍ୱର୍ଗ ରାଜ୍ୟରେ ପ୍ରବେଶ ହାସଲ ହୋଇପାରିବ ନାହିଁ । ଯୀଶୁ କହିଥିଲେ ଯେ ଧର୍ମଶାସ୍ତ୍ରୀ ଓ ଫାରୂଶୀମାନଙ୍କ ଅପେକ୍ଷା ଧାର୍ମିକତା ଅଧିକ, ଯେଉଁମାନେ ପ୍ରତ୍ୟେକ ନିୟମକୁ ସମ୍ପୂର୍ଣ୍ଣରୂପେ ପାଳନ କରିବାକୁ ଚେଷ୍ଟା କରିଥିଲେ । ଏହି ଧାର୍ମିକତା କ'ଣ?

ରୋମୀୟ.୪:୩ ଏବଂ ୯ ରେ ପ୍ରେରିତ ପାଉଲ ପ୍ରଶ୍ନର ଉତ୍ତର ଦିଅନ୍ତି । "କାରଣ ଶାସ୍ତ୍ର କ'ଣ କୁହେ? ଅବ୍ରହାମ ଈଶ୍ୱରଙ୍କଠାରେ ବିଶ୍ୱାସ କଲେ, ଆଉ ତାଙ୍କ ପକ୍ଷରେ ତାହା ଧାର୍ମିକତା ବୋଲି ଗଣିତ ହେଲା । "ଅବ୍ରହାମ କେବଳ ବିଶ୍ୱାସ କଲେ ନାହିଁ ଯେ ଈଶ୍ୱର ବିଦ୍ୟମାନ ଅଛନ୍ତି କିନ୍ତୁ ଈଶ୍ୱର ଯାହା କହିଲେ ତାହା ବିଶ୍ୱାସ କଲେ । ଅବ୍ରହାମ ପରମେଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ କଲେ । ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ବାକ୍ୟ ।

---

[୪୧] ମାଥିଉ ୫:୧୯

[୪୨] 'ସ୍ୱର୍ଗ ରାଜ୍ୟ' ଶବ୍ଦ ମାଥିଉଙ୍କ ସୁସମାଚାରରେ ବ୍ୟବହୃତ ହୁଏ ଏବଂ ଏହାର ଅର୍ଥ ହେଉଛି 'ଈଶ୍ୱରଙ୍କ ରାଜ୍ୟ' । ଅନେକ ଯିହୁଦୀ ଲୋକ ଏକ ପୂଜା ପାଠ ଭାବରେ 'ଈଶ୍ୱରଙ୍କ' ନାମ ବ୍ୟବହାର କରୁ ନ ଥିଲେ ତେଣୁ ଏହାର ସ୍ଥାନରେ ଏକ ବିସ୍ତୃତ ଶବ୍ଦ ବ୍ୟବହାର କରୁଥିଲେ । ଈଶ୍ୱରଙ୍କ ରାଜ୍ୟର ଅର୍ଥ ହେଉଛି ଈଶ୍ୱରଙ୍କ ନିୟମ ତାଙ୍କ ଲୋକଙ୍କ ଉପରେ ଶାସନ କରେ ।

[୪୩] ମାଥିଉ ୫:୨୦

ଅବ୍ରହାମ ଈଶ୍ୱରଙ୍କ ଉପରେ ବିଶ୍ୱାସ କଲେ ଏବଂ ବାକ୍ୟ, ପିତା ଏବଂ ପୁତ୍ର । ଏହି ଦୃଢ଼ ବିଶ୍ୱାସ, କିମ୍ବା ଧାରଣା ବା ଆମ୍ ବିଶ୍ୱାସକୁ ବିଶ୍ୱାସ କୁହାଯାଏ ।

**ଶିକ୍ଷାର ମୂଳ ବିଷୟ:**

<u>ଯୀଶୁ ଖ୍ରୀଷ୍ଟ, ବ୍ୟବସ୍ଥା ଏବଂ ଭବିଷ୍ୟଦ୍‌ବକ୍ତା ମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କରନ୍ତି । ଜଣେ ବ୍ୟକ୍ତି ସେହି ଆବଶ୍ୟକତା ପୂରଣ କରି ସ୍ୱର୍ଗ ରାଜ୍ୟରେ ପ୍ରବେଶ କରନ୍ତି ନାହିଁ, କିନ୍ତୁ ଈଶ୍ୱରଙ୍କ ବାକ୍ୟ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ ଏବଂ ନିର୍ଭରଶୀଳତା ଦ୍ୱାରା ସ୍ୱର୍ଗ ରାଜ୍ୟରେ ପ୍ରବେଶ କରିବେ</u> ।

**ପ୍ରୟୋଗ:**

ପରବର୍‌ତ୍ତୀ ସାମୂହିକ ବୈଠକରେ ଯେକୌଣସି ସମୟରେ ରିପୋର୍ଟ କର ଯେତେବେଳେ ତୁମେ ଈଶ୍ୱର କିମ୍ବା ଅନ୍ୟ ପାଇଁ କିଛି କରିବାକୁ ପ୍ରେମ ଦ୍ୱାରା ପ୍ରେରିତ ହୋଇଥିଲ ।

**ଦଶ ଆଜ୍ଞା**

**<u>ପ୍ରଥମ ଟାବଲେଟ୍ – ଈଶ୍ୱରଙ୍କ ପ୍ରେମ</u>**

୧. ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ ।

୨. ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ; କି ଉପରିସ୍ଥ ସ୍ୱର୍ଗରେ, କି ନୀଚସ୍ଥ ପୃଥିବୀରେ, କି ପୃଥିବୀର ନୀଚସ୍ଥ ଜଳରେ ଥିବା କୌଣସି ବସ୍ତୁର ପ୍ରତିମୂର୍ତ୍ତୀ ନିର୍ମାଣ କରିବ ନାହିଁ । ତୁମ୍ଭେ ସେମାନଙ୍କୁ ପ୍ରଣାମ କରିବ ନାହିଁ, କି ସେମାନଙ୍କର ସେବା କରିବ ନାହିଁ; ଯେହେତୁ ଆମ୍ଭେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ସ୍ୱଗୌରବ- ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର ଅଟୁ,

ପୁଣି, ଯେଉଁମାନେ ଆମ୍ଭଙ୍କୁ ଘୃଣା କରନ୍ତି, ଆମ୍ଭେ ସେମାନଙ୍କ ତୃତୀୟ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ସନ୍ତାନମାନଙ୍କ ଉପରେ ପୈତୃକ ଅପରାଧର ପ୍ରତିଫଳ ଦାତା; ମାତ୍ର ଯେଉଁମାନେ ଆମ୍ଭଙ୍କୁ ପ୍ରେମ କରନ୍ତି ଓ ଆମ୍ଭର ଆଜ୍ଞା ପାଳନ କରନ୍ତି, ଆମ୍ଭେ ସେମାନଙ୍କର ସହସ୍ର ପୁରୁଷ ପର୍ଯ୍ୟନ୍ତ ଦୟାକାରୀ ।

୩. ତୁମ୍ଭେ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ନାମ ମିଥ୍ୟାରେ ନେବ ନାହିଁ; ଯେହେତୁ ଯେକେହି ତାହାଙ୍କର ନାମ ମିଥ୍ୟାରେ ନିଏ, ସଦାପ୍ରଭୁ ତାହାକୁ ନିରପରାଧ ଗଣନା କରିବେ ନାହିଁ ।

୪. ବିଶ୍ରାମ ଦିନ ପବିତ୍ର ରୂପେ ପାଳିବାକୁ ସ୍ମରଣ କର । ଛଅ ଦିନ ପରିଶ୍ରମ ଓ ଆପଣାର ସବୁ କର୍ମ କର ମାତ୍ର ସପ୍ତମ ଦିନ ତୁମ୍ଭ ସଦାପ୍ରଭୁ ପରମେଶ୍ୱରଙ୍କର ବିଶ୍ରାମ ଦିନ ଅଟେ; ତହିଁରେ ତୁମ୍ଭେ, କି ତୁମ୍ଭର ପୁତ୍ର, କି ତୁମ୍ଭର କନ୍ୟା, ତୁମ୍ଭର ଦାସ, କି ଦାସୀ, ତୁମ୍ଭର ପଶୁ, କି ତୁମ୍ଭର ନଗର ଦ୍ୱାରବର୍ତ୍ତୀ ବିଦେଶୀ, କେହି କୌଣସି କାର୍ଯ୍ୟ କରିବ ନାହିଁ । ଯେହେତୁ ସଦାପ୍ରଭୁ ଆକାଶମଣ୍ଡଳ ଓ ପୃଥିବୀ ଓ ସମୁଦ୍ର ଓ ତନ୍ମଧ୍ୟସ୍ଥିତ ସମସ୍ତ ବସ୍ତୁ ଛଅ ଦିନରେ ନିର୍ମାଣ କରି ସପ୍ତମ ଦିନରେ ବିଶ୍ରାମ କଲେ; ଏହେତୁ ସଦାପ୍ରଭୁ ବିଶ୍ରାମ ଦିନକୁ ଆଶୀର୍ବାଦ କରି ପବିତ୍ର କରିଅଛନ୍ତି ।

୫. ତୁମ୍ଭେ ଆପଣା ପିତା ଓ ଆପଣା ମାତାଙ୍କୁ ସମ୍ଭ୍ରମକର; ତହିଁରେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ତୁମ୍ଭକୁ ଯେଉଁ ଦେଶ ଦେବେ, ସେହି ଦେଶରେ ତୁମ୍ଭର ଦୀର୍ଘ ପରମାୟୁ ହେବ ।

## <u>ଦ୍ୱିତୀୟ ଟାବଲେଟ୍ - ପଡ଼ୋଶୀଙ୍କ ପ୍ରେମ</u>

୬. ତୁମ୍ଭେ ନରହତ୍ୟା କରିବ ନାହିଁ ।

୭. ତୁମ୍ଭେ ବ୍ୟଭିଚାର କରିବ ନାହିଁ ।

୮. ତୁମ୍ଭେ ଚୋରି କରିବ ନାହିଁ ।

୯. ତୁମ୍ଭେ ଆପଣା ପ୍ରତିବାସୀ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦେବ ନାହିଁ ।

୧୦.	ତୁମ୍ଭେ ଆପଣା ପ୍ରତିବାସୀର ଗୃହକୁ ଲୋଭ କରିବ ନାହିଁ, ତୁମ୍ଭେ ଆପଣା ପ୍ରତିବାସୀର ଭାର୍ଯ୍ୟା, କି ଦାସ, କି ଦାସୀ, କି ତାହାର ଗୋରୁ, କି ଗଧ, କି ତୁମ୍ଭ ପ୍ରତିବାସୀର କୌଣସି ବସ୍ତୁକୁ ଲୋଭ କରିବ ନାହିଁ ।

## ପାଠ-୬
## କ୍ରୋଧକୁ ଦମନ କରିବା

**ଆଇସବ୍ରେକର ଦଳ:**

ପରିବାର ମଧ୍ୟରେ କିପରି ଝଗଡ଼ା ଗୁଡ଼ିକ ସମାଧାନ କରାଗଲା, ଯେବେ ତୁମେ ବଢ଼ି ଆସୁଥିଲ ?

**ଉପକ୍ରମ:**

ପୂର୍ବ ପାଠର ଭୂମିକା ବ୍ୟବସ୍ଥା ସମନ୍ଧୀତ ଅଟେ । ବ୍ୟବସ୍ଥାଗୁଡିକ ଯାହା ମୋଶାଙ୍କୁ ଦିଆଗଲା, ତାଙ୍କୁ ଦଶଆଜ୍ଞା ଦ୍ୱାରା ସଂକ୍ଷେପ କରାଯାଇପାରେ, ଯାହାର ପ୍ରତି ଉତ୍ତରରେ ଇଶ୍ୱରଙ୍କୁ ପ୍ରେମ କର ଓ ଆପଣା

ପ୍ରତିବାସୀଙ୍କୁ ପ୍ରେମ କର ରୁପେ ସମୟ ଅନ୍ତରାଳରେ ଦୁଇଟି ନିମ୍ନ ରୁପ ଦିଆ ଯାଇ ପାରିବ। ବାସ୍ତବରେ ସମ୍ପୁର୍ଣ୍ଣ ବ୍ୟବସ୍ଥା କେବଳ ଗୋଟିଏ ଶବ୍ଦ "ପ୍ରେମ" ରେ ସଂକୁଚିତ କରାଯାଇପାରିବ।

ପ୍ରେରିତ ପାଉଲ ଗାଲାତୀୟ ମଣ୍ଡଳୀଙ୍କୁ ପତ୍ର ଲେଖିବା ସମୟରେ ଉକ୍ତ ବ୍ୟବସ୍ଥା ଓ ଅନୁଗ୍ରହ ବିଷୟକ ଆଲୋଚନା ଉନ୍ନତ କରିଥିଲେ। "କାରଣ, ହେ ଭାଇମାନେ, ତୁମ୍ଭେମାନେ ସ୍ୱାଧୀନତା ନିମନ୍ତେ ଆହୂତ ହୋଇଅଛ; କେବଳ ତୁମ୍ଭର ସ୍ୱାଧୀନତାକୁ ଶାରୀରିକ ଅଭିଳାଷ ପୂରଣ ନିମନ୍ତେ ସୁଯୋଗ ସ୍ୱରୂପେ ବ୍ୟବହାର ନ କର, ବରଂ ପ୍ରେମରେ ପରସ୍ପରର ସେବା କର । କାରଣ ସମସ୍ତ ମୋଶାଙ୍କ ବ୍ୟବସ୍ଥା ଏହି ଗୋଟିଏ ବାକ୍ୟରେ ସିଦ୍ଧ ହୁଏ, "ତୁମ୍ଭେ ଆପଣା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କର ।" କିନ୍ତୁ ତୁମ୍ଭେମାନେ ଯଦି କାମୁଡ଼ା କାମୁଡ଼ି ହୋଇ ପରସ୍ପରକୁ ଗ୍ରାସ କର, ତେବେ ସାବଧାନ, ଯେପରି ପରସ୍ପର ଦ୍ୱାରା ବିନଷ୍ଟ ନ ହୁଅ । ମୋହର ଭାବ ଏହି, ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହା ହେଲେ ତୁମ୍ଭେମାନେ ଶରୀରର ଅଭିଳାଷ ପୂର୍ଣ୍ଣ କରିବ ନାହିଁ । କାରଣ ଶରୀରର ଅଭିଳାଷ ଆତ୍ମାଙ୍କ ପ୍ରତିକୂଳ, ଆଉ ଆତ୍ମାଙ୍କ ଅଭିଳାଷ ଶରୀରର ପ୍ରତିକୂଳ, ଯେଣୁ ଏହି ଦୁଇ ପରସ୍ପରର ବିପରୀତ; ଫଳତଃ ତୁମ୍ଭେମାନେ ଯାହା ଯାହା ଇଚ୍ଛା କର, ସେହି ସବୁ କରି ପାର ନାହିଁ । କିନ୍ତୁ ଯଦି ତୁମ୍ଭେମାନେ ଆତ୍ମାଙ୍କ ଦ୍ୱାରା ପରିଚାଳିତ ହୁଅ, ତେବେ ମୋଶାଙ୍କ ବ୍ୟବସ୍ଥାର ଅଧୀନ" ।[୪୪]

ପାଉଲ ମଧ୍ୟ ଏଠାରେ ସିଧା ସଳଖ ଦୁଇଟି ଶବ୍ଦ ବାକ୍ୟରେ ବ୍ୟବହାର କରନ୍ତି, ଆତ୍ମା ଏବଂ ପ୍ରେମ। ସେମାନେ ଏକ ଓ ସମାନ ଅଟନ୍ତି। ପ୍ରେରିତ ଯୋହନ ଉକ୍ତ ଚିନ୍ତାରେ ସହମତି ଅଟନ୍ତି। ଯୋହନ ୪:୨୪ ଲିଖିତ ସୁସମାଚାର କହେ, "ଈଶ୍ୱର ଆତ୍ମା ଅଟନ୍ତି, ପୁଣି, ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ସେମାନେ ଆତ୍ମାରେ ଓ ସତ୍ୟରେ ଉପାସନା କରିବା ଉଚିତ" । ୧ ଯୋହନ ୪:୮ ରେ ଆଉ ସେ କହନ୍ତି, "ଯେ ପ୍ରେମ କରେ ନାହିଁ, ସେ ଈଶ୍ୱରଙ୍କୁ ଜାଣେ ନାହିଁ, କାରଣ ଈଶ୍ୱର ତ ପ୍ରେମ"।

ମୃତ୍ୟୁରୁ ଯୀଶୁଙ୍କ ପୁନରୁଥାନ ପରେ ଶିଷ୍ୟ ମାନେ ପବିତ୍ର ଆତ୍ମା ପାଇଲେ। ସେମାନେ ଈଶ୍ୱରଙ୍କ ସହ ପରିପୂର୍ଣ୍ଣ ଥିଲେ। ସେମାନେ ପ୍ରେମରେ ପୁର୍ଣ୍ଣ ଥିଲେ। ଈଶ୍ୱରଙ୍କ ରାଜ୍ୟ କିମ୍ବା ଈଶ୍ୱରଙ୍କ ଶାସନ ମନୁଷ୍ୟ ମାନଙ୍କ ହୃଦୟରେ ବାସ କରିବା ନିମନ୍ତେ ଆସିଲେ। ସେମାନେ ଆତ୍ମା ପ୍ରାପ୍ତ କଲେ, କାରଣ ଯୀଶୁ ଯେ

[୪୪] ଗାଲାତୀୟ ୫: ୧୩-୧୮

ଈଶ୍ୱରଙ୍କ ବାକ୍ୟ, ଈଶ୍ୱରଙ୍କ ପୁତ୍ର ଥିଲେ, ସେମାନେ ବିଶ୍ୱାସ କଲେ । ପ୍ରେରିତ ଯୋହନ, ୧ ଯୋହନ ୪: ୧୫-୧୬, "ଯେ କେହି ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରେ, ଈଶ୍ୱର ତାହାଠାରେ ଅଛନ୍ତି ଓ ସେ ଈଶ୍ୱରଙ୍କ ଠାରେ ଅଛି । ପୁଣି, ଆମ୍ଭମାନଙ୍କ ପ୍ରତି ଈଶ୍ୱରଙ୍କର ଯେଉଁ ପ୍ରେମ ଅଛି, ତାହା ଆମ୍ଭେମାନେ ଜାଣିଅଛୁ ଓ ବିଶ୍ୱାସ କରିଅଛୁ । ଈଶ୍ୱର ତ ପ୍ରେମ; ଯେ ପ୍ରେମରେ ରହେ, ସେ ଈଶ୍ୱରଙ୍କ ଠାରେ ରହେ ଓ ଈଶ୍ୱର ତାହା ଠାରେ ରହନ୍ତି" ।

ଜଣେ ବ୍ୟକ୍ତି ଆତ୍ମାଙ୍କୁ ପ୍ରାପ୍ତ କଲାପରେ, ତାଙ୍କୁ ପ୍ରେମରେ ଚାଲିବା ଅପେକ୍ଷା କରାଯାଏ । ଆତ୍ମା ଦ୍ୱାରା ପରିଚାଳିତ ହୁଅ, ଯେପରି ପ୍ରେରିତ ପାଉଲ ଏହା ଲେଖନ୍ତି । ବ୍ୟକ୍ତିଗତ ବ୍ୟବସ୍ଥା ଆଉ କୌଣସି ପ୍ରକାରେ ତାଙ୍କୁ ଅଧିନ କରେ ନାହିଁ, ସେ ମୋଶାଙ୍କ ବ୍ୟବସ୍ଥା ଅଧିନ ନୁହେଁ କିନ୍ତୁ ଈଶ୍ୱରଙ୍କ ଶାସନାଧୀନ ଅଟେ ।

ସେ ଅନୁଗ୍ରହ ପ୍ରାପ୍ତ ହୋଇଅଛି ଆଉ ଈଶ୍ୱରଙ୍କ ପ୍ରେମ ତାଙ୍କ ଜୀବନରେ ବାସ କରିବାକୁ ଆସେ । ସେ ଆତ୍ମାଙ୍କ ବ୍ୟବସ୍ଥାଧିନ ଅଟେ । ଖ୍ରୀଷ୍ଟିଆନ ମାନେ ବ୍ୟବସ୍ଥାଧିନ ନୁହନ୍ତି କହିବା ଏକ ତ୍ରୁଟିପୂର୍ଣ୍ଣ ଓ ବିପଥଗାମୀ ବାକ୍ୟ ଅଟେ । ଜଣେ ବ୍ୟକ୍ତି କିଛି ବ୍ୟବସ୍ଥା ଅଧିନ ନ ହେବା ବ୍ୟବସ୍ଥାହିନ ଅଟେ । ଅନ୍ୟ ଶବ୍ଦରେ ଆପଣା ନିମନ୍ତେ ସେ ଜଣେ ଏକ ବ୍ୟବସ୍ଥା, ନିଜ ଦୃଷ୍ଟିରେ ଯାହା ଠିକ ତା କରିଆସୁଛନ୍ତି । ଯୀଶୁ ସତର୍କ କଲେ ଯେ, ଶେଷକାଳରେ ଅରାଜକତା ବଢ଼ିବ ଓ ଲୋକଙ୍କ ପ୍ରେମ ଶିତଳ ହେବ । ଏବଂ ପ୍ରେରିତ ପାଉଲ ସତର୍କ କରାନ୍ତି ଯେ, ଶେଷ କାଳରେ ଅରାଜକତାର ମନୁଷ୍ୟ ପ୍ରକାଶିତ ହେବ, ସେ ବିନାଶର ସନ୍ତାନ ଅଟନ୍ତି । ସୟତାନ ଅପରାଜିତା ଥିଲେ, ସେ ବିନଷ୍ଟ କର୍ତା ଆଉ ଯେଉଁମାନେ ସେହିପରି ଅରାଜଣତାକୁ ଅଭ୍ୟାସ କରନ୍ତି ତାଙ୍କରି ସନ୍ତାନ ଅଟନ୍ତି । ଖଷ୍ଟିୟାନ ମାନେ ଆତ୍ମାଙ୍କ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେବା ଆବଶ୍ୟକ, ତେଣୁ ସେମାନେ ପରସ୍ପର ପ୍ରେମରେ ଆଚରଣ କରିବା ନିମନ୍ତେ ଆଇନଗତ ବାଧ୍ୟତାଧିନ ଅଟେ ।

ଯୀଶୁ ଖ୍ରୀଷ୍ଟ ଆପଣା ଜୀବନ କାଳରେ ଆପଣା ଶିଷ୍ୟମାନଙ୍କୁ ଛୋଟ ପିଲାମାନଙ୍କ ପରି ଧୈର୍ଯ୍ୟତାରେ ଶିକ୍ଷା ଦେଉଥିଲେ । ସେମାନେ ଯାହା ଜାଣିଲେ ତାହା ସେ ଦେଇ, ତାହାକୁ ଏକ ଗଭିରତା ସହ ପରିକ୍ଷା କରିବା ନିମନ୍ତେ ସେମାନଙ୍କୁ ଆଗ୍ରହ କଲେ । ଯୀଶୁ ଚାହୁଁଥିଲେ ଯେ, ସେମାନେ ବ୍ୟବସ୍ଥା ପଛରେ କ'ଣ ଅଛି ସେମାନେ ବୁଝନ୍ତୁ ।ବ୍ୟବସ୍ଥାର ଆତ୍ମା କଥା ବା ଏହାର ଅଭିପ୍ରାୟ କଣ ଅଟେ ? ସେ ଚାହୁଁଥିଲେ ସେ ଶୁଣି ଶିଖନ୍ତୁ ମୋ ଦ୍ୱାରା ସେମାନେ ପ୍ରେମର ପ୍ରକାଶକ ହୋଇ ପାରନ୍ତି ।

**ଶାସ୍ତ୍ରପାଠ:**

## କ୍ରୋଧ ନିୟନ୍ତ୍ରଣ କରିବା
## ପାର୍ବତ୍ୟପ୍ରଚାର
## ମାଥିଉ.୫:୨୧-୨୬

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ତୁମ୍ଭେମାନେ ଶୁଣିଅଛ ଯେ, ପୁରାତନ କାଳର ଲୋକମାନଙ୍କୁ କୁହାଯାଇଥିଲା, ନରହତ୍ୟା କର ନାହିଁ, ଆଉ ଯେ କେହି ନରହତ୍ୟା କରେ ସେ ବିଚାର ସ୍ଥାନରେ ଦଣ୍ଡନୀୟ ହେବ । କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ କେହି ଆପଣା ଭାଇ ଉପରେ କ୍ରୋଧ କରେ, ସେ ବିଚାର ସ୍ଥାନରେ ଦଣ୍ଡନୀୟ ହେବ । ପୁଣି, ଯେ କେହି ଆପଣା ଭାଇ କି ମୂର୍ଖ[୪୫] ବୋଲି କହେ, ସେ ମହାସଭାରେ ଦଣ୍ଡିତ ହେବ; ଆଉ ଯେ କେହି ପାଷାଣ୍ଡ[୪୬] ବୋଲି କହେ, ସେ ଅଗ୍ନିମୟ ନର୍କରେ ଦଣ୍ଡନୀୟ ହେବ । ଅତଏବ ଯଦି ବେଦି ନିକଟକୁ ତୁମ୍ଭେ ନିଜର ନୈବେଦ୍ୟ ଆଣୁଥିବା ସମୟରେ ତୁମ୍ଭ ବିରୁଦ୍ଧରେ ତୁମ୍ଭ ଭାଇର କୌଣସି କଥା ଅଛି ବୋଲି ସେଠାରେ ତୁମ୍ଭର ମନେ ପଡ଼େ, ତାହାହେଲେ ସେହି ସ୍ଥାନରେ ବେଦି ସମ୍ମୁଖରେ ତୁମ୍ଭର ନୈବେଦ୍ୟ ଥୋଇଦେଇ ଚାଲିଯାଅ, ଆଗେ ନିଜ ଭାଇ ସାଙ୍ଗରେ ମିଳିତ ହୁଅ, ଆଉ ତାହା ପରେ ଆସି ତୁମ୍ଭର ନୈବେଦ୍ୟ ଉତ୍ସର୍ଗ କର । ତୁମ୍ଭର ବିବାଦୀ ସହିତ ବାଟରେ ଥିବା ସମୟରେ ଶୀଘ୍ର ତାହାପ୍ରତି ମିଳନର ଭାବ ଦେଖାଅ, କାଳେ ବିବାଦୀ ତୁମ୍ଭକୁ ବିଚାରକର୍ତ୍ତାଙ୍କ ହସ୍ତରେ ସମର୍ପଣ କରିବ, ପୁଣି, ବିଚାରକର୍ତ୍ତା ତୁମ୍ଭକୁ ପଦାତିକ ହସ୍ତରେ ସମର୍ପଣ କରିବେ, ଆଉ ତୁମ୍ଭେ କାରାଗାରରେ ନିକ୍ଷିପ୍ତ ହେବ । ମୁଁ ତୁମ୍ଭକୁ ସତ୍ୟ କହୁଅଛି, ତୁମ୍ଭେ ଶେଷ ପାହୁଲାଟି ନ ଶୁଝିବା ପର୍ଯ୍ୟନ୍ତ ସେ ସ୍ଥାନରୁ କୌଣସି ପ୍ରକାରେ ବାହାରି ଆସ ପାରିବ ନାହିଁ ।

**ଆଦେଶ:**

❖ ସେହି ସ୍ଥାନରେ ବେଦି ସମ୍ମୁଖରେ ତୁମ୍ଭର ନୈବେଦ୍ୟ ଥୋଇ ଦେଇ ଚାଲି ଯାଅ, ପ୍ରଥମେ ନିଜ ଭାଇ ସହିତମିଳିତ ହୁଅ, ଆଉ ତାପରେ ଆସି ନୈବେଦ୍ୟ ଉତ୍ସର୍ଗ କର ।

---

[୪୫] ମୂର୍ଖ – ଗୀତସଂହିତା ୧୪:୧, ଶାସ୍ତ୍ରାଂଶ କୁହେ, ମୂଢ ମନେ ମନେ ଚିନ୍ତାକରେ ନିଜ ହୃଦୟରେ କି, ପରମେଶ୍ୱର ନାହାଁନ୍ତି ବୋଲି ।

[୪୬] ପାଷାଣ୍ଡ – ମୂଲ୍ୟହୀନ ବା କିଛି ଯୋଗ୍ୟପଣ ନାହିଁ ।

❖ ତୁମ୍ଭର ବିବାଦିତ ସହିତ ବାଟରେ ଥିବା ସମୟରେ ଶିଘ୍ର ତାହା ପ୍ରତି ମିଳନର ଭାବ ଦେଖାଅ ।

**ଦଳିୟ ଆଲୋଚନା:**

**୧.** କଣ ଏକ ବିଷୟ ଅଛି ଯାହା ଆପଣଙ୍କୁ କ୍ରୋଧ ହେବାରେ ବାଧ କରେ ?

**୨.** ସାଧାରଣ ଭାବରେ କେତେ ସମୟ ପର୍ଯ୍ୟନ୍ତ ଆପଣ କ୍ରୋଧ କରି ପାରନ୍ତି ?

**୩.** କିଏ ଆପଣଙ୍କ ଭାଇ ଅଟନ୍ତି ? କିଛି ଉଦାହରଣ ଦିଅନ୍ତୁ (ଜନ୍ମ ହେଉ କିମ୍ବା ପୈସ୍ୟ, ଶାରୀରିକ ଭାବେ ହେଉ କିମ୍ବା ଆତ୍ମିକ ଭାଇମାନେ, ସେମାନେ ଏକ ମାତା ପିତାର ଅଟନ୍ତି ।

**ଶିକ୍ଷଣୀୟ ବିଷୟ:**

ଷଷ୍ଠ ଆଜ୍ଞା ତୁମ୍ଭେ ନର ହତ୍ୟା କର ନାହିଁ ଉଦ୍ଧୃତ କରିବା ଦ୍ୱାରା ଯୀଶୁ ଏହି ପାଠ ଆରମ୍ଭ କରନ୍ତି । କେତେ ଲୋକ ଏହି ଆଜ୍ଞାକୁ ତୁମ୍ଭେ ହତ୍ୟାକର ନାହିଁ ରୁପେ ବିଶ୍ୱାସ କରି ପଡନ୍ତି । ଆଉ ଏହି ପ୍ରକାର ଅର୍ଥରେ ଅନୁବାଦ କରନ୍ତି, ଯେ ଅନ୍ୟର ଜୀବନ ନେବାରେ କୌଣସି ବ୍ୟକ୍ତି ନିର୍ଦ୍ଦୋଷ ପ୍ରମାଣିତ ହୋଇ ନାହିଁ । ଯଦି କୌଣସି ବ୍ୟକ୍ତି ଆପଣା ଜୀବନରେ ଉକ୍ତ ମତ ଧାରଣା କରିବା କୌଣସି ଭୁଲ ନୁହଁ । ତଥାପି ଧର୍ମଶାସ୍ତ୍ର ଉଭୟ ପୁରାତନ ନିୟମ ଓ ନୂତନ ନିୟମ ଉକ୍ତ ଦୁଇ ଚିନ୍ତାଧାରାକୁ ଭିନ୍ନ ଶଦ୍ଦ ଦ୍ୱାରା ଅବଗତ କରାଏ । ନରହତ୍ୟା ଏକ ଦୁଷ୍ଟ ଚରିତ୍ର କାର୍ଯ୍ୟ ଅଟେ । ଏହା ସରକାର ଦ୍ୱାରା ଏକ ଦଣ୍ଡାଦେଶାଧିନ ଅଟେ । ସେହି ଦଣ୍ଡ ମୃତ୍ୟୁ ବି ହୋଇପାରେ, ଆକସ୍ମିକ ଭାବେ କୌଣସି ବ୍ୟକ୍ତିଙ୍କୁ ହତ୍ୟା କରିବା, ନର ହତ୍ୟା ନୁହଁ ଏହା ନରବଧ ଅଟେ । ନିଜକୁ ପରିବାରକୁ ଓ ଧନ ସମ୍ପତିକୁ ସୁରକ୍ଷା ଦେବା ନିମନ୍ତେ ଯେବେ ଜଣେ ବ୍ୟକ୍ତିକୁ ହତ୍ୟା କରାଯାଏ, ଏହାକୁ ହତ୍ୟା ବୋଲି କୁହାଯିବ ନାହିଁ । ଏହା ଆତ୍ମ ସୁରକ୍ଷା ଅଟେ ଯୁଦ୍ଧ ବି ନରହତ୍ୟା ବି ନରହତ୍ୟା ନୁହଁ, ତଥାପି ପରିସ୍ଥିତି ଆଧାରରେ ଯୁଦ୍ଧ କାର୍ଯ୍ୟକଳାପ ମଧ୍ୟରେ ନର ହତ୍ୟା ଘଟଣା ବ୍ୟକ୍ତିଗତ କାର୍ଯ୍ୟ ଦ୍ୱାରା ଘଟିପାରେ ।

ଉକ୍ତ ପାଠରେ ଯୀଶୁ ବ୍ୟକ୍ତିଗତ ଦାୟିତ୍ୱର ତଥ୍ୟ ଉପରେ ଅଧିକ ମୋର ଦିଅନ୍ତି । ସେ ଘୋଷଣା କରନ୍ତି ଯେ ଜଣେ ବ୍ୟକ୍ତିଙ୍କର କାର୍ଯ୍ୟ ଓ ଗତିବିଧି ବିଚାର କରାଯିବ ଓ ସେହି ମନ୍ଦ କାର୍ଯ୍ୟ ଗୁଡ଼ିକର ନିତି ଦଣ୍ଡ ଉପଲବ୍ଧି ଅଟେ । ନର ହତ୍ୟାର ଆଜ୍ଞାରେ ପଦକ୍ଷେପର ନମୁନା ଓ ଜଣେ ବ୍ୟକ୍ତିଙ୍କ ଜୀବନର ମନ, ଆତ୍ମା ଓ ଶରିର

ଉପରେ ସେମାନଙ୍କ ପ୍ରଭାବକୁ ଯୀଶୁ ଖ୍ରୀଷ୍ଟ ପ୍ରକାଶ କରନ୍ତି । ତାପରେ ନର ହତ୍ୟାର ପ୍ରତିରୋଧ ନିମନ୍ତେ ସେ ଉପଦେଶ ସହ ସମାପ୍ତ କରନ୍ତି ।

ନର ହତ୍ୟା ସବୁବେଳେ ପୂର୍ବ କଳ୍ପନା କାର୍ଯ୍ୟ ଅଟେ । ଏକ ନର ହତ୍ୟା କରିବାର କାର୍ଯ୍ୟର ନମୁନା ଗୁଡ଼ିକ ସବୁ ସମୟରେ ପ୍ରାୟ ସମାନ ଥାଏ । କେତେକ ଘଟଣାରେ ଏହି କାର୍ଯ୍ୟ ଶିଘ୍ର ଘଟିଥାଏ । ନ୍ୟାୟାଳୟରେ ଏ ସମସ୍ତ ସାଧାରଣ ଭାବେ ଉତ୍ତେଜନାର ଅପରାଧ ବୋଲି ବର୍ଣ୍ଣନା କରାଯାଏ ।

ନର ହତ୍ୟାକାରି ଆପଣା କାର୍ଯ୍ୟର ପ୍ରତିଫଳ ବିଷୟରେ ଚିନ୍ତା କରିବା ନିମନ୍ତେ ତା ପାଖରେ କମ୍ ସମୟ ଥାଏ । ତେଣୁ କରି ନ୍ୟାୟାଳୟ ଆପଣା ରାୟ ଦେବାରେ ବିଶେଷ କରି କୋହଳତା ପ୍ରକାଶ କରିଥାନ୍ତି । ଅନ୍ୟ ସମୟରେ ଉକ୍ତ କାର୍ଯ୍ୟ ଧିରେ ଧିରେ ବଡ଼ାଇ ନର ହତ୍ୟା କାରିଙ୍କୁ ଆପଣା କାର୍ଯ୍ୟର ଅନୁଧ୍ୟାନ କରି ସେ ସମସ୍ତକୁ ମନ ପ୍ରେରଣ ନିମନ୍ତେ ସମୟ ଦିଆଯାଇ ଥାଏ ।କାରଣଏହି ବ୍ୟକ୍ତି ଉକ୍ତ କାର୍ଯ୍ୟ ଗୁଡ଼ିକ ଧାରା ବାହିକ ରୁପେ ବୁଝିବୁଝି ଆପଣା ଇଛାରେ କରି ଯାଇଥାଏ ତାହା କି ତାଙ୍କ ପୁର୍ବାକଳ୍ପନା ଅଧିନ ନର ହତ୍ୟା ଅଟେ ଏବଂ ଏହା ନ୍ୟାୟାଳୟରେ ଅତି ନିଷ୍ଠୁରତା ସହ ବ୍ୟବହାର କରାଯାଏ ।

ଏହି ନର ହତ୍ୟାର ଆଦେଶରେ ମଧ୍ୟ ଯାହାକି ଏକ ଉତ୍ତେଜନାର ଅପରାଧ ରୁପେ ବର୍ଣ୍ଣନା କରାଯାଇଅଛି । ଉକ୍ତ ବ୍ୟକ୍ତି ଅନେକଥର ନର ହତ୍ୟା କରିବା ନିମନ୍ତେ ଉଦ୍ୟମଗୁଡ଼ିକ ଅଭ୍ୟାସ କରିଅଛ । କିନ୍ତୁ ପ୍ରକୃତରେ କାର୍ଯ୍ୟ କରିବାରେ ତୃଟି ଯୋଗୁଁ ବନ୍ଦ ହୋଇଅଛି । ଯାହା ଆମେ ବର୍ତ୍ତମାନ ଦେଖିବା । ସେହି ବୁଝିବା ଅନୁସାରେ ଏହା ପୁର୍ବ ଯୋଜନାଧିନ ଅଟେ । ଆସନ୍ତୁ ଆମ୍ଭେ ମାନେ ନର ହତ୍ୟା କରିବା ନିମନ୍ତେ କଢାଇ ନେଇଥିବା ପ୍ରକ୍ରିୟା ମଧ୍ୟରେ ପଦକ୍ଷେପ ଗୁଡ଼ିକ ଉପରେ ନଜର ଦେଉ । ମାଥିଉ.୫:୨୨ରେ ଯୀଶୁ ଗୋଟି ଗୋଟି କରି ଉପସ୍ଥାପନ କରନ୍ତି । ସତର୍କ କରେ, ପ୍ରକ୍ରିୟା ମଧର ପ୍ରତ୍ୟେକ ପଦକ୍ଷେପ ଚିହ୍ନ ଗୁଡିକ ଯୋଡିତ ଓ ସେଗୁଡିକ ପାପ ଉପରେ ବିଜୟନ ପାଇ ବିଫଳତାର ପ୍ରତିଫଳ ଅଟେ ।

ଉକ୍ତ ପ୍ରକ୍ରିୟା ମଧରେ ପ୍ରଥମ ଚେତାବନୀର ଚିହ୍ନ ଜଣେ ବ୍ୟକ୍ତିଙ୍କ ପ୍ରତିକ୍ରୋଧ କରିବା । ଯାକୁବ.୪:୧-୩ ଅନୁଯାୟୀ, ଏହା ଶରୀରରୁ ଜାତ,ଏହା ଏକ ମାସର ଅଭିଳାଷ ଅଟେ । “ବିଶ୍ୱାସୀ ମାନଙ୍କ ମଧରେ ଯୁଦ୍ଧ ଓ

ବିବାଦ କେଉଁଠାରୁ ହୁଏ ? କ'ଣ ତୁମ୍ଭମାନଙ୍କ ଅଙ୍ଗ ପ୍ରତ୍ୟଙ୍ଗ ମଧ୍ୟରେ ଯୁଦ୍ଧ କରୁଥିବା ସୁଖାଭିଳାଷରୁ ନୁହେଁ? ତୁମ୍ଭେମାନେ କାମନା କରିଥାଅ; କିନ୍ତୁ ପାଇ ନ ଥାଅ; ତୁମ୍ଭେମାନେ ବଧ ଓ ଈର୍ଷା କରିଥାଅ, କିନ୍ତୁ ପ୍ରାପ୍ତ ହେବାକୁ ଅକ୍ଷମ ହୋଇଥାଅ; ତୁମ୍ଭେମାନେ ବିବାଦ ଓ ଯୁଦ୍ଧ କରିଥାଅ, ତୁମ୍ଭେମାନେ ପାଇ ନ ଥାଅ, କାରଣ ତୁମ୍ଭେମାନେ ମାଗି ନ ଥାଅ; ତୁମ୍ଭେମାନେ ମାଗି ଥାଅ, କିନ୍ତୁ ପାଇ ନ ଥାଅ, କାରଣ ଆପଣା ଆପଣା ସୁଖାଭିଳାଷରେ ବ୍ୟୟ କରିବା ନିମନ୍ତେ ମନ୍ଦ ଅଭିପ୍ରାୟରେ ମାଗିଥାଅ" । ବ୍ୟକ୍ତିଗତ ସବୁ କାରଣ ଗୁଡିକ, ଯାହା ଜଣେ ବ୍ୟକ୍ତିଙ୍କ କ୍ରୋଧକୁ ସତ୍ୟ ସାବ୍ୟସ୍ତ କରେ ତାହା ଏକ ଇନ୍ଦ୍ରଧନୁ ରଙ୍ଗର ବିଭିନ୍ନତା ପରି । କିନ୍ତୁ ଏହା ସେ ପର୍ଯ୍ୟନ୍ତ ଉଛୁଳି ପଡ଼େ, ମୁ ଯାହା ଚାହେଁ ତାହା ମୋ ପାଖରେ ନାହିଁ, ତେଣୁ କ୍ରୋଧ କରିବା ମୋ ପାଇଁ ଯଥାର୍ଥ ଅଟେ ।

ଦ୍ୱିତୀୟ ଚେତାବନୀ ଚିହ୍ନ ଦେଖାଦିଏ, ଯେବେ କ୍ରୋଧ ବ୍ୟକ୍ତି ଅନ୍ୟକୁ ନିଚ ଦେଖେ । ଯୀଶୁ "ରାକା" ଶବ୍ଦ ବ୍ୟବହାର କଲେ, ଯାହାର ଅର୍ଥ ହେଉଛି, ମୁଁ ତୁମ୍ଭ ଉପରେ ଥୁକେ କିମ୍ବା ମୁଁ ତୁମ୍ଭକୁ ତୁଛ କରେ । ଚକ୍ଷୁର ଅଭିଳାଷ ଦ୍ୱାରା ପ୍ରଲୋଭନ ଆସେ । ଏହା ମନ ବା ଆତ୍ମାସହ ପରିଚାଳିତ ହୁଏ । କ୍ରୋଧୀ ବ୍ୟକ୍ତି ଆପଣା ଦୃଷ୍ଟିକୋଣରେ ନିଜକୁ ଏକ ଉଚ ସ୍ଥାନରେ ରଖେ କିଅବା ଅନ୍ୟ ଲୋକଙ୍କ ତୁଳନାରେ ମହାନମାନଙ୍କ ମଧ୍ୟରୁ ସେ ଜଣେ ବୋଲି କରେ । ତେଣୁ ଅନ୍ୟକୁ ଘୃଣା କରିବାକୁ ତାଙ୍କ ଅଧିକାର ଅଛି । ଯାକୁବ.୪:୬ ଏବଂ ୧୦ ସେହି ସବୁ ବିଷୟରେ କହେ । ଏଣୁ ଶାସ୍ତ୍ରରେ ଉକ୍ତ ଅଛି, "ଈଶ୍ୱର ଅହଙ୍କାରୀମାନଙ୍କୁ ପ୍ରତିରୋଧ କରନ୍ତି, କିନ୍ତୁ ନମ୍ର ଲୋକମାନଙ୍କୁ ଅନୁଗ୍ରହ ଦାନ କରନ୍ତି'' । ପ୍ରଭୁଙ୍କ ଛାମୁରେ ଆପଣା ଆପଣାକୁ ନତ କର, ତାହାହେଲେ ସେ ତୁମ୍ଭମାନଙ୍କୁ ଉନ୍ନତି କରିବେ ।

ତୃତୀୟ ଓ ଶେଷ ଚେତାବନୀ ଯାହା ନର ହତ୍ୟା ଆଡ଼କୁ ବଢାଏ ଯେବେ କ୍ରୋଧୀ ଘୃଣାକାରି ଅନ୍ୟକୁ ଏକ ମୂର୍ଖ ଭାବି ନିନ୍ଦାକରେ । ଶାସ୍ତ୍ର ଅନୁସାରେ ଜଣେ ମୂର୍ଖ ନା କେବଳ ଏକ ନିଚ ବ୍ୟକ୍ତି, ତାହା ସହ ସେ ଆପଣା ହୃଦୟରେ କହେ, ଈଶ୍ୱର ନାହାଁନ୍ତି ।[୪୭] ନିନ୍ଦା କିମ୍ବା ବିଚାର କରିବା ନିମନ୍ତେ ଯେଉଁ ଆତ୍ମାଙ୍କ ଦ୍ୱାରା ପ୍ରଲୋଭନ ଆସେ, ତାକୁ ଅହଂକାର ଆତ୍ମା ବୋଲି କୁହାଯାଏ । ଏହା ସୟତାନର ପାପ, ଭାଇମାନଙ୍କର ନିନ୍ଧା

---

[୪୭] ଗୀତସହିତା ୧୪:୧

କାରି । ସେ କ୍ରୋଧୀ ଘୃଣାକାରି ବ୍ୟକ୍ତି ଈଶ୍ୱରଙ୍କ ଜାଗାରେ ଠିଆ ହୋଇ ଲୋକ ମାନଙ୍କ ହୃଦୟକୁ ବିଚାର କରିପାରନ୍ତି । ଏକ ବିଚାର କର୍ତାରୂପେ ସେ ଦଣ୍ଡ ପ୍ରଦାନ କରିଥାଏ । ଯାକୁବ ୪:୧୧-୧୨ କହେ, "ହେ ଭାଇମାନେ, ତୁମ୍ଭେମାନେ ପରସ୍ପରର ଗ୍ଳାନି କର ନାହିଁ; ଯେ ଭାଇର ଗ୍ଳାନି କରେ କିମ୍ବା ଭାଇର ବିଚାର କରେ, ସେ ମୋଶାଙ୍କ ବ୍ୟବସ୍ଥାର ଗ୍ଳାନି କରେ ଓ ସେଥିର ବିଚାର କରେ; କିନ୍ତୁ ତୁମ୍ଭେ ଯଦି ମୋଶାଙ୍କ ବ୍ୟବସ୍ଥାର ବିଚାର କର, ତାହାହେଲେ ତୁମ୍ଭେ ମୋଶାଙ୍କ ବ୍ୟବସ୍ଥାର ପାଳନକାରୀ ନ ହୋଇ ସେଥିର ବିଚାରକର୍ତା ଅଟ । ମୋଶାଙ୍କ ବ୍ୟବସ୍ଥାଦାତା ଓ ବିଚାରକର୍ତ୍ତା ଜଣେ ମାତ୍ର, ସେ ରକ୍ଷା ଓ ବିନାଶ କରିବାକୁ ସମର୍ଥ; କିନ୍ତୁ ପ୍ରତିବାସୀର ବିଚାର କରୁଅଛ ଯେ ତୁମ୍ଭେ, ତୁମ୍ଭେ କିଏ ?"

ଯୀଶୁ ତାଙ୍କ ବାଖ୍ୟା ତାଙ୍କ ଶିଷ୍ୟମାନଙ୍କ ଉତ୍ସାହ ଦେବା ସହ ସମାପ୍ତ କରନ୍ତି । ଅନ୍ୟମାନଙ୍କ ଉପରେ କ୍ରୋଧ କରିବାକୁ ଦମନ କରିବାରେ ସେମାନଙ୍କୁ ଶକ୍ତିଶାଳୀ ପଦକ୍ଷେପ ନେବାକୁ ହେବ, ଯେବେ ଉକ୍ତ କ୍ରୋଧର କାରଣ ଶିଷ୍ୟମାନଙ୍କ ଭୁଲ ଅଟେ । ଯୀଶୁ ଚାହୁଁଥିଲେ, ସେମାନେ ଶାନ୍ତିକାରକ ହୁଅନ୍ତୁ, ସେ ସେମାନଙ୍କୁ ଶିଘ୍ର ଶାନ୍ତି ପ୍ରତିଷ୍ଠା ଓ ଭୁଲକୁ ଠିକ କରିବାକୁ ମଧ୍ୟ ଆଗ୍ରହ କରୁଥିଲେ ।

ଯୀଶୁଙ୍କ ପ୍ରଥମ ଉପଦେଶ, "ଅତଏବ ଯଦି ବେଦି ନିକଟକୁ ତୁମ୍ଭେ ନିଜର ନୈବେଦ୍ୟ ଆଣୁଥିବା ସମୟରେ ତୁମ୍ଭ ବିରୁଦ୍ଧରେ ତୁମ୍ଭ ଭାଇର କୌଣସି କଥା ଅଛି ବୋଲି ସେଠାରେ ତୁମ୍ଭର ମନେ ପଡ଼େ, ତାହାହେଲେ ସେହି ସ୍ଥାନରେ ବେଦି ସମ୍ମୁଖରେ ତୁମ୍ଭର ନୈବେଦ୍ୟ ଥୋଇଦେଇ ଚାଲିଯାଅ, ଆଗେ ନିଜ ଭାଇ ସାଙ୍ଗରେ ମିଳିତ ହୁଅ, ଆଉ ତାହା ପରେ ଆସି ତୁମ୍ଭର ନୈବେଦ୍ୟ ଉତ୍ସର୍ଗ କର" । ବିଚାର ଏହା ଅଟେ, ଈଶ୍ୱରଙ୍କ ସମ୍ମୁଖକୁ ଆସିବା ପୁର୍ବରୁ ଆପଣ ସହ କ୍ରୋଧୀ ବ୍ୟକ୍ତିଙ୍କ ସହ ଶାନ୍ତି ସ୍ଥାପନା କର ।

ଦ୍ୱିତୀୟ ଉପଦେଶ, "ତୁମ୍ଭର ବିବାଦୀ ସହିତ ବାଟରେ ଥିବା ସମୟରେ ଶୀଘ୍ର ତାହା ପ୍ରତି ମିଳନର ଭାବ ଦେଖାଅ, କାଳେ ବିବାଦୀ ତୁମ୍ଭକୁ ବିଚାରକର୍ତାଙ୍କ ହସ୍ତରେ ସମର୍ପଣ କରିବ, ପୁଣି, ବିଚାରକର୍ତା ତୁମ୍ଭକୁ ପଦାତିକ ହସ୍ତରେ ସମର୍ପଣ କରିବେ, ଆଉ ତୁମ୍ଭେ କାରାଗାରରେ ନିକ୍ଷିପ୍ତ ହେବ । ମୁଁ ତୁମ୍ଭକୁ ସତ୍ୟ କହୁଅଛି, ତୁମ୍ଭେ ଶେଷ ପାହୁଲାଟି ନ ଶୁଝିବା ପର୍ଯ୍ୟନ୍ତ ସେ ସ୍ଥାନରୁ କୌଣସି ପ୍ରକାରେ ବାହାରି ଆସି ପାରିବ ନାହିଁ । "ଯୀଶୁଏ ଠାରେ ତିନୋଟି ବିନ୍ଦୁ ପ୍ରକାଶ କରନ୍ତି, **ପ୍ରଥମ** ଯେ କୌଣସି ମାଧ୍ୟମରେ ଏଥିରେ ତୁମ୍ଭକୁ

ମୁଲ୍ୟ ଦେବାକୁ ପଡ଼ିବ । **ଦ୍ୱିତୀୟ** ତୁମ୍ଭର ନିଜର ଇଛା ଦ୍ୱାରା ଭୁଲକୁ ଠିକ କରିବା ଦ୍ୱାରା କ୍ରୋଧକୁ ସ୍ଥିର ଓ ବନ୍ଧୁ ସ୍ଥାପନ କରିବାରେ ସାହାଯ୍ୟ କରେ । ଯଦି ବିଷୟଟି ନ୍ୟାୟାଳୟକୁ ଚାଲିଥାଏ, ଉକ୍ତ ବ୍ୟକ୍ତିର କ୍ରୋଧ ସ୍ଥିର ହୁଏ ନାହିଁ ଓ ତୁମ୍ଭେ ତାଙ୍କ ସାଙ୍ଗ ହୋଇ ପାରିବ ନାହିଁ, ଯଦି ଓ ସେ ବିଚାର ଜିତିଯାଏ । **ଶେଷରେ,** କ୍ରୋଧର କାରଣ କୁ ନିବାରଣ କରିବା ଦ୍ୱାରା ସେ ବ୍ୟକ୍ତି ଆପଣଙ୍କୁ ଘୃଣା ଓ ବିଚାର କରିବେ ନାହିଁ, ଯେହେତୁ ତୁମ୍ଭେ ତାଙ୍କୁ ପାପରୁ ଅନ୍ତର କରିଅଛ ।

**ପ୍ରୟୋଗ:**

ନର ହତ୍ୟା କରିବା ଅନୁରୂପ ଅତି ସ୍ୱଷ୍ଟ ଅଟେ । ଅଭିଳାଷ କ୍ରୋଧ ଉତ୍ପନ କରେ, ଗର୍ବ ଘୃଣା ଉତ୍ପନ କରେ, ଓ ବିଚାର ନିନ୍ଦା ଉତ୍ପନ କରେ, ଯାହା ହତ୍ୟା ଆଡ଼କୁ ଟାଣି ନିଏ । କ୍ରୋଧ ସହ ନର ହତ୍ୟା ଆରମ୍ଭ ହୁଏ ଏହା ସହଜ କରିବା ନିମନ୍ତେ ଶାସ୍ତ୍ର ସରଳ ବ୍ୟବହାରିକ ଉପଦେଶ ଦିଏ ।

୧. କ୍ରୋଧ ଅଧିନ ବ୍ୟକ୍ତି କିଅବା ଶିଘ୍ର ରାଗିବା ଲୋକଙ୍କ ସହ ମିଳାମିଶା ହୁଅନାହିଁ, କାଳେ ତୁମ୍ଭେ ତାଙ୍କ ରାସ୍ତାରେ ଚାଲି ନିଜ ପାଇଁ ଏକ ଫାନ୍ଦ ପ୍ରସ୍ତୁତ କରିବ । (୨୨: ୨୪-୨୫)
୨. କୋମଳ ଉତର କ୍ରୋଧକୁ ଦମନ କରେ; ମାତ୍ର କଟୁ ବାକ୍ୟ କୋପ ଜନ୍ମାଏ । (ହିତୋପଦେଶ୧୫: ୧)
୩. ମନୁଷ୍ୟର ସୁବୁଦ୍ଧି ତାହାକୁ କ୍ରୋଧ କରିବାକୁ ଧୀର କରେ; ପୁଣି, ଦୋଷ ଛାଡ଼ିଦେବାର ତାହାର ଭୂଷଣ । ( ହିତୋପଦେଶ୧୯: ୧୧)
୪. ଗୁପ୍ତରେ ଦାନ ଦେଲେ କ୍ରୋଧ ଶାନ୍ତ ହୁଏ, ପୁଣି, ଅଣଟିରେ ଦତ ଲାନଚ ପ୍ରଚଣ୍ଡ କୋପ ଶାନ୍ତ କରେ । (ହିତୋପଦେଶ୨୧: ୧୪)
୫. କ୍ରୋଧ କର କିନ୍ତୁ ପାପ କର ନାହିଁ; ସୁର୍ଯ୍ୟ ଅସ୍ତ ନ ହେଉଣୁ କ୍ରୋଧ ପରିତ୍ୟାଗ କର, ପୁଣି, ଶୟତାନକୁ ସ୍ଥାନ ଦିଅ ନାହିଁ । (ହିତୋପଦେଶ୪: ୨୬)

ଏପରି କୌଣସି ସମୟରେ ତମେ କ୍ରୋଧୀ ହୋଇଥିଲେ, ତମେ କିପରି ତାହା ସହ ସୋଉଦା ବାଜି କଲ, ଆସନ୍ତା ଦଳିୟ ସଭାରେ ବର୍ଣ୍ଣନା କର ।

### ପାଠ-୭

### ବିଶ୍ୱସ୍ତ ହେବା

**ଉପକ୍ରମ:**

ଈଶ୍ୱରଙ୍କ ରାଜ୍ୟରେ ପାରିବାରିକ ମୂଲ୍ୟବୋଧ ଉପରେ ଶିକ୍ଷା ଦେଇ ଯୀଶୁ ପର୍ବତ ଉପରେ ନିଜର ଉପଦେଶ ଜାରି ରଖିଲେ । ତାଙ୍କର ପରବର୍ତ୍ତୀ ବିଷୟ ହେଉଛି ବ୍ୟଭିଚାର ।

**ଶାସ୍ତ୍ରପାଠ:**

**ବିଶ୍ୱସ୍ତ ହେବା**

**ପାର୍ବତ୍ୟ ପ୍ରଚାର**

**ମାଥିଉ.୫:୨୭-୩୨**

ତୁମ୍ଭେମାନେ ଶୁଣିଅଛ, ଉକ୍ତ ଅଛି, ବ୍ୟଭିଚାର କର ନାହିଁ । କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ କେହି କୌଣସି ସ୍ତ୍ରୀ ପ୍ରତି କାମଭାବରେ ଦୃଷ୍ଟିପାତ କରେ, ସେ ତାହା ସଙ୍ଗରେ ମନେ ମନେ ବ୍ୟଭିଚାର କଲାଣି । ଆଉ ତୁମ୍ଭ ଦକ୍ଷିଣ ଚକ୍ଷୁ ଯେବେ ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା ଉପାଡ଼ି ଫୋପାଡ଼ି ଦିଅ,[୪୮] କାରଣ ତୁମ୍ଭର ସମସ୍ତ ଶରୀର ନର୍କରେ ପଡ଼ିବା ଅପେକ୍ଷା ଗୋଟିଏ ଅଙ୍ଗ ନଷ୍ଟ ହେବା ତୁମ୍ଭ ପକ୍ଷରେ ଲାଭଜନକ । ପୁଣି, ତୁମ୍ଭର ଦକ୍ଷିଣ ହସ୍ତ ଯେବେ ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା କାଟି ଫୋପାଡ଼ିଦିଅ,[୪୯] କାରଣ ତୁମ୍ଭର ସମସ୍ତ ଶରୀର ନର୍କରେ ପଡ଼ିବା ଅପେକ୍ଷା ଗୋଟିଏ ଅଙ୍ଗ ନଷ୍ଟ ହେବା ତୁମ୍ଭ ପକ୍ଷରେ ଲାଭଜନକ । ଆହୁରି ଉକ୍ତ ଅଛି, ଯେ କେହି ଆପଣା ସ୍ତ୍ରୀକୁ ପରିତ୍ୟାଗ କରେ, ସେ ତାହାକୁ ଛାଡ଼ପତ୍ର ଦେଉ । କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ କେହି ଆପଣା ସ୍ତ୍ରୀକୁ ବ୍ୟଭିଚାର ଦୋଷ ବିନା ଅନ୍ୟ କାରଣରୁ ପରିତ୍ୟାଗ କରେ, ସେ ତାହାକୁ ବ୍ୟଭିଚାରିଣୀ କରାଏ; ଆଉ ଯେ କେହି ପରିତ୍ୟକ୍ତା ସ୍ତ୍ରୀକୁ ବିବାହ କରେ, ସେ ବ୍ୟଭିଚାର କରେ ।

**ପୃଷ୍ଠଭୂମି:**

ବ୍ୟଭିଚାର କ'ଣ ତାହା ଆଜି ଅନେକଲୋକଙ୍କର ଭଲ ଖ୍ରୀଷ୍ଟିୟ ଗ୍ରନ୍ଥ ଆଧାରିତ ବୁଝାମଣା ନାହିଁ । ଅଧିକାଂଶ କେବଳ କହିବେ ଯେ ବ୍ୟଭିଚାର ହେଉଛି, 'ଯେତେବେଳେ ଜଣେ ବିବାହିତ ବ୍ୟକ୍ତି ଅନ୍ୟ ଜଣଙ୍କ ସହିତ ଯୌନ ସମ୍ପର୍କ ରଖନ୍ତି ଯିଏ ସେମାନଙ୍କ ସ୍ତ୍ରୀ ନୁହଁନ୍ତି ।' ଯଦିଓ ଏହା ସତ୍ୟ, ଏହା ନିଶ୍ଚିତ ଭାବରେ ଯୀଶୁ ଯାହା କହୁଛନ୍ତି ତାହାର ମହତ୍ୱକୁ ପ୍ରକାଶ କରେ ନାହିଁ ।

ବ୍ୟଭିଚାରର ହିବ୍ରୁ ଶବ୍ଦ, "ନାଫ୍" ର ଅର୍ଥ ହେଉଛି ବିବାହ ବନ୍ଧନ ଭାଙ୍ଗିବା । ଏବଂ ଆମେ ଦେଖୁ ଯେ ଏହା ହେଉଛି ଯୀଶୁଙ୍କ ଶିକ୍ଷାର କେନ୍ଦ୍ରବିନ୍ଦୁ, ଯେହେତୁ ସେ ବ୍ୟଭିଚାର ବିଷୟକୁ ଛାଡପତ୍ର ସହିତ ସିଧାସଳଖ

---

[୪୮] ତୁମ୍ଭ ଦକ୍ଷିଣ ଚକ୍ଷୁ ଯେବେ ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା ଉପାଡ଼ି ଫୋପାଡ଼ି ଦିଅ । ପ୍ରଲୋଭନ କର ନାହିଁ (ଇଚ୍ଛା କରିବା ଯାହା ତୁମ୍ଭର ନୁହଁ ) ।

[୪୯] ପୁଣି, ତୁମ୍ଭର ଦକ୍ଷିଣ ହସ୍ତ ଯେବେ ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା କାଟି ଫୋପାଡ଼ିଦିଅ । ଚୋରି ବନ୍ଦ କର (ନେଉଥିବା ଜିନିଷ ଯାହା ତୁମ୍ଭର ନୁହଁ) ।

ଯୋଡିଥିଲେ, ଯାହା ବିବାହ ବନ୍ଧନ ଭାଙ୍ଗିବା । ବ୍ୟଭିଚାର ଅନୁପଯୁକ୍ତ ଯୌ ।ନ ସମ୍ପର୍କଠାରୁ ଅଧିକା ଜଡିତ ବିଷୟ । ଏହା ଏକ ଚୁକ୍ତି ସମ୍ପର୍କ ଭାଙ୍ଗିବା ।

ତେଣୁ ବ୍ୟଭିଚାର ଘଟିବା ପୂର୍ବରୁ "ଚୁକ୍ତି ସମ୍ପର୍କ" ପୂର୍ବରୁ ରହିବା ଆବଶ୍ୟକ । ଚୁକ୍ତି ସମ୍ପର୍କ ବିଭିନ୍ନ ପ୍ରକାରରେ ଆସେ ଏବଂ ବିବାହ ସେମାନଙ୍କ ମଧ୍ୟରୁ ଗୋଟିଏ । ଖ୍ରିଷ୍ଟିୟ ଗ୍ରନ୍ଥ ମଧ୍ୟ ଈଶ୍ୱରଙ୍କ ସହିତ ଚୁକ୍ତି କରୁଥିବା ବିଷୟରେ କହିଥାଏ; ମୋଶା ଚୁକ୍ତିରେ ଯିହୁଦୀ ଲୋକ ଏବଂ ନୂତନ ଚୁକ୍ତିରେ ଖ୍ରୀଷ୍ଟିଆନମାନେ ।[୫୦] ଚୁକ୍ତିନାମା ଅନେକ ଉପାଦାନକୁ ନେଇ ଗଠିତ, ଯେହେତୁ ଆମେ ଏହି ପୁସ୍ତକର ପରବର୍ତୀ ପାଠ୍ୟରେ ଆଲୋଚନା କରିବା ।

ବିବାହ ସାଧାରଣ ଏବଂ ସାଧାରଣତ ସମସ୍ତେ ବୁଝନ୍ତି । ଚୁକ୍ତି କିପରି ଭାଙ୍ଗିଗଲା ଏବଂ କୌଣସି ଚୁକ୍ତି ଭଙ୍ଗ କରିବା ବ୍ୟଭିଚାର ସହିତ ସମାନ ବୋଲି ଯୀଶୁ ବର୍ଣ୍ଣନା କରନ୍ତି ? ସେ ବ୍ୟଭିଚାର କରିବାର ପଦକ୍ଷେପଗୁଡ଼ିକୁ ବର୍ଣ୍ଣନା କରିଛନ୍ତି ତେଣୁ ସେମାନେ ଶିଷ୍ୟମାନଙ୍କ ପାଇଁ ଚେତାବନୀ ସଙ୍କେତ ଭାବରେ କାର୍ଯ୍ୟ ହେଇପାରିବ ।

ଯେପରି ବ୍ୟଭିଚାର ଏକ ବିବାହିକ ସଂପର୍କରେ ଘଟେ, ଏହା ମଧ୍ୟ ଆଧାତ୍ମିକ ସଂପର୍କରେ ଘଟିପାରେ । ଯେତେବେଳେ ବ୍ୟଭିଚାର ଏକ ଆଧାତ୍ମିକ ସଂପର୍କରେ ଘଟେ, ଏହାକୁ ବିଦ୍ରୋହ, ଦୂରେଇଯିବା କିମ୍ବା ମୂର୍ତୀପୂଜା କୁହାଯାଏ । ୩ ଭବିଷ୍ୟଦ୍‌ବକ୍ତା ଯିରିମିୟ, ଯିହିଜିକଲ ଏବଂ ହୋଶେୟ ଘୋଷଣା କଲେ ଯେ ଇସ୍ରାଏଲୀୟ ମାନେ ଈଶ୍ୱରଙ୍କ ସହିତ ହୋଇଥିବା ଚୁକ୍ତି ବିଷୟରେ ବ୍ୟଭିଚାର କରୁଛନ୍ତି । ଏବଂ ଯାକୁବଙ୍କ ପୁସ୍ତକରେ ଖ୍ରୀଷ୍ଟିଆନ ମାନଙ୍କ ପାଇଁ ସମାନ କଥା ଅଭିଯୋଗ ବର୍ଣ୍ଣତଅଛି । ହେ ବ୍ୟଭିଚାରିଣୀମାନେ, ଜଗତର ମିତ୍ରତା ଈଶ୍ୱରଙ୍କର ଶତ୍ରୁତା, ଏହା କ'ଣ ଜାଣ ନାହିଁ ? ଅତଏବ, ଯେ କେହି ଜଗତର ମିତ୍ର ହେବାକୁ ଇଚ୍ଛା କରେ ସେ ଆପଣାକୁ ଈଶ୍ୱରଙ୍କ ଶତ୍ରୁ ବୋଲି ପ୍ରତିପନ୍ନ କରେ । (ଯାକୁବ.୪:୪) ଆସନ୍ତୁ ଜାଣିବା ବିବାହ ଚୁକ୍ତି ଏବଂ ବିବାହ ବନ୍ଧନ କିପରି ଭାଙ୍ଗିଥାଏ ।

---

[୫୦] "ନୂତନ ଚୁକ୍ତି" ପାଇଁ ହିବ୍ରୁ ନାମ ହେଉଛି "ବ୍ରିଟ୍ ହାଡାସା" । ନୂତନ ଚୁକ୍ତି ଉପରେ ଅଧିକ ଗଭୀର ଦୃଷ୍ଟି ଏବଂ ଖ୍ରୀଷ୍ଟିଆନ ମାନେ ଏଥିରେ କିପରି ଅଂଶଗ୍ରହଣ କରନ୍ତି ତାହା ମୋ ପୁସ୍ତକ "ଖ୍ରୀଷ୍ଟିଆନ ୧୦୧" ରେ ମିଳି ପାରିବ ।

ବିବାହ ହେଉଛି ଏକତାର ସର୍ବସାଧାରଣ ବକ୍ତବ୍ୟ । ଏହା ଏକ ପୁରୁଷ ଏବଂ ସ୍ତ୍ରୀର କାର୍ଯ୍ୟ, ଶାରୀରିକ, ଭାବପ୍ରବଣ ଏବଂ ଆଧ୍ୟାତ୍ମିକ ଭାବରେ ଏକ ହୋଇଯାଏ । ଏହା ଉଭୟଙ୍କ ମଧ୍ୟରେ ଏକ ଚୁକ୍ତି କିମ୍ବା ଚୁକ୍ତି ଅନ୍ତର୍ଭୁକ୍ତ କରେ । ସେମାନେ ପରସ୍ପରକୁ ନିଜ ଜୀବନ ପ୍ରତିଜ୍ଞା କରନ୍ତି, ମିଳିତ ଭାବରେ ବାସ କରନ୍ତି ଏବଂ ପରସ୍ପର ପ୍ରତି ଅନୁଗ୍ରହ ଦେଖାନ୍ତି । ବିବାହ ଶପଥ, କିମ୍ବା ପ୍ରତିଜ୍ଞା ଆବଶ୍ୟକ କରେ ଏବଂ ଈଶ୍ୱର ସେମାନଙ୍କ ସାକ୍ଷୀ ଅଟନ୍ତି ।

ଛାଡପତ୍ର ମଧ୍ୟ ଏକ ସାର୍ବଜନୀନ ବକ୍ତବ୍ୟ ଯେ ବିବାହରେ ଯୋଡି ହୋଇଥିବା ଦୁଇ ଜୀବନକୁ ପୃଥକ କରିବା କିମ୍ବା ଅଲଗା କରିବା । ବିବାହ ବିଚ୍ଛେଦ କିମ୍ବା ଏକତା ଭାଙ୍ଗିବାର ଏହା ହେଉଛି ଅନ୍ତିମ କାର୍ଯ୍ୟ । ଏହା ସୂଚିତ କରେ ଯେ ଛାଡପତ୍ର ହେବା ପରେ ଦମ୍ପତି ଏକତ୍ର ରହିବେ ନାହିଁ କିମ୍ବା ପରସ୍ପର ପ୍ରତି ଅନୁଗ୍ରହ ଦେଖାଇବେ ନାହିଁ ।

ଯେତେବେଳେ ଜଣେ ବିବାହିତ ବ୍ୟକ୍ତି ଅନ୍ୟ ଜଣଙ୍କ ସହିତ ଯୌନ ସମ୍ପର୍କ ରଖନ୍ତି ଯିଏ ସେମାନଙ୍କ ପତି-ପତ୍ନୀ ନୁହଁନ୍ତି ସେହି ବ୍ୟକ୍ତି ବ୍ୟଭିଚାର କରନ୍ତି । ୱେବଷ୍ଟରର ଅଭିଧାନ ଅନୁଯାୟୀ ବ୍ୟଭିଚାର ଶବ୍ଦର ଅର୍ଥ ହେଉଛି: ବିଦେଶୀ କିମ୍ବା ନିମ୍ନ ପଦାର୍ଥର ଯୋଗ ଦ୍ୱାରା ଭ୍ରଷ୍ଟ, ଖରାପ କିମ୍ବା ଅପରିଷ୍କାର କରିବା । ତେଣୁ ଯେତେବେଳେ ଜଣେ ପତି-ପତ୍ନୀ ସେମାନଙ୍କ ବିବାହ ସାଥୀ ବ୍ୟତୀତ ଅନ୍ୟ କାହା ସହିତ ଯୌନ ସମ୍ପର୍କ ରଖନ୍ତି, ବିବାହ ମିଶ୍ରିତ କିମ୍ବା ଅପରିଷ୍କାର ହୋଇଯାଏ । ଯେହେତୁ ବିବାହ ଆଉ ଏହାର ମୂଳ ଅବସ୍ଥାରେ ନାହିଁ, ଛାଡପତ୍ରର କାରଣ ଅଛି । ଯଦିଓ, ଯଦି ଆପତିଜନକ ଦଳ ଅନ୍ୟକୁ କ୍ଷମା କରନ୍ତି ଏବଂ ଦମ୍ପତି ପରସ୍ପର ସହିତ ପୁନଃ ସମନ୍ୱିତ ହୁଅନ୍ତି ତେବେ ବିବାହ ଛାଡପତ୍ରରେ ଶେଷ ହେବାକୁ ପଡିବ ନାହିଁ । ସେମାନଙ୍କର ବିବାହ ପୁନଃସ୍ଥାପିତ ହୋଇଛି ଏବଂ ଛାଡପତ୍ର ଦ୍ୱାରା ବିବାହ ବନ୍ଧନରେ ଆବଦ୍ଧ ହୋଇ ନାହିଁ ।

ବ୍ୟଭିଚାରର ଅନ୍ୟ ଏକ ଉପାୟ, ଯୌନ ସଂପର୍କରେ ଅବିଶ୍ୱାସ ବ୍ୟତୀତ କୌଣସି କାରଣରୁ ଛାଡପତ୍ର ହେଉଛି । ମାଥିଉ.୫:୩୧-୩୨ ରେ ଯୀଶୁ ଏହି କଥା କହିଛନ୍ତି । "ଆହୁରି ଉକ୍ତ ଅଛି, ଯେ କେହି ଆପଣା ସ୍ତ୍ରୀକୁ ପରିତ୍ୟାଗ କରେ, ସେ ତାହାକୁ ଛାଡ଼ପତ୍ର ଦେଉ । କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ କେହି ଆପଣା ସ୍ତ୍ରୀକୁ ବ୍ୟଭିଚାର ଦୋଷ ବିନା ଅନ୍ୟ କାରଣରୁ ପରିତ୍ୟାଗ କରେ, ସେ ତାହାକୁ ବ୍ୟଭିଚାରିଣୀ କରାଏ; ଆଉ ଯେ କେହି ପରିତ୍ୟକ୍ତା ସ୍ତ୍ରୀକୁ ବିବାହ କରେ, ସେ ବ୍ୟଭିଚାର କରେ ।"

ପୁନଃ ବିବାହ ପରେ ବ୍ୟଭିଚାର ହୋଇପାରେ, ଯେତେବେଳେ ନୂତନ ଶପଥ, କିମ୍ବା ପ୍ରତିଜ୍ଞା ଦିଆଯାଏ । ବ୍ୟଭିଚାର ପ୍ରସଙ୍ଗରେ ଛାଡପତ୍ରର ଭୂମିକା ବିଷୟରେ ଫାରୂଶୀମାନେ ଭଲ ଭାବରେ ଜାଣିଥିଲେ ଏବଂ ଯୀଶୁଙ୍କୁ ଏହା ଉପରେ ପ୍ରଶ୍ନ କରିଥିଲେ । ସେମାନେ ଜାଣିବାକୁ ଚାହିଁଲେ ଯେ ଜଣେ ପୁରୁଷ ନିଜ ପତ୍ନୀଙ୍କୁ ଛାଡପତ୍ର ଦେବା ଆଦ ଆଇନଗତ କି ନୁହେଁ। ଯୀଶୁଙ୍କ ଉତରର ସମ୍ପୂର୍ଣ୍ଣ ବିବରଣୀ ମାର୍କ.୧୦:୩-୧୨ ରେ ମିଳିଥାଏ ।

**ବିଷେଶ ଟିପ୍ପଣୀ:** ମୋଶାଙ୍କ ଦ୍ଵାରା ଦିଆଯାଇଥିବା ନିୟମ(ବ୍ୟବସ୍ଥା) ଅନୁଯାୟୀ, ୪ ପ୍ରକାରର ତ୍ୟାଗପତ୍ର ଦେବା ନିମେନ୍ତ ଭିତି ବା ଆଧାର ଅଛି । ପ୍ରଥମ ତିନଗୋଟି ହେଲା ଯୋଗାଣ ନିମେନ୍ତ ଅବେହଳିତ, (୧) ଖାଦ୍ୟ (୨) କପଡା (୩) ଦାମ୍ପତ୍ୟ ପ୍ରେମ । ଏବଂ ଚତୁର୍ଥ ହେଲା, ବ୍ୟଭିଚାର କରିବା । ଏହି ଚାରି ଆଇନଗତ ବାଦ୍ଧ୍ୟତା ବା ପ୍ରତିଜ୍ଞା ସମାନ୍ତର ଭାବେର ଯିହୁଦି ବିବାହ ଉତ୍ସବେର ପୁରୁଷ ଓ ସ୍ତ୍ରୀ ଦ୍ଵାରା ବିନୀମୟ କରାଯାଉଥିଲା । ଯାହାବି ହେଉ, ଯିଶୁଙ୍କ ସମୟେର ଏବଂ ସମାଜେର, ଏହି ଚରୋଟି ଜିନିଷ ବହୁତ ହିଁ ସାଧାରଣ ଭାବେର ପରିଚିତ ଥିଲା । ଯୀଶୁ ସେମାନଙ୍କୁ ଉତର ଦେଲେ, ମୋଶା ତୁମ୍ଭମାନଙ୍କୁ କି ଆଜ୍ଞା ଦେଇଅଛନ୍ତି ? ସେମାନେ କହିଲେ, ତ୍ୟାଗପତ୍ର ଲେଖି ସ୍ତ୍ରୀକୁ ପରିତ୍ୟାଗ କରିବା ନିମନ୍ତେ ମୋଶା ଅନୁମତି ଦେଇଅଛନ୍ତି । ସେଥିରେ ଯୀଶୁ ସେମାନଙ୍କୁ କହିଲେ, ତୁମ୍ଭମାନଙ୍କ ହୃଦୟର କଠିନତା ଦେଖି ସେ ତୁମ୍ଭମାନଙ୍କ ନିମନ୍ତେ ଏହି ଆଜ୍ଞା ଲେଖିଅଛନ୍ତି । କିନ୍ତୁ ସୃଷ୍ଟିର ଆରମ୍ଭରୁ ଈଶ୍ଵର ସେମାନଙ୍କୁ ପୁରୁଷ ଓ ସ୍ତ୍ରୀ କରି ସୃଷ୍ଟି କଲେ । ଏହି କାରଣରୁ ପୁରୁଷ ଆପଣା ପିତାମାତାଙ୍କ ଠାରୁ ଅଲଗା ହେବ, ଆଉ ସେମାନେ ଦୁହେଁ ଏକାଙ୍ଗ ହେବେ । ଏଣୁ ସେମାନେ ଆଉ ଦୁଇ ନୁହଁନ୍ତି, କିନ୍ତୁ ଏକାଙ୍ଗ ଅଟନ୍ତି । ଅତଏବ, ଈଶ୍ଵର ଯାହା ସଂଯୁକ୍ତ କରିଅଛନ୍ତି, ମନୁଷ୍ୟ ତାହା ଭିନ୍ନ ନ କରୁ । ପରେ ଶିଷ୍ୟମାନେ ଘରେ ଯୀଶୁଙ୍କୁ ଏ ବିଷୟ ପୁନର୍ବାର ପଚାରିବାକୁ ଲାଗିଲେ । ସେଥିରେ ସେ ସେମାନଙ୍କୁ କହିଲେ, ଯେ କେହି ଆପଣା ସ୍ତ୍ରୀକୁ ପରିତ୍ୟାଗ କରି ଅନ୍ୟକୁ ବିବାହ କରେ, ସେ ତାହା ବିରୁଦ୍ଧରେ ବ୍ୟଭିଚାର କରେ; ଆଉ, ଯଦି ସ୍ତ୍ରୀ ଆପଣା ସ୍ଵାମୀକୁ ପରିତ୍ୟାଗ କରି ଅନ୍ୟକୁ ବିବାହ କରେ, ତେବେ ସେ ବ୍ୟଭିଚାର କରେ । ପ୍ରେରିତ ପାଉଲ ପ୍ରଥମ କରିନ୍ଥୀୟ.୭:୧୦-୧୬ ରେ ଏହି ଦୃଶ୍ୟକୁ ପୁଣି ବଳବତ୍ତର କରିଛନ୍ତି ।

ଯେତେବେଳେ ଶାସ୍ତ୍ରୀ ଓ ଫାରୂଶୀମାନେ ବ୍ୟଭିଚାରରେ[୬୧] ଧରା ପଡ଼ିଥିବା ଜଣେ ମହିଳାଙ୍କୁ ଯୀଶୁଙ୍କ ନିକଟକୁ ଆଣିଲେ, ସେତେବେଳେ ଏକ ମଜାଦାର ବିଷୟ ଉପୁଜିଲା । ଏହି ବ୍ୟଭିଚାର କ'ଣ ଥିଲା? ଅଧିକାଂଶ ବିଶ୍ୱାସ କରନ୍ତି ଯେ, ସେ ଜଣେ ବିବାହିତା ମହିଳା ଯିଏ ଜଣେ ପୁରୁଷଙ୍କ ସହ ଯୌନ ସମ୍ପର୍କ ରଖିବା କାର୍ଯ୍ୟରେ ଧରା ପଡିଥିଲେ । ଯଦି ଏହା ହୋଇଥାନ୍ତା ତେବେ ଇସ୍ରାଏଲର ନିୟମ ହୋଇଥିବାରୁ ସେହି ବ୍ୟକ୍ତିଙ୍କୁ କାହିଁକି ପଥର ଫିଙ୍ଗି ଦିଆଗଲା ନାହିଁ ?[୬୨] ଏହାର ସମ୍ଭାବ୍ୟ ପରିସ୍ଥିତି ହେଉଛି । ମହିଳା ଜଣକ ବୋଧହୁଏ ତାଙ୍କର ପ୍ରଥମ ସ୍ୱାମୀଙ୍କୁ ଛାଡପତ୍ର ଦେଇଥିଲେ ଏବଂ ତାଙ୍କ ଦ୍ୱିତୀୟ ସ୍ୱାମୀଙ୍କୁ ବିବାହ କରିବା ପ୍ରକ୍ରିୟାରେ ଥିଲେ, ଯିଏ ଅବିବାହିତ ଥିଲେ। ସେ ପୁନର୍ବାର ବିବାହ କରୁଥିବା ସମୟରେ ବିବାହ ସମାରୋହରେ ବ୍ୟଭିଚାର କରିବା ଘଟଣାରେ ଧରା ପଡିଥିଲେ।

ଏହି କାହାଣୀର ଦ୍ୱିତୀୟ ଭାଗ କହିଥିବା ସମାନ ଭାବରେ ଆକର୍ଷଣୀୟ । ଆସନ୍ତୁ ଦେଖିବା କ'ଣ ହେଲା ଏବଂ ଯୀଶୁ ଏହାକୁ କିପରି ପରିଚାଳନା କଲେ । "ଏହି ପରି ଲୋକମାନଙ୍କୁ ପଥର ଫୋପାଡ଼ି ମାରିବାକୁ ମୋଶା ଆମ୍ଭମାନଙ୍କୁ ମୋଶାଙ୍କ ବ୍ୟବସ୍ଥାରେ ଆଜ୍ଞା ଦେଇଅଛନ୍ତି; ତେବେ ଆପଣ କ'ଣ କହୁଅଛନ୍ତି ?" ସେମାନେ ଯେପରି ତାହାଙ୍କ ବିରୁଦ୍ଧରେ ଅଭିଯୋଗର କାରଣ ପାଇ ପାରନ୍ତି, ଏଥି ନିମନ୍ତେ ସେମାନେ ତାହାଙ୍କୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଏହା କହିଲେ । କିନ୍ତୁ ଯୀଶୁ ଅଧୋମୁଖ ହୋଇ ଅଙ୍ଗୁଳି ଦ୍ୱାରା ଭୂମିରେ ଲେଖିବାକୁ ଲାଗିଲେ (ଯୋହନ.୮:୫-୬)।

ବୋଧହୁଏ ଯୀଶୁ ଯିରିମିୟ ୯:୨ ଲେଖି ଥିଲେ, ଯାହା ଈଶ୍ୱର ଭବିଷ୍ୟଦ୍‌ବକ୍ତାଙ୍କ ମାଧ୍ୟମରେ ସମସ୍ତ ଇସ୍ରାଏଲ ବିଷୟରେ କହିଥିଲେ । କାରଣ ସେମାନେ ସମସ୍ତେ ବ୍ୟଭିଚାରୀ, ବିଶ୍ୱାସଘାତକ ଲୋକଙ୍କର ସମାଜ (ଯିରିମିୟ.୯:୨)। "ମାତ୍ର ସେମାନେ ତାହାଙ୍କୁ ପୁନଃ ପୁନଃ ପଚାରନ୍ତେ, ସେ ମସ୍ତକ ଉତୋଳନ କରି ସେମାନଙ୍କୁ କହିଲେ, ତୁମ୍ଭମାନଙ୍କ ମଧ୍ୟରେ ଯେ ନିଷ୍ପାପ, ସେ ପ୍ରଥମରେ ତାକୁ ପଥର ଫୋପାଡୁ । ପୁନର୍ବାର ସେ ଅଧୋମୁଖ ହୋଇ ଭୂମିରେ ଲେଖିବାକୁ ଲାଗିଲେ (ଯୋହନ.୮:୭-୮)।"

---

[୬୧] ଯୋହନ ୮:୧-୧୧

[୬୨] ଦ୍ୱିତୀୟ ବିବରଣୀ ପୁସ୍ତକ ୨୨:୨୨, "ଯଦି କୌଣସି ପୁରୁଷ ବିବାହିତା ସ୍ତ୍ରୀ ସହିତ ଶୟନ ସମୟରେ ଧରା ପଡ଼େ, ତେବେ ସେହି ସ୍ତ୍ରୀ ସହିତ ଶୟନକାରୀ ପୁରୁଷ ଓ ସେହି ସ୍ତ୍ରୀ, ଦୁହେଁ ହତ ହେବେ। ଏହିରୂପେ ତୁମ୍ଭେ ଇସ୍ରାଏଲ ମଧ୍ୟରୁ ଦୁଷ୍ଟତା ଦୂର କରିବ। "

ତା'ପରେ ବୋଧହୁଏ ଯୀଶୁ ଗୀତସଂହିତା ୩୨:୧ ଲେଖି ଥିଲେ, ଯାହା ରାଜା ଦାଉଦ ବେଥଶେବାଙ୍କ ସହିତ ବ୍ୟଭିଚାର କରିବାପରେ ଲେଖି ଥିଲେ । ଯାହାର ଅପରାଧ କ୍ଷମା, ଯାହାର ପାପ ଆଚ୍ଛାଦିତ ହୋଇଅଛି, ସେ ଧନ୍ୟ! "ତାହା ଶୁଣି ସେମାନେ ବଡ଼ଠାରୁ ଆରମ୍ଭ କରି ଜଣ ଜଣ ହୋଇ ବାହାରି ଯିବାକୁ ଲାଗିଲେ, ଆଉ କେବଳ ଯୀଶୁ ଓ ମଧ୍ୟସ୍ଥଳରେ ସେହି ସ୍ତ୍ରୀଲୋକ ଅବଶିଷ୍ଟ ରହିଲେ । ପୁଣି, ଯୀଶୁ ମସ୍ତକ ଉତ୍ତୋଳନ କରି ତାକୁ କହିଲେ, ଗୋ ନାରୀ, ସେମାନେ କାହାନ୍ତି? କେହି କ'ଣ ତୁମ୍ଭକୁ ଦଣ୍ଡନୀୟ ବୋଲି ବିଚାର କଲେ ନାହିଁ ? ସେ କହିଲା, କେହି ନାହିଁ, ପ୍ରଭୁ । ସେଥିରେ ଯୀଶୁ କହିଲେ, ମୁଁ ମଧ୍ୟ ତୁମ୍ଭକୁ ଦଣ୍ଡନୀୟ ବୋଲି ବିଚାର କରୁ ନାହିଁ; ଯାଅ, ଆଜିଠାରୁ ଆଉ ପାପ କର ନାହିଁ (ଯୋହନ.୮:୯-୧୧)।"

ହତ୍ୟା ପ୍ରସଙ୍ଗରୁ ବ୍ୟଭିଚାର ପର୍ଯ୍ୟନ୍ତ ଯୀଶୁ ଯେଉଁ ପରିବର୍ତନ କରିଛନ୍ତି, ତାହା ନିରବିହୀନ । ଏଥିରୁ ଜଣାପଡେ ଯେ ସେ ପ୍ରସଙ୍ଗଗୁଡ଼ିକୁ ସଂପୂର୍ଣ୍ଣ ପରିବର୍ତନ କରନ୍ତି କିନ୍ତୁ ସେ କରନ୍ତି ନାହିଁ । ସେ ଉଭୟ କ୍ରୋଧ ଏବଂ ବ୍ୟଭିଚାରର ମୂଳ ପ୍ରସଙ୍ଗ ସହିତ କାର୍ଯ୍ୟ କରିଆସୁଛନ୍ତି, ଯାହା ଲୋଭ ଅଟେ, ଯାହା ତୁମର ନୁହେଁ । ଯୀଶୁ ବ୍ୟଭିଚାର ସହିତ ଲୋଭକୁ ସଂଯୋଗ କରନ୍ତି କାରଣ ଏହା ଅନ୍ୟ ଜଣଙ୍କ ପ୍ରତି ଇଚ୍ଛା ଯାହା ଦ୍ୱାରା ଭ୍ରଷ୍ଟାଚାର, ବିବାହ ବନ୍ଧନ କିମ୍ବା ଏକତା ଭାଙ୍ଗିଯାଏ ।

**ଆଦେଶ:**

- ❖ ଆଉ ତୁମ୍ଭ ଦକ୍ଷିଣ ଚକ୍ଷୁ ଯେବେ ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା ଉପାଡ଼ି ଫୋପାଡ଼ି ଦିଅ ।
- ❖ ପୁଣି, ତୁମ୍ଭର ଦକ୍ଷିଣ ହସ୍ତ ଯେବେ ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା କାଟି ଫୋପାଡ଼ି ଦିଅ ।

**ସାମୁହିକ ଆଲୋଚନା:**

୧. ଯଦି ତୁମେ ବିବାହିତ ହୋଇଛ, ତୁମେ କରିଥିବା ଶପଥ ଗୁଡ଼ିକ କ'ଣ?

୨. ବିବାହ ଭାଙ୍ଗିବାର କିଛି ସମ୍ଭାବ୍ୟ ପ୍ରତିକ୍ରିୟା କ'ଣ?

**ଶିକ୍ଷଣୀୟ ବିଷୟ !**

ଏହି ପାଠ୍ୟର ପରିଚୟ ବ୍ୟଭିଚାର ସହିତ ଜଡିତ କେତେକ ଆଇନଗତ ବିଷୟକୁ ଅନ୍ତର୍ଭୁକ୍ତ କରିଥିଲା । କିନ୍ତୁ ଯୀଶୁ ଚାହାଁନ୍ତି ଯେ ତାଙ୍କ ଶିଷ୍ୟମାନେ ଏହାର ମୂଳ କାରଣ ଗୁଡିକ ଦେଖନ୍ତୁ । ରାଜା ଦାଉଦ ଏବଂ ବେଥଶେବାଙ୍କ କାହାଣୀ ଏହି କାରଣ ଗୁଡ଼ିକ ଉପରେ ଆଲୋକିତ କରେ ଏବଂ ବ୍ୟଭିଚାରର ନୈତିକ ଏବଂ ଆଇନଗତ ପ୍ରସଙ୍ଗକୁ ତୁଳନା କରେ । ନିମ୍ନରେ ସେମାନଙ୍କର କାହାଣୀର ଏକ ସାରାଂଶ ଦିଆଯାଇଛି ।

ରାଜା ଦାଉଦ ଜଣେ ବିବାହିତ ମହିଳା ସ୍ନାନ କରୁଥିବା ବେଥଶେବାଙ୍କୁ ଦେଖିଲେ । ନିୟମ ଏହାକୁ ବାରଣ କରି ନାହିଁ । ତା'ପରେ ଦାଉଦ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ଆରମ୍ଭ କଲେ । ତା'ପରେ ସେମାନେ ଯୌନ ସମ୍ପର୍କ ସ୍ଥାପନ କଲେ ଏବଂ ସେ ଗର୍ଭବତୀ ହେଲେ । ବ୍ୟଭିଚାର ଯୌନ ସମ୍ପର୍କ ଆଇନ ଅନୁଯାୟୀ ନିଷେଧ ଥିଲା । ଦାଉଦ ନିଜ ପାପର ପରିଣାମ, ଜନ୍ମିତ ସନ୍ତାନକୁ ଲୁଚାଇବାକୁ ଚେଷ୍ଟା କଲା । ଯଦି ସେ ଅସୁବିଧାରୁ ମୁକ୍ତି ପାଇବା ପାଇଁ ରାସ୍ତା ଖୋଜି ନ ପାରନ୍ତି ତେବେ ବେଥଶେବା ଲଜ୍ଜିତ ହେବେ, ଛାଡପତ୍ର ହେବାର ସମ୍ଭାବନା ଅଧିକ ଏବଂ ପଥରରେ ଛେଚି ହତ୍ୟା କରାଯାଇ ପାରେ ।
ବେଥଶେବାଙ୍କ ସ୍ୱାମୀ ଉରିୟଙ୍କୁ ସେନା ବାହିନୀର ସେନାଧକ୍ଷ ତଥା ଯୁଦ୍ଧରେ ଯିରୁଶାଲମକୁ ଫେରିବା ପାଇଁ ଦାଉଦ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ଦାଉଦ ଚାହୁଁଥିଲେ ଯେ ଉରିୟା ସେନାବାହିନୀରୁ ଛୁଟିରେ ଘରେ ଥିବାବେଳେ ବେଥଶେବାଙ୍କ ସହ ଯୌନ ସମ୍ପର୍କ ରଖନ୍ତୁ ଯାହା ଦ୍ୱାରା ଜନ୍ମିତ ସନ୍ତାନ ସେମାନଙ୍କର ଅଟେ । ତଥାପି, ଉରିୟ ବେଥଶେବାଙ୍କ ସହିତ ଯୌନ ସମ୍ପର୍କ ସ୍ଥାପନ କଲେ ନାହିଁ । ଦାଉଦ ହୃଦୟଙ୍ଗମ କଲେ ଯେ ଯଦି ଉରିୟ ବେଥଶେବାଙ୍କୁ ଛାଡପତ୍ର ଦେଇଛନ୍ତି, ତେବେ ସମସ୍ତେ ଜାଣିଥିବେ ଯେ ଯଦି ସେ ତାଙ୍କୁ ବିବାହ କରନ୍ତି ତେବେ ସେ ବ୍ୟଭିଚାର କରୁଛନ୍ତି ।

ତେଣୁ ଦାଉଦ ଦ୍ୱିତୀୟ ଯୋଜନା ପ୍ରସ୍ତୁତ କଲେ । ସେ ଉରିୟଙ୍କୁ ଯୁଦ୍ଧକୁ ପଠାଇଲେ ଏବଂ ଯୁଦ୍ଧରେ ଉରିୟଙ୍କୁ ହତ୍ୟା କରିବାକୁ ଅନ୍ୟ ଜଣେ କମାଣ୍ଡରଙ୍କୁ ନିର୍ଦ୍ଦେଶ ଦେଲେ । ଏହା ଦେଖାଗଲା ଯେ ଦାଉଦ ପ୍ରକୃତରେ ତାଙ୍କୁ ହତ୍ୟା କରି ନାହାଁନ୍ତି । ଏହା ମଧ୍ୟ ଦେଖାଗଲା ଯେ ସ୍ୱାମୀ ମରିଯିବା ପରଠାରୁ ଦାଉଦଙ୍କର ବେଥଶେବାଙ୍କୁ ବିବାହ କରିବାର ଅଧିକାର ଥିଲା ଏବଂ ସେ ଛାଡପତ୍ର ହୋଇ ନ ଥିଲେ । ତଥାପି, ଈଶ୍ୱର ଦାଉଦଙ୍କ ହୃଦୟର ଉଦ୍ଦେଶ୍ୟ ଜାଣିଥିଲେ ଏବଂ ତାଙ୍କ ବିରୁଦ୍ଧରେ ବିଚାର ଆଣିଥିଲେ ।

ଯେପରି ଦାଉଦଙ୍କ ହତ୍ୟା ମାମଲାରେ ହେଉ, କିମ୍ବା ଯୀଶୁଙ୍କର ଛାଡପତ୍ରର ପଦକ୍ଷେପ, ବିବାହ ଭାଙ୍ଗିବାର ଅନ୍ତିମ କାର୍ଯ୍ୟ ବିଷୟରେ ପ୍ରକାଶ କରିଥିଲେ । ପ୍ରତ୍ୟେକ ପଦକ୍ଷେପ ମଧ୍ୟ ଏକ ଚେତାବନୀ ଭାବରେ କାର୍ଯ୍ୟକରେ । ତା'ପରେ ଯୀଶୁ ପ୍ରତ୍ୟେକ ପଦକ୍ଷେପରେ ପ୍ରଲୋଭନକୁ ଦୂରକରିବା ପାଇଁ ନିର୍ଦ୍ଦେଶ ଦିଅନ୍ତି । ବ୍ୟଭିଚାର କରିବା ଜଣଙ୍କର ପ୍ରତିଜ୍ଞା ପ୍ରତି ଅବିଶ୍ୱାସୀ ହେବା ବିଷୟରେ । ଏବଂ ଏହା ଏକ ଲୁକ୍କାୟିତ ଆରମ୍ଭ ।

ମାଥିଉ.୫:୨୮ରେ ଯୀଶୁ କହିଛନ୍ତି, ଯେ କେହି କୌଣସି ସ୍ତ୍ରୀ ପ୍ରତି କାମଭାବରେ ଦୃଷ୍ଟିପାତ କରେ, ସେ ତାହା ସଙ୍ଗରେ ମନେ ମନେ ବ୍ୟଭିଚାର କଲାଣି ବା ସେ ତା' ହୃଦୟରେ ପୂର୍ବରୁ ବ୍ୟଭିଚାର କରିସାରିଛି । ଯୀଶୁ ବ୍ୟଭିଚାରର ପାପ ପାଇଁ ଦାୟିତ୍ୱକୁ ସେହି ବ୍ୟକ୍ତିଙ୍କ କାନ୍ଧରେ ବଦଳାଇଲେ । ଯଦି କୌଣସି ପୁରୁଷ ବିବାହିତ କିମ୍ବା ଆଗରୁ ବିବାହିତ ଏବଂ ତାଙ୍କ ପତ୍ନୀଙ୍କ ଠାରୁ ଛାଡପତ୍ର ହୋଇଛି, ତେବେ ସେ ଅନ୍ୟ ମହିଳାଙ୍କୁ ପ୍ରଥମ ସ୍ଥାନରେ ତାଙ୍କ ପତ୍ନୀ ଭାବରେ ଗ୍ରହଣ କରିବା ଉଚିତ୍ ନୁହେଁ । ଦ୍ୱିତୀୟତ, ଜଣେ ମହିଳା ବିବାହିତ କି, ବା ବିବାହିତ ହେବାକୁ ଯାଉଛି, ତାଙ୍କୁ ଗୋଡ଼ାଇବା ପୂର୍ବରୁ ଛାଡପତ୍ର ହୋଇଛି କି ନାହିଁ ତାହା ଜାଣିବା ଏକମାତ୍ର ପୁରୁଷର କର୍ତ୍ତବ୍ୟ। ଯେଉଁ ମହିଳାମାନେ କେବେ ବି ବିବାହ କରିନାହାଁନ୍ତି କିମ୍ବା ଯେଉଁମାନଙ୍କ ପତି-ପତ୍ନୀ ମରିଛନ୍ତି ସେମାନଙ୍କ ମଧ୍ୟରୁ ସେ ବାଛିବା ପାଇଁ ମୁକ୍ତ ଅଟନ୍ତି ।

ବ୍ୟଭିଚାରର ପାପ କରିବାର ପ୍ରଲୋଭନ ଆଖିର ଲୋଭ ଦ୍ୱାରା ଆସିଥାଏ । ଏହା ଈର୍ଷା କିମ୍ବା ଲୋଭନୀୟତାର ପାପ, କିଛି ଇଚ୍ଛା କରିବା କିମ୍ବା କୌଣସି ବ୍ୟକ୍ତି ପାଇବାକୁ ଯୋଗ୍ୟ ନୁହେଁ । ଏହା ହେଉଛି ସେହି ଉପାୟ ଯାହାକି ଜଣେ ବ୍ୟକ୍ତି ଅନ୍ୟକୁ ଦେଖେ । ଆମ ସମାଜରେ ସେହି ଦୃଶ୍ୟ ପାଇଁ ଏକ ଶବ୍ଦ ଅଛି । ଆମେ କହୁ ଯେ, "ଈର୍ଷା ସହିତ ତାଙ୍କ ଆଖି ସବୁଜ ଅଟେ ।" ଲୋଭନୀୟ ଚେହେରାକୁ ରୋକିବା ପାଇଁ ଯୀଶୁ ନିଜ ଶିଷ୍ୟମାନଙ୍କୁ ସମାଧାନ ଦିଅନ୍ତି । ସେ ସେମାନଙ୍କର ଡାହାଣ ଆଖି କାଢ଼ିବାକୁ ଏବଂ ଯଦି ସେମାନଙ୍କୁ ଅପମାନିତ କରନ୍ତି ତେବେ ଫିଙ୍ଗିବାକୁ ଆଦେଶ ଦିଅନ୍ତି । ଏହି ଆରାମିକ୍ ଋଢ଼ୀର ଅର୍ଥ ହେଉଛି, "ଈର୍ଷା କିମ୍ବା ଲୋଭ ବନ୍ଦ କର ।"

ଯୀଶୁ କହିଲେ, "ଯଦି, ତୁମ୍ଭର ଦକ୍ଷିଣ ହସ୍ତ ଯେବେ ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା କାଟି ଫୋପାଡ଼ିଦିଅ, କାରଣ ତୁମ୍ଭର ସମସ୍ତ ଶରୀର ନର୍କରେ ପଡ଼ିବା ଅପେକ୍ଷା ଗୋଟିଏ ଅଙ୍ଗ ନଷ୍ଟ ହେବା ତୁମ୍ଭ

ପକ୍ଷରେ ଲାଭଜନକ । ବ୍ୟଭିଚାର କରିବାର ଦ୍ୱିତୀୟ ପଦକ୍ଷେପ ଅନ୍ୟ ଜଣଙ୍କର ଅଧିକାରକୁ ଅନ୍ତର୍ଭୁକ୍ତ କରେ । ସାଧାରଣତ ଏହା ଅନୁପଯୁକ୍ତ ସ୍ପର୍ଶ ମାଧ୍ୟମରେ ହୋଇଥାଏ । ଏହା ଶରୀରର ଲୋଭ ଅଟେ । ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ଆଦେଶ ଦିଅନ୍ତି ଯଦି ଏହା ସେମାନଙ୍କୁ ବିରକ୍ତ କରେ । ରଢ୍ଢ଼ିର ଅର୍ଥ ହେଉଛି "ଚୋରି ବନ୍ଦ କର ।" ବ୍ୟଭିଚାରର ପଥରେ ଥିବା ଅଧିକାଂଶ ଲୋକ ଭାବନ୍ତି ଯେ ସେମାନେ ନିଜ ଜୀବନସାଥୀ ବ୍ୟତୀତ ଅନ୍ୟ ଜଣଙ୍କ ସହିତ ଅନୈତିକ ଯୌନ ସମ୍ପର୍କ ସ୍ଥାପନ କରୁଛନ୍ତି । ସେମାନେ ନିଜକୁ ଈର୍ଷାପରାୟଣ ଲୋକ କିମ୍ବା ଚୋର ବୋଲି ଭାବନ୍ତି ନାହିଁ ।

ଅନ୍ତିମ ପଦକ୍ଷେପ ଏବଂ ଚେତାବନୀ ହେଉଛି ଯୌନ ସମ୍ପର୍କ ଯାହା ବ୍ୟଭିଚାର । ଯୀଶୁ ଦାବି କରିଛନ୍ତି ଯେ ତାଙ୍କ ଶିଷ୍ୟମାନେ ସମ୍ପର୍କରେ ଅବିଶ୍ୱାସ ବ୍ୟତୀତ ଅନ୍ୟ କୌଣସି କାରଣରୁ ନିଜ ପତି-ପତ୍ନୀଙ୍କୁ ଛାଡପତ୍ର ନ ଦିଅନ୍ତୁ । ସେହି କ୍ଷେତ୍ରରେ ପତି ଅନ୍ୟ ଜଣଙ୍କ ସହିତ ହୋଇ ବିବାହ ଚୁକ୍ତିନାମାକୁ ଉଲ୍ଲଂଘନ କରିସାରିଛନ୍ତି । ଈଶ୍ୱରଙ୍କ ସହିତ ଆଧ୍ୟାତ୍ମିକ ବ୍ୟଭିଚାର ସମାନ ମାର୍ଗ ଅନୁସରଣ କରେ । ପ୍ରଥମ ସୋପାନରେ ଜଣେ ବ୍ୟକ୍ତି ଅନ୍ୟ ଦେବତାମାନଙ୍କୁ ଦେଖେ କିମ୍ବା ଇଚ୍ଛା କରେ । ଦ୍ୱିତୀୟରେ ସେ ସେମାନଙ୍କର ସେବା କରନ୍ତି । ତୃତୀୟ ପଦକ୍ଷେପ ସେ ସେମାନଙ୍କ ନିକଟରେ ପ୍ରାର୍ଥନା କରନ୍ତି । ଏହି କାର୍ଯ୍ୟକୁ ବିଦ୍ରୋହ କୁହାଯାଏ ଯାହାର ଅର୍ଥ ହେଉଛି ଏକ ଖସିଯିବା କିମ୍ବା ଏଥିରୁ ଅଲଗା ହେବା । ଶାସ୍ତ୍ରରେ ଆମକୁ କୁହାଯାଇଛି ଯେ ଇସ୍ରାଏଲ ହେଉଛି ବେଶ୍ୟା । ସେମାନେ ବିଦେଶୀ ଦେବତା ମାନଙ୍କର ଅନୁସରଣ କଲେ ଏବଂ ସେମାନଙ୍କର ସେବା କଲେ ।

ଈଶ୍ୱର ଇସ୍ରାଏଲରେ ଅସନ୍ତୁଷ୍ଟ ହେଲେ ଏବଂ ଉତ୍ତର ରାଜ୍ୟକୁ ଛାଡପତ୍ରର ଏକ ଲେଖା ମଧ୍ୟ ଦେଲେ ।[୫୩] ତଥାପି ସେ ଅନ୍ୟ ଲୋକଙ୍କୁ ନ ନେଇ ସେମାନଙ୍କ ପାଇଁ ଜଣେ ବିଶ୍ୱସ୍ତସ୍ୱାମୀ ରହିଛନ୍ତି .... ଯେଉଁ ଦିନ ସେମାନେ ତାଙ୍କ ନିକଟକୁ ଫେରିବେ ସେହି ଦିନ ଧୈର୍ଯ୍ୟର ସହିତ ଅପେକ୍ଷା କରନ୍ତୁ । ଈଶ୍ୱର ନିଜକୁ ଜଣେ ବିଶ୍ୱସ୍ତ ସ୍ୱାମୀ ବୋଲି ଦର୍ଶାଇଛନ୍ତି । ଦ୍ୱିତୀୟ ତୀମଥି.୨:୧୧-୧୩ ରେ, ପାଉଲ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବିଶ୍ୱସ୍ତତା ବିଷୟରେ ଲେଖିଛନ୍ତି । "ଏହି ବାକ୍ୟ ବିଶ୍ୱାସଯୋଗ୍ୟ, ଯଦି ତାହାଙ୍କ ସହିତ ମରିଅଛୁ, ତେବେ ତାହାଙ୍କ ସହିତ ମଧ୍ୟ ବଞ୍ଚିବା; ଯଦି ଆମ୍ଭେମାନେ ଧର୍ଯ୍ୟ ଧରି ସହ୍ୟ କରୁ, ତେବେ ତାହାଙ୍କ ସହିତ ମଧ୍ୟ ଶାସନ

[୫୩] ଯିରିମିୟ ୩:୮ (ହୋଶେୟ ପୁସ୍ତକରେ ମଧ୍ୟ ଏହି ବିଷୟ ସହିତ ବ୍ୟାପକ ଭାବରେ ବ୍ୟାଖ୍ୟା କରାଯାଇଛି)

କରିବ; ଯଦି ଆମ୍ଭେମାନେ ତାହାଙ୍କୁ ଅସ୍ୱୀକାର କରୁ, ତେବେ ସେ ମଧ୍ୟ ଆମ୍ଭମାନଙ୍କୁ ଅସ୍ୱୀକାର କରିବେ; ଯେବେ ଆମ୍ଭେମାନେ, ଅବିଶ୍ୱସ୍ତ ହେଉ, ତେବେ ସୁଦ୍ଧା ସେ (ଯୀଶୁ) ସର୍ବଦା ବିଶ୍ୱସ୍ତ, କାରଣ ସେ ଆପଣାକୁ ଅସ୍ୱୀକାର କରି ପାରନ୍ତି ନାହିଁ ।" ପ୍ରେମର ମାର୍ଗ ହେଉଛି ସମ୍ପର୍କରେ ବିଶ୍ୱସ୍ତତା ।

**ଶାସ୍ତ୍ରପାଠ:**

## ବ୍ୟବିଚାର ଆଧାରିତ ଯୀଶୁଙ୍କ ଶିକ୍ଷା
## ପାର୍ବତ୍ୟ ପ୍ରଚାର
## ମାଥିଉ.୧୯:୧-୧୨, ମାର୍କ.୧୦:୧-୧୨

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ଯୀଶୁ ଏହି ସମସ୍ତ କଥା ସମାପ୍ତ କଲା ଉତାରେ ଗାଲିଲୀରୁ ପ୍ରସ୍ଥାନ କରି ଯର୍ଦ୍ଦନ ପରପାର ଦେଇ ଯିହୁଦାର ସୀମାରେ ଉପସ୍ଥିତ ହେଲେ । ପୁଣି, ବହୁସଂଖ୍ୟକ ଲୋକ ତାହାଙ୍କ ପଛେ ପଛେ ଗଲେ, ଆଉ ସେ ସେଠାରେ ସେମାନଙ୍କୁ ସୁସ୍ଥ କଲେ । ଇତିମଧ୍ୟରେ ଫାରୂଶୀମାନେ ତାହାଙ୍କ ନିକଟକୁ ଆସି ତାହାଙ୍କୁ ପରୀକ୍ଷା କରି ପଚାରିଲେ, ଯେକୌଣସି କାରଣରୁ ଆପଣା ସ୍ତ୍ରୀକି ପରିତ୍ୟାଗ କରିବା କଅଣ ନ୍ୟାୟସଙ୍ଗତ ? ସେ ଉତ୍ତର ଦେଲେ, ତୁମ୍ଭେମାନେ କଅଣ ପାଠ କରି ନାହଁ ଯେ, ସୃଷ୍ଟିକର୍ତା ଆଦ୍ୟରୁ ସେମାନଙ୍କୁ ପୁରୁଷ ଓ ସ୍ତ୍ରୀ କରି ସୃଷ୍ଟି କଲେ, ଆଉ କହିଲେ, ଏହି କାରଣରୁ ପୁରୁଷ ପିତାମାତାଙ୍କୁ ପରିତ୍ୟାଗ କରି ନିଜ ସ୍ତ୍ରୀଠାରେ ଆସକ୍ତ ହେବ, ଆଉ ସେ ଦୁହେଁ ଏକାଙ୍ଗ ହେବେ ? ଏଣୁ ସେମାନେ ଆଉ ଦୁଇ ନୁହନ୍ତି, କିନ୍ତୁ ଏକାଙ୍ଗ ଅଟନ୍ତି । ଅତଏବ, ଈଶ୍ୱର ଯାହା ସଂଯୁକ୍ତ କରିଅଛନ୍ତି, ମନୁଷ୍ୟ ତାହା ବିଭିନ୍ନ ନ କରୁ । ସେମାନେ ତାହାଙ୍କୁ ପଚାରିଲେ, ତେବେ ମୋଶା କାହିଁକି ତ୍ୟାଗପତ୍ର ଦେଇ ସ୍ତ୍ରୀକି ପରିତ୍ୟାଗ କରିବା ନିମନ୍ତେ ଆଜ୍ଞା ଦେଲେ ? ସେ ସେମାନଙ୍କୁ କହିଲେ, କାରଣ ତୁମ୍ଭମାନଙ୍କ ହୃଦୟର କଠିନତା ଦେଖି ମୋଶା ତୁମ୍ଭମାନଙ୍କୁ ଆପଣା ଆପଣା ସ୍ତ୍ରୀକି ପରିତ୍ୟାଗ କରିବାକୁ ଅନୁମତି ଦେଲେ, କିନ୍ତୁ ଆଦ୍ୟରୁ ସେପରି ନ ଥିଲା । ମାତ୍ର ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ କେହି ଆପଣା ସ୍ତ୍ରୀକି ବ୍ୟଭିଚାର ଦୋଷ ବିନା ଅନ୍ୟ କାରଣରୁ ପରିତ୍ୟାଗ କରି ଅନ୍ୟକୁ ବିବାହ କରେ, ସେ ବ୍ୟଭିଚାର କରେ । ଶିଷ୍ୟମାନେ ତାହାଙ୍କୁ କହିଲେ, ସ୍ତ୍ରୀ ସହିତ ମନୁଷ୍ୟର ଯଦି ଏହି ପ୍ରକାର ସମ୍ବନ୍ଧ, ତେବେ ବିବାହ କରିବା ଭଲ ନୁହେଁ । କିନ୍ତୁ ସେ ସେମାନଙ୍କୁ କହିଲେ, ସମସ୍ତେ ଏହି କଥା ଗ୍ରହଣ କରି ପାରନ୍ତି ନାହିଁ, କେବଳ ଯେଉଁମାନଙ୍କୁ କ୍ଷମତା ଦିଆଯାଇଅଛି, ସେମାନେ କରି ପାରନ୍ତି । କାରଣ କେହି କେହି

ମାତାର ଗର୍ଭରୁ ନପୁଂସକ ହୋଇ ଜନ୍ମ ହୋଇଅଛନ୍ତି, ଆଉ କେହି କେହି ମନୁଷ୍ୟମାନଙ୍କ ଦ୍ଵାରା ନପୁଂସକ କରାଯାଇଅଛନ୍ତି, ପୁଣି ଆଉ କେହି କେହି ସ୍ୱର୍ଗରାଜ୍ୟ ସକାଶେ ଆପଣା ଆପଣାକୁ ନପୁଂସକ କରିଅଛନ୍ତି । ଯେଉଁ ଲୋକ ଗ୍ରହଣ କରି ପାରେ, ସେ ଗ୍ରହଣ କରୁ ।

**ଦଳଗତ ଆଲୋଚନା:**

୩. ବ୍ୟଭିଚାର ଉପରେ ଯୀଶୁଙ୍କ ଶିକ୍ଷା ଆମ ସମାଜର ଦୃଷ୍ଟିକୋଣ ସହିତ କିପରି ଭିନ୍ନ ?

**ଶିକ୍ଷାର ମୂଳ ବିଷୟ:**

ଲୋଭନୀୟ ଦୃଶ୍ୟକୁ ଏଡ଼ାନ୍ତୁ ।

## ପାଠ-୮
## ପ୍ରତିଜ୍ଞା ପାଳନ କରିବା

**ଆଇସବ୍ରେକର ଦଳ:**

ତୁମ୍ଭକୁ ଦେଇଥିବା କୌଣସି ବ୍ୟକ୍ତିଙ୍କର ଏକ ପ୍ରତିଜ୍ଞା କୁହ, ଯାହା ପାଳନ କରାଯାଇ ନ ଥିଲା ଓ ଏହା ତୁମ୍ଭକୁ କିପରି ଅନୁଭବ କଲା ?

**ଉପକ୍ରମ:**

ବ୍ୟଭିଚାର ଟିପ୍ପଣୀ ରୁ ପ୍ରତିଜ୍ଞାର ଟିପ୍ପଣୀକୁ ଯୀଶୁ ଧିରେ ପରିବର୍ତନ କରନ୍ତି । ଉଭୟ ବିବାହ ଓ ଜଣଙ୍କ ଶପଥ ପୁରଣ କରିବାରେ ଅବିଶ୍ୱସ୍ଥତା (ଏହାକୁ ଖଣ୍ଡନ) ର କାର୍ଯ୍ୟକୁ ଦର୍ଶାଇ ସେ ଏହି ଦୁଇଟି ବିଷୟକୁ ଯୋଗ କରନ୍ତି । ଯୀଶୁ ଉକ୍ତ ପାଠରେ କଣ କହୁଛନ୍ତି ସ୍ୱଷ୍ଟ ରୂପେ ଜାଣିବା ନିମନ୍ତେ, କେତୋଟି ବାଇବଲ ଆଧାରିତ ତଳ ପରସ୍ପର ସମ୍ବନ୍ଧିତ ବିଷୟକୁ ବୁଝିବା ଲାଭଦାୟକ ହୋଇ ପାରିବ ।

**ସଂଜ୍ଞା**

**୧.** ରାଣ କହିବା ମାନେ କୌଣସି ବ୍ୟକ୍ତିଙ୍କର ଶଦ୍ଦ କିମ୍ବା ସାକ୍ଷ ଦେବା ଯେଉଁ ବିଷୟ କି ବାସ୍ତବ ବା ସତ୍ୟ ଅଟେ ।

**୨.** ସପଥ କରିବା ଅର୍ଥ କିଛି କରିବା କିମ୍ୱା ଦେବାକୁ ପ୍ରତିଜ୍ଞା କରିବା ।

**୩.** ପ୍ରତିଜ୍ଞା ମାନେ ଶପଥ କରିବା ।

**୪.** ସଂକଳ୍ପ ଏକ ନିଶ୍ଚିତ ବିଷୟ ଅଟେ ଯାହା ପ୍ରତିଜ୍ଞା ଓ ଶପଥ କରା ଯାଇଥିବା ଲୋକଙ୍କୁ ଜଣେ ବ୍ୟକ୍ତିଙ୍କ ଦ୍ୱାରା କରା ଯାଇଥାଏ । ଉକ୍ତ ସଂକଳ୍ପ ଜାମିନ ଓ ଭରଷା ରୂପେ କାର୍ଯ୍ୟ କରେ ଯୋଦ୍ୱାରା ଶପଥ ସଫଳ ହେବ । ଏକ ବ୍ଲକ ରଣରେ ଏହି ଧାରଣାକୁ ପ୍ରୟୋଗ କରାଯାଏ ।

**୫.** କୌଣସି ଏକ ବସ୍ତୁର ନିରୁପିତ ମୁଲ୍ୟ ସହ ଏକ ରାଣ ଏକ ପ୍ରତିଜ୍ଞା ଅବା ଶପଥ ପରି ସମାନ ଅଟେ । ଶପଥର ଏବ୍ରି ଶଦ୍ଦ ମଧ୍ୟ ୭ ନମ୍ବର ପାଇଁ ସମାନ ଶଦ୍ଦ ଅଟେ । ୭ ଶଦ୍ଦଟି ଈଶ୍ୱରଙ୍କ ନମ୍ବର ଏବଂ ଶପଥର ଧାରଣା ସହ ତାଙ୍କୁ ସଂଯୁକ୍ତ କରେ । ଏହାର ଅର୍ଥ ୭ ନମ୍ବର କିମ୍ୱା ଶେଷ ଓ ସମ୍ପୁର୍ଣ୍ଣ ଦ୍ୱାରା ଗୁଣାତ୍ମକ କରାଯାଇଛି ।

**୬.** ଚୁକ୍ତିକୁ ଶକ୍ତିଶାଳୀ କରିବା ନିମନ୍ତେ ଏକ ଅଭିଶାପ କିମ୍ୱା ଅଭିଶାପଗୁଡ଼ିକ ରାଣ, ଶପଥ, ସଂକଳ୍ପ, ପ୍ରତିଜ୍ଞା ଓ ଚୁକ୍ତିଗୁଡ଼ିକ ଯୋଡିତ ଅଟେ । ଅଭିଶାପ ଦେବା ମାନେ ଜଣେ ବ୍ୟକ୍ତି ଯିଏ କରିଥିବା ପ୍ରତିଜ୍ଞାକୁ ସଫଳ କରିପାରି ନାହିଁ, ସେହି ବ୍ୟକ୍ତି ଉପରେ ଯେ କୌଣସି ପ୍ରକାରେ ମନ୍ଦ ଘଟାଇବାକୁ ଈଶ୍ୱରଙ୍କ ଠାରେ ଦାବି କରିବ । ଈଶ୍ୱର ଅଭିଶାପ ଦିଅନ୍ତୁ ଶଦ୍ଦ ଏହାର ଏକ ଉଦାହରଣ ଅଟେ । ଜଣେ ବ୍ୟକ୍ତି ଯାହାକୁ ପ୍ରତିଜ୍ଞା ଦିଆଯାଇଛି ଏକ ଅଭିଶାପ ଆବଶ୍ୟକ ପଡିପାରେ କିମ୍ୱା ଜଣେ ଯିଏ ପ୍ରତିଜ୍ଞା କରେ ଏହା ପ୍ରସ୍ତାବ ଦିଏ ।

**୭.** ଏକ ଚୁକ୍ତି ଦୁଇ କିମ୍ୱା ଅଧିକା ଲୋକଙ୍କ ମଧ୍ୟରେ ଗଠିତ ନିୟମାଧିନ ସହମତି ଅଟେ ଏବଂ ଉପର ଲିଖିତ ସମସ୍ତ ବିଷୟ ଏଥିର ଅନ୍ତର୍ଭୁକ୍ତ ଅଟେ ।

ଏହି ସମସ୍ତ ଶଦ୍ଦ ସବୁ ସହ ଯୋଡିତ କାର୍ଯ୍ୟଗୁଡ଼ିକ ଦେଖିବା ପାଇଁ ଆଦି ପୁସ୍ତକ ୨୧: ୨୨-୩୩ ର ଏକ ଇତିହାସ ଆଡ଼କୁ ଯିବା। "ଏହି ସମୟରେ ଅବିମେଲକ ଓ ଫୀଖୋଲ ନାମକ ତାଙ୍କର ସେନାପତି ଅବ୍ରହାମଙ୍କୁ କହିଲେ, "ପରମେଶ୍ୱର ତୁମ୍ଭର ସବୁ କାର୍ଯ୍ୟରେ ସହାୟ ଅଟନ୍ତି । ଏଥିପାଇଁ ତୁମ୍ଭେ ଆମ୍ଭ ପ୍ରତି ଓ ଆମ୍ଭର ପୁତ୍ରପୌତ୍ର ପ୍ରତି ବିଶ୍ୱାସଘାତକତା କରିବ ନାହିଁ; ପୁଣି, ଆମ୍ଭେ ତୁମ୍ଭ ପ୍ରତି ଯେପରି ଅନୁଗ୍ରହ କରିଅଛୁ,

ତଦନୁସାରେ ତୁମ୍ଭେ ଆମ୍ଭ ପ୍ରତି ଓ ତୁମ୍ଭର ପ୍ରବାସ ସ୍ଥାନ ଏହି ଦେଶ ପ୍ରତି ଅନୁଗ୍ରହ କରିବ, ଆମ୍ଭ ଆଗରେ ପରମେଶ୍ୱରଙ୍କ ଶପଥ କରି ଏହି କଥା କୁହ ।" ତହିଁରେ ଅବ୍ରହାମ କହିଲେ, "ମୁଁ ଶପଥ କରିବି ।" ଆଉ ଅବିମେଲକଙ୍କର ଦାସଗଣ ଅବ୍ରହାମଙ୍କର ଏକ ସଜଳ କୂପ ବଳରେ ଅଧିକାର କରିଥିଲେ, ତେଣୁକରି ଅବ୍ରହାମ ଅବିମେଲକଙ୍କୁ ଅନୁଯୋଗ କଲେ । ତହିଁରେ ଅବିମେଲକ କହିଲେ, "ଏ କର୍ମ କିଏ କଲା, ତାହା ଆମ୍ଭେ ଜାଣି ନାହୁଁ; ପୁଣି, ତୁମ୍ଭେ ହିଁ ଆମ୍ଭକୁ ଜଣାଇ ନାହଁ; ଆମ୍ଭେ କେବଳ ଆଜି ଏ କଥା ଶୁଣିଲୁ ।" ଏଥି ଉତାରେ ଅବ୍ରହାମ ମେଷ ଓ ଗୋରୁ ଘେନି ଅବିମେଲକଙ୍କୁ ଦେଲେ, ପୁଣି, ଦୁହେଁ ଗୋଟିଏ ନିୟମ ସ୍ଥିର କଲେ । ଆଉ ଅବ୍ରହାମ ପଲରୁ ସାତଗୋଟା ମେଷବତ୍ସା ପୃଥକ କରି ରଖିଲେ । ତହିଁରେ ଅବିମେଲକ ଅବ୍ରହାମଙ୍କୁ ପଚାରିଲେ, "ତୁମ୍ଭେ କି ଅଭିପ୍ରାୟରେ ଏହି ସାତଗୋଟି ମେଷବତ୍ସା ପୃଥକ କରି ରଖିଲ ?" ଅବ୍ରହାମ କହିଲେ, "ମୁଁ ଯେ ଏହି କୂପ ଖୋଳିଅଛି, ତହିଁର ପ୍ରମାଣ ନିମନ୍ତେ ମୋ'ଠାରୁ ଏହି ସାତଗୋଟି ମେଷବତ୍ସା ନେବାକୁ ହେବ ।" ଏଣୁ ସେହି ସ୍ଥାନର ନାମ ବେର୍ଶେବା (ଶପଥ-କୂପ) ହେଲା, ଯେହେତୁ ସେହିଠାରେ ସେ ଦୁହେଁ ଶପଥ କଲେ । ଏହିରୂପେ ସେମାନେ ବେର୍ଶୋବା ନିକଟରେ ନିୟମ ସ୍ଥିର କରନ୍ତେ, ଅବିମେଲକ ଓ ଫୀଖୋଲ ନାମକ ତାଙ୍କର ସେନାପତି ଉଠି ପଲେଷ୍ଟୀୟମାନଙ୍କ ଦେଶକୁ ଫେରିଗଲେ । ଏଥି ଉତ୍ତାରେ ଅବ୍ରହାମ ସେହି ବେର୍ଶେବା ନିକଟରେ ଏକ ଝାଉଁ ବୃକ୍ଷ ରୋପଣ କରି ସେହି ସ୍ଥାନରେ ଅନାଦି ଅନନ୍ତ ପରମେଶ୍ୱର ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କଲେ ।"

**ଦଳୀୟ ଆଲୋଚନା:**

**୧.** ପୂର୍ବରୁ ବର୍ଣ୍ଣନା କରାଯାଇଥିବା ୭ ଟି ଶବ୍ଦ ମଧ୍ୟରୁ ୪ ଗୋଟି ଉକ୍ତ କାହାଣୀରେ ଲିପିବଦ୍ଧ କରାଯାଇଛି, ସେଗୁଡିକ ହେଲା ? ( ଶପଥ, ପ୍ରତିଜ୍ଞା, ରାଣ, ଓ ସଂକଳ୍ପ)

**ଶାସ୍ତ୍ରପାଠ:**

**ପ୍ରତିଜ୍ଞା ରଖିବା**

**ପାର୍ବତ୍ୟ ପ୍ରଚାର**

**ମାଥିଉ.୫:୩୩-୩୭**

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ପୁଣି, ତୁମ୍ଭେମାନେ ଶୁଣିଅଛ ଯେ, ପୁରାତନ କାଳର ଲୋକମାନଙ୍କୁ କୁହାଯାଇଥିଲା, ତୁମ୍ଭେ ମିଥ୍ୟା ଶପଥ କର ନାହିଁ ମାତ୍ର ଆପଣା ଶପଥସବୁ ପ୍ରଭୁଙ୍କ ଉଦ୍ଦେଶ୍ୟରେ ପାଳନ କରିବା । କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଆଦୌ ଶପଥ କର ନାହିଁ; ସ୍ୱର୍ଗର ଶପଥ କର ନାହିଁ, କାରଣ ତାହା ଈଶ୍ୱରଙ୍କ ସିଂହାସନ; କିମ୍ୱା ପୃଥିବୀର ଶପଥ କର ନାହିଁ, କାରଣ ତାହା ତାହାଙ୍କର ପାଦପୀଠ; ଯିରୂଶାଲମର ଶପଥ କର ନାହିଁ, କାରଣ ତାହା ମହାରାଜାଙ୍କ ନଗରୀ; ଅବା ଆପଣା ମସ୍ତକର ଶପଥ କର ନାହିଁ, କାରଣ ତାହାର ଗୋଟିଏ କେଶ ଧଳା ବା କଳା କରିବାକୁ ତୁମ୍ଭର ଶକ୍ତି ନାହିଁ । କିନ୍ତୁ ତୁମ୍ଭମାନଙ୍କ ହଁ କଥା ହଁ ହେଉ, ନା କଥା ନା ହେଉ; ଏଥିରୁ ଯାହା ଅଧିକ, ତାହା ମନ୍ଦରୁ ଜନ୍ମେ ।

**ଆଦେଶ:**

- ❖ କଦାପି ଶପଥ କର ନାହିଁ ।
- ❖ ତୁମ୍ଭର ହଁ କଥା ହଁ ହେଉ, ନା କଥା ନା ହେଉ ।

**ଶିକ୍ଷଣୀୟ ବିଷୟ:**

ଶପଥ କରିବା, ରାଣ କହିବା ଓ ପ୍ରତିଜ୍ଞାଗୁଡ଼ିକ ପବିତ୍ର ଅଟେ, କଦାପି ହାଲକା ନେବାକୁ ହେବ ନାହିଁ । ମନୁଷ୍ୟ ଯାହା କହେ, ସେ ସମସ୍ତ ଲୋକଙ୍କ ନିମନ୍ତେ ଈଶ୍ୱର ନିଜେ ସାକ୍ଷୀ ଅଟନ୍ତି ଓ ସେମାନେ ଆପଣା ବାକ୍ୟ ଦ୍ୱାରା ବିଚାରିତ ହେବେ । ଫାରୁସି ମାନଙ୍କ ସହ ବାର୍ତାଳାପ କଲା ସମୟରେ ଯୀଶୁ ସମର୍ଥନ କରିଅଛନ୍ତି । ମାଥିଉ.୧୨: ୩୬-୩୭ ପଦ ଗୁଡ଼ିକରେ ସେ ଘୋଷଣା କଲେ, “କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି ମନୁଷ୍ୟମାନେ ଯେକୌଣସି ଅସାର କଥା କହନ୍ତି, ବିଚାର ଦିନରେ ସେମାନେ ସେଥିର ଉତର ଦେବେ; ଯେଣୁ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ନିର୍ଦ୍ଦୋଷ ଓ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ଦୋଷୀ ବୋଲି ପ୍ରମାଣିତ ହେବ ।”

ଯୀଶୁ ଏ ସମସ୍ତ ଶିଷ୍ୟମାନଙ୍କୁ କହିଲେ, ଯୋଦ୍ୱାରା ସେମାନେ ଶପଥ, ସଂକଳ୍ପ ଓ ପ୍ରତିଜ୍ଞାନ କରନ୍ତି । ଏ ଗୁଡ଼ିକ ଆଗାମୀ ତାରିଖରେ କିଛି ଦେବା କିମ୍ୱା କରିବା ବିଷୟରେ ବାରମ୍ୱାର ହୋଇଥାଏ । ଶପଥ, ସଂକଳ୍ପ ଓ ପ୍ରତିଜ୍ଞାଗୁଡ଼ିକ ନାମ୍ଭିକ ଓ ଗର୍ବତା ଉପରେ ଆଧାରିତ । ଈଶ୍ୱରଙ୍କ ଛଡ଼ା କେହି ଜାଣନ୍ତି ନାହିଁ, ସେ ବ୍ୟକ୍ତି

ଦିର୍ଘାଇ ହୋଇ କରିଥିବା ପ୍ରତିଜ୍ଞା ସାଧନ କରି ପାରିବ କି ନାହିଁ । ଏହି ଟିପ୍ପଣୀ ଉତ୍କୃଷ୍ଟ ରୂପେ" ବିବାହ ଶପଥ ଦ୍ୱାରା ଦୃଷ୍ଟାନ୍ତ ରୂପେ ବର୍ଣ୍ଣନା କରାଯାଇଛି, ଯାହା ବିଶେଷ କରି ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ପରସ୍ପରର ଅଂଶି ହେବାଶବ୍ଦ ସହ ସମାପ୍ତ ହୁଏ ।

ଯୀଶୁ ଚାହାଁନ୍ତି ଯେ ଶିଷ୍ୟମାନେ ସ୍ୱର୍ଗ, ପୃଥିବୀ ଓ ଯୀରୁଶାଲେମ ଶପଥ କରନ୍ତୁ ନାହିଁ କାରଣ ଏ ସମସ୍ତ ସଦାପ୍ରଭୁଙ୍କର ସେହି ଶପଥ କରିବା ବ୍ୟକ୍ତିଙ୍କର ନୁହଁ, ଅନ୍ୟ ବ୍ୟକ୍ତିଙ୍କ ଧନ ସମ୍ପତି ଉପରେ ଏକ ଶପଥ କରିବା ନିମନ୍ତେ କାହାର ଅଧିକାର ନାହିଁ । ଜଣେ ବ୍ୟକ୍ତି ଯିଏ ଇଶ୍ୱରଙ୍କ ଦ୍ୱାରା ଏକ ଶପଥ କରେ, ତାଙ୍କୁ ଋଣୀ କରିବାକୁ ଚାହେଁ, ଯେଉଁ ବ୍ୟକ୍ତି ଏଭଳି ଶପଥ କରେ, ପ୍ରତିଫଳେ ଏହା କହେ ଯେ ଇଶ୍ୱରଙ୍କ ଉପରେ ତାଙ୍କ ଅଧିକାର ବା ଶକ୍ତି ଅଛି, ପୁଣି ଦାବି କରିପାରେ ଯେ ଇଶ୍ୱର ତାଙ୍କ ନିଜ ଇଚ୍ଛା ସାଧନ କରନ୍ତି । ଶପଥ କରିବା ବ୍ୟକ୍ତି ପାଳନରେ ବିଫଳ ହୁଏ, କିପରି ଅନ୍ୟ ଇଶ୍ୱରଙ୍କ ଠାରୁ ସଂଗ୍ରହ କରିବା । ଏହି ପ୍ରକାରର ଶପଥ କେବଳ ଇଶ୍ୱରଙ୍କ ସହ ଏକ ଶିଷ୍ୟଙ୍କ ସମ୍ପର୍କକୁ ନଷ୍ଟ କରେ ଏବଂ ଯଦି ତାଙ୍କ ଶପଥ ସଫଳ କରିବାରେ ବିଫଳ ହୁଏ, ତେବେ ଯୀଶୁ ଖ୍ରୀଷ୍ଟଙ୍କର ତାଙ୍କର ସାକ୍ଷ ବିସ୍ତାର କରିଦିଏ ।

ଆସନ୍ତା ବାକ୍ୟରେ ଯୀଶୁ ଜଣେ ବ୍ୟକ୍ତି ଆପଣା ନାମରେ ସୁଚିତ କରିବା ନିମନ୍ତେ "ତୁମ ମୁଣ୍ଡ" ଶବ୍ଦ ବ୍ୟବହାର କରନ୍ତି । ବ୍ୟକ୍ତି ଯିଏ ଏହି ପ୍ରକାର ପ୍ରତିଶ୍ରୁତିରେ ନିଜ କୁଶ ପଥ ରୂପେ ଉତ୍ସର୍ଗ କରେ, ସେ ଘୋଷଣା କରେ ଯେ, ସେ ଇଶ୍ୱର ଅଟନ୍ତି କିମ୍ବା ଶକ୍ତି ଓ ଅଧିକାରରେ ତାଙ୍କ ସହିତ ସମକକ୍ଷ ଅଟନ୍ତି । ଏହାର ଗୋଟିଏ ଉଦାହରଣ ଏବ୍ରୀ.୬:୧୩ ରେ ଦିଆଗଲା । "କାରଣ ଇଶ୍ୱର ଯେତେବେଳେ ଅବ୍ରହାମଙ୍କ ନିକଟରେ ପ୍ରତିଜ୍ଞା କରିଥିଲେ, ସେତେବେଳେ ସେ ଆଉ କୌଣସି ମହାନ୍ ନାମ ନ ପାଇବାରୁ ଆପଣା ନାମରେ ଶପଥ କରି କହିଥିଲେ" ।

ଜଣେ ବ୍ୟକ୍ତି ଯିଏ ଏହି ରୂପେ ଶପଥ କରେ ଆପଣା ପ୍ରତିଜ୍ଞା ପାଳନ କରିବା ନାହିଁ । ସେ ଅନ୍ୟକୁ ଋଚି ହେବ, ତେଣୁ ତାଙ୍କୁ ସେବା ଦେବାକୁ ପଡ଼ିବ, ଇଶ୍ୱରଙ୍କୁ ନୁହଁ । ଜଣେ ବ୍ୟକ୍ତିଙ୍କ ଦ୍ୱାରା ଶପଥ କରିବାରେ ଏକ ସତ୍ୟ ଗୁପ୍ତ ରହେ, ଯେ ମନୁଷ୍ୟ ଇଶ୍ୱର ନୁହଁନ୍ତି, ଆଉ ବାସ୍ତବରେ ସେମାନେ ଦୁର୍ବଳ ଅଟନ୍ତି ଆଉ ଆବଶ୍ୟକତାରେ ତାଙ୍କ ସାହାଯ୍ୟ ଦରକାର ପଡେ । ଯଦି ଜଣେ ଶିଷ୍ୟ ଏହି ରୂପେ ଶପଥ କରେ ଆଉ

ଆପଣା ଶପଥ ପାଳନ ନ କରେ, ଯୀଶୁ ଖ୍ରୀଷ୍ଟରେ ତାଙ୍କର ସାକ୍ଷ ଓ ଲୋକଙ୍କ ଉଦ୍ଧାର ନିମନ୍ତେ ତାଙ୍କ ଦକ୍ଷତା ମଧ୍ୟ ସନ୍ଦେହ ଘେରରେ ରହିବ ।

ତୁମ୍ଭର ହଁ କଥା ହଁ ହେଉ ଏବଂ ନାଁ କଥା ନା ହେଉ କହିବା ଦ୍ୱାରା ଯୀଶୁ ଘୋଷଣା କରୁଅଛନ୍ତି, ସେଥିରେ ପ୍ରତିଜ୍ଞା ପାଳନ କରିବା ନିମନ୍ତେ ସେ ଆପଣା ଶିଷ୍ୟମାନଙ୍କ ଠାରୁ ଅପେକ୍ଷା କରନ୍ତି । ଯାହା ସେମାନେ କହିଲେ, ଯଦି ଶିଷ୍ୟମାନେ ଆପଣା କଥା ରଖନ୍ତି ନାହିଁ । ସେମାନେ ମିଛୁଆ ବୋଲି ଜଣା ଯିବେ ଓ ସତ୍ୟ କହିବାକୁ ଯୋଗ୍ୟ ଓ ଭରଷା ଯୋଗ୍ୟ ହୋଇପାରିବେ ନାହିଁ । ତେବେ କିପରି ତାଙ୍କ ପ୍ରଚାରିତ ସୁସମାଚାର ଲୋକେ ବିଶ୍ୱାସ କରିବେ? ଗୋଟିଏ ପୁରୁଣା କଥା ଅଛି, ତାହା ଏପରି କହେ, ଜଣେ ବ୍ୟକ୍ତିଙ୍କ କଥା ଯେତିକି ଉତମ ସେ ନିଜେ ସେତିକି ଉତମ ଅଟେ । ଈଶ୍ୱର ଉତମ ଅଟନ୍ତି ସେ ଯାହା କରନ୍ତି, ତାହା କରନ୍ତି, କିଅବା କରିବାକୁ ଯାଉଛନ୍ତି ।

**ଦଳିୟ ଆଲୋଚନା:**

୨. ଲୋକମାନେ କାହିଁକି ପ୍ରତିଜ୍ଞା କରନ୍ତି ?

୩. ଗୋଟିଏ ଅପୁର୍ଣ୍ଣ ପ୍ରତିଜ୍ଞାର ପ୍ରତିଫଳ କଣ ଅଟେ ?

୪. ଅପୁର୍ଣ୍ଣ ପ୍ରତିଜ୍ଞା ପିଲାମାନଙ୍କ ଉପରେ ପ୍ରଭାବ ପକାଏ, ଏ ବିଷୟରେ ତମେ କଣ ଭାବୁଛ ?

୫. ତମେ କରିଥିବା ଶେଷ ପ୍ରତିଜ୍ଞା କଣ ଥିଲା, ସ୍ମରଣ କରି ପାର ଏବଂ ଏହା ପାଳନ କରି ଥିଲ କି ?

୬. କେଉଁ ଏକ ପ୍ରତିଜ୍ଞା ଇଛା କାରୀ ମଧ୍ୟ ତମେ କେବେ କରି ପାରିବ ନାହିଁ ଆଉ ଏହା ପାଳନ କରିବା ନିମନ୍ତେ ତୁମ ପାଇଁ ଅତି କଷ୍ଟ ଥିଲା ।

୭. ଈଶ୍ୱରଙ୍କ କେଉଁ ପ୍ରତିଜ୍ଞା ତୁମ ପାଇଁ ଅତିପ୍ରିୟ ଓ କାହିଁକି ?

**ଶିକ୍ଷାର ମୁଖ୍ୟ ଅଂଶ:**

<u>ନିଜକୁ ଏକ ମିଛ କରିବା ସ୍ଥିତିରେ ରଖ ନାହି</u> ।

**ପ୍ରୟୋଗ:**

ତୁମକୁ କିଛି ପ୍ରତିଜ୍ଞା କରିବାର ଥିଲା ଏବଂ ଏହା ସହ ତମେ କିପରି ଆଚରଣ କଲ ?

## ପାଠ-୯
## ତୁମ୍ଭର ଅଧିକାର ପରିତ୍ୟାଗ କରିବା

**ଆଇସବ୍ରେକର ଦଳ:**

ଦେଶର ଏକ ନାଗରିକ ଭାବେ ତୁମ୍ଭ ପାଖରେ ଥିବା କେତେକ ଅଧିକାର ଗୁଡ଼ିକ ତାଲିକା ପ୍ରଦାନ କର ?

**ଉପକ୍ରମ:**

ତାଙ୍କ ପାର୍ବତ୍ୟ ପ୍ରଚାରରେ ଯୀଶୁ ଧାର୍ମିକ ପରିବାର ଉପଯୋଗୀତାକୁ ନିରନ୍ତର ଆପଣା ଶିଷ୍ୟମାନଙ୍କୁ ପ୍ରଦାନ କରନ୍ତି । ତାଙ୍କ ପରବର୍ତୀ ବିଷୟ ବ୍ୟକ୍ତିଗତ ଅଧିକାର କ୍ଷତ ସହ ବିତରଣ କରନ୍ତି । ଏକ ବାକ୍ୟ , ଏକ ଚକ୍ଷୁ

ପରିଶୋଧ ରେ ଚକ୍ଷୁ, ଏକ ଦନ୍ତ ପରିଶୋଧ ରେ ଦଣ୍ଡ ସହ ଯୀଶୁ ପରିଚର୍ଚ୍ଚା କରନ୍ତି । ଉକ୍ତ ବାକ୍ୟ ଯାତ୍ରାପୁସ୍ତକ.୨୧:୨୪, ଲେବିୟ.୨୪: ୨୦ ଏବଂ ଦ୍ୱିତୀୟ ବିବରଣୀ.୧୯: ୨୧ ରେ ଦେଖାଯାଏ ।

ଆପଣା ସମାଜରେ ଆମେ ଚଂଳତାରେ ଭାବୁ ଯେ, ଏହି ବାକ୍ୟ ସୂଚିତ କରେ ଯେ ଆପଣା କ୍ଷତ ଯୋଗୁଁ ଜଣେ ବ୍ୟକ୍ତି ପ୍ରତିଶୋଧ ନେବାକୁ ଚେଷ୍ଟା କରିପାରେ । କିନ୍ତୁ ଯେବେ ସେହି ବାକ୍ୟ ଉକ୍ତ ଲିଖିତ ପୂର୍ଣ୍ଣ ବାକ୍ୟାଂଶର ପୃଷ୍ଠଭୂମି ଆଧାରରେ ପଢାଯାଏ, ଏହା ସ୍ପଷ୍ଟ ରୂପେ ପ୍ରକାଶ କରେ ଯେ ଈଶ୍ୱର ପ୍ରତିଶୋଧର ଆଦେଶ ଦେଉ ନାହାନ୍ତି । ପରିଶୋଧର ପରିମାଣ ବିଷୟରେ ସେ କୁଚିତ ମାପ ସିମଳା ନିରୁପଣ କରନ୍ତି, ହେଇ ପାରେ ତାହା ସଠିକ । ଉଦାହରଣ ସ୍ୱରୂପ ଯଦି ଜଣେ ବ୍ୟକ୍ତି ଅନ୍ୟ ଏକ ବ୍ୟକ୍ତିଙ୍କ ଠାରୁ ଆପଣା ଏକ ଚକ୍ଷୁ ହରାଇ ଦିଏ କ୍ଷତି କରିଥିବା ବ୍ୟକ୍ତିଙ୍କୁ ହତ୍ୟା ଓ ତାଙ୍କ ସମ୍ପତି ଜବତ କରିବାକୁ ତାଙ୍କ ଅଧିକାର ନାହିଁ । ବ୍ୟବସ୍ଥା ଅଧିନରେ ଦୁଃଖ ଭୋଗ କରୁଥିବା ଲୋକଙ୍କ ନିମନ୍ତେ ପ୍ରତିଶୋଧ ସୀମିତ ଥିଲା ।

ସିଦ୍ଧାନ୍ତ ଅନୁସାରେ କ୍ଷତ ପ୍ରାପ୍ତ ବ୍ୟକ୍ତି ତାଙ୍କୁ କ୍ଷତ ଦେଇଥିବା ବ୍ୟକ୍ତିଙ୍କୁ ସମାନ ପରିମାଣର କ୍ଷତ ଦେଖି ପାରିଲା । କିନ୍ତୁ ଏଥିରେ କଣ ଲାଭ ଯେବେ ଦୁଇ ବ୍ୟକ୍ତି ଏକ ଚକ୍ଷୁ ହରାଇ ବସନ୍ତି ? ସାଧାରଣ ରୂପେ ଯିହୁଦୀ ନ୍ୟାୟାଳୟରେ ଅସ୍ୱ ବିଭିନ୍ନ ୫ ପ୍ରକାରର କ୍ଷତିପୂରଣ ପୁରସ୍କୃତ କଲେ । ସେଗୁଡିକ ହେଲା, କ୍ଷତି, ପୀଡ଼ା, କାର୍ଯ୍ୟ ସମୟର ଲୁପ୍ତ, ସୁସ୍ଥତା, ଏବଂ ଅପମାନ । ବ୍ୟବସ୍ଥାର ବିନ୍ଦୁ ନିଃସ୍ୱାର୍ଥ ହେବାକୁ ଥିଲା, 'ନିରପେକ୍ଷ ଓ ସଠିକ' ।

**ଶାସ୍ତ୍ରପାଠ:**

## ଅଧିକାର ପରିତ୍ୟାଗ କରିବା

## ପାର୍ବତ୍ୟ ପ୍ରଚାର

### ମାଥିଉ.୫:୩୮-୪୨ ଏବଂ ଲୁକ.୬: ୨୯-୩୦

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ତୁମ୍ଭେମାନେ ଶୁଣିଅଛ, ଉକ୍ତ ଅଛି, ଚକ୍ଷୁର ପରିବର୍ତ୍ତେ ଚକ୍ଷୁ ଓ ଦନ୍ତର ପରିବର୍ତ୍ତେ ଦନ୍ତ; କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଦୁଷ୍ଟର ପ୍ରତିରୋଧ କର ନାହିଁ, ମାତ୍ର ଯେ କେହି ତୁମ୍ଭର ଡାହାଣ ଗାଲରେ ଚାପୁଡ଼ା ମାରେ, ତାହାକୁ ଅନ୍ୟ ଗାଲ ମଧ୍ଧ ଦେଖାଇଦିଅ । ଆଉ କେହି ଯଦି ତୁମ୍ଭ ସହିତ ବିଚାର ସ୍ଥାନରେ ବିବାଦ କରି ତୁମ୍ଭର ଅଙ୍ଗରଖା ନେବାକୁ ଇଚ୍ଛା କରେ, ତାହାକୁ ଚାଦର ମଧ୍ଧ ଦେଇଦିଅ । ପୁଣି, ଯେ କେହି ତୁମ୍ଭକୁ କୋଶେ ଯିବା ପାଇଁ ବାଧ୍ଧ କରେ, ତାହା ସାଙ୍ଗରେ ଦୁଇ କୋଶ ଯାଅ । ଯେ ତୁମ୍ଭକୁ ମାଗେ, ତାହାକୁ ଦିଅ, ପୁଣି, ଯେ ତୁମ୍ଭଠାରୁ ଋଣ ନେବାକୁ ଇଚ୍ଛା କରେ, ତାହା ପ୍ରତି ବିମୁଖ ହୁଅ ନାହିଁ ।

**ଆଦେଶଗୁଡ଼ିକ:**

❖ ଯିଏ ମନ୍ଦତାକୁ ପ୍ରତିରୋଧ କରେ ନାହିଁ।

❖ ତାହାକୁ ଅନ୍ୟ ଗାଲ ମଧ୍ଧ ଦେଖାଅ ।

❖ ତାଙ୍କୁ ଅଙ୍ଗରେଖା ମଧ୍ଧ ରଖିବାକୁ ଦିଅ ।

❖ ତାଙ୍କ ସାଙ୍ଗରେ ଦୁଇକୋଶ ଯାଅ ।

❖ ଯେ ତୁମ୍ଭକୁ ମାଗେ ତାହାକୁ ଦିଅ ।

❖ ଯେ ତୁମ୍ଭ ଠାରେ ଋଣ ନେବାକୁ ଚାହେଁ ତାହା ପ୍ରତି ବିମୁଖ ହୁଅ ନାହିଁ।

**ଦଳୀୟ ଆଲୋଚନା:**

❖ ଯୀଶୁ କ'ଣ ଶିକ୍ଷା ଦେଲେ, ଶୁଣିଲା ପରେ ତୁମ୍ଭ ମନରେ କେଉଁ ଚିନ୍ତାଗୁଡ଼ିକ ଚାଲିଛି ?

**ଶିକ୍ଷଣୀୟ:**

ଶାରୀରିକ କ୍ଷତ ଏକ ଚକ୍ଷୁ ପରିବର୍ତ୍ତେ ଚକ୍ଷୁ ଓ ଏକ ଦାନ୍ତ ପରିବର୍ତ୍ତେ ଦାନ୍ତ ବିଷୟକ ଏକ ବାକ୍ୟ ସହ ଯୀଶୁ ବ୍ୟକ୍ତିଗତ କ୍ଷତ ନିମନ୍ତେ ସଠିକ କ୍ଷତି ପୂରଣର ବିଷୟକୁ ଆରମ୍ଭ କରନ୍ତି । ତତ୍ପରେ ଏକ ଭିନ୍ନ ଦର୍ଶନ ଦେଖିବା ନିମନ୍ତେ ସେ ଆପଣା ଶିଷ୍ୟମାନଙ୍କୁ ଉତ୍ସାହ ଦିଅନ୍ତି । ବ୍ୟକ୍ତିଗତ କ୍ଷତର ଚାରୋଟି ମାମଲା ବ୍ୟବହାର

ଦ୍ୱାରା ଯୀଶୁ ପ୍ରକାଶ କରନ୍ତି ଯେ ସେ ସେମାନଙ୍କୁ ହୃଷ୍ଟଚିତ ହେବାକୁ ଚାହିଁଲେ, ଯେଉଁମାନେ କି ଆପଣା ଅଧିକାର ଦାବିକରନ୍ତି ନାହିଁ ।

**ପ୍ରଥମ** ମାମଲା ଜଣେ ଶିଷ୍ୟଙ୍କ ଦ୍ୱାରା ପ୍ରାପ୍ତ ଭାବ ବିରଳ ଓ ମାନସିକ ଆଘାତ ଜଡ଼ିତ । କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯିଏ ମନ୍ଦ ଅଟେ, ତାଙ୍କୁ ପ୍ରତିରୋଧ କରେ ନାହିଁ । କିନ୍ତୁ ଯେକେହି ତୁମ୍ଭର ଡାହାଣ ଗାଲରେ ଚାପୁଡା ମାରେ, ତାହାକୁ ଅନ୍ୟ ଗାଲ ମଧ୍ୟ ଦେଖାଇ ଦିଅ । ଗୋଟିଏ ଚାପୁଡା ଓ ଏକ ମୁଷ୍ଟି ନୁହେଁ ଭିନ୍ନ ବିଷୟ ଅଟେ । ଏକ ମୁଷ୍ଟି ଏକ ଲଢେଇ ଘଟଣା ସୂଚିତ କରେ । ଏକ ଚାପୁଡା ଏକ ଖୋଲା ହାତ ସହ ହୋଇଅଛି । ଏହା ଏକ ଅପମାନର ଧାରଣାକୁ ପ୍ରକାଶ କରେ । ଏହା ଜଣେ ବ୍ୟକ୍ତିଙ୍କୁ ନିତି କରିବା କିମ୍ବା ଏକ ଲଢେଇ ପାଇଁ ବିରକ୍ତ ଜନ୍ମାଇବା ନିମନ୍ତେ ବ୍ୟବହାର କରାଯାଇଅଛି ।

ଗାଲ ଦେଖାଇ ଦେବା ଏକ ଆରାମିକ ଭାଷା, ଏହାର ଅର୍ଥ ଏକ ଲଢେଇ କିମ୍ବା ଝଗଡ଼ା ଆରମ୍ଭ କର ନାହିଁ । ଲଢେଇ କିମ୍ବା ଝଗଡ଼ା କରିବାକୁ ଦୁଇ ଜଣ ଆବଶ୍ୟକ ପଡ଼େ । ଯଦି ଆଘାତ ବ୍ୟକ୍ତି ପ୍ରତିଶୋଧ ନିଏ ନାହିଁ ତେବେ ଲଢେଇ କିମ୍ବା ଝଗଡ଼ା ହୁଏ ନାହିଁ । ହିତୋପଦେଶ.୧୭: ୧୪ କହେ, "କଳିର ଆରମ୍ଭ କେହି ବନ୍ଧ କାଟି ଜଳ ଛାଡ଼ି ଦେବା ପରି; ଏଣୁ କନ୍ଦଳ ହେବା ପୂର୍ବେ ବିବାଦ ଛାଡ଼" । ଅନ୍ୟ ଏକ ହିତୋପଦେଶ ଦର୍ଶାଏ, "ବିବାଦରୁ ନିବୃତ୍ତ ହେବାର ମନୁଷ୍ୟର ଗୌରବ; ମାତ୍ର ପ୍ରତ୍ୟେକ ମୂର୍ଖଲୋକ କନ୍ଦଳ କରେ" ।[୫୪] ଠିକ୍ ହେବା ନିମନ୍ତେ ଯୀଶୁ ଆପଣା ଶିଷ୍ୟମାନଙ୍କ ନିଜ ଅଧିକାରକୁ ତ୍ୟାଗିବାକୁ ଚାହୁଁଥିଲେ, କାରଣ ଈଶ୍ୱର ଧାର୍ମିକର ନିର୍ଦ୍ଦୋଷତା ସିଦ୍ଧ କରିବେ ।

**ଦ୍ୱିତୀୟ** ମାମଲା, ଏକ ଶିଷ୍ୟ ଦ୍ୱାରା କ୍ଷତି କରିବା ବିଷୟ ଅନ୍ତର୍ଭୁକ୍ତ । ଯୀଶୁ କହିଲେ, ଆଉ କିଏ ଯଦି ତୁମ୍ଭ ସହିତ ବିଚାର ସ୍ଥାନରେ ବିବାଦ କରି ତୁମ୍ଭର ଅଙ୍ଗରେଖା ନେବାକୁ ଚାହେଁ, ତାହାକୁ ଚାଦର ମଧ୍ୟ ଦେଇଦିଅ । ଏହି ମାମଲାରେ କ୍ଷତି ପ୍ରାପ୍ତ ଦଳ ଆଘାତ ଯୋଗୁଁ ଏକ ନ୍ୟାୟଧିନ କ୍ଷତିପୂରଣ ଖୋଜୁଛନ୍ତି କିନ୍ତୁ ଏହି ପର୍ଯ୍ୟାପ୍ତ ନିମନ୍ତେ ନ୍ୟାୟାଳୟକୁ ଯାଇ ନାହାନ୍ତି । ଦାବି ପୂରଣ ଓ ଏଥିରୁ ଅଧିକା କିଛି ଦେବା ନିମନ୍ତେ ମଧ୍ୟ

[୫୪] ହିତୋପଦେଶ ୨୦: ୩

ଯୀଶୁ ଶିଷ୍ୟମାନଙ୍କୁ କହୁଥିଲେ । ଏହା ପଛର ଉଦେଶ୍ୟ ଆଘାତ ପ୍ରାପ୍ତ ବ୍ୟକ୍ତିଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରିବା, ପାର୍ବତ୍ୟ ପ୍ରଚାରରେ ଯୀଶୁ ଉକ୍ତ ଚିନ୍ତାଧାରାକୁ ପ୍ରକାଶ କରନ୍ତି ।[୫୫] ଯେବେ ଶିଷ୍ୟମାନେ ଅନ୍ୟ କୌଣସି ବ୍ୟକ୍ତି ପ୍ରତିଭୁଲ କରିଛନ୍ତି, ବ୍ୟକ୍ତିଗତ ନ୍ୟାୟର ସୁରକ୍ଷା ନିମନ୍ତେ ସେମାନଙ୍କ ଅଧିକାରକୁ ତ୍ୟାଗ କରିବା ନିମନ୍ତେ ଯୀଶୁ ଚାହୁଁଥିଲେ ଈଶ୍ୱର ଦେଖିବେ ଯେ ନ୍ୟାୟ ସ୍ଥାପିତ ହୋଇଅଛି ।

**ତୃତୀୟ** ମାମଲା, ଜଣେ ଶିଷ୍ୟ ଦ୍ୱାରା ସେବା ପ୍ରଦାନ ନିମନ୍ତେ କ୍ଷତିପୂରଣର ଅଭାବ ବିଷୟ ସଂପୃକ୍ତ । ଯୀଶୁ କହିଲେ, ଯେ କେହି ତୁମ୍ଭକୁ କୋଶେ ଯିବା ପାଇଁ ବାଧ୍ୟକରେ, ତାହା ସାଙ୍ଗରେ ଦୁଇ କୋଶୋ ଯାଅ । ଦୁଇ କୋଶୋ ଯିବା ବାକ୍ୟାଶ ଏବେ ଯାଏ ଏକ ଅତି ପ୍ରଚଳିତ ଶବ୍ଦ ଅଟେ ଓ ଏହାର ଅର୍ଥ ଆବଶ୍ୟକ ଠାରୁ ଅଧିକ କିଛି କରିବା ସେମାନଙ୍କ ସମୟ ଓ ପ୍ରତିଭା ବ୍ୟବହାର କରିବା ନିମନ୍ତେ କ୍ଷତିପୂରଣ କରିବାକୁ, ଯୀଶୁ ସେମାନଙ୍କର ଅଧିକାର ତ୍ୟାଗିବାକୁ ଚାହିଁଲେ । ଈଶ୍ୱର ପୁରସ୍କାର ଦେବେ ।

**ଚତୁର୍ଥ** ବିଷୟ ହେଲା, ଶିଷ୍ୟମାନେ ଏକ ବ୍ୟକ୍ତିଙ୍କୁ ଋଣ ଦେବା ବିଷୟ ଯିଏ ଏହା ମାଡ଼ିଥାଏ । ବାହ୍ୟରୂପେ ଏହା ସହଜ ଦେଖା ଯାଇଥାଏ, କିନ୍ତୁ ମାଥିଉ ସୁସମାଚାର ସମ୍ପୁର୍ଣ୍ଣ ଚିନ୍ତାଧାରାକୁ ପ୍ରଗଟ କରେ ନାହିଁ । ଲୁକ ପୁସ୍ତକ ୬: ୩୦ ଉକ୍ତ ବିଷୟର ସତ୍ୟତା ଘୋଷଣା କରନ୍ତି, ଯେକେହି ତୁମ୍ଭକୁ ମାଗେ, ତାହାକୁ ଦିଅ; ଆଉ, ଯେ ତୁମ୍ଭର ସମ୍ପତି ଘେନିଯାଏ, ତାହାଠାରୁ ତାହା ପୁର୍ନବାର ଦାବୀ କର ନାହିଁ । ।ଏହା ଶିଷ୍ୟମାନଙ୍କ ସମ୍ପତିର କ୍ଷତି ବିଷୟ ସଂପୃକ୍ତ ।

ଉକ୍ତ ଶିକ୍ଷା ପଛର ଅସଲି ଚିନ୍ତାଧାରଣା ଦ୍ୱିତୀୟ ବିବରଣୀରେ ଆସେ ।[୫୬] "ପୁଣି ତୁମ୍ଭେ ଅନେକ ଗୋଷ୍ଠୀୟ ଲୋକମାନଙ୍କୁ ଋଣ ଦେବ, ମାତ୍ର ତୁମ୍ଭେ ଋଣ କରିବ ନାହିଁ; ଆଉ ତୁମ୍ଭେ ଅନେକ ଗୋଷ୍ଠୀୟ ଲୋକମାନଙ୍କ ଉପରେ କର୍ତୃତ୍ୱ କରିବ, ମାତ୍ର ସେମାନେ ତୁମ୍ଭ ଉପରେ କର୍ତୃତ୍ୱ କରିବେ ନାହିଁ; କାରଣ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭ ପ୍ରତି ଆପଣା ପ୍ରତିଜ୍ଞାନୁସାରେ ତୁମ୍ଭକୁ ଆଶୀର୍ବାଦ କରିବେ । ସଦାପ୍ରଭୁ ତୁମ୍ଭ ପରମେଶ୍ୱର

---

[୫୫] ମାଥିଉ ୫: ୨୫-୨୬

[୫୬] ଦ୍ୱିତୀୟ ବିବରଣୀ ୧୫: ୬-୧୧

ତୁମ୍ଭକୁ ଯେଉଁ ଦେଶ ଦେବେ, ତୁମ୍ଭର ସେହି ଦେଶସ୍ଥିତ କୌଣସି ନଗର ଦ୍ୱାରରେ ଯେବେ ତୁମ୍ଭ ଭାଇମାନଙ୍କ ମଧ୍ୟରେ କେହି ଦରିଦ୍ର ଥାଏ, ତେବେ ତୁମ୍ଭେ ଆପଣା ହୃଦୟ କଠିନ କରିବ ନାହିଁ, କିଅବା ଆପଣା ଦରିଦ୍ର ଭାଇ ପ୍ରତି ଆପଣା ହସ୍ତ ରୁଦ୍ଧ କରିବ ନାହିଁ; ମାତ୍ର ତୁମ୍ଭେ ତାହା ପ୍ରତି ନିଶ୍ଚୟ ଆପଣା ହସ୍ତ ମୁକ୍ତ କରିବ, ପୁଣି ଯାହା ସେ ଚାହେଁ, ତାହାର ପ୍ରୟୋଜନାନୁସାରେ ତୁମ୍ଭେ ତାହା ଯଥେଷ୍ଟ ରୂପେ ତାହାକୁ ନିଶ୍ଚୟ ଋଣ ଦେବ । ସପ୍ତମ ବର୍ଷ, ଋଣକ୍ଷମାର ବର୍ଷ ନିକଟବର୍ତ୍ତୀ, ଏହା କହି ଯେପରି ତୁମ୍ଭ ହୃଦୟରେ ମନ୍ଦ ଚିନ୍ତା ନ ହୁଏ ଓ ତୁମ୍ଭ ଦରିଦ୍ର ଭାଇ ପ୍ରତି ତୁମ୍ଭର କୁଦୃଷ୍ଟି ହେବା ସକାଶୁ ତୁମ୍ଭେ ତାହାକୁ କିଛି ନ ଦିଅ, ଏ ବିଷୟରେ ସାବଧାନ ହୁଅ; କାରଣ ସେ ତୁମ୍ଭ ପ୍ରତିକୂଳରେ ସଦାପ୍ରଭୁଙ୍କୁ ଡାକ ପକାଇଲେ, ତୁମ୍ଭର ପାପ ହେବ । ତୁମ୍ଭେ ତାହାକୁ ଅବଶ୍ୟ ଦେବ, ପୁଣି ତାହାକୁ ଦେବା ବେଳେ ତୁମ୍ଭର ହୃଦୟ ଦୁଃଖିତ ହେବ ନାହିଁ; କାରଣ ସେହି କର୍ମ ସକାଶୁ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭର ସମସ୍ତ କର୍ମରେ ଓ ତୁମ୍ଭେ ଯେଉଁ ଯେଉଁ ବିଷୟରେ ହାତ ଦିଅ, ସେ ସବୁରେ ତୁମ୍ଭକୁ ଆଶୀର୍ବାଦ କରିବେ । କାରଣ ଦେଶରୁ ଦରିଦ୍ରମାନେ କେବେ ହେଁ ଲୋପ ପାଇବେ ନାହିଁ; ଏନିମନ୍ତେ ମୁଁ ତୁମ୍ଭକୁ ଆଜ୍ଞା ଦେଇ କହୁଅଛି, ତୁମ୍ଭେ ନିଶ୍ଚୟ ଆପଣା ଦେଶସ୍ଥ ଭାଇ ପ୍ରତି, ଆପଣା ଦୁଃଖୀ ପ୍ରତି ଓ ଆପଣା ଦୀନହୀନ ପ୍ରତି ଆପଣା ହସ୍ତ ମୁକ୍ତ କରିବ" । ଶିଷ୍ୟମାନଙ୍କ ସମ୍ପତି ଫେରି ପାଇବାର ଅଧିକାର ତ୍ୟାଗ କରିବା ନିମନ୍ତେ, ଯୀଶୁ ନିଜ ଶିଷ୍ୟମାନଙ୍କୁ ଆଗ୍ରହ କରନ୍ତି । କାରଣ ଈଶ୍ୱର ସମସ୍ତ ବସ୍ତୁର ମାଲିକ ଅଟନ୍ତି ।

ପ୍ରତିଟି ଘଟଣାରେ ଆବଶ୍ୟକତାରୁ ଅଧିକ କରିବା ନିମନ୍ତେ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ । ଅନ୍ୟ ଶବ୍ଦରେ ସେମାନଙ୍କୁ ଉପହାର କିମ୍ବା ଆଶୀର୍ବାଦ କରିବାକୁ ଥିଲା । ତାଙ୍କରି ସ୍ୱର୍ଗୀୟ ପିତାଙ୍କ ପରି ମୁକ୍ତ ହସ୍ତରେ ହୃଷ୍ଟଚିତଲୋକ ହେବା ନିମନ୍ତେ ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ଆଗ୍ରହ କଲେ । ସେମାନେ ବର୍‌ତ୍ତମାନ ଯୁଗର ବସ୍ତୁ ପ୍ରତି ପ୍ରଭାବିତ କିମ୍ବା ଆପଣା ଅଧିକାରରେ ବାନ୍ଧି ହେବା ଜରୁରୀ ନୁହଁ କାରଣ ତାଙ୍କରି ସ୍ୱର୍ଗୀୟ ପିତା ସେମାନଙ୍କୁ ପୁରସ୍କୃତ କରିବେ ।

**ଦଳୀୟ ଆଲୋଚନା:**

- ଯଦି ଆବଶ୍ୟକତାଠାରୁ ଅଧିକା ଶିଷ୍ୟମାନେ କରନ୍ତି, ତେବେ ଲୋକେ କ'ଣ ଭାବିବେ ?
- ଉକ୍ତ ଖ୍ରୀଷ୍ଟ ରୂପ ବ୍ୟବହାର ଅନ୍ୟକୁ ଆଘାତ କରେ, ଏ ବିଷୟରେ ଆପଣ କ'ଣ ଭାବନ୍ତି ?
- ବନ୍ଧୁତା କିପରି ସ୍ଥାପନ ହୋଇଅଛି ?

**ପାଠର ମୁଖ୍ୟ ଶିକ୍ଷା:**

ଆବଶ୍ୟକତାଠାରୁ ଅଧିକ କର ।

**ପ୍ରୟୋଗ:**

ଆପଣା ଅଧିକାର ତ୍ୟାଗ ଦ୍ୱାରା ଉଦାରତା ହୋଇଥିବା ଯେକୌଣସି ଅବସରର ବିବରଣ ଆଗାମୀ ଦଳୀୟ ସଭାରେ ବର୍ଣ୍ଣନା କର ।

## ପାଠ-୧୦

## ତୁମ୍ଭ ଶତ୍ରୁକୁ ପ୍ରେମ କର

**ଆଇସବ୍ରେକର ଦଳ:**

ତୁମ ନିମନ୍ତେ ପ୍ରେମ ଶବ୍ଦର ଅର୍ଥ କ'ଣ ହୋଇପାରେ ?

**ଉପକ୍ରମ:**

ଧର୍ମଶାସ୍ତ୍ରର ନୂତନ ନିୟମ ଭାଗରେ ପ୍ରେମ ଶବ୍ଦର ବାଖ୍ୟା ନିମନ୍ତେ ବିଶେଷ କରି ଦୁଇଟି ଗ୍ରୀକ୍ ଶବ୍ଦ "ଆଗାପେ ଓ ଫିଲୀୟା" ବ୍ୟବହାର କରାଯାଇଅଛି । ଏହି ଦୁଇ ଶବ୍ଦର ଭିନ୍ନ ଅର୍ଥ ଅଛି । ବାକ୍ୟାଂଶର ଏକ ବୁଝିବା ପ୍ରଗତିରେ ଏକ ନିର୍ଦ୍ଦିଷ୍ଟ ଅଂଶରେ ଦୁଇଟି ଶବ୍ଦ ମଧ୍ୟରୁ କେଉଁଟି ଶବ୍ଦ ବ୍ୟବହାର କରାଯାଇଅଛି, ଜାଣିବା ନିମନ୍ତେ ଆଦେଶ ଦିଆଯାଇଛି ।

ଶବ୍ଦ ଫିଲିୟା ପ୍ରେମର ଭାବନାଗୁଡ଼ିକ ସହ ବ୍ୟବହାର କରାଯାଏ । ଏହା ପ୍ରେମର ଅନୁଭବ ଅଟେ । ଏହି ଶବ୍ଦର ବ୍ୟବହାର ଏକ ବସ୍ତୁ ପାଇଁ ଏ କସ୍ନେହର ସଂକେତ ଦିଏ । ଗୋଟିଏ ବସ୍ତୁ ପ୍ରତି ସ୍ନେହର କେତୋଟି ଉଦାହରଣ:

- ❖ ନିଜ ଛୁଆ ପ୍ରତି ଜଣେ ମାଙ୍କ ପ୍ରେମ ।
- ❖ ନିଜ ସ୍ତ୍ରୀ ପ୍ରତି ଜଣେ ସ୍ୱାମୀଙ୍କ ପ୍ରେମ ।
- ❖ ଭାଇ ଏବଂ ଭଉଣୀଙ୍କ ପରସ୍ପର ପ୍ରତିପ୍ରେମ ।
- ❖ ବଜାର ଛକରେ ସମ୍ମାନ ପାଇବା ନିମନ୍ତେ ଫାରୁସୀ ମାନେ ଭଲ ପାଆନ୍ତି ।
- ❖ ଲୋକ ଅର୍ଥକୁ ଭଲ ପାଆନ୍ତି ।

ଶବ୍ଦ ଆଗାପେ ପ୍ରେମର ଆତ୍ମା ସହ ବ୍ୟବହାର କରାଯାଏ । ଏହା ପ୍ରେମର ଏକ ସେବା ଅଟେ । ଏହି ଶବ୍ଦର ବ୍ୟବହାର ଠିକ୍ କରିବାକୁ ସଂକେତ ଦିଏ ଏବଂ ଏହା ଦାନ ଶବ୍ଦ ସହିତ ସଂଶ୍ଳିଷ୍ଟ ଅଟେ । ଶବ୍ଦ ଆଗାପେ ଏଠି ଥିବା ଗୁଣ ଓ କାର୍ଯ୍ୟକୁ ପ୍ରଗଟ କରେ ।

❖ ଆଗାପେ ଈଶ୍ୱରଙ୍କ ନିଜର ଏକ ଗୁଣ ଅଟେ । ଶାସ୍ତ୍ରାଂଶ ମଧ୍ୟ ତାହା କୁହେ କି **"ପ୍ରେମ ଅଟନ୍ତି,"**[୫୭] ଏହି ଶବ୍ଦ ବ୍ୟବହାର କରାଯାଇଅଛି ଶାସ୍ତ୍ରାଶରେ ।

❖ ଆଗାପେ ପ୍ରେମ କିପରି ଆଚରଣ କରେ ? ପାଉଲଙ୍କ ପ୍ରଥମ କରନ୍ଥିୟ ୧୩ ଅଧ୍ୟାୟର ରୁପ ରେଖାରେ ବାରମ୍ୱାର ବ୍ୟବହାର କରାଯାଇଥିବା ପ୍ରେମ ଶବ୍ଦ ଆଗାପେର ଆଚରଣ ଅଟେ ।

**ଶାସ୍ତ୍ରପାଠ:**

---

[୫୭] ପ୍ରଥମ ଯୋହନ ୪:୮ ଏବଂ ୧୬

# ତୁମ୍ଭ ଶତ୍ରୁଙ୍କୁ ପ୍ରେମ କର
## ପାର୍ବତ୍ୟ ପ୍ରଚାର
## ମାଥିଉ.୫:୪୩-୪୮ ଏବଂ ଲୁକ.୬: ୨୭-୨୮; ୩୧-୩୫

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ତୁମ୍ଭେମାନେ ଶୁଣିଅଛ, ଉକ୍ତ ଅଛି, ତୁମ୍ଭର ପ୍ରତିବାସୀଙ୍କୁ ପ୍ରେମ କର ଓ ତୁମ୍ଭର ଶତ୍ରୁଙ୍କୁ ଘୃଣା କର । କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭମାନଙ୍କ ଶତ୍ରୁମାନଙ୍କୁ ପ୍ରେମ କର, ପୁଣି, ଯେଉଁମାନେ ତୁମ୍ଭମାନଙ୍କୁ ତାଡ଼ନା କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର, ଯେପରି ତୁମ୍ଭେମାନେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ସନ୍ତାନ ହେବ; ସେ ତ ଦୁଷ୍ଟ ଓ ସନ୍ଥ ଉଭୟଙ୍କ ଉପରେ ଆପଣା ସୂର୍ଯ୍ୟ ଉଦୟ କରାନ୍ତି, ପୁଣି, ଧାର୍ମିକ ଓ ଅଧାର୍ମିକ ମାନଙ୍କ ଉପରେ ବୃଷ୍ଟି ବର୍ଷାନ୍ତି । ଆଉ ଯେଉଁମାନେ ତୁମ୍ଭମାନଙ୍କୁ ପ୍ରେମ କରନ୍ତି, ସେମାନଙ୍କୁ ପ୍ରେମ କଲେ ତୁମ୍ଭମାନଙ୍କର କି ପୁରସ୍କାର ? **କରଗ୍ରାହୀ ମାନେ**[୫୮] ସୁଦ୍ଧା କ'ଣ ତାହା କରନ୍ତି ନାହିଁ? ଆଉ ତୁମ୍ଭେମାନେ ଯଦି କେବଳ ନିଜ ନିଜ ଭାଇମାନଙ୍କୁ ନମସ୍କାର କର, ତେବେ ଅଧିକ କଅଣ କର? ଅଣଯିହୂଦୀମାନେ ସୁଦ୍ଧା କ'ଣ ତାହା କରନ୍ତି ନାହିଁ? ଅତଏବ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଯେପରି **ସିଦ୍ଧ**,[୫୯] ତୁମ୍ଭେମାନେ ମଧ୍ୟ ସେହିପରି ସିଦ୍ଧ ହୁଅ ।

**ଆଦେଶ:**

- ❖ ତୁମ୍ଭର ଶତ୍ରୁଙ୍କୁ ପ୍ରେମ କର ।
- ❖ ଯେଉଁ ମାନେ ତୁମ୍ଭକୁ ଘୃଣା କରନ୍ତି, ସେମାନଙ୍କୁ ପ୍ରେମ କର
- ❖ ଯେଉଁ ମାନେ ତୁମ୍ଭକୁ ଅଭିଶାପ ଦିଅନ୍ତି, ସେମାନଙ୍କୁ ଆଶୀର୍ବାଦ କର ।
- ❖ ଯେଉଁ ମାନେ ତୁମ୍ଭକୁ ତାଡନା କରନ୍ତି, ସେମାନଙ୍କ ପାଇଁ ପ୍ରାର୍ଥନା କର ।

---

[୫୮] ଶୁଳ୍କ ଆଦାୟ କାରୀ, କର ଗ୍ରାହି ନାମରେ ଜଣା ଯାଆନ୍ତି, ଯୀହୁଦୀ ମାନଙ୍କ ଚିନ୍ତା ଭାବନା ଦ୍ୱାରା ଏହି ଲୋକମାନେ ମନ୍ଦ । ଏ ମାନେ ସ୍ଥାନୀୟ ଲୋକ ରୋମିୟ ମାନଙ୍କ ପାଇଁ ଶୁଳ୍କ ଆଦାୟ ନିମନ୍ତେ ନିଯୁକ୍ତି ପାଇଥିଲେ । ଲୋକମାନଙ୍କ ଠାରୁ ଶୁଳ୍କ ଆଦାୟ କଲାବେଳେ ଅନେକ ସମୟରେ ଠିକ କରିନଥାନ୍ତି ।

[୫୯] ସିଦ୍ଧ, ପୁର୍ଣ୍ଣ ବା ପୁରା ପରିପୂର୍ଣ୍ଣ ।

- ଯେପରି ଲୋକେ ତୁମ୍ଭକୁ ଭଲ ବ୍ୟବହାର କରନ୍ତୁ ବୋଲି ଚାହ ଠିକ୍ ସେହୀଭଳି ସେମାନଙ୍କ ପ୍ରତି ବ୍ୟବହାର କର ।
- ତେଣୁ ତୁମ୍ଭମାନଙ୍କୁ ସିଦ୍ଧ ହେବାକୁ ପଡିବ ।

**ଶିକ୍ଷଣୀୟ ବିଷୟ:**

ଏହି ବାକ୍ୟ ସହ ଯୀଶୁ ତାଙ୍କ ଶିକ୍ଷା ଆରମ୍ଭ କରନ୍ତି, ତୁମ୍ଭେ ଶୁଣିଛ ତୁମ୍ଭେ ଆପଣା ପ୍ରତିବାସୀକୁ ପ୍ରେମ କର ଓ ତୁମ୍ଭ ଶତ୍ରୁକୁ ଘୃଣାକର ଏହାଶାସ୍ତ୍ରର କେବଳ ପ୍ରଥମ ଭାଗ ଅଟେ । ଶତ୍ରୁକୁ ଘୃଣା କର ବୋଲି ପୁରାତନ ନିୟମର କୌଣସି ସ୍ଥାନରେ ଲେଖାଯାଇ ନାହିଁ । ଯୀଶୁଙ୍କ ସମୟରେ ଏହି ଚିନ୍ତାଧାରାକୁ ପଢ଼ାଉଥିଲେ ।

ସେମାନଙ୍କ ଶତ୍ରୁମାନଙ୍କୁ ପ୍ରେମ କରିବାକୁ ଯୀଶୁ ତାଙ୍କ ଶିଷ୍ୟମାନଙ୍କ ଆଦେଶ ଦେଉଥିଲେ ଆଉ ଏଥିରେ ଆଗାପେ ଶବ୍ଦ ବ୍ୟବହାର କରାଯାଇଅଛି । ଯୀଶୁ ଚାହାଁନ୍ତି ଯେ ତାଙ୍କ ଶିଷ୍ୟମାନେ ତାଙ୍କ ଶତ୍ରୁମାନଙ୍କ ପାଇଁ ସଠିକ ଆଚରଣ କରନ୍ତୁ । ସେମାନଙ୍କ ପାଇଁ ସ୍ନେହ କେବଳ ସାଧୁ ଆଚରଣ ହିଁ ନୁହେଁ । ତେଣୁ ସେ ଜଣେ ବ୍ୟକ୍ତି ଶତ୍ରୁକୁ ପ୍ରେମ କରିବା ନିମନ୍ତେ ୬ ଗୋଟି ବ୍ୟବହାରିକ ପଥ ବର୍ଣ୍ଣନା କରନ୍ତି ।

- ତୁମ୍ଭର ଶତ୍ରୁକୁ ସେବା କର ।
- ତୁମ୍ଭର ଶତ୍ରୁ ପ୍ରତି ଉତ୍ତମ କାର୍ଯ୍ୟ କର, ମନ୍ଦ ନୁହେଁ ।
- ତୁମ୍ଭେ ନିଜ ପାଇଁ ଯେଉଁ ଭଳି ବ୍ୟବହାର ଅପେକ୍ଷା କର, ଶତ୍ରୁକୁ ମଧ୍ୟ ଠିକ୍ ସେହିଭଳି ବ୍ୟବହାର କର ।
- ଆଶୀର୍ବାଦ କର, ଠିକ କଥାବାର୍ତ୍ତା କର କିମ୍ବା ତାଙ୍କୁ ପ୍ରଶଂସା କର ।
    - ଏଠାରେ ବ୍ୟବହୃତ ଆଶିର୍ବାଦ ଶବ୍ଦ ବିଶେଷ କରି ଯିଏ ତୁମ୍ଭକୁ ଅଭିଶାପ ଦିଏ, ତାଙ୍କ ବିଷୟରେ ସଦଭାବନା ଦେଖାଇ ତାଙ୍କ ବିଷୟରେ ଭଲ କଥା କହିବା ।
    - ତଥାପି ଉକ୍ତ ଶବ୍ଦର ପ୍ରକୃତ ଅର୍ଥ, ଆଣ୍ଠେଇବା ଓ ନଇଆଣ୍ଠୁ ପାଚିବା ।
    - ଉକ୍ତ ଶବ୍ଦ ଦ୍ୱାରା ପ୍ରକାଶିତ ବିଚାର ଏହା, ଗୋଟିଏ ଓଟ ନିଜ ପିଠି ଉପରେ ବୋଝ ଲଦିବା ନିମନ୍ତେ ଆଣ୍ଠୁପାତି ନଇବା ।
    - ଗଣନା ପୁସ୍ତକ.୨୨:୨୧-୩୪ ରେ ବାଲାମଙ୍କ ଗଧର କାହାଣୀ ପଢ ।

❖ ତାଙ୍କ ପାଇଁ ପ୍ରାର୍ଥନା କର ।

❖ ଯଦିଓ ସେ ଦେଇ ନପାରେ, କିମ୍ବା ଦେବା ପାଇଁ ଅସମର୍ଥ ତାଙ୍କୁ ଯାହା ଆବଶ୍ୟକ, ତାଙ୍କୁ ଦିଅ ।

ଆପଣା ସ୍ୱର୍ଗସ୍ଥ ପିତାଙ୍କ ପରି ହେବା ନିମନ୍ତେ ସେମାନଙ୍କୁ ଉତ୍ସାହ ଦେବା ଦ୍ୱାରା ଯୀଶୁ ଆପଣା ଶିଷ୍ୟ ମାନଙ୍କୁ ପ୍ରେରଣା ଦେଉଥିଲେ । ସେ କହିଲେ, ଯେ ଈଶ୍ୱର ଉଭୟ ଧାର୍ମିକ ଓ ଅଧାର୍ମିକ ପ୍ରତି ଦୟା କରନ୍ତି । ଉଭୟଙ୍କ ନିମନ୍ତେ ସେ ସୂର୍ଯ୍ୟ ଉଦୟ କରାନ୍ତି ଓ ବର୍ଷାକୁ ବର୍ଷାନ୍ତି । ପ୍ରେମ ଜଣକ ପାଇଁ ଏକ ରାସ୍ତା ଓ ଅନ୍ୟ ପାଇଁ ଆଉ ଏକ ରାସ୍ତା ପ୍ରୟୋଗ କରେ ନାହିଁ ।

ଏହା ସବୁବେଳେ ସ୍ଥିର ଓ ବଦଳରେ ନାହିଁ । କାରଣ ସେମାନେ ଯାହାଙ୍କୁ ତାଙ୍କ ଶିଷ୍ୟ ବୋଲି ଡକାଯାଏ, ସ୍ମରଣ କରିବାକୁ ପଡ଼ିବ ଯେ, ଦିନେ ସେମାନେ ତାଙ୍କ ଶତ୍ରୁ ଥିଲେ । କିନ୍ତୁ ତାଙ୍କର ଅନନ୍ତ ଆବଧ ପ୍ରେମ ଆମ ପ୍ରତି ଥିବା ଯୋଗୁ, ଆମେ ବର୍‌ତ୍‌ତମାନ ତାଙ୍କ ସାଙ୍ଗ ହୋଇ ପାରିଛୁ ।

**ଦଳୀୟ ଆଲୋଚନା:**

❖ ଜଣେ ବ୍ୟକ୍ତି ତୁମ୍ଭର ଶତ୍ରୁ କିପରି ହୁଏ ?

❖ କେଉଁ ଦ୍ୱାରା ଆପଣଙ୍କ ଶତ୍ରୁଙ୍କ ପ୍ରେମ କରିବାରେ ଆପଣଙ୍କୁ କଷ୍ଟ ହୁଏ ।

❖ ତୁମ୍ଭ ଶତ୍ରୁଙ୍କୁ ପ୍ରେମ କରିବା କେତୋଟି ମାଧ୍ୟମ ଲିପି ବଦ୍ଧ କର ।

**ପ୍ରୟୋଗ:** ତୁମ୍ଭକୁ ଜଣେ ଶତ୍ରୁଙ୍କୁ ପ୍ରେମ କରିବାକୁ ପଡିଲା ଓ ଏହାର ଫଳାଫଳ କଣ ? ଆସନ୍ତା ସଭାରେ ବର୍ଣ୍ଣନା କର ।

## ପାଠ-୧୧

## ସମ୍ମାନ ପାଇବା

**ଆଇସବ୍ରେକର ଦଳ:**

ତାଙ୍କ ପୂର୍ବ ଶିକ୍ଷାରେ, ଯୀଶୁ ପ୍ରେମ ବିଷୟରେ ଆଲୋଚନା କଲେ । ବାସ୍ତବ ପ୍ରେମ ଈଶ୍ୱରଙ୍କ ଗୁଣ ଅଟେ । ଏହାର ଗୁଣ ହେଉଛି ଠିକ୍ କାର୍ଯ୍ୟ କରିବା ଓ ଏହାର ସମସ୍ତ କାର୍ଯ୍ୟ ଅନ୍ୟମାନଙ୍କର ଉପକାର କରିଥାଏ ।

ଭଲ ହେଉ କିଅବା ମନ୍ଦ ବାସ୍ତବ ପ୍ରେମ କାହାପ୍ରତି ଭିନ୍ନ ଆବରଣ କରେ ନାହିଁ ଏବଂ ଏହା କୌଣସି ଅନୁଭବର ଆଧାରରେ ନୁହେଁ ଯାହା ପରିବର୍ତ୍ତନ ନିମନ୍ତେ କାର୍ଯ୍ୟକରେ ।

ଏହା ମୁଳଦୁଆ ସ୍ୱରୁପ "ପ୍ରେମ" ବ୍ୟବହାର ଯୀଶୁ ତିନୋଟି ପ୍ରେମ କାର୍ଯ୍ୟ ତାଲିକା ସବୁ କ୍ଷୀପ୍ରତା ସହ ଆଗକୁ ବଢ଼ନ୍ତି ଯୋଦ୍ୱାରା ତାଙ୍କ ଶିଷ୍ୟମାନେ ଦାନି ଦେବା, ପ୍ରାର୍ଥନା ଏବଂ ଉପବାସ କରିବେ । ତଥାପି ଏହା ପରିବର୍ତ୍ତନ ବିଷୟଗୁଡ଼ିକ । ପ୍ରକୃତ ବିଷୟ ଯାହା ସେ ଏଠାରେ ଉପସ୍ଥାପନ କରନ୍ତି, ତାହା କାର୍ଯ୍ୟକଳାପର ଆତ୍ମା । କାହାଠାରୁ ସେ ସମ୍ମାନ ପାଏ ?

**ଶାସ୍ତ୍ରପାଠ:**

## ସମ୍ମାନ ପାଇବା

## ପାର୍ବତୀୟ ପ୍ରଚାର

## ମାଥିଉ.୬ :୧-୧୮

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ଲୋକ ଦେଖାଇବା ପାଇଁ ସେମାନଙ୍କ ସାକ୍ଷାତରେ ଯେପରି ଧର୍ମକର୍ମ ନ କର, ଏଥିପାଇଁ ତୁମ୍ଭେମାନେ ସାବଧାନ ହୋଇଥାଅ, ନୋହିଲେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ନିକଟରେ ତୁମ୍ଭମାନଙ୍କର ପୁରସ୍କାର ନାହିଁ । ଏଣୁ ଦାନ କରିବା ସମୟରେ କପଟୀମାନଙ୍କ ପରି ନିଜ ସମ୍ମୁଖରେ ତୂରୀ ବଜାଅ ନାହିଁ; ସେମାନେ ଲୋକମାନଙ୍କଠାରୁ ଗୌରବ ପାଇବା ପାଇଁ ସମାଜଗୃହରେ ଓ ଦାଣ୍ଡରେ ସେ ପ୍ରକାର କରନ୍ତି । ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସେମାନେ ଆପଣା ଆପଣା ପୁରସ୍କାର ପାଇଅଛନ୍ତି । କିନ୍ତୁ ତୁମ୍ଭେ ଦାନ କରିବା ସମୟରେ ତୁମ୍ଭର ଦକ୍ଷିଣ ହସ୍ତ କଅଣ କରୁଅଛି, ତାହା ତୁମ୍ଭର ବାମ ହସ୍ତ ନ ଜାଣୁ, ଯେପରି ତୁମ୍ଭର ଦାନ ଗୋପନରେ ହେବ, ଆଉ ତୁମ୍ଭର ପିତା ଯେ ଗୋପନରେ ଦେଖନ୍ତି, ସେ ତୁମ୍ଭକୁ ଫଳ ଦେବେ । ପ୍ରାର୍ଥନା କରିବା ସମୟରେ କପଟୀମାନଙ୍କ ପରି ହୁଅ ନାହିଁ, କାରଣ ସେମାନେ ଲୋକ ଦେଖାଇବା ପାଇଁ ସମାଜଗୃହ ଓ ଛକକୋଣରେ ଠିଆ ହୋଇ ପ୍ରାର୍ଥନା କରିବାକୁ ଭଲ ପାଆନ୍ତି; ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସେମାନେ ଆପଣା ଆପଣା ପୁରସ୍କାର ପାଇଅଛନ୍ତି । କିନ୍ତୁ ତୁମ୍ଭେ ପ୍ରାର୍ଥନା କରିବା ସମୟରେ ତୁମ୍ଭର ଗୁପ୍ତ କୋଠରିରେ

ପ୍ରବେଶ କର, ପୁଣି ତୁମ୍ଭର ଦ୍ୱାର ରୁଦ୍ଧ କରି ଗୋପନରେ ଥିବା ତୁମ୍ଭ ପିତାଙ୍କ ଛାମୁରେ ପ୍ରାର୍ଥନା କର; ଆଉ ତୁମ୍ଭର ପିତା ଯେ ଗୋପନରେ ଦେଖନ୍ତି, ସେ ତୁମ୍ଭକୁ ଫଳ ଦେବେ । ପୁଣି, ପ୍ରାର୍ଥନା କରିବା ସମୟରେ ବିଜାତୀୟମାନଙ୍କ ପରି ଅନର୍ଥକ ପୁନରୁକ୍ତି କର ନାହିଁ, କାରଣ ସେମାନେ ବହୁତ କଥା କହିବାରୁ ସେମାନଙ୍କ ପ୍ରାର୍ଥନା ଶୁଣାଯିବ ବୋଲି ମନେ କରନ୍ତି । ଏଣୁ ସେମାନଙ୍କ ପରି ହୁଅ ନାହିଁ, କାରଣ ତୁମ୍ଭମାନଙ୍କର କଅଣ ପ୍ରୟୋଜନ, ମାଗିବା ପୂର୍ବରୁ ତୁମ୍ଭମାନଙ୍କର ପିତା ଈଶ୍ୱର ତାହା ଜାଣନ୍ତି । ଅତଏବ, ତୁମ୍ଭେମାନେ ଏହି ପ୍ରକାରେ ପ୍ରାର୍ଥନା କର, ହେ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା, ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ ହେଉ । ତୁମ୍ଭର ରାଜ୍ୟ ଆସୁ । ଯେପରି ସ୍ୱର୍ଗରେ, ସେପରି ପୃଥିବୀରେ ତୁମ୍ଭର ଇଚ୍ଛା ସଫଳ ହେଉ । ଆଜି ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ । ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧୀମାନଙ୍କୁ କ୍ଷମା କରିଅଛୁ, ସେପରି ଆମ୍ଭମାନଙ୍କର ଅପରାଧସବୁ କ୍ଷମା କର । ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ, ମାତ୍ର ମନ୍ଦରୁ ରକ୍ଷା କର । ଯେଣୁ ରାଜ୍ୟ, ପରାକ୍ରମ ଓ ଗୌରବ ଯୁଗେ ଯୁଗେ ତୁମ୍ଭର । କାରଣ ଯେବେ ଲୋକମାନଙ୍କର ଅପରାଧସବୁ କ୍ଷମା କର, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ତୁମ୍ଭମାନଙ୍କୁ ମଧ୍ୟ କ୍ଷମା କରିବେ; କିନ୍ତୁ ଯେବେ ଲୋକମାନଙ୍କୁ କ୍ଷମା ନ କର, ତେବେ ତୁମ୍ଭମାନଙ୍କ ପିତା ମଧ୍ୟ ତୁମ୍ଭମାନଙ୍କ ଅପରାଧସବୁ କ୍ଷମା କରିବେ ନାହିଁ । ଉପବାସ କରିବା ସମୟରେ କପଟୀମାନଙ୍କ ପରି ବିଷର୍ଣ୍ଣବଦନ ହୁଅ ନାହିଁ, କାରଣ ସେମାନେ ଉପବାସ କରୁଅଛନ୍ତି ବୋଲି ଲୋକଙ୍କ ସାକ୍ଷାତରେ ଦେଖାଯିବା ନିମନ୍ତେ ଆପଣା ଆପଣା ମୁଖ ମଳିନ କରନ୍ତି; ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସେମାନେ ଆପଣା ଆପଣା ପୁରସ୍କାର ପାଇଅଛନ୍ତି । କିନ୍ତୁ ତୁମ୍ଭେ ଉପବାସ କରିବା ସମୟରେ **ତୁମ୍ଭ ମସ୍ତକରେ ତୈଳ ଲଗାଅ ଓ ମୁଖ ପ୍ରକ୍ଷାଳନ କର,**[୬୦] ଯେପରି ତୁମ୍ଭେ ଉପବାସ କରୁଅଛ ବୋଲି ଲୋକଙ୍କ ସାକ୍ଷାତରେ ଦେଖା ନ ଯାଇ ବରଂ ଗୋପନରେ ଥିବା ତୁମ୍ଭ ପିତାଙ୍କ ସାକ୍ଷାତରେ ଦେଖାଯିବ; ଆଉ, ତୁମ୍ଭର ପିତା ଯେ ଗୋପନରେ ଦେଖନ୍ତି, ସେ ତୁମ୍ଭକୁ ଫଳ ଦେବେ ।

**ଆଦେଶ:**

- ❖ ଜାଗ୍ରତ ତୁମ୍ଭର ଧାର୍ମିକ ତାର କାର୍ଯ୍ୟ ଲୋକଙ୍କ ଆଗରେ, କିଅବା ଲୋକଙ୍କ ଦ୍ୱାରା ଜଣାଯିବ ।

---

[୬୦] ତୁମ୍ଭର ମସ୍ତକ ଅଭିଷେକ ଓ ତୁମ୍ଭ ମୁଖ ଧୌତ କର, ଉପବାସ ସମୟେର ଯିହୁଦିମାନେ ଆପଣା ମସ୍ତକେର ପାଇଁପ ତାଳନ୍ତି । କେବଳ ଉତ୍ସବ ସମୟେର ମସ୍ତକେର ତେଲ ମୁଖାନ୍ତି ।

- ❖ ତୁମ୍ଭ ଆଗରେ ଏକ ତୁରୀ ବଜାଅ ନାହିଁ ।
- ❖ କ'ଣ ତୁମ ଡ଼ାହାଣ ହାତ କରୁଛି, ବାମ ହାତକୁ ଜାଣିବାକୁ ଦିଅନାହିଁ ।
- ❖ ତମେ କପଟୀମାନଙ୍କ ପରି ହୁଅନାହିଁ ।
- ❖ ନିଜ ଗୁପ୍ତ କୋଠରୀକୁ ଯାଅ ଓ ତୁମ୍ଭ ଦ୍ୱାରା ବନ୍ଦ କରି, ତୁମ୍ଭ ପିତାଙ୍କଠାରେ ପ୍ରାର୍ଥନା କରେ ଯିଏ ।
- ❖ ବିଜାତିମାନଙ୍କ ପରି ଅନର୍ଥକ ପୁନରାବୃତ୍ତି କର ନାହିଁ ।
- ❖ କପଟୀମାନଙ୍କ ପରି ଆପଣା ମୁଖକୁ ମଳିନ କର ନାହିଁ ।
- ❖ ତୁମ୍ଭର ମସ୍ତକ ତେଲ ମଖାଇ ତୁମ୍ଭର ମୁହଁ ଧୁଅ, ଯଦ୍ୱାରା ତମେ ଉପବାସ କରିଛ ବୋଲି ଲୋକେ ଜାଣିପାରିବେ ନାହିଁ ।

**ଶିକ୍ଷଣୀୟ ବିଷୟ:**

ଉକ୍ତ ଶାସ୍ତ୍ରାଂଶଟି ଦାନ, ପ୍ରାର୍ଥନା ଓ ଉପବାସ ବିଷୟ, ଯେଉଁଠି ୫ଟି ସାଧାରଣ ଉପାଦାନ ଜଣିବା ପ୍ରଥମ ଉପାଦାନରେ ଯୀଶୁଖ୍ରୀଷ୍ଟ ପ୍ରତିଟି ବିଷୟ ଆଧାରରେ ସ୍ୱତନ୍ତ୍ର ଆଜ୍ଞା ବା ଆଦେଶ ଦିଅନ୍ତି । ତାର ପରିବର୍ତ୍ତୀ ଉପାଦାନ, ଯାହା ଉତ୍ତମ କାର୍ଯ୍ୟ ଦାନ, ପ୍ରାର୍ଥନା ଓ ଉପବାସଗୁଡ଼ିକ କରାଗଲା । ତୃତୀୟ ଉପାଦାନ କପଟି ବିଷୟ ଅଟେ । ଚତୁର୍ଥ ବିଷୟ ଲୋକଙ୍କ ଦ୍ୱାରା ଫଳ ପାଇବା ଓ ପଞ୍ଚମ ବିଷୟ ପିତା ଯିଏ ଗୁପ୍ତରେ ଦେଖନ୍ତି ପୁରସ୍କୃତ କରିବେ ।

ଯୀଶୁ ପ୍ରଥମେ ଦାନ ଦେବା ଉତ୍ତମ କାର୍ଯ୍ୟକୁ ଉପସ୍ଥାପନ କରନ୍ତି । ଦାନ ସତ୍କାର ଅର୍ଥ ଦୟା ଅଟେ । ଏହା ଗରୀବମାନଙ୍କ ଅର୍ଥ ଦେବା ବିଷୟରେ ଜଣାଯାଏ ଓ ଦଶମାଂସ ସହ କୌଣସି ପ୍ରକାର ସନ୍ଦେହ ରହିବା ଉଚିତ୍ ନୁହେଁ, କାରଣ ଦଶମାଂସ ଈଶ୍ୱରଙ୍କର । ଦାନ ଜଣେ ବ୍ୟକ୍ତିଙ୍କୁ ସିଧାସଳଖ ଦିଆଯାଇପାରେ କିଅବା ଏକ ସ୍ଥାନରେ ସଂଗ୍ରହ କରି ଗରିବମାନଙ୍କୁ ବଣ୍ଟା ଯାଇ ପାରିବ ।

ଯୀଶୁ ଆପଣା ଶିଷ୍ୟମାନଙ୍କୁ ସେମାନଙ୍କ ଦାନଗୁଡ଼ିକ ଗୁପ୍ତରେ ଦେବା ନିମନ୍ତେ ଉପଦେଶ ଦିଅନ୍ତି । ସେ ସେମାନଙ୍କୁ ତ ପରି ଭାବେ ଦେବାକୁ ଚାହିଁଲେ ଯୋଦ୍ୱାରା ଅନ୍ୟ ଲୋକମାନେ ନ ଜାଣନ୍ତି । ଯେବେ ଜଣେ ବ୍ୟକ୍ତି ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା କିଛି ସାହାଯ୍ୟ ପ୍ରାପ୍ତ କରିଛି ସେ ଜାଣେ, ଯେ ସବୁବେଳେ ଏହା ସହ

ଏକ ଋଣାତ୍ମକ ଭାବନା ଜଡ଼ିତ । ଯେବେ ଗରିବ ଦାନକର୍ତ୍ତାଙ୍କୁ ଜାଣେ ନାହିଁ, ତେବେ ସେ ଯେଉଁ ଧନ୍ୟବାଦ ଦିଏ, କେବଳ ଈଶ୍ୱରଙ୍କୁ ଦିଏ ।

ଦ୍ୱିତୀୟ ଉପଦେଶ ହେଲା, ଦାନ ଦେଲାବେଳେ ଘୋଷଣା ନକର। ଯୀଶୁଙ୍କ ସମୟରେ, ଧନୀଲୋକ, ଯେଉଁମାନେ ଗର୍ବ ସହ ଉଧତ ଥିଲେ । ସମ୍ଭବତଃ ସେମାନେ ଦାନ ଦେଲାବେଳେ ଉଚ୍ଚ ସ୍ୱରରେ ଘୋଷଣା କରିଥାଇ ପାରନ୍ତି । ଯୋଦ୍ୱାରା ସେମାନେ ଯେ ଦାନଶୀଳ ବ୍ୟକ୍ତିମାନେ ଲୋକ ଜାଣିବେ । ଯୀଶୁ କହିବା ଅର୍ଥ ଏହା, ଯେ କୌଣସି ଲୋକ ସେମାନଙ୍କ ଦାନ ଦେବା ସମୟରେ ଘୋଷଣା କରିବା ଉଚିତ୍ ନୁହେଁ । ସେ ଏହି ଚିନ୍ତାଧାରାକୁ ତାଙ୍କରି ଆଗାମୀ ଆଜ୍ଞାରେ ଦୃଢ଼ରୂପେ ବ୍ୟକ୍ତ କରନ୍ତି । ତୁମ୍ଭର ଡ଼ାହାଣ ହାତ କ'ଣ କରୁଛି ବାମ ହାତକୁ ଜାଣିବାକୁ ଦିଅନାହିଁ । ଆମେ ଜାଣୁ, ଯେ ଯାହା ଡ଼ାହାଣ ହାତ କରୁଛି, ବାମ ହାତ ନ ଜାଣିବା ଅସମ୍ଭଃ ବିଷୟ କିନ୍ତୁ ଟିପ୍ପଣୀ ଏହା, ଯେ ଏହାକୁ ନଜାଣିଲା ପରି ବିଚାରଶୀଳ ଭାବେ ରଖା ଯିବା ଆବଶ୍ୟକ ।

ତାଙ୍କର ଉତ୍ତମ କାର୍ଯ୍ୟର ଆଲୋଚନାରେ, ସେ କପଟି ଗଳ୍ପକୁ ଧ୍ୟାନ ଆକର୍ଷଣ କରେ । ଏହା ତାଙ୍କର ପ୍ରଥମ ଲିଖିତ ବ୍ୟବହୃତ ଶବ୍ଦ। ତେଣୁ ଉକ୍ତ ଶବ୍ଦର ଅର୍ଥ ସ୍ୱଷ୍ଟ ରୁପେ ପ୍ରାପ୍ତ କରିବା ଆବଶ୍ୟକ । ଯଦ୍ୱାରା ପରବର୍ତ୍ତୀ ପ୍ରସଙ୍ଗରେ ଠିକ୍ ଭାବେ ବ୍ୟବହାର କରାଯାଇ ପାରିବ । ଜଣେ କପଟୀ ଏକ ଛଳଣାତ୍ମକ ଗୁଣାଧିନ ଏକ ଅଭିନୟକାରୀ ବ୍ୟକ୍ତି ଅଟେ । ସେ ଏକ ଭୂମିକ ନିଭାଇ ଆସୁଅଛି । ଯାହା ଅନୁଧ୍ୟାନ କରିଥାଅ ତାହା ବାସ୍ତବ ବିଷୟ ନୁହେଁ । ଏହା ନକଲି ଅଟେ ।

ଯୀଶୁ କହିଲେ, କପଟିମାନେ ସମାଜଗୃହରେ ଏବଂ ରାସ୍ତାକଡ଼ରେ ପାଇ ଯାଆନ୍ତି । ସେମାନେ ମଣ୍ଡଳୀ ଓ ଅନ୍ୟ ସର୍ବସାଧାରଣ ସ୍ଥାନଗୁଡ଼ିକରେ ମଧ୍ୟ ଦେଖାଯାଆନ୍ତି । ଯେବେ ଲୋକେ ଜମା ହୁଅନ୍ତି, ସେମାନଙ୍କର ପ୍ରଦର୍ଶନ ଦେଖାଯାଏ । ଏକ ସର୍ବସାଧାରଣ ସ୍ଥାନଗୁଡ଼ିକରେ ସେମାନେ ଅଭିନୟ କାରୀମାନେ ଅଟନ୍ତି । ସେମାନଙ୍କ ଉକ୍ତ ଅଭିନୟ ନିମନ୍ତେ, ଲୋକଙ୍କ ପକ୍ଷରୁ ପ୍ରଶଂସାରେ ଅପେକ୍ଷାରେ ବଞ୍ଚିଥାନ୍ତି ।

କପଟୀ ଏକ ଅଂହକାର ଦ୍ଵାରା ପ୍ରେରଣା ପାଇ, ସେ କହେ, ଦେଖ କିପରି ମୁଁ ଉତ୍ତମ ଅଟେ ଓ ଆପାଣା ପ୍ରଦର୍ଶନର ଏକ ପ୍ରଶଂସା ପାଇବା ନିମନ୍ତେ ଅପେକ୍ଷା କରନ୍ତି । କପଟୀ ତା ନିଜପାଇ ପ୍ରେମରେ ଆପଣା ଧାର୍ମିକକାର୍ଯ୍ୟ କଳାପ କରିଥାଏ ।

ଯୀଶୁ ଦ୍ଵିତୀୟ ଉତ୍ତମକାର୍ଯ୍ୟ "ପ୍ରାର୍ଥନା" ପ୍ରତି ଧ୍ୟାନ ଦିଅନ୍ତି । ସେ ଆପଣା ଶିଷ୍ୟମାନଙ୍କୁ ଲୋକମାନଙ୍କ ଠାରୁ ଦୁରେଇବା ନିମନ୍ତେ କହନ୍ତି । ଗୁପ୍ତ କୋଠରି ଯାଅ ଓ ଦ୍ଵାର ବନ୍ଦକର ଯଦ୍ଦ୍ଵାରା ଲୋକେ ତୁମ୍ଭ ପ୍ରାର୍ଥନାର ସ୍ଵର ଶୁଣି ପାରିବେ ନାହିଁ । କପଟୀମାନେ ଲୋକଗହଳିରେ ପ୍ରାର୍ଥନା କରନ୍ତି, କାରଣ ସେମାନେ ଚାହାନ୍ତି, ଲୋକେ ଭାବନ୍ତୁ, ସେମାନେ ଭକ୍ତ ଅଟନ୍ତି । କିନ୍ତୁ ପ୍ରାର୍ଥନା ଏକ ବ୍ୟକ୍ତି ଓ ତାଙ୍କ ଈଶ୍ଵର ମଧ୍ୟରେ ଗୁପ୍ତ ବାର୍ତ୍ତାଳାପ ଅଟେ । ବିଜାତୀୟମାନଙ୍କ ଭଳି ଅନର୍ଥକ ପୁନରାବୃତି ନକରିବା ନିମନ୍ତେ ସେ ଶିଷ୍ୟମାନଙ୍କୁ କହନ୍ତି । ସେମାନଙ୍କ ସ୍ରୋତ ଓ ମନ୍ତ୍ରଗୁଡ଼ିକ ମୂଲ୍ୟହୀନ ଅଟେ । ବିଜାତି ସମ୍ଭବତଃ ଭାବିବାରେ ଈଶ୍ଵର ଭଲ ଶୁଣିପାରନ୍ତି ନାହିଁ, ତେଣୁ ସେମାନେ ନିଜେ ପୁନରାବୃତ୍ତି କରନ୍ତି ।

ଯେପରି ସେ ଶୋଇଅଛନ୍ତି କିଅବା ସେହି ସମୟରେ ଶୁଣୁଅଛନ୍ତି ଓ ସେମାନେ ତାଙ୍କରି ଧ୍ୟାନ ଆକର୍ଷଣ କରିବାକୁ ଅଛି । କିଅବା ହୋଇପାରେ ତାଙ୍କ ଉଦ୍ଦେଶ୍ୟ ବାରମ୍ବାର ବାରମ୍ବାର ପୁନରାବୃତ୍ତି କରି ତାଙ୍କୁ ବ୍ୟତିବ୍ୟସ୍ତ କରିବା ଦ୍ଵାରା, ସେ ତାଙ୍କ ପ୍ରାର୍ଥନା ଶୁଣିବେ । ଯିଶାୟ ପୁସ୍ତକର ଅଧ୍ୟାୟ ୬୫:୩୪ ପଦରେ ବକ୍ତା ଏହା କହନ୍ତି; ପୁଣି ଏହା ଘଟିବ ଯେ, ସେମାନେ ଡ଼ାକିବା ପୂର୍ବେ ଆମ୍ଭେ ଉତ୍ତର ଦେବା ଓ ସେମାନେ କଥା କହୁ କହୁ ଆମ୍ଭେ ଶୁଣିବା ।

ତୃତୀୟ ଉତ୍ତମ କାର୍ଯ୍ୟ ଉପବାସ ସମ୍ବନ୍ଧୀୟ ଆଲୋଚନା । ଅନେକ ଭବନ୍ତି ଯେ ଏହା ମାନେ ଖାଦ୍ୟରୁ ଦୂରେଇ ରହିବା । କିନ୍ତୁ ଶବ୍ଦର ପ୍ରକୃତ ବୋଧ ତାହା ନୁହଁ । ଏକ ଉପବାସ ବିଷୟରେ କିଛି ଚିନ୍ତା କରିବାକୁ ୪ଟି ସର୍ତ୍ତପୁରଣ କରିବାକୁ ପଡ଼ିବ । ଜଣେ ବ୍ୟକ୍ତି (୧) ବିନା କିଛି ବିଷୟ କରେ ଯାହା କିଛି (୨) ଆବଶ୍ୟକ କିଅବା କାମନା କରାଯାଇଅଛି (୩) ଏକ ସମୟକାଳ ପାଇଁ (୪) ବଡ଼ ବିଷୟ ସମ୍ପାଦନ କରିବା

ଉଦ୍ଦେଶ୍ୟ ସହ । ଈଶ୍ୱର ତାଙ୍କ ଲୋକମାନଙ୍କୁ ଉପବାସ କରିବାକୁ ଚାହାନ୍ତି, କିନ୍ତୁ ଯିଶାୟ ଭବିଷ୍ୟତବକ୍ତାଙ୍କ ଅନୁସାରେ ଏହା ଖାଦ୍ୟ ନିମନ୍ତେ ନୁହ ।[୬୧] ଯିଶାଇୟ ୫୮:୬-୧୪ ରେ ଉକ୍ତ ପଦଗୁଡ଼ିକ ଅଛି ।

**ଯିଶାଇୟ.୫୮: ୫-୧୪**

ଏହି ପ୍ରକାର ଉପବାସ, ମନୁଷ୍ୟ ଆପଣା ପ୍ରାଣକୁ କ୍ଲେଶ ଦେବା ନିମନ୍ତେ ଏହି ପ୍ରକାର ଦିନ, ଆମ୍ଭେ କ'ଣ ମନୋନୀତ କରିଅଛୁ? ନଳବୃକ୍ଷ ପରି ମସ୍ତକ ନୁଆଁଇବାର, ପୁଣି ଚଟବସ୍ତ୍ର ଓ ଭସ୍ମ ଆପଣା ତଳେ ବିଛାଇବାର, ଏହାକୁ ତୁମ୍ଭେ ଉପବାସ ଓ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ କି ଗ୍ରାହ୍ୟ ଦିନ ବୋଲି କହିବ? ଦୁଷ୍ଟତାରୂପ ବନ୍ଧନ ଫିଟାଇ ଦେବାର, ଯୁଆଳିର ବନ୍ଧନ ମୁକ୍ତ କରିବାର ଓ ଉପଦ୍ରବଗ୍ରସ୍ତ ଲୋକମାନଙ୍କୁ ମୁକ୍ତ କରି ଛାଡ଼ି ଦେବାର, ପୁଣି ପ୍ରତ୍ୟେକ ଯୁଆଳି ଭଗ୍ନ କରିବାର, କ୍ଷୁଧିତ ଲୋକକୁ ତୁମ୍ଭର ଖାଦ୍ୟ ବଣ୍ଟନ କରିବାର, ଓ ତାଡ଼ିତ ଦୁଃଖୀ ଲୋକକୁ ଆପଣା ଗୃହକୁ ଆଣିବାର, ତୁମ୍ଭେ ଉଲଙ୍ଗଙ୍କୁ ଦେଖିଲେ, ତାହାକୁ ବସ୍ତ୍ର ପିନ୍ଧାଇବାର ଓ ତୁମ୍ଭର ନିଜ ବଂଶୀୟ ଲୋକଠାରୁ ଆପଣାକୁ ନ ଲୁଚାଇବାର, ଏହି ପ୍ରକାର ଉପବାସ ଆମ୍ଭେ କି ମନୋନୀତ କରି ନାହୁଁ? ଏହା କଲେ, ଅରୁଣ ତୁଲ୍ୟ ତୁମ୍ଭର ଦୀପ୍ତି ପ୍ରକାଶ ପାଇବ ଓ ତୁମ୍ଭର ଆରୋଗ୍ୟ ଶୀଘ୍ର ଅଙ୍କୁରିତ ହେବ; ପୁଣି, ତୁମ୍ଭର ଧର୍ମ ତୁମ୍ଭର ଅଗ୍ରବର୍ତ୍ତୀ ହେବ; ସଦାପ୍ରଭୁଙ୍କର ପ୍ରତାପ ତୁମ୍ଭର ପଶ୍ଚାଦବର୍ତ୍ତୀ ହେବ । ସେତେବେଳେ ତୁମ୍ଭେ ଡାକିବ ଓ ସଦାପ୍ରଭୁ ଉତ୍ତର ଦେବେ; ତୁମ୍ଭେ ଆର୍ତ୍ତସ୍ୱର କରିବ, ଆଉ ସେ କହିବେ, ଆମ୍ଭେ ଉପସ୍ଥିତ ଅଛୁ । ଯେବେ ତୁମ୍ଭେ ଆପଣା ମଧ୍ୟରୁ ଯୁଆଳି, ଅଙ୍ଗୁଳିତର୍ଜ୍ଜନ ଓ ଅଧର୍ମ ବାକ୍ୟ ଦୂର କର; ପୁଣି, ଯେବେ କ୍ଷୁଧିତର ପ୍ରତି ତୁମ୍ଭର ପ୍ରାଣ ଆକର୍ଷିତ ହୁଏ ଓ ତୁମ୍ଭେ ଦୁଃଖିତର ପ୍ରାଣକୁ ତୃପ୍ତ କର, ତେବେ ଅନ୍ଧକାରରେ ତୁମ୍ଭର ଦୀପ୍ତି ଉଦିତ ହେବ ଓ ତୁମ୍ଭର ଅନ୍ଧକାର ମଧ୍ୟାହ୍ନର ସମାନ ହେବ; ଆଉ, ସଦାପ୍ରଭୁ ନିତ୍ୟ ତୁମ୍ଭକୁ ପଥ କଢ଼ାଇ ନେବେ ଓ ମରୁଭୂମିରେ ତୁମ୍ଭ ପ୍ରାଣକୁ ତୃପ୍ତ କରିବେ ଓ ତୁମ୍ଭ ଅସ୍ଥିସକଳକୁ ବଳିଷ୍ଠ କରିବେ; ତହିଁରେ ତୁମ୍ଭେ ଜଳସିନଚିତ ଉଦ୍ୟାନ ତୁଲ୍ୟ ଓ ଜଳାଭାବ ନ ଥିବା ନିର୍ଝର ତୁଲ୍ୟ ହେବ । ପୁଣି, ତୁମ୍ଭ ବଂଶୀୟ ଲୋକେ ପୁରାତନ ଉତ୍ସନ୍ନ ସ୍ଥାନସକଳ ପୁନର୍ନିର୍ମାଣ କରିବେ; ତୁମ୍ଭେ ପୂର୍ବ କାଳର ଅନେକ ଭିତିମୂଳର ଉପରେ ଗାନ୍ଥିବ; ପୁଣି, ଭଗ୍ନ-ପ୍ରାଚୀର ନିର୍ମାଣକାରୀ ଓ ନିବାସ ନିମନ୍ତେ ପୁନଃ ପଥ ସଂସ୍ଥାପନକାରୀ ବୋଲି ବିଖ୍ୟାତ ହେବ । ତୁମ୍ଭେ ଯେବେ ବିଶ୍ରାମବାର ଲଙ୍ଘନରୁ, ଆମ୍ଭ ପବିତ୍ର ଦିନରେ

---

[୬୧] ପରମେଶ୍ୱର ଘୋଷଣା କରିଅଛନ୍ତି ଯେ, ବର୍ଷକୁ ଥରେ ପ୍ରାୟଶ୍ଚିତ ଦିନେର କେବଳ ଖାଦ୍ୟ ବାବଦେର ଉପବାସ କରିବ ।

ନିଜ ଅଭିଳାଷ ଚେଷ୍ଟାରୁ ଆପଣା ପାଦ ଫେରାଅ; ପୁଣି, ବିଶ୍ରାମବାରକୁ ସୁଖଦାୟକ ଓ ସଦାପ୍ରଭୁଙ୍କ ପବିତ୍ର ଦିନକୁ ଆଦରଣୀୟ ବୋଲି କୁହ; ଆଉ, ନିଜ କାର୍ଯ୍ୟ ନ କରି ଅବା ନିଜ ଅଭିଳାଷର ଚେଷ୍ଟା ନ କରି ଅଥବା ନିଜ କଥା ନ କହି ତାହାକୁ ଆଦର କରିବ: ତେବେ ତୁମ୍ଭେ ସଦାପ୍ରଭୁଙ୍କଠାରେ ଆନନ୍ଦ କରିବ; ପୁଣି, ଆମ୍ଭେ ତୁମ୍ଭକୁ ପୃଥିବୀର ଉଚ୍ଚସ୍ଥଳୀ-ମାନରେ ଆରୋହଣ କରାଇବା; ଆଉ, ତୁମ୍ଭ ପିତା ଯାକୁବର ଅଧିକାର ତୁମ୍ଭକୁ ଭୋଗ କରାଇବା : କାରଣ ସଦାପ୍ରଭୁଙ୍କର ମୁଖ ଏହା କହିଅଛି ।

ଯୀଶୁଙ୍କ ସମୟ କାଳରେ ଲୋକମାନେ ଉପବାସର ଏକ ବଡ଼ ଦିଖାବା କଲେ । ସେମାନେ ଅଖା ବସ୍ତ୍ର ପିନ୍ଧି, ମୁଣ୍ଡରେ ପାଉଁଶ ଢ଼ାଳୁଥିଲେ । ଲୋକମାନେ ଜାଣିଲେ ଈଶ୍ୱରଙ୍କ ଦୟାପ୍ରାପ୍ତ ନିମନ୍ତେ ସେମାନେ ନିଜ ଇଚ୍ଛାରେ ତାଡ଼ନା ଦେଉଥିଲେ । ଜଣେ ମୁଖମଳିନ ବ୍ୟକ୍ତିଙ୍କ ସମ୍ମୁଖରେ ଏକ ଖୁସି ଚେହେରା ସହ ଆପଣାକୁ ପ୍ରକାଶ କରିବାକୁ ଯୀଶୁ ଶିଷ୍ୟମାନଙ୍କୁ କହନ୍ତି । ଏହାର କାରଣ ଏହା ଯେ, ଲୋକମାନେ ମୁଖ ପ୍ରକାଶନକୁ ମୁଖ ପ୍ରକାଶନକୁ ପଢ଼ିବାକୁ ସମର୍ଥ ଅଟନ୍ତି । ଏକ ମଳିନ ମୁଖ ଦୁଃଖ କିଅବା ତାଡ଼ନାକୁ ସୂଚନା ଦିଏ । ଯେବେ ଲୋକେ ମଳିନ ମୁଖ ଦେଖନ୍ତି, ସାଧାରଣତଃ ଏହାର କାରଣ ପଚାରନ୍ତି । ତେବେ କପଟି ତାଙ୍କ ଘୋଷଣା ଦ୍ୱାରା ଆପଣା ନମ୍ରତା ଅବସ୍ଥାକୁ ଧ୍ୟାନ ଆକର୍ଷଣ ସୁଯୋଗ ପାଏ ଓ କହେ ଆହା...... ମୁଁ ଏହାର ଓ ତାହାର ମଙ୍ଗଳ ନିମନ୍ତେ ଉପବାସ କରୁଅଛି । ମନୁଷ୍ୟ ଆପଣା ଚେଷ୍ଟାକୁ ପ୍ରସଂଶା କରିପାରେ କିନ୍ତୁ ଈଶ୍ୱର ସମ୍ମାନିତ ହୁଅନ୍ତି ନାହିଁ । ଏହା ପ୍ରକାଶିତ ହୁଏ ଯେ ତାଙ୍କ ଭାଗ୍ୟରେ ଈଶ୍ୱରଙ୍କ ହସ୍ତ କାର୍ଯ୍ୟକାରି ହେବା ନିମନ୍ତେ ବ୍ୟକ୍ତିଙ୍କର ନମ୍ରତା ଆବଶ୍ୟକ ଅଟେ । ଏକ ମଳିନ ମୁଖ ନିରାଶତାକୁ ମଧ୍ୟ ପ୍ରକାଶ କରେ ଓ ତାଙ୍କ ଅବସ୍ଥାରେ ଈଶ୍ୱରଙ୍କ କାର୍ଯ୍ୟ ଉପରେ ବିଶ୍ୱାସର ଅଭାବ ।

ଅନ୍ୟ ପକ୍ଷରେ ଏକ ଖୁସି ସହ ଅନ୍ତରରୁ ଉଜାଗାର ଉଜ୍ଜଳିତ ଆନନ୍ଦକୁ ସୁଚିତ କରେ । ଏହି ବ୍ୟକ୍ତି ଆଶା ଓ ଭରଷାର ପୁର୍ଣ୍ଣ ଅଟେ ଯାହା ପରିଛିତ ମଧ୍ୟରେ ଈଶ୍ୱର କାର୍ଯ୍ୟ କରିବେ । ଲୋକମାନେ ମଧ୍ୟ ଜାଣିବାକୁ ଚାହାନ୍ତି, କାହିଁକି ଜଣେ ବ୍ୟକ୍ତି ଆନନ୍ଦିତ ଅଟେ । ଏହା ପିତରଙ୍କ ଉତ୍ସବ ଜନକ ବାକ୍ୟ “କିନ୍ତୁ ଖ୍ରୀଷ୍ଟଙ୍କୁ ପ୍ରଭୁବୋଲି ଆପଣଶ ଆପଣା ହୃଦୟରେ ପବିତ୍ର ବୋଲି ମାନ୍ୟ କର । ତୁମ୍ଭମାନଙ୍କ ଠାରେ ଥିବା ଭରଷାର କାରଣ ସମ୍ବନ୍ଧରେ ଯେକେହି ପ୍ରଶ୍ନ କରେ, ତାହାକୁ ପ୍ରତ୍ୟୁତ୍ତର ଦେବାକୁ ପ୍ରସ୍ତୁତ ରୁହ, କିନ୍ତୁ ନମ୍ର ଭାବରେ ଓ ଉଭୟରେ ଉତ୍ତମବିବେକ ସହ ଉତ୍ତର ଦିଅ ।

ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ଏସବୁ ଉତ୍ତମ କାର୍ଯ୍ୟ ଗୁପ୍ତରେ କରିବାକୁ କହୁଥିଲେ କାରଣ ସେମାନଙ୍କ ବାପା ଯିଏ ଗୁପ୍ତରେ ଦେଖନ୍ତି, ସେମାନଙ୍କୁ ପୁରସ୍କୃତ କରିବେ । ସେମାନେ ସେମାନଙ୍କ ଗୌରବ, ପ୍ରସଂଶା ଓ ସମ୍ମାନ ତାହାଙ୍କଠାରୁ ପାଇବେ । ଏକ କପଟିର ବିପରୀତରେ ଜଣେ ଶିଷ୍ୟଙ୍କ ଉତ୍ତମ କାର୍ଯ୍ୟ କରିବାର ଅଭିପ୍ରାୟ ନମ୍ରତା ମୂଳଦୁଆରେ ଆଧାରିତ । ସେ ପ୍ରଶଂସା ପାଇବା ନିମନ୍ତେ ଈଶ୍ୱରଙ୍କ ପ୍ରତି ପ୍ରେମର ମୁଳଦଆରେ ଆଧାରିତ ।

ଉତ୍ତମକାର୍ଯ୍ୟ କରିବାରେ ସବୁବେଳେ ଏକ ବଳିଦାନ ଜୀବନର ଆବଶ୍ୟକ ହୁଏ । ଦାନରେ ଅର୍ଥ, ପ୍ରାର୍ଥନରେ ସମୟ ଏବଂ ଉପବାସରେ ଖାଦ୍ୟ କିଅବା ଅନ୍ୟକିଛି । ଶେଷରେ ସମସ୍ତ ଉତ୍ତମ କାର୍ଯ୍ୟଗୁଡ଼ିକର ପ୍ରତିଫଳ ସେମାନଙ୍କ ପାଇ ଏକ ପୁରସ୍କାର ଅଟେ, ଯିଏ ଏ ସମସ୍ତ କାର୍ଯ୍ୟ କରିଥାଏ । କପଟୀ ନିମନ୍ତେ ଏହା ଲୋକଙ୍କଠାରୁ ପ୍ରସଂଶା ଓ ଶିଷ୍ୟପାଇଁ ଏହା ସ୍ୱର୍ଗରେ ଗଚ୍ଛିତ ତାଙ୍କ ଧନ ଅଟେ ।

**ଦଳିୟ ଆଲୋଚନା:**

- ❖ ଅଭିନୟ କର୍ତ୍ତାମାନେ କାହିଁକି ସମାଜରେ ଅତ୍ୟଧିକ ଶୁଭେଚ୍ଛା ପାଇଥାନ୍ତି ।
- ❖ ତମେ ପାଇଥିବା ସଂସ୍ଥାନକୁ ବର୍ଣ୍ଣନା କର ଏବଂ ଏହା ତୁମ୍ଭକୁ କିପରି ଅନୁଭବ କରିବାକୁ ଦେଲା...କୁହ ।

**ପାଠର ମୂଳ ଶିକ୍ଷା:**

<u>ତୁମ୍ଭର ଉତ୍ତମକାର୍ଯ୍ୟ ପାଇ ଏକ ଅତିଉତ୍ତମ ପୁରସ୍କାର ପ୍ରାପ୍ତକର</u> ।

**ପ୍ରୟୋଗ:**

ଆସନ୍ତା ସଭାପୂର୍ବରୁ ଏକ ଉତ୍ତମ କାର୍ଯ୍ୟକର ଓ ଏହା ବିଷୟରେ କାହାକୁ କୁହନାହିଁ ।

## ପାଠ-୧୨
## ପ୍ରାର୍ଥନା

**ଆଇସବ୍ରେକର ଦଳ:**

ଗୋଟିଏ ଛୁଆଭଳି ତମେ କେବେ ପ୍ରାର୍ଥନା କରିଛ ଓ ଯଦି ହଁ, ସେଗୁଡ଼ିକ ସ୍ମରଣ କରିପାରିବ କି ?

**ଉପକ୍ରମ:**

ପୂର୍ବ ପାଠରେ "ପ୍ରାର୍ଥନା" ଏକ ବିଷୟ ଯାହା ଆମେ ଆଲୋଚନା କରିଥିଲୁ । କପଟୀ ଓ ବିଜାତୀୟମାନଙ୍କ ବିପରୀତ କିପରି ପ୍ରାର୍ଥନା କରିବାକୁ ହେବ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ । ପ୍ରାର୍ଥନାର ଆଲୋଚନା ମଧ୍ୟରେ ଆହେ ଆମ୍ଭମାନଙ୍କ ସ୍ୱର୍ଗତଃ ପିତା କିଅବା ସ୍ୱର୍ଗତଃ ପ୍ରାର୍ଥନା କିପରି ଜଣାଯାଇଅଛି ସେ ଶିଷ୍ୟମାନଙ୍କୁ କହିଲେ । ଏଥିରେ ଅଭିମତ ଏହା ଯେ ବିଜାତିମାନଙ୍କ ପ୍ରାର୍ଥନାରୁ ସମ୍ପୁର୍ଣ୍ଣ ବିପରୀତ ଅଟେ ଏବଂ ଯୀଶୁ ଏହାର ଏକ ନିର୍ଦ୍ଦିଷ୍ଟ ଚିନ୍ତାକୁ ସ୍ୱତନ୍ତ୍ର ରୂପେ ଦୃଷ୍ଟି ଦେଲେ ।

**ଶାସ୍ତ୍ରପାଠ:**

**ପ୍ରାର୍ଥନା**

**ପାର୍ବତୀୟ ପ୍ରଚାର**

**ମାଥିଉ.୬ :୨-୧୫**

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ଏଣୁ ଦାନ କରିବା ସମୟରେ କପଟୀମାନଙ୍କ ପରି ନିଜ ସମ୍ମୁଖରେ ତୂରୀ ବଜାଅ ନାହିଁ; ସେମାନେ ଲୋକମାନଙ୍କଠାରୁ ଗୌରବ ପାଇବା ପାଇଁ ସମାଜଗୃହରେ ଓ ଦାଣ୍ଡରେ ସେପ୍ରକାର କରନ୍ତି । ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସେମାନେ ଆପଣା ଆପଣା ପୁରସ୍କାର ପାଇଅଛନ୍ତି । କିନ୍ତୁ ତୁମ୍ଭେ ଦାନ କରିବା ସମୟରେ ତୁମ୍ଭର ଦକ୍ଷିଣ ହସ୍ତ କଅଣ କରୁଅଛି, ତାହା ତୁମ୍ଭର ବାମ ହସ୍ତ ନ ଜାଣୁ, ଯେପରି ତୁମ୍ଭର ଦାନ ଗୋପନରେ ହେବ, ଆଉ ତୁମ୍ଭର ପିତା ଯେ ଗୋପନରେ ଦେଖନ୍ତି, ସେ ତୁମ୍ଭକୁ ଫଳ ଦେବେ । ପ୍ରାର୍ଥନା କରିବା ସମୟରେ କପଟୀମାନଙ୍କ ପରି ହୁଅ ନାହିଁ, କାରଣ ସେମାନେ ଲୋକ ଦେଖାଇବା ପାଇଁ ସମାଜଗୃହ ଓ ଛକକୋଣରେ ଠିଆ ହୋଇ ପ୍ରାର୍ଥନା କରିବାକୁ ଭଲ ପାଆନ୍ତି; ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସେମାନେ ଆପଣା ଆପଣା ପୁରସ୍କାର ପାଇଅଛନ୍ତି । କିନ୍ତୁ ତୁମ୍ଭେ ପ୍ରାର୍ଥନା କରିବା ସମୟରେ ତୁମ୍ଭର ଗୁପ୍ତ କୋଠରିରେ ପ୍ରବେଶ କର, ପୁଣି ତୁମ୍ଭର ଦ୍ୱାର ରୁଦ୍ଧ କରି ଗୋପନରେ ଥିବା ତୁମ୍ଭ ପିତାଙ୍କ ଛାମୁରେ ପ୍ରାର୍ଥନା କର; ଆଉ ତୁମ୍ଭର ପିତା ଯେ ଗୋପନରେ ଦେଖନ୍ତି, ସେ ତୁମ୍ଭକୁ ଫଳ ଦେବେ । ପୁଣି, ପ୍ରାର୍ଥନା କରିବା ସମୟରେ

ବିଜାତୀୟମାନଙ୍କ ପରି ଅନର୍ଥକ ପୁନରୁକ୍ତି କର ନାହିଁ, କାରଣ ସେମାନେ ବହୁତ କଥା କହିବାରୁ ସେମାନଙ୍କ ପ୍ରାର୍ଥନା ଶୁଣାଯିବ ବୋଲି ମନେ କରନ୍ତି । ଏଣୁ ସେମାନଙ୍କ ପରି ହୁଅ ନାହିଁ, କାରଣ ତୁମ୍ଭମାନଙ୍କର କଅଣ ପ୍ରୟୋଜନ, ମାଗିବା ପୂର୍ବରୁ ତୁମ୍ଭମାନଙ୍କର ପିତା ଈଶ୍ୱର ତାହା ଜାଣନ୍ତି । ଅତଏବ, ତୁମ୍ଭେମାନେ ଏହି ପ୍ରକାରେ ପ୍ରାର୍ଥନା କର, ହେ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା, ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ ହେଉ । ତୁମ୍ଭର ରାଜ୍ୟ ଆସୁ । ଯେପରି ସ୍ୱର୍ଗରେ, ସେପରି ପୃଥିବୀରେ ତୁମ୍ଭର ଇଚ୍ଛା ସଫଳ ହେଉ । ଆଜି ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ । ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧୀମାନଙ୍କୁ କ୍ଷମା କରିଅଛୁ, ସେପରି ଆମ୍ଭମାନଙ୍କର ଅପରାଧସବୁ କ୍ଷମା କର । ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ, ମାତ୍ର ମନ୍ଦରୁ ରକ୍ଷା କର । ଯେଣୁ ରାଜ୍ୟ, ପରାକ୍ରମ ଓ ଗୌରବ ଯୁଗେ ଯୁଗେ ତୁମ୍ଭର । କାରଣ ଯେବେ ଲୋକମାନଙ୍କର ଅପରାଧସବୁ କ୍ଷମା କର, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ତୁମ୍ଭମାନଙ୍କୁ ମଧ୍ୟ କ୍ଷମା କରିବେ ।

**ଦଳୀୟ ଆଲୋଚନା:**

୧. କ'ଣ ଆପଣ ଭାବନ୍ତି, ସ୍ୱର୍ଗସ୍ଥ ପ୍ରାର୍ଥନାକୁ ବାରମ୍ବାର ବୋଲିବା ଦ୍ୱାରା ବିଜାତୀୟମାନଙ୍କ ପରି ଅନର୍ଥକ ପୁନରାବୃତ୍ତି କରି ଆମେ ଦୋଷି ଅନୁଭବ କରୁ ? କାହିଁକି ଅବା କାହିଁକି ନାହିଁ ?

**ଆଦେଶ:**

❖ ତେବେ ଏହିପରି ପ୍ରାର୍ଥନା କର !

**ଶିକ୍ଷଣୀୟ ବିଷୟ:**

ଯୀଶୁ ପ୍ରାର୍ଥନା ବିଷୟରେ ଶିକ୍ଷା ଦେଉଅଛନ୍ତି । ଶିଷ୍ୟମାନେ ଯାହା କହୁ ଅଛନ୍ତି । ସେ ସମସ୍ତ ଶବ୍ଦଗୁଡ଼ିକ ପଛର ଆତ୍ମିକ ବ୍ୟବସ୍ଥାଗୁଡ଼ିକ ଜାଣିବା ନିମନ୍ତେ, ଯୀଶୁ ସେମାନଙ୍କୁ ଆଗ୍ରହ କରନ୍ତି । ପ୍ରାର୍ଥନାର ଅର୍ଥ ଦୋହରାଇବା କିଅବା ଅର୍ଥହୀନ ପୁନରାବୃତ୍ତି ନୁହଁ । ଏହା ସହ ଏକ ଆକର୍ଷଣୀୟ ପ୍ରାର୍ଥନାକାରୀ ହୋଇ ଈଶ୍ୱରଙ୍କ ସମ୍ମୁଖକୁ ଯିବା ନିମନ୍ତେ ସ୍ୱର୍ଗସ୍ଥ ପ୍ରାର୍ଥନା ମଧ୍ୟ ଏକ ଉତ୍ତମରୁପରେଖା । ଏହା ଏକ ପରିଚୟ, ପ୍ରସଂଶା ଓ ପ୍ରାର୍ଥନାର ସମଷ୍ଟି ଅଟେ ।

"ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା," ପରିଚୟ ଆଟେ । ଆମ୍ଭମାନଙ୍କ ପିତା ବ୍ୟବହାର କରିବାରେ ଇଙ୍ଗିତ କରେ ଯେ ଏଠାରେ ପରିବାର ଅନ୍ତର୍ଭୁକ୍ତ ଅଟେ । ଏହା ସୂଚନା ଦିଏ ଯେ ପ୍ରତ୍ୟେକ ଶିଷ୍ୟ ଏକ ଚୁଆର ସମ୍ପର୍କରେ ଅଛନ୍ତି ଆଉ ସେମାନଙ୍କର ଭାଇ ଓ ଭଉଣୀମାନେ ଅଛନ୍ତି । ବାସ୍ତବରେ ତାଙ୍କ ଭାଇ ଓ ଭଉଣୀମାନଙ୍କ ପ୍ରତି ପ୍ରକାଶିତ ପ୍ରେମ, ତାଙ୍କ ପ୍ରାର୍ଥନାରେ ସେ ସମିଳିତ କରୁଅଛନ୍ତି । ପରିଚୟ ସିଧା ସ୍ୱର୍ଗସ୍ଥ ପିତାକୁ ଇଙ୍ଗିତ କରାଯାଇଅଛି, ଆଉ ତେଣୁ କୌଣସି ପ୍ରକାର ଶିଷ୍ୟମାନଙ୍କ ଶାରିରିକ ପିତା ସମ୍ବନ୍ଧିୟ ସନ୍ଦେହ କଦାଚିତ ଯୁହେ ଯେହେତୁ ସେମାନଙ୍କ ମଧ୍ୟରୁ କିଛି ଏବେ ପର୍ଯ୍ୟନ୍ତ ଜଗତରେ ବଞ୍ଚିଛନ୍ତି । ଏହା ଚିହ୍ନଟ କରେ ଯେ ଈଶ୍ୱର ସେମାନଙ୍କ ସୃଷ୍ଟିକର୍ତ୍ତା (ପିତା) ଅଟନ୍ତି ଆଉ ତାହା ସମ୍ମାନ ଓ ଆଜ୍ଞାବହତା ମାଂଗ କରେ ।

"ତୁମ୍ଭନାମ ପୂଜା ହେଉ" ପ୍ରସଂଶା ଅଟେ । ପୂଜା ଶବ୍ଦର ଅର୍ଥ ପରୀକ୍ଷିତ କିଅବା ପବିତ୍ର । ଏହା କହିବା ଦ୍ୱାରା ଶିଷ୍ୟମାନେ ଘୋଷଣା କଲେ ଯେ, ଈଶ୍ୱରଙ୍କ ନାମ ପବିତ୍ର, ଯେ କୌଣସି ଅଶୁଚି ବସ୍ତୁଠାରୁ ମୁକ୍ତ ବା ପୃଥକୀକୃତ ।  ତାଙ୍କ ସନ୍ତାନ ଭାବରେ ସେମାନେ ଜାଣିବା ଦରକାର ଯେ, ସେମାନେ ତାଙ୍କ ନାମ ବହନ କରିଅଛନ୍ତି । ଏହା ସହ ତାଙ୍କ ନାମ ନିମନ୍ତେ ବଂଚିବାର ଏକ ଦାୟିତ୍ୱ ଆସିଯାଏ ।

ପ୍ରଥମ "ପ୍ରାର୍ଥନା" "ତୁମ୍ଭ ରାଜ୍ୟ ଆସୁ" ଯେପରି ସ୍ୱର୍ଗରେ, ସେହିପରି ପୃଥିବୀରେ ତୁମ୍ଭ ଇଚ୍ଛା ସଫଳ ହେଉ । ଶିଷ୍ୟମାନେ ଜାଣନ୍ତି ଯେ, ଈଶ୍ୱରଙ୍କ ଇଚ୍ଛା ପୃଥିବୀରେ ଏ ପର୍ଯ୍ୟନ୍ତ ସାଧନ ହୋଇନାହିଁ ଆଉ ତାଙ୍କରି ସମ୍ପର୍ଣ୍ଣ ସାଧନ ବିସ୍ତାର କରିବା ଦ୍ୱାରା ପୃଥିବୀକୁ ଆର୍ଶିବାଦ କରିବା ନିମନ୍ତେ ନିବେଦନ କରୁଅଛନ୍ତି । (ଈଶ୍ୱରଙ୍କ ରାଜ୍ୟ ନମୟକ ଏକ ବିସ୍ତାରିତ ସମିକ୍ଷା ୧୮ ନମ୍ବର ପାଠରେ ଆଲୋଚନା କରାଯିବ)

ତତ୍ପରେ ସେ ତିନିଗୋଟି ବିଷୟ ନିମନ୍ତେ ନିବେଦନ ପ୍ରାର୍ଥନା କରିବାକୁ ଶିଷ୍ୟମାନଙ୍କୁ ଶିକ୍ଷା ଦିଅନ୍ତି । ଶରୀର ନିମନ୍ତେ ଖାଦ୍ୟ, ପ୍ରାଣ ନିମନ୍ତେ କ୍ଷମା ଓ ଆତ୍ମା ନିମନ୍ତେ ମାର୍ଗଦର୍ଶନ । "ଆଜି ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ" ନିବେଦନ ପ୍ରାର୍ଥନାଗୁଡ଼ିକରେ ପ୍ରଥମ । ଆଜି ଶବ୍ଦ ବ୍ୟବହାର କରିବା ଦ୍ୱାରା ଯୀଶୁ ନିର୍ଦ୍ଦେଶ ଦେଉଅଛନ୍ତି ଯେ ଯେତେଦିନ ଶିଷ୍ୟମାନେ ଜଗତରେ ବଂଚିଅଛନ୍ତି, ସ୍ୱର୍ଗସ୍ଥ ପ୍ରାର୍ଥନା ପ୍ରତିଦିନ କରାଯିବା ଉଚିତ୍ । ଉକ୍ତ ପ୍ରାର୍ଥନା ସୂଚିତ କରେ ଯେ, ଶରୀର ନିମନ୍ତେ ଈଶ୍ୱର ଯୋଗାଣ କର୍ତ୍ତା ।

“ଆମ୍ଭେ ଯେପରି ଆପଣା ଆପଣା ଅପରାଧିମାନଙ୍କୁ କ୍ଷମା କରିଅଛ, ସେହିପରି ଆମ୍ଭମାନଙ୍କ ସକଳ ଅପରାଧ ସବୁ କ୍ଷମାକର ।” ଏହା ପରବର୍ତ୍ତୀ ପ୍ରାର୍ଥନା ଅଟେ । ଏଠାରେ ବ୍ୟବହୃତ ଅପରାଧ ଓ ଅପରାଧୀ ଶବ୍ଦ ଭିନ୍ନ ପ୍ରକାରେ ଅନୁବାଦ କରାଯାଇପାରେ । ଅନ୍ୟ ଶବ୍ଦଗୁଡ଼ିକ ଯାହା ଏହି ଅପରାଧ ଶବ୍ଦ ନିମନ୍ତେ ବ୍ୟବହାର କରାଯାଇପାରେ, ସେଗୁଡ଼ିକ ହେଲା । ଅନ୍ୟ ପାଖକୁ ଖସିଯିବା, ତ୍ରୁଟି, ଲକ୍ଷଚ୍ୟୁତ, ଅନୁପ୍ରବେଶ, ବିପଥଗାମୀ, ପତନ, ତୃଟିପୂର୍ଣ୍ଣ, ବେଆଇନ କାର୍ଯ୍ୟ ଓ ପାପ । ଅପରାଧ ଶବ୍ଦ ପଛର ଧାରଣା ଏପରି କିଛି ବିଷୟ ଯାହା କ୍ଷତି ଜନ୍ମାଏ । ଏକ ଅପରାଧୀ ଜଣେ ଏପରି ବ୍ୟକ୍ତି ଯିଏ ଅନ୍ୟକୁ ବାଧା ଜନ୍ମାଏ । ତେଣୁ ସେ ଯାହାକୁ କ୍ଷତି କରିଥାଏ, ତାଙ୍କୁ ଅପରାଧୀ ହୁଏ । ଯୀଶୁଙ୍କ ପ୍ରାର୍ଥନା ବିଷୟକ ଶିକ୍ଷାରେ ଏହି ନିବେଦନ ଗୁରୁତ୍ୱପୂର୍ଣ୍ଣ ଅଟେ । ପ୍ରାର୍ଥନା ଆଡ଼କୁ ଏକା ସମର୍ପଣ ଦେଖାଇ, ଯୀଶୁ ଭକ୍ତବିନ୍ଦୁ ପ୍ରତି ଶିଷ୍ୟମାନଙ୍କ ଧ୍ୟାନ ଆକର୍ଷଣ କରନ୍ତି । ପ୍ରାର୍ଥନାରେ ବ୍ୟବହୃତ ଶବ୍ଦଗୁଡ଼ିକରୁ, ଶିଷ୍ୟମାନେ ଈଶ୍ୱରଙ୍କୁ କହୁଅଛନ୍ତି ଯେ ତାଙ୍କ ବିରୁଦ୍ଧରେ କରିଥିବା ସମସ୍ତଙ୍କର ପାପ କ୍ଷମା କରିଅଛନ୍ତି । ଯଦି ସେ ସେମାନଙ୍କୁ କ୍ଷମା କରନାହାନ୍ତି, ତେବେ ସେ ଈଶ୍ୱରଙ୍କୁ ମିଥ୍ୟା କହୁଅଛି । ଈଶ୍ୱରଙ୍କୁ ମିଛ କହିବାର ଗଂଭିରତା ଦୁଇଟା ଶିଷ୍ୟ ହାନାନିୟ ଓ ସଫିରାଙ୍କ ମୃତ୍ୟୁରେ ପ୍ରକାଶ ପାଇଅଛି । ପ୍ରେରିତମାନଙ୍କ କ୍ରିୟା ପୁସ୍ତକ.୫:୧-୧୧ ପଦ ।

ଆମର କେତେକ ପାପ ନିମନ୍ତେ ଆମ୍ଭମାନଙ୍କୁ କ୍ଷମା କର, ଯେପରି ଆମ୍ଭେ ଆମ୍ଭମାନଙ୍କ ଅପରାଧୀମାନଙ୍କୁ କ୍ଷମା କରିଅଛୁ । ସେହିପରି କହିବାରେ ଶିଷ୍ୟମାନେ, ଏବେ ମଧ୍ୟ ସେହି ଶବ୍ଦରେ ଫସିଗଲେ । ଗୋଟିଏ ସ୍ଥାନରେ ଏହା ଈଶ୍ୱର ଆମ୍ଭମାନଙ୍କୁ କ୍ଷମାକର, ଯେପରି ଆମେ ଆମ ଅପରାଧିମାନଙ୍କୁ କ୍ଷମାକରି, ପଢ଼ା ଯାଇଅଛି । ଯେବେ ଶିଷ୍ୟମାନେ କରନ୍ତି, ଈଶ୍ୱର କରିବେ । ଦ୍ୱିତୀୟ ସ୍ଥାନରେ (ଆମ୍ଭେମାନେ ଯେପରି ଅନ୍ୟମାନଙ୍କୁ କ୍ଷମା କରୁ, ସେହିପରି ଆମ୍ଭମାନଙ୍କୁ କ୍ଷମା କର, ରୁପେ ବୁଝାଯାଇଅଛି । ଏହି ବିଭିନ୍ନତାରେ ଶିଷ୍ୟମାନେ ଯେପରି ଭାବରେ କଲେ ଈଶ୍ୱର ସେହିପରି କ୍ଷମା କରିବେ । ତେଣୁ, ଶିଷ୍ୟମାନେ ସେହି ପ୍ରକାରେ କ୍ଷମା କରନ୍ତି ନାହିଁ, ତେବେ ଈଶ୍ୱର ମଧ୍ୟ କରିବେ ନାହିଁ ।

ଜଣେ ବ୍ୟକ୍ତି ଯେତେ ଶାସ୍ତ୍ରପାଠ କରୁନା କାହିଁକି, ମୁଦା ସମାନ ଅଟେ ଯଦି ଶିଷ୍ୟମାନେ ଅନ୍ୟମାନଙ୍କୁ କ୍ଷମା କରନ୍ତି ନାହିଁ, ତେବେ ଈଶ୍ୱର ତାଙ୍କୁ କ୍ଷମା କରନ୍ତି ନାହିଁ । କିପରି ଈଶ୍ୱର ଏପରି କିଛି କରିପାରନ୍ତି, ଯେବେ କି ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର କ୍ଷମା ଓ ମେଳ ମିଳାପ ଶିକ୍ଷା ଆଧାରିତ ଅଟେ ? ଈଶ୍ୱର ସବୁବେଳେ କ୍ଷମା ଦେବାକୁ ଚାହାନ୍ତି, କିନ୍ତୁ ଆମେ ଇଚ୍ଛୁକ ଅଟୁକି ?

ଆଉ ଏକା ବିଷୟ ଉକ୍ତ ପ୍ରାର୍ଥନାରୁ ଦେଖାଯାଏ, ଯାହା ପ୍ରାର୍ଥନା ଭୁମିରୁ ହି ଜାତ, ଏହା ତୃତୀୟ ପ୍ରାର୍ଥନା ଅନୁରୋଧ ପୂର୍ବରୁ ଆସେ । ପରୀକ୍ଷାରେ ଆମ୍ଭମାନଙ୍କୁ ଆଣିନାହିଁ, ମାତ୍ର ମନ୍ଦରୁ ରକ୍ଷାକର । ଈଶ୍ୱର ଶିଷ୍ୟଙ୍କୁ ମନ୍ଦତାରୁ ଉଧାର କରିପାରିବେ ନାହିଁ, କାରଣ ସେ କ୍ଷମା କରେ ନାହିଁ ଏବଂ ସେ ତାହା ନକରିବା ପର୍ଯ୍ୟନ୍ତ, ଈଶ୍ୱର ତାଙ୍କୁ କ୍ଷମା କରିବେ ନାହିଁ । ମଣ୍ଡଳୀରେ କ୍ଷମାର ଅଭାବ, ଏକ ବହୁତ ବଡ଼ କାରଣ ଯାହା ଏଥି ମଧ୍ୟରେ ଥିବା ମନ୍ଦତାରୁ ଦୁଃଖ ଉଠେଇ ଆସୁଅଛି । ଉକ୍ତ ଶେଷ ପ୍ରାଥନା ନିବେଦନ ସୁଚିତ କରେ, ଯେ ଈଶ୍ୱର ମନ୍ଦତାରୁ ଆପଣା ଶିଷ୍ୟମାନଙ୍କୁ ରକ୍ଷା କରିବା ନିମନ୍ତେ ସକ୍ଷମ ଅଟନ୍ତି । ପୁଣି ଯେବେ ସେମାନେ ଅନ୍ୟଙ୍କୁ କ୍ଷମା ଦେବା କାର୍ଯ୍ୟରେ ଲିପ୍ତ, ସେମାନଙ୍କୁ ଉଦ୍ଧାର କରନ୍ତି ।

ବାଇବଲର କେତୋଟି ଅନୁବାଦରେ ଦୁଇଟି ଅତିରିକ୍ତ ବାକ୍ୟ ସାମିଲ ହୋଇଅଛି' ଯେଣୁ ରାଜ୍ୟ, ପରାକ୍ରମ ଓ ଗୌରବ ଯୁଗେ ଯୁଗେ ତୁମର । ଆମେନ। ପ୍ରଥମ ବାକ୍ୟରେ ଶିଷ୍ୟମାନେ, ଜାଣନ୍ତି ଯେ ଯାହାଙ୍କୁ ସେମାନେ ପ୍ରାର୍ଥନା କରୁଅଛନ୍ତି, ସେ ଈଶ୍ୱର, ସାର୍ବଭୌମ୍ୟ, ଚିରଜୀଂବି ଓ ସେମାନଙ୍କ ପ୍ରାର୍ଥନାଗୁଡ଼ିକ ପୁରାକରନ୍ତି' ଈଶ୍ୱର, ଯିଏ ତାଙ୍କ ରାଜ୍ୟର ଅଧିକାରୀ ଅଟନ୍ତି, ଦୈନିକ ଆହାର ଦିଅନ୍ତି । ତାଙ୍କରି ଶକ୍ତି ପାପ କ୍ଷମା କରେ ଓ ତାଙ୍କ ଗୌରବ ଲୋକଙ୍କୁ ପ୍ରଲୋଭନ ଆଡ଼କୁ କଢାଇ ନିଏନାହିଁ, କିନ୍ତୁ ସେମାନଙ୍କୁ ମନ୍ଦରୁ ରକ୍ଷା କରେ । ପୁର୍ବ ବାକ୍ୟରେ ଈଶ୍ୱର ପ୍ରତି ପ୍ରେମ ଶବ୍ଦ ବଦଳକରିବା ଦ୍ୱାରା ଏହା ଏପରି ପଢ଼ାଯାଏ । ପ୍ରେମ ଦୈନିକ ଆହାର ପ୍ରଦାନ କେରେ, ପାପ କ୍ଷମା କରେ ଏବଂ ଲୋକଙ୍କୁ ପ୍ରଲଭନ ଆଡକୁ କଢାଇ ନିଏ ନାହିଁ କିନ୍ତୁ ସେମାନଙ୍କୁ ମନ୍ଦରୁ ରକ୍ଷା କରେ । ଈଶ୍ୱରଙ୍କ ରାଜ୍ୟରେ ଏକ ଶିଷ୍ୟଙ୍କ ଉଦେଶ୍ୟ ବିଷୟରେ ଏହା ଆପଣଙ୍କୁ କିଛି ଧାରଣା ଦେଇ ପାରିଛି ?

ଆମେନ ଶବ୍ଦ ସହ ପ୍ରାର୍ଥନା ସମାପ୍ତ ହୁଏ । ଏହାର ଅର୍ଥ ଯେ ବିଷୟ ପକ୍କା ଓ ସତ୍ୟ ଅଟେ ।

**ଦଳୀୟ ଆଲୋଚନା:**

❖ ତମେ କ୍ଷମା ଦେଇନଥିବା ଜଣେ ବ୍ୟକ୍ତିଙ୍କର ନାମ କୁହ । ଆଉ ଦଳକୁ କାହିକି କ୍ଷମା ଦେଇନାହଁ ?

**ଶିକ୍ଷାର ମୂଳ ବିଷୟ:**

ସ୍ୱର୍ଗୀୟ ପ୍ରର୍ଥନାକୁ ଅଭ୍ୟାସ କର ।

**ପ୍ରୟୋଗ:**

ତମେ କ୍ଷମା ଦେଇନଥିବା ସମସ୍ତଙ୍କ ନାମ ଏକ କାଗଜରେ ଲେଖ । ସମସ୍ତଙ୍କୁ କ୍ଷମା ଦେଇ କାଗଜକୁ ପୋଡିଦିଅ । ଉକ୍ତ ପାଉଁସକୁ ପବନରେ ଉଡେଇ ଦିଅ ଯଦ୍ୱାରା ପୂର୍ବ ପଶ୍ଚିମ ଯେତିକି ଦୁର ସେତିକି ଦୁର ପର୍ଯ୍ୟନ୍ତ ଏହା ଉଡ଼ିଯିବ । ତତ୍ପରେ ତମେ ଉଚ୍ଚାରଣ କରୁଥିବା ଶବ୍ଦଗୁଡିକୁ ବୁଝିବା ସହ ସ୍ୱର୍ଗୀୟ ପ୍ରାର୍ଥନା କର ।

## ପାଠ-୧୩

## ଧନ ଅର୍ଜର୍ନ କରିବା

**ଆଇସବ୍ରେକର ଦଳ:**

ଦୃଷ୍ଟି ଲୋକଙ୍କୁ ଶିକ୍ଷିବା ନିମନ୍ତେ ସାହାଯ୍ୟ କରିଥାଏ । ଯଦି ତୁମ୍ଭ ପାଖରେ ଧନ ସମ୍ପତି ଭଣ୍ଡା ଅଛି, ସଭା ନିକଟକୁ ଆଣ ଏବଂ ଏହାର ଅଭିପ୍ରାୟ କ'ଣ ଦଳକୁ ପଚାର । ଏହା ଚିହ୍ନଟ ହେଲାପରେ, ଦଳକୁ ପଚାର ଏକ ଧନ ମମ୍ପତି ଭଣ୍ଡା କ'ଣ ପାଇଁ । ପୁଣି ପ୍ରଶ୍ନ କର, ଏକ ପିଲା ରୁପେ ତୁମର ଅତି ମୁଲ୍ୟବାନ ଧନ କ'ଣ ? ଏବଂ କାହିଁକି ?

**ଉପକ୍ରମ:**

ଯୀଶୁଙ୍କ ପାର୍ବତୀୟ ପ୍ରଚାର ସ୍ଥିର ଥାଏ ।

**ଶାସ୍ତ୍ର ପାଠ:**

**ଧନ ସଞ୍ଚୟ କରିବା**

**ପାର୍ବତୀୟ ପ୍ରଚାର**

**ମାଥିଉ.୬:୧୯–୨୩**

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ କରେ, ପୁଣି ଚୋରମାନେ ସିନ୍ଧି କାଟି ଚୋରି କରନ୍ତି, ଏପରି ପୃଥିବୀରେ ଆପଣା ଆପଣା ନିମନ୍ତେ ଧନ ସ*ୟ କର ନାହିଁ; ମାତ୍ର ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ ନ କରେ ଏବଂ ଚୋରମାନେ ସିନ୍ଧି କାଟି ଚୋରି ନ କରନ୍ତି, ଏପରି ସ୍ୱର୍ଗରେ ଆପଣା ଆପଣା ନିମନ୍ତେ ଧନ ସ*ୟ କର, କାରଣ ଯେଉଁଠାରେ ତୁମ୍ଭର ଧନ, ସେହିଠାରେ ମଧ୍ୟ ତୁମ୍ଭର ମନ । ଚକ୍ଷୁ ଶରୀରର ପ୍ରଦୀପ । ଏଣୁ ତୁମ୍ଭର ଚକ୍ଷୁ ଯେବେ **ନିର୍ମଳ**[୬୨] ଥାଏ, ତେବେ ତୁମ୍ଭର ସମସ୍ତ ଶରୀର ଆଲୋକମୟ ହେବ । କିନ୍ତୁ ତୁମ୍ଭର ଚକ୍ଷୁ

---

[୬୨] **ଚକ୍ଷୁ ସ୍ୱଷ୍ଟ** ଅଟେ (ଉତ୍ତମ) ଏହାର ଅର୍ଥ ହେଲା ହୃଷ୍ଟଚିତ ହେବା (ହିତୋ ୨୨:) କହେ । ଏକ ଦାନ ଶିଳତା ଦୃଷ୍ଟି ରଖିବା ବ୍ୟକ୍ତି ଧନ୍ୟ ଅଟେ, କାରଣ ସେ ଗରିବ ମାନଙ୍କୁ ରୋଟି ଦିଏ ।

ଯେବେ **ଦୂଷିତ**[୬୩] ଥାଏ, ତେବେ ତୁମ୍ଭର ସମସ୍ତ ଶରୀର ଅନ୍ଧକାରମୟ ହେବ । ଅତଏବ, ତୁମ୍ଭ ଅନ୍ତରସ୍ଥ ଜ୍ୟୋତିଃ ଯେବେ ଅନ୍ଧକାର ହୁଏ, ତେବେ ସେହି ଅନ୍ଧକାର କେଡ଼େ ଘୋରତର !

**ଆଦେଶ:**

- ❖ ପୃଥିବୀ ପୃଷ୍ଠରେ ଧନ ସମ୍ପତି ଉପରେ ଆଉଜି ପଡ଼ନାହିଁ ।
- ❖ କିନ୍ତୁ ନିଜକୁ ସ୍ୱର୍ଗିୟ ଧନରେ ସ୍ଥାପନ କର ।

**ଦଳୀୟ ଆଲୋଚନା:**

୧. ଶାସ୍ତ୍ର ଅନୁସାରେ କେଉ ଦୁଇଟି ସ୍ଥାନରେ ଧନ ସଞ୍ଚୟ କରାଯାଇ ପାରେ ଉତ୍ତମ ରୁପେ ପଢ଼ ?

କ. ପୃଥିବୀ

ଖ. ସ୍ୱର୍ଗ

୨. କିଛି ଧନର ନାମ ଉଲ୍ଲେଖ କର, ଯାହା ପୃଥିବୀରେ ସଂଞ୍ଚୟ କରାଯାଇ ପାରିବ ।

କ. ସୁନା    ଖ. ରୁପା    ଗ. ମୁଲ୍ୟବାନ ଗହଣା    ଘ. ଅର୍ଥ

ଙ. ପୋଷାକ    ଚ. ଘରଦ୍ୱାର    ଛ. ଗାଡ଼ି    ଜ. ଆସବା ପତ୍ର

ଞ. ବିଭିନ୍ନ ବୟସ ପୁଅ ଝିଅ ମାନଙ୍କ ପାଇଁ ବିଭିନ୍ନ ପ୍ରକାର ଖେଳନା ।

**ଶିକ୍ଷା–ଭାଗ୧ :**

ଯୀଶୁ ପ୍ରାୟ ସମସ୍ତ ଶିକ୍ଷା, ସେ ପ୍ରାଥମିକ ସ୍ତରରୁ ଆରମ୍ଭ କରନ୍ତି । ତତ୍‌ପରେ ଶ୍ରବଣ କର୍ତ୍ତାଙ୍କୁ ଏକ ଗଭୀର ସ୍ତର ଆଡ଼କୁ ଗତି କରାନ୍ତୁ ଓ ତାପରେ ମୁଖ୍ୟ ବିଷୟ ଆଡ଼କୁ । ଏହି ବିଷୟ ସହ ଏହା କୌଣସି ଭିନ୍ନତା ନାହିଁ । ଆଉ ଯେପରି ଶିଷ୍ୟମାନେ ତାଙ୍କ ପ୍ରଥମ ବାକ୍ୟକୁ ବୁଣନ୍ତି, ସହଜରେ ଏହାର ଅର୍ଥ ବୁଝିପାରିଲେ ।

---

[୬୩] **ଚକ୍ଷୁ ମନ୍ଦ** ଅଟେ । ଏହାର ଅର୍ଥ, ଲୋଭି ହେବା (ହିତୋ ୨୮: ୨୨ ) କହେ ଯେଉଁ ଜନ ଶିଘ୍ର ଧନୀ ହେବାକୁ କୁହେ, ସୋମଳ ଦୃଷ୍ଟି ରଖେ । ଗହବତା ଆସିବ ବୋଲି, ବିବେଚନା କରେ ନାହିଁ । କିନ୍ତୁ ଉକ୍ତ ବହୁମୁଲ୍ୟ ବସ୍ତୁ ଆଜି ପର୍ଯ୍ୟନ୍ତ ପୃଥିବୀର ପଡ଼ି ରହିଛି । ତେବେ ଶିଷ୍ୟମାନେ କିପରି ପୃଥିବୀର ସେମାନଙ୍କ ଧନ ସମ୍ପତି ନେଇ ସ୍ୱର୍ଗକୁ ଯିବେ ? ଈଶ୍ୱର କ'ଣ ସେସବୁ କଡ଼ି କରିଅଛନ୍ତି ।

ସାଧାରଣ ବସ୍ତୁ ନୁହ, ଧନ ସମ୍ପତ୍ତି, ମୁଲ୍ୟବାନ ବସ୍ତୁଗୁଡ଼ିକ ବିଷୟ ସହ ଯୀଶୁ ଆଲୋଚନାକୁ ଆରମ୍ଭ କରୁ କରୁ ସେ ଜୀବନର ଆବଶ୍ୟକତା ବିଷୟରେ କହୁ ନାହାନ୍ତି । ସାଧାରଣ ରୁପେ ଯାହା ଦୈନନ୍ଦିନ ଜୀବନରେ ବ୍ୟବହାର ହୋଇ ଆସୁଅଛି । ସେଗୁଡ଼ିକୁ କୀଟ କିଅବା କଲକିତ ହୋଇ ନଷ୍ଟ ହୁଏନାହିଁ କାରଣ ତାହା ପଡ଼ି ରହେନାହିଁ । ପୁଣି ଚୋରମାନେ ସାଧାରଣତଃ ଯେଉଁଠାରେ କିଛି ନଥାଏ, ସେହି ସ୍ଥାନରେ ଯୋଖିମ ଉଠାଇ, କିଛି ଉଠାଇବା ଉଦେଶେ ତୋଡ଼ଫୋଡ଼ କରନ୍ତି ନାହିଁ । ଉଦାହରଣ ସ୍ୱରୂପ ଚୋରମାନେ ତୋଡ଼ ଫୋଡ଼ କରି ଟଙ୍କା ଚୋରି କରିପାରନ୍ତି କିନ୍ତୁ ସାଧାରଣ ରୂପେ ତୁମର ଭିତର କପଡ଼ା ନୁହଁ ।

**ଦଳୀୟ ଆଲୋଚନା:**

- ଧନ ସମ୍ପତ୍ତି ପ୍ରାପ୍ତ କରିବାକୁ ଜଣେ ବ୍ୟକ୍ତିଙ୍କୁ କେତେ କଷ୍ଟ କରିବାକୁ ପଡ଼େ ?
- କେତେ ହେଲେ ଯଥେଷ୍ଟ ହେବ ?

**ଶିକ୍ଷା – ଦ୍ୱିତୀୟ ଭାଗ**

ଯୀଶୁଙ୍କ ପରବର୍ତ୍ତୀ ଆଦେଶ ଶିଷ୍ୟମାନଙ୍କ ଏକ ଗଭୀର ସ୍ତରର ଚିନ୍ତା କରିବାକୁ ବାଧ କରେ । ମାତ୍ର ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ ନକରେ ଏବଂ ଚୋରମାନେ ସିନ୍ଧିକାଟି ଚୋରି ନ କରନ୍ତି । ଏପରି ସ୍ୱର୍ଗରେ ଆପଣା ଆପଣା ନିମନ୍ତେ ଧନ ସଞ୍ଚୟ କର । ଏହା କିଛି ସମସ୍ୟା ଗୁଡ଼ିକୁ ଜାତ କରେ । ପ୍ରାଚୀନମାନଙ୍କ ଠାରୁ ଫାରୋଙ୍କ ପର୍ଯ୍ୟନ୍ତ, ପରବର୍ତ୍ତନ ଜୀବନ ନିମନ୍ତେ ଅତି ମୁଲ୍ୟବାନ ବସ୍ତୁ ସହ ସମାଧି ଦିଆଯାଉ ଥିଲା ।

ଦ୍ୱିତୀୟରେ ଆଉ ଏକ ସମସ୍ୟା ମନକୁ ଆସେ । ପ୍ରଥମ ଆଦେଶରେ ଜଣାପଡ଼େ ଯେ ସେ ଶିଷ୍ୟମାନଙ୍କୁ ସଂଚୟକାରୀ କିମ୍ବା ଜମାକାରୀ ନ ହେବାକୁ କୁହନ୍ତି, କିନ୍ତୁ ବର୍ତ୍ତମାନ ସେମାନଙ୍କ ପ୍ରକୃତରେ କ'ଣ କରିବାକୁ ହେବ ତାହା ସେ ପ୍ରକାଶ କରନ୍ତି । ଜଣାପଡୁଛି, ଏହା ଏକ ସ୍ଥାନର ବିଷୟ, ଯେଉଁଠି ସେ ସେମାନଙ୍କୁ ଧନ ସଂଚୟ କରିବାକୁ ଚାହାଁନ୍ତି । କିନ୍ତୁ ସୁନା, ରୁପା ଓ ମୁଲ୍ୟବାନ ଅଳଙ୍କାର ସ୍ୱର୍ଗରେ କେତେ ଉତ୍ତମ ? ପ୍ରକୃତରେ ଯୀଶୁ ଏହାଠାରୁ କିଛି ବଡ଼ ବିଷୟରେ କହୁଅଛନ୍ତି । ସ୍ୱର୍ଗର ଧନ ଅନନ୍ତ ମୁଲ୍ୟ ହେବା ଉଚିତ୍ ।

ଉକ୍ତ ଅନନ୍ତ ଧନ ପରୋକ୍ଷ ଭାବରେ ସାରା ଶାସ୍ତ୍ରରେ ଉଲ୍ଲେଖ କରାଯାଇଅଛି ଏବଂ ଏସବୁ ବିଷୟ ପାଉଲ ପ୍ରଥମ କରିନ୍ତୀୟ ପୁସ୍ତକରେ କିନ୍ତୁ ବିଶ୍ୱାସ, ଭରସା, ପ୍ରେମ, ଏହି ତିନି ସ୍ଥାୟୀ ଅଟେ, ଆଉ ଏମାନଙ୍କ ମଧ୍ୟରେ ପ୍ରେମ ଉତ୍କୃଷ୍ଟ । ବିଶ୍ୱାସ ସୁନାପରି, ଭରଷା ରୁପା ପରି ଓ ପ୍ରେମ ଅମୁଲ୍ୟ ଅଳଂଙ୍କାର ପରି । ବିଶ୍ୱାସ ସୁନାପରି, ଯାଆ ଅଗ୍ନିଦ୍ୱାରା ବିଶୁଦ୍ଧ ହୁଏ । ଭରଷା ରୁପା ପରି ମଇଳା ଦୂର କରିବା ଦ୍ୱାରା ବିଶୁଦ୍ଧ କରାଯାଏ । ପ୍ରେମ ବହୁମୁଲ୍ୟ ଅଳଂକାର ପରି ଅନେକ ପ୍ରକାର ମାପଖଣ୍ଡ, ରଙ୍ଗ ଓ ଆକାରରେ ସ୍ଥାପିତ ହୁଏ ।

**ଦଳୀୟ ଆଲୋଚନା:**

- କିଛି କାର୍ଯ୍ୟର ନାମକରଣ କର ଯାହା ବିଶ୍ୱାସ ବିଶ୍ୱାସ ଦରକାର ପଡ଼େ ?
- କିଛି କାର୍ଯ୍ୟର ନାମକରଣ କର ଯାହା ଭରଷା ଦରକାର ପଡ଼େ ?
- କିଛି କାର୍ଯ୍ୟର ନାମକରଣ କର ଯାହା ପ୍ରେମର ଦରକାର ପଡ଼େ ?

**ଶିକ୍ଷା – ଭାଗ ୩**

ଯୀଶୁ ମୁଳ ବିଷୟ, କାରଣ ଯେଉଁଠାରେ ତୁମ୍ଭର ଧନ, ସେହିଠାରେ ମଧ୍ୟ ତୁମ୍ଭର ମନ ସହ ଦୁଇଟି ଆଦେଶ ପୂର୍ଣ୍ଣ କରନ୍ତି । ସେ ତାଙ୍କ ଶିଷ୍ୟମାନଙ୍କୁ ଜାଣିବାକୁ ଆଗ୍ରହ କଲେ, ଯେ ଜଣେ ବ୍ୟକ୍ତିଙ୍କୁ ଅସ୍ଥାୟୀ ଓ ଚିରସ୍ଥାୟୀ ବିଷୟ ମୁଲ୍ୟାଙ୍କନ କରିବା ନିମନ୍ତେ ନିଜେ ପସନ୍ଦ କରିବା ଅଧିକାର ଅଛି । ଯାହା କିଛି ସେମାନେ ପସନ୍ଦ କରନ୍ତି, ସେଥିପାଇ ହିଁ କାର୍ଯ୍ୟ କରନ୍ତି ।

କ'ଣ ଜଣେ ବ୍ୟକ୍ତି ଦେଖିପାରେ ଯେ, ବିଶ୍ୱାସ, ଭରଷା ଓ ପ୍ରେମ ପରି ବିଷୟଗୁଡ଼ିକ ଯାହା ଅମର ଓ ସୁନା, ରୁପା ଓ ମୁଲ୍ୟବାନ ଅହଂକାରଗୁଡ଼ିକ, ଯାହା ଅସ୍ଥାହି, ଠାରୁ ମୁଲ୍ୟବାନ ଅଟେ । ଯୀଶୁଙ୍କ ଅନୁସାରେ ଏହା ଜଣେ ବ୍ୟକ୍ତିଙ୍କ ଦୃଷ୍ଟିକୋଣ ଉପରେ ନିର୍ଭର କରେ । ଏହା ଭଲ କିଅବା ମନ୍ଦ, ସ୍ୱଷ୍ଟ ଅବା ମଳ କିଅବା ଆଲୋକପୂର୍ଣ୍ଣ ଅବା ଅନ୍ଧକାରପୂର୍ଣ୍ଣ । ଉକ୍ତ ଚକ୍ଷୁ ହୃଦୟ କ'ଣ ମୂଲ୍ୟାଙ୍କନ କରେ ତାହା ଦେଖେ । ଜଣେ ବ୍ୟକ୍ତି ଦୃଷ୍ଟିଚିତ ଜଣାଇବା ନିମନ୍ତେ ଯୀଶୁ ଏବ୍ରୀୟ ବାକାଂଶ ଉତ୍ତମ କିମ୍ବା ସ୍ୱଷ୍ଟଚକ୍ଷୁ ବ୍ୟବହାର କଲେ ଏକ ଭୁଲ ଦୃଷ୍ଟି କିଅବା ମଳଦୃଷ୍ଟି ଜଣାଏ ଯେ ଜଣେ ବ୍ୟକ୍ତି ଲୋଭି କିଅବା କନ୍ୟୁସ ଅଟେ । ଉକ୍ତ ବାକ୍ୟର ପଦପର୍ବ

ହିତୋପଦେଶ ପୁସ୍ତକରେ ଦେଖାଯାଏ । ୨୨ ଅଧ୍ୟାୟ ୨ ପଦ ଏହିପରି କହେ, ଯାହାର ଦୟାଳୁ ଦୃଷ୍ଟି, ସେ ଆଶିଷ ପାଇବ, ଯେହେତୁ ସେ ଆପଣା ଆହାରରୁ ଦୀନହୀନଙ୍କୁ ବିତରଣ କରେ ।

ଆତ୍ମା ଯାହା ଜଣେ ବ୍ୟକ୍ତିଙ୍କୁ ନିୟନ୍ତ୍ରଣ କରେ, ନିର୍ଣ୍ଣୟ କରେ ସେ ଦାନଶୀଳ କିମ୍ବା ଲୋଭୀ ଅଟେ । ଜଣେ ଦାନଶୀଳ ହେବା ନିମନ୍ତେ ଈଶ୍ୱରଙ୍କଠାରେ ବିଶ୍ୱାସ, ଅନନ୍ତ ପୁରସ୍କାର ନିମନ୍ତେ ଭରଷା, ଏବଂ ଅନ୍ୟମାନଙ୍କ ନିମନ୍ତେ ପ୍ରେମ କରିବାକୁ ପଡ଼େ । ଏହା ପ୍ରକୃତରେ ସତ୍ୟ ଅଟେ, ଯେବେ ଗୋଟିଏ ବ୍ୟକ୍ତି ଦରିଦ୍ର ଅଟେ । ତତ୍‌ପରେ ଯୀଶୁ ଏକ ଦରିଦ୍ର ବିଧବା ବିଷୟରେ, ସୂଚନା ଦିଏ, ଯିଏ କୋଷକୁ ଦୁଇଟି ଛୋଟ ମୁଦ୍ରା ଦାନ କରି, ଯେପରି ସମସ୍ତଙ୍କ ଅପେକ୍ଷା ଅଧିକା ଦାନ କରିଥିଲେ, କାହିଁକି ? ସେ ତାଙ୍କ ଈଶ୍ୱରଙ୍କ ପ୍ରତି ବିଶ୍ୱାସରେ ଧନୀ ଥିଲେ ।

**ଶିକ୍ଷାର ମୂଳ ବିଷୟ:**

ତୁମ୍ଭର କୋଷ ପସନ୍ଦ କରି ଉପଯୁକ୍ତ ସ୍ଥାନରେ ଗଚ୍ଛିତ କର ।

**ପ୍ରୟୋଗ:**

**୧ମ କରିନ୍ଥୀୟ.୩:୧୦-୧୫ ପଢ଼ ।**

ଆସନ୍ତା ଦଳୀୟ ସଭା ପୂର୍ବରୁ ବିଶ୍ୱାସ ଆବଶ୍ୟକ କରୁଥିବା ଏକ କାର୍ଯ୍ୟ, ଭରଷା ଆବଶ୍ୟକ କରୁଥିବା ଏକ କାର୍ଯ୍ୟ ଏବଂ ପ୍ରେମ ପ୍ରତି ଆବଶ୍ୟକ ଏକ କାର୍ଯ୍ୟ ସମ୍ପାଦନ କର ।

## ପାଠ-୧୪

## ନ୍ୟାୟର ମାପକାଠି

**ଆଇସବ୍ରେକର ଦଳ:**

ତମେ କରିଥିବା ଗୋଟିଏ ନିର୍ଣ୍ଣୟ ଦଳକୁ କୁହ ଯାହା ତୁମେ ଅବଶୋଷ କରିଅଛି ।

**ଉପକ୍ରମ:**

ବିଚାର କର ନାହିଁ, କାଳେ ତମେ ବିଚାରିତ ହେବ । ଏହି ବାକ୍ୟ ଏକ ହଜାର କେଜିଆ ଇଟାର ଓଜନ ଭଳି ଯୀଶୁଙ୍କ ଶ୍ରୋତାମାନଙ୍କ ବିଶ୍ୱାସ ପ୍ରକ୍ରିୟାରେ ସ୍ପର୍ଶ କଲେ । ବୋଧେ ହୁଏ ଶାସ୍ତ୍ରର ଏହା ଏକ ଅଧିକତର ଭୁଲ ବୁଝାଯାଇଥିବା ଶାସ୍ତ୍ରାଂଶ ଅଟେ, ପୁଣି ଅନେକଙ୍କୁ ହଜମ କରିବା ନିମନ୍ତେ ସହଜ ନୁହେଁ। ଯଦି ସେହି ବାକ୍ୟଗୁଡ଼ିକୁ ତାଙ୍କ ନିଜ ସ୍ଥାନରେ ରଖାଯାଏ; ଏହା ଏପରି ପ୍ରକାଶ କରେ ଯେ, କୌଣସି ବିଷୟରେ ଜଣେ ଖ୍ରୀଷ୍ଟିୟାନ କେବେ ମଧ କୌଣସି ନିର୍ଣ୍ଣୟ ନେବ ନାହିଁ। ତଥାପି ଏହା ସେହି ବିଷୟ ନୁହେଁ। ପରବର୍ତ୍ତୀ ବାକ୍ୟଗୁଡ଼ିକର ପୃଷ୍ଠଭୂମିକୁ ନେଇ, ଯୀଶୁ ଦୁଇଟି ଭିନ୍ନ ଭିନ୍ନ ବିଷୟ କହିବା, ଆମେ ଦେଖୁ। (୧) ଅନ୍ୟକୁ ବିଚାର କରିବା, ଏବଂ (୨) ଭଲ ଓ ମନ୍ଦ କ'ଣ ବୁଝିବା ପରେ ଠିକ୍ ପଦକ୍ଷେପ ନେବା ।

ଉକ୍ତ ପାଠରେ ଅନ୍ୟକୁ ବିଚାର କରିବା ମୁଦ୍ଦାକୁ ସମ୍ପନ୍ନ କରାଯିବ। ୧୫ ନମ୍ବର ପାଠରେ ଜଣେ ବ୍ୟକ୍ତିଙ୍କ ପ୍ରତି ଭଲ ଓ ମନ୍ଦ ବୁଝିବା ବିଷୟକୁ ଆମେ ସମ୍ପନ୍ନ କରିବା। ଅନ୍ୟକୁ ବିଚାର କରିବା ମୁଦ୍ଦାରେ ଯୀଶୁଙ୍କ ବାଖ୍ୟାକୁ ଚିନ୍ତ କରିବାା ପୂର୍ବରୁ ଆସନ୍ତୁ ଦେଖିବା, ଜଣେ ବ୍ୟକ୍ତିଙ୍କ ଏକ ଉତ୍ତମ ଓ ନିରପେକ୍ଷ ବିଚାର କରିବା ନିମନ୍ତେ, କ'ଣ ଉପାଦାନ ଗୁଡ଼ିକ ଦରକାର।

- ଗୋଟିଏ ବିଚାରପତି ।
- ଗୋଟିଏ ନିୟମ ।
- ଗୋଟିଏ ନିନ୍ଦାକାରୀ ।
- ଗୋଟିଏ ଦୋଷୀ ।
- ସାକ୍ଷୀମାନଙ୍କର ସାକ୍ଷ୍ୟ ।
- ଗୋଟିଏ ନିଷ୍ପତ୍ତି ।
- ଯଦି ଆବଶ୍ୟକ ହୁଏ ଦଣ୍ଡାଦେଶ ଘୋଷଣା କରିବା ।

ଆଇନ, ନାଗରିକ ସମ୍ବନ୍ଧୀୟ, ଧାର୍ମିକ କିଅବା ଦୌବିୟ ଅଧିକାର, ବିଚାରପତିଙ୍କୁ ନିମନ୍ତେ ଦେବା ଆବଶ୍ୟକ। ପ୍ରଶ୍ନ ସେମାନଙ୍କୁ, ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କ ଶିଷ୍ୟମାନେ ଅଟନ୍ତି, ତମେ କ'ଣ ଏକ ବିଚାରପତି ନିଯୁକ୍ତି ପାଇବ, ଯଦି ସେହିପରି, ତେବେ କାହା ଦ୍ୱାରା? ଶାସ୍ତ୍ର ଅନୁସାରେ ବିଚାର କରିବା ନିମନ୍ତେ ଜଣେ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତି ପାଇଅଛି ଆର ସେ ଯୀଶୁ ଖ୍ରୀଷ୍ଟ ଅଟେ। ପ୍ରେରିତ ପୁସ୍ତକ.୧୦:୪୨-୩୪ କହେ; ଆଉ ଲୋକମାନଙ୍କ ନିକଟରେ ପ୍ରଚାର କରିବାକୁ, ପୁଣି ମୃତ ଓ ଜୀବିତମାନଙ୍କର ବିଚାରକର୍ତ୍ତା ହେବା ନିମନ୍ତେ ଈଶ୍ୱର ତାଙ୍କୁ ନିଯୁକ୍ତ ଦେଇଅଛନ୍ତି ବୋଲି ସାକ୍ଷ୍ୟ ଦେବାକୁ ସେ ଆମ୍ଭମାନଙ୍କୁ ଆଜ୍ଞା ଦେଲେ। ଯେକେହି ତାହାଙ୍କଠାରେ ବିଶ୍ୱାସ କରେ ସେ, ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ, ଏହା ସମସ୍ତ ଭାବବାଦୀ ତାହାଙ୍କ ବିଷୟରେ ସାକ୍ଷ୍ୟ ଦିଅନ୍ତି।

ଏକ ଆଇନ, ନାଗରିକ ସମ୍ବନ୍ଧିୟ, ଧାର୍ମିକ କିମ୍ବା ଦୌବିୟ ଅଧିକାର, ଏକ ବ୍ୟବସ୍ଥା ସ୍ଥାପନ କରିବା ଆବଶ୍ୟକ। ଅନେକ ବ୍ୟବସ୍ଥାଗୁଡ଼ିକ ଅଛିଯାହା ଏକ ସମ୍ବିଧାନିକ ଅଧିକାର ଦ୍ୱାରା ସ୍ଥାପନା କରାଯାଇ ପରିବାର, ନାଗରିକ ସମ୍ପଦ, ଈଶ୍ୱରଙ୍କ ବ୍ୟବସ୍ଥା, ମୋଶାଙ୍କ ବ୍ୟବସ୍ଥା ଓ ଆତ୍ମାଙ୍କ ବ୍ୟବସ୍ଥା ନାମକୁ କିନ୍ତୁ କିଛି ଯୋଡ଼ା ଯାଇଅଛି। ଦୋଷିଙ୍କ ବିରୁଧରେ ଅଭିଯୋଗ ସେହି ବ୍ୟକ୍ତି କେଉଁ ବ୍ୟବସ୍ଥା ଅଧିନରେ ଅଛି ଭଲ ଭାବରେ ଜାଣିବାକୁ ପଡ଼ିବ। ଏକ ଧାର୍ମିକ ବିଚାର ଉପସ୍ଥାପନ କରିବା ନିମନ୍ତେ ବିଚାରପତି ଉକ୍ତ ବ୍ୟବସ୍ଥାର ସମ୍ପୁର୍ଣ୍ଣ ଜ୍ଞାନ ଓ ତହିର ସୀମା ମଧରେ ରହିବା ଆବଶ୍ୟକ। ଉଦାହରଣ ସ୍ୱରୁପ ଏକ ଆମେରିକାର ବିଚାରପତି ମୁସଲିମ ବ୍ୟବସ୍ଥା ଅଧିନରେ ଏକ ଦଣ୍ଡାଦେଶ ଘୋଷଣା କରିବା ଅନୁଚିତ ଅଟେ। ଏହା କରିବା ପାଇଁ ସେ ନିଯୁକ୍ତି ପାଇନାହିଁ। କୋରାନର ଜ୍ଞାନ ତାଙ୍କ ଠାରେ ନାହିଁ ଏବଂ ନିଶ୍ଚିତ ଭାବେ ସେ ଏଥିରେ ପରିସରରେ ରହିପାରିବ ନାହିଁ।

ନିନ୍ଦାକାରୀ ଆପଣା କେସ ସମ୍ବିଧାନିକ ଅଧିକାରୀ ନିକଟକୁ ଆଣିବା ଦରକାର। ସେ ବିଚାରପତି ଯେପରି ସେବା କରିପାରିବେ ନାହିଁ। ନହଲେ ଏହା ବିଚାରପତିଙ୍କର ଏକ ହାସ୍ୟାସ୍ପଦ ହେବ, କାରଣ ଉକ୍ତ ମକଦ୍ଦମାରେ ତାଙ୍କ ପକ୍ଷପାତ କାରଣରୁ ନିରପକ୍ଷତା ହୋଇ ନପାରେ। ଆଉ ଅଭିଯୋଗ ଦୋଷିଙ୍କୁ

ନିୟମାନୁସାରେ ଦୋଷାରୋପ କରିପାରେ ନାହିଁ । କେବଳ ଯେଉଁମାନଙ୍କ ପାଖରେ ନିୟମ ଅଧିକାର ଅଛି ପ୍ରଚଳିତ ନିୟମାନୁସାରେ ଦୋଷୀଙ୍କ ପ୍ରତି ଦୋଷାରୋପ ଆଣିପାରିବେ ।

ଏକ ନିସ୍ୱାର୍ଥପର ସ୍ୱଷ୍ଟ ପରୀକ୍ଷା ହେବା ନିମନ୍ତେ, ଅଭିଯୋଗକାରୀ ନିୟମ ଉତ୍ତର ଦୋଷୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ନିମନ୍ତେ ସନ୍ତୁଷ୍ଟଜନକ ପ୍ରମାଣ ଉପସ୍ଥାପନ କରିବାକୁ ପଡ଼ିବ । ସାଧାରଣତଃ ପ୍ରମାଣ ସାକ୍ଷୀମାନଙ୍କ ସାକ୍ଷ୍ୟର ରୁପରେ ଥାଏ । ପ୍ରେରିତ ପାଉଲଙ୍କ ୨ କରନ୍ଥିୟ ୧୩:୧ ଅନୁସାରେ, ସେ କହନ୍ତି ଯେ ସମସ୍ତ ସଭ୍ୟତା ଦୁଇ କିମ୍ଵା ତିନି ସାକ୍ଷୀଙ୍କ ସାକ୍ଷ୍ୟଦ୍ୱାରା ପ୍ରମାଣ କରିବାକୁ ପଡ଼ିବ । ବିଚାର କର୍ତ୍ତା, ଅଭିଯୋଗକାରୀ ନୁହଁ, ଦୋଷୀହେଉ କିଅବା ନିର୍ଦ୍ଦୋଷ ସେ ଏକ ରାୟ ଦେବା ବ୍ୟକ୍ତି ଅଟନ୍ତି । ଅଭିଯୋଗକାରୀ ଓ ଦୋଷୀ ଦୁହେଁ ତାଙ୍କ ନିର୍ଣ୍ଣକୁ ମାନିବାକୁ ପଡ଼ିବ । ଯଦି ଅପରାଧି ଦୋଷି ସାବ୍ୟସ୍ତ ହୁଏ, ଘଟିଥିବା ଅପରାଧ ନିମନ୍ତେ ଉପଯୁକ୍ତ ଦଣ୍ଡ ଆଦେଶ କେବଳ ବିଚାରର୍ତ୍ତା ନିଷ୍ପତ୍ତି ନେଇଥାଏ । ତତ୍‌ପରେ ବିଚାରପତି ଦୋଷି ଦଳକୁ ତାଙ୍କୁ ସମର୍ପଣ କରେ, ଯିଏ ତାର ଦଣ୍ଡ ଆଦେଶକୁ ବହନ କରେ । ଦଣ୍ଡ ଆଦେଶ ବହନ କରାଇବା ଅଭିଯୋଗକାରୀଙ୍କୁ ଅନୁମତି ନୁହେ, କେବଳ ସେମାନେ, ଯେଉଁମାନେ ବିଚାରପତିଙ୍କ ଦ୍ୱାରା ମନୋନୀତ ହେଲେ ।

ସମ୍ଭବତଃ ଯୀଶୁ ଉକ୍ତ ଆଦେଶକୁ ଆଲୋଚନାକୁ ଆଣିଲେ, କାରଣ ସେ ଲୋକଙ୍କ ହୃଦୟକୁ ଜାଣିଲେ । ଅନେକ ବ୍ୟବସ୍ଥାକାରକ, ବିଚାରପତି, ଅଭିଯୋଗକାରୀ, ସାକ୍ଷୀ ଓ ମୃତ୍ୟୁଦଣ୍ଡ କର୍ମଚାରୀ ରୁପେ ସେବା କରିବା ନିମନ୍ତେ ଚାହାନ୍ତି, ଯେବେ ସେମାନେ ଦେଖନ୍ତି ଅନ୍ୟମାନେ କିଛି କରନ୍ତି । ସେମାନେ ଆପଣା ଦୃଷ୍ଟିରେ ଭୁଲ ବିଚାର କରନ୍ତି । କିନ୍ତୁ ଅନେକ ସେହି ପ୍ରକାରେ ଅନ୍ୟମାନଙ୍କ ଦ୍ୱାରା ସେବା ପାଇବାକୁ ଚାହାନ୍ତି ।

**ଦଳିୟ ଆଲେଚନା:**

❖ ଏହି ଶିକ୍ଷାର ପରିଚୟ ଉପରେ ତୁମର କ'ଣ ମନ୍ତବ୍ୟ ଅଛି ?

**ଶାସ୍ତ୍ରପାଠ:**

# ବିଚାର ମାପକ୍ରମ

## ପାର୍ବତୀୟ ପ୍ରଚାର

## ମାଥିଉ.୭: ୧-୫, ଲୁକ.୬:୩୬-୪୨

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ତୁମ୍ଭେମାନେ ଯେପରି ବିଚାରିତ ନ ହେବ, ଏଥିପାଇଁ ବିଚାର କର ନାହିଁ।[୬୪] କାରଣ ଯେଉଁ ବିଚାରରେ ବିଚାର କର, ସେହି ବିଚାରରେ ତୁମ୍ଭେମାନେ ବିଚାରିତ ହେବ; ପୁଣି, ଯେଉଁ ମାପରେ ମାପ କର, ସେହି ମାପରେ ତୁମ୍ଭମାନଙ୍କୁ ମପାଇ ଦିଆଯିବ। ଆଉ, କାହିଁକି ତୁମ୍ଭ ଭାଇର ଆଖିରେ ଥିବା କୁଟାଟିକକ ଦେଖୁଅଛ, କିନ୍ତୁ ତୁମ୍ଭ ନିଜ ଆଖିରେ ଯେଉଁ କଡ଼ିକାଠ ଅଛି, ତାହା ଭାବି ଦେଖୁ ନାହଁ? ଅଥବା ତୁମ୍ଭେ କିପରି ଆପଣା ଭାଇକି କହିବ, ଆସ, ତୁମ୍ଭ ଆଖିରୁ କୁଟାଟିକକ ବାହାର କରିଦିଏ? ଆଉ ଦେଖ, ତୁମ୍ଭ ଆଖିରେ କଡ଼ିକାଠ ଅଛି! ରେ କପଟୀ, ଆଗେ ଆପଣା ଆଖିରୁ କଡ଼ିକାଠ ବାହାର କରିପକାଅ, ତାହା ପରେ ନିଜ ଭାଇର ଆଖିରୁ କୁଟାଟିକକ ବାହାର କରିବା ନିମନ୍ତେ ସ୍ପଷ୍ଟ ରୂପେ ଦେଖି ପାରିବ।

**ଆଦେଶ:**

- ଦୟାଳୁ ହୁଅ।
- ବିଚାର କରନାହିଁ, ତମେ ବିଚାରିତ ହେବନାହିଁ।
- ନିନ୍ଦା କରନାହିଁ, ତମକୁ ନିନ୍ଦା କରାଯିବା ନାହିଁ।
- କ୍ଷମା କର ଆଉ ତମେ ମଧ୍ଯ କ୍ଷମା ପାଇବ।
- ଦିଅ ଆଉ ତାହା ତୁମ୍ଭମାନଙ୍କୁ ଦିଆଯିବ।
- ପ୍ରଥମେ ଆପଣା ଆଖିରୁ କଡ଼ିକାଠ କାଢ଼।

**<u>ଶିକ୍ଷା- ଭାଗ ୧</u>**

---

[୬୪] ବିଚାର କର ନାହିଁ। କିମ୍ବା ଦୋଷୀ ସାବ୍ୟସ୍ତ ହୁଅ ନାହିଁ। ଏହାର ଅର୍ଥ ଏହା ନୁହଁ କି ଆମ୍ଭେ ଜ୍ଞାନୀ ନୁହଁ ଏବଂ ବୁଝିପାରୁଥିବା ବ୍ୟକ୍ତିମାନେ ହିଁ କେବଳ ଭଲ ବିଚାର କରି ପାରିବେ।

ତାଙ୍କରି ପ୍ରାରମ୍ଭିକ ବାକ୍ୟ ବର୍ଷଣ " ବିଚାର କର ନାହିଁ, କାଳେ ତମେ ବିଚାରିତ ହେବ ପରେ ଯୀଶୁ ଆପଣା ପକ୍ଷରେ ଜୋର ଦିଅନ୍ତି ।" ଈଶରଙ୍କ ବିଚାର ପଦ୍ଧତିର ପ୍ରଥମ ଭାଗ ସେ ଏହିପରି ପ୍ରକାଶ କରନ୍ତି, କାରଣ ତମେ ଯେଉଁ ପ୍ରକାରେ କର, ସେହି ପ୍ରକାରେ ତମକୁ ବିଚାରିତ କରାଯିବ । ଅନ୍ୟ ସତ୍ୱରେ, ଏକ ଶିଷ୍ୟ ଯେଉଁ ପ୍ରକାର ବା ପଦ୍ଧତିରେ ଜଣେ ବ୍ୟକ୍ତି ବିଚାର କରିଥାଏ । ଠିକ୍ ସେହିଭଳି ଈଶ୍ୱର ସେହି ଶିଷ୍ୟଙ୍କୁ ବିଚାର କରିବେ ।

ଯେହେତୁ ଆମେ ଯେପ୍ରକାରେ ଅନ୍ୟକୁ ବିଚାର କରିବା, ଠିକ୍ ସେହିପ୍ରକାରେ ଆମ୍ଭମାନଙ୍କୁ ବିଚାର କରାଯିବ, ଏଥିରେ କିଛି ଉତ୍କଣ୍ଠାପୂର୍ଣ୍ଣ ଚିନ୍ତା ଆମ ମନକୁ ଆସିବା ଉଚିତ୍ । ଗୋଟିଏ ଚିନ୍ତା ହୋଇପାରେ । ମୁଁ ଈଶ୍ୱରଙ୍କୁ କେଉଁ ବ୍ୟବସ୍ଥା, ଅଧିନେ ମୋତେ ବିଚାର କରିବାକୁ ଚାହେଁ । ମେଶାଙ୍କ ବ୍ୟବସ୍ଥା କିଅବା ଆତ୍ମାଙ୍କ ବ୍ୟବସ୍ଥା, ଏଥି ମଧ୍ୟରୁ ସ୍ୱାଧିନତାର ବ୍ୟବସ୍ଥା କେଉଁଟି ? ଅନ୍ୟ ଏକ ଚିନ୍ତା ହୋଇପାରେ । କ'ଣ ମୁଁ ଚାହେଁ ଈଶ୍ୱର ଏକ ସମୟରେ ଉଭୟ ଅଭିଯୋଗକାରୀ ଓ ବିଚାରକର୍ତ୍ତା ସେବା କରନ୍ତୁ? କ'ଣ ମୁଁ ଆଶାକରେ ଈଶ୍ୱର ଅଭିଯୋଗକାରୀ ଛଡ଼ା ସାକ୍ଷୀମାନଙ୍କୁ ମଧ୍ୟ ଶୁଣିବାକୁ ଚାହିଁବ । ସେହି ସାକ୍ଷୀମାନଙ୍କର ସମ୍ମାନ ଈଶ୍ୱର ଯାଞ୍ଚ କରନ୍ତୁ ଏହା କ'ଣ ମୁଁ ଭରଷା କରେ ଆଉ ମୁଁ ମୋର ସପକ୍ଷ ନିମନ୍ତେ ସୁଯୋଗ ପ୍ରଦାନ କରିବାକୁ ଚାହେଁ କି ? ସମ୍ଭବତଃ ଆମେ ଅନ୍ୟମାନଙ୍କ ନ୍ୟାୟାଚିକା ସହ ସମାନ ହୋଇପାରୁ ।

ଯୀଶୁ ଏହି ପ୍ରକାରେ ଈଶ୍ୱରଙ୍କ ବିଚାରର ଦ୍ୱିତୀୟ ଭାଗକୁ ବାଖ୍ୟା କରନ୍ତି ତୁମ୍ଭ ହାରାହାରି ମାପ ଦ୍ୱାରା ତୁମ୍ଭକୁ ମପା ଯିବା ଅନ୍ୟ ଶବ୍ଦରେ, ଶେଷ ନିଷ୍ପତି ଓ ଦଣ୍ଡାଦେଶ ଆଜ୍ଞା ଯାହା ତମେ ଅନ୍ୟକୁ ଲାଗୁକଲ, ଠିକ୍ ସେହି ଦଣ୍ଡାଦେଶ ତମେ ଈଶ୍ୱରଙ୍କ ଠାରୁ ପାଇବ, ନିନ୍ଦାକର ନାହିଁ ଆଉ ତୁମକୁ ମଧ୍ୟ ନିନ୍ଦା କରାଯିବ । କ୍ଷମା ନିଅ ଆଉ ତୁମକୁ ମଧ୍ୟ କ୍ଷମା ଦିଆଯିବ । ଯୀଶୁଙ୍କ ଶିଷ୍ୟମାନଙ୍କୁ ଅଧିକ ପ୍ରଶ୍ନଗୁଡ଼ିକୁ ଚିନ୍ତା କରିବାକୁ ପଡ଼େ । ମୁଁ କ'ଣ ଚାହିଁବି ଈଶ୍ୱର ମୋତେ ଦଣ୍ଡ ଦିଅନ୍ତୁ କିମ୍ବା କ୍ଷମା କରନ୍ତୁ? ଯଦି ସେ ମୋତେ ଦଣ୍ଡ ଦିଅନ୍ତି, ମୁଁ କୋମଳ ଦଣ୍ଡ ଅପେକ୍ଷା କରିବି ନା କଠୋର ଦଣ୍ଡ ଅପେକ୍ଷା କରିବି ?

ଯୀଶୁ ଜଣାନ୍ତୁ ଯେ, ବୁଣିବା ଓ କାଟିବାର ବ୍ୟବସ୍ଥା ସକ୍ରିୟ ଅଟେ ଯେବେ ସେ କହନ୍ତି । ଦାନ କର, ତାହା ହେଲେ ତୁମ୍ଭମାନଙ୍କୁ ଦିଆଯିବ, ଲୋକେ ମାଣକୁ ପୁରାକରି ତାହାକୁ ଚାପି ହଲାଇ ଉଛୁଳାଇ ତୁମ୍ଭମାନଙ୍କ

ଅଣ୍ଟିରେ ଦେବେ । ଜଣେ ଯାହା ବୁଣେ, ନା କେବଳ ସେ ସେଥିରୁ ଅମଳ କରେ, କିନ୍ତୁ ତାହା ସହ ଏହା ତାଙ୍କ ପ୍ରତି ସେହି ପ୍ରକାରେ ଅନେକ ଥର ଫେରାଇ ଦିଆଯିବ ଯେପରି ଗୋଟିଏ ମଞ୍ଜି ଅନେକ ମଞ୍ଜି, ଉତ୍ପନ୍ନ କରେ ପୁଣି ଉଭୟ ଖାଦ୍ୟକ ନିମନ୍ତେ ରୋଟି ଓ ବୁଣାଳୀ ନିମନ୍ତେ ବୀଜ ପ୍ରଦାନ କରେ ଏହି ପୃଥିବୀରେ ଜଣେ ବ୍ୟକ୍ତିଙ୍କ ରାୟଗୁଡ଼ିକ ସେହିପରି ।

**ଦଳୀୟ ଆଲୋଚନା**

- ବର୍ତ୍ତମାନ ଯାହା ଶିଖିଅଛ, ସେହି ଆଧାରରେ କିପରି ଅନ୍ୟମାନଙ୍କୁ ବିଚାର କରିବ ?

**ଶିକ୍ଷା – ଭାଗ ୨**

ସେମାନଙ୍କୁ ଏକ ଦୃଷ୍ଟାନ୍ତ କହିବା ଦ୍ୱାରା ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ଅବିରତ ଶିକ୍ଷା ଦେଉଅଛନ୍ତି । ଦୁଇଟି ଅଳଂକାରିକ ପ୍ରଶ୍ନ ସହ ସେ ଦୃଷ୍ଟାନ୍ତ ଆରମ୍ଭ କରନ୍ତି । ଗୋଟିଏ ଅନ୍ଧ କ'ଣ ଅନ୍ଧକୁ ବାଟ କଢ଼ାଇ ପାରେ ? ସେମାନେ କଅଣ ଉଭୟେ କ'ଣ କଥରେ ପଡ଼ିବେ ନାହିଁ ? ଆଉ ଏକ ଆଜ୍ଞା ସହ ଏହା ସମାପ୍ତ କରନ୍ତି; ପ୍ରଥମେ ଆପଣା ଆଖିର କଡ଼ିକାଠ କାଢ଼ ।

ଯୀଶୁଙ୍କ ବିଷୟର ପୃଷ୍ଠଭୂମି ପରିସର ମଧ୍ୟରେ ରହି ଉକ୍ତ ଦୃଷ୍ଟାନ୍ତରୁ ଅନେକ ଶେଷ ସିଦ୍ଧାନ୍ତ ବାହାର କରାଯାଇପାରେ । **ପ୍ରଥମ** ଯୀଶୁ ଜଣେ ଅନ୍ଧ ବ୍ୟକ୍ତିଙ୍କୁ ଅନ୍ୟର ବିଚାର କରିବାକୁ ଚାହୁଁଥିବା, ଜଣେ ବ୍ୟକ୍ତି ସହ ସମାନ କରୁଛନ୍ତି । **ଦ୍ୱିତୀୟ,** ତାଙ୍କ ଅନ୍ଧତ୍ୱର ପଛର କାରଣ ତାଙ୍କ ଆଖିରେ ଥିବା କଡ଼ିକାଠ, ଯାହା ତାକୁ ଅନ୍ଧ କରିଅଛି । **ତୃତୀୟ** ଜଣେ ଯିଏ ଅନ୍ୟର ବିଚାର କରିଥାଏ, କୌଣସି ବ୍ୟକ୍ତିକରେ ଶିଷ୍ୟମାନଙ୍କୁ ନିର୍ଦ୍ଦେଶ, ପରିଚାଳନା କିଅବା ବନେଇବା ଉଚିତ୍ ନୁହେଁ, ଯେହେତୁ ସେ ନିଜେ ନିଜକୁ ସ୍ୱଷ୍ଟ ରୁପେ ଦେଖିପାରେ ନାହିଁ । **ଚତୁର୍ଥ** ଯେଉଁ ଜନ ଅନ୍ୟର ବିଚାର କରେ, ପ୍ରକୃତରେ ତାଙ୍କ ଭଳି ଅନ୍ୟକୌଣସି ବ୍ୟକ୍ତିଙ୍କ ଅନୁସରଣ କରିବା ଉଚିତ୍ ନୁହେଁ, ଯେହେତୁ ସେମାନେ ଦୁହେଁ ଅନ୍ଧ ଅଟନ୍ତି ଆଉ ସମାନ ଜାଲରେ ପଡ଼ିବେ । **ପଂଚମ,** ସେମାନଙ୍କ ପରିଚାଳନା କରିବା ନିମନ୍ତେ, ଯାହାର ସ୍ୱଷ୍ଟ ଦୃଷ୍ଟି ଅଛି, ଏପରି ଏକ ବ୍ୟକ୍ତିଙ୍କୁ ଉଭୟ ଅନ୍ୟବ୍ୟକ୍ତିମାନେ ଖୋଜିବା ଦରକାର ।

ଯୀଶୁଙ୍କ ଦ୍ୱିତୀୟ ବାକ୍ୟ, ଶିଷ୍ୟ ଗୁରୁଠାରୁ ଶ୍ରେଷ୍ଠ ନୁହେଁ; କିନ୍ତୁ ପ୍ରତ୍ୟେକ ଶିଷ୍ୟ ସିଦ୍ଧ ହୋଇ ଆପଣା ଗୁରୁଙ୍କ ତୁଲ୍ୟ ହେବ । ଜଣେ ଶିଷ୍ୟ ପାଇଁ, ଏହା ଜାଣିବା ବହୁତ ମହତ୍ତ୍ୱପୂର୍ଣ୍ଣ ଅଟେ କି ତାଙ୍କ ଗୁରୁ ଅନ୍ୟ ଲୋକଙ୍କୁ ବିଚାର କରନ୍ତି ନା ନାହିଁ, କାରଣ ଶିଷ୍ୟ ଗୁରୁଙ୍କ ଭଳିଆ ହେବାକୁ ଚାହେଁ । କାରଣ, ପ୍ରେରିତ ଯୋହନଙ୍କ ଅନୁସାରେ, ଯୀଶୁ ଖ୍ରୀଷ୍ଟ କାହାକୁ ବିଚାରରେ ଆଣିବା ନିମନ୍ତେ ପଠେଇ ନଥିଲେ । ଯେଣୁ ଜଗତର ବିଚାର କରିବା ନିମନ୍ତେ ଈଶ୍ୱର ଆପଣା ପୁତ୍ରଙ୍କୁ ଜଗତକୁ ପ୍ରେରଣ ନ କରି, ଜଗତ ଯେପରି ତାହାଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ, ଏଥିପାଇଁ ତାହାଙ୍କୁ ପ୍ରେରଣ କଲେ । ଯେ ତାହାଙ୍କଠାରେ ବିଶ୍ୱାସ କରେ, ସେ ବିଚାରିତ ହୁଏ ନାହିଁ; ଯେ ବିଶ୍ୱାସ କରେ ନାହିଁ, ସେ ବିଚାରିତ ହୋଇ ସାରିଲାଣି, କାରଣ ସେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କ ନାମରେ ବିଶ୍ୱାସ କରି ନାହିଁ ।[୬୫]

ଯୀଶୁଙ୍କ ଦ୍ୱିତୀୟ ବାକ୍ୟ ପ୍ରତି ଆମେ ଧ୍ୟାନ ଦେଇ ଆସୁ ଆସୁ ଆମେ ଜାଣୁ ଯେ, ଜଣେ ଶିଷ୍ୟ ସମ୍ପୁର୍ଣ୍ଣ ରୁପେ ତାଲିମ ହେବା ଦରକାର । ତାଲିମ ଦୁଇଟି ଭାଗର ସମଷ୍ଟି : ଶିଖିବା ଓ ପ୍ରୟୋଗ କରିବା କିଅବା ଅନ୍ୟ ପ୍ରକାରେ କହିବାକୁ ଗଲେ, ଏହା ଶୁଣିବା ଓ ପାଳନ କରିବା । ଜଣେ ବ୍ୟକ୍ତି ତାଲିମପ୍ରାପ୍ତ ନୁହେଁ, ଯେତେବେଳେ ପର୍ଯ୍ୟନ୍ତ ଏହି ଦୁଇ ଭାଗକୁ ସେ ପୁରଣ ନ କରନ୍ତି । ତାଲିମପ୍ରାପ୍ତ ହେବା ନିମନ୍ତେ ସମୟ ଲାଗେ । ଜଣେ ଶିଷ୍ୟ ତାଙ୍କ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାପ୍ରାପ୍ତ ହୋଇପାରେ ନାହିଁ, ଯେତେ ସେ ଶିକ୍ଷକ ଶିକ୍ଷି ନାହିଁ । ଗୋଟିଏ ବିଷୟ ଖ୍ରୀଷ୍ଟିୟାନ ମାନେ ଚିନ୍ତା କରିବା ଅଛି; କାହାକୁ ସେମାନେ ନିଜ ଶିକ୍ଷକ ରୁପେ ଚାହାଁନ୍ତି: କ'ଣ ସୟିତାନ ଅଟେ ଯିଏ ପ୍ରକାଶିତ ପୁସ୍ତକରେ ଭାଇମାନଙ୍କର ଅଭିଯୋଗକାରୀ ରୁପେ ଚିହ୍ନଟ ହୋଇଛନ୍ତି କିଅବା ଯୀଶୁଖ୍ରୀଷ୍ଟ, ଯିଏ ଜଗତର ଉଧାର କର୍ତ୍ତା ?

ଯୀଶୁ ଏହି ପ୍ରକାରେ ଦୃଷ୍ଟାନ୍ତର ଶେଷ ଭାଗ କହନ୍ତି ! ଆଉ, କାହିଁକି ତୁମ୍ଭ ଭାଇର ଆଖିରେ ଥିବା କୁଟାଟିକକ ଦେଖୁଅଛ, କିନ୍ତୁ ତୁମ୍ଭ ନିଜ ଆଖିରେ ଯେଉଁ କଡ଼ିକାଠ ଅଛି, ତାହା ଭାବି ଦେଖୁ ନାହଁ? ଅଥବା ତୁମ୍ଭେ କିପରି ଆପଣା ଭାଇକି କହିବ, ଆସ, ତୁମ୍ଭ ଆଖିରୁ କୁଟାଟିକକ ବାହାର କରିଦିଏ? ଆଉ ଦେଖ, ତୁମ୍ଭ

---

[୬୫] ଯୋହନ ୩: ୧୭-୧୮

ଆଖିରେ କଡ଼ିକାଠ ଅଛି ! ରେ କପଟୀ, ଆଗେ ଆପଣା ଆଖିରୁ କଡ଼ିକାଠ ବାହାର କରିପକାଅ, ତାହା ପରେ ନିଜ ଭାଇର ଆଖିରୁ କୁଟାଟିକକ ବାହାର କରିବା ନିମନ୍ତେ ସ୍ପଷ୍ଟ ରୂପେ ଦେଖି ପାରିବ । (ମାଥିଉ.୭:୩-୫)

ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ କ'ଣ ଜାଣିବାକୁ ଆଗ୍ରହ କରନ୍ତି, ବୁଝିବା ନିମନ୍ତେ କୋଡୋଟି ମତାମତ : **ପ୍ରଥମ,** ଉକ୍ତ ଦୃଷ୍ଟାନ୍ତରେ ଦୁହେଁ ଭାଇ ଭଉଣୀ ପରି ପରସ୍ପର ପ୍ରତି ସମ୍ବନ୍ଧିତ । ସେମାନଙ୍କ ପାଖରେ ସମାନ ପିତାମାତା ଅଛନ୍ତି । ଏବଂ ଯେହେତୁ ଯୀଶୁ ଈଶ୍ୱରଙ୍କ ପରିବାରେ ଉପଯୋଗୀତା ବିଷୟ ଆଲୋଚନା କରନ୍ତି । ଶିଷ୍ୟମାନେ ପରିବାରେ ଉପଯୋଗୀତା ବିଷଞ୍ଜ ଆଲୋଚନା କରନ୍ତି । ଶିଷ୍ୟମାନେ ଭରଷାପ୍ରାପ୍ତ ଯେ ସେ ସେମାନଙ୍କ ବିଷୟରେ କହନ୍ତି, ଯାହାଙ୍କ ପାଖରେ ଈଶ୍ୱର ସେମାନଙ୍କ ପିତା ସ୍ୱରୁପ ଅଟନ୍ତି ।

**ଦ୍ୱିତୀୟ,** ଯେ କୌଣସି ବ୍ୟକ୍ତି ଯାହାଙ୍କ ଆଖିରେ କଡ଼ିକାଢ଼ ଅଛି । ନିଶ୍ଚିତ ଭାବେ, ଅନ୍ୟ ଏକ ବ୍ୟକ୍ତିଙ୍କ ଚକ୍ଷୁର କୁଟା ଦେଖିବା ସହଜ ସାଧ ନୁହେଁ । କଡ଼ିକାଠ ତାଙ୍କ ଆଖିକୁ ଅବରୋଧ କରିବ ପୁଣି ନିଶ୍ଚିତ ଭାବେ ତାଙ୍କୁ ଅନ୍ଧ କରିବ । ମଧ ବ୍ୟକ୍ତି ଯାହାଙ୍କ ସହ କଡ଼ିକାଠ ଅଛି, ଅନ୍ୟ ଲୋକଙ୍କ ଆଖିର କୁଟା ଦେଖିବାକୁ ଅତିକଷ୍ଟ ହେବ । ସେ ତାଙ୍କ ଭାଇଙ୍କୁ ଅତି ସମିପ ହୋଇ ପରୀକ୍ଷା କରୁଥିବ । ସେ ନିଶ୍ଚିତ ରୁପେ କିଛି ବିଷୟକୁ ଦୃଷ୍ଟି ଦେଉଛି ।

**ତୃତୀୟ,** କୌତୁହଳର ବିଷୟ ଏହା ଯେ, ଜଣେ ବ୍ୟକ୍ତି ଯାହାଙ୍କ ଆଖିରେ କଡ଼ିକାଠ ଅଛି, କେବଳ ନିଜର ଦୃଷ୍ଟିଦ୍ୱାରା ଅନ୍ୟଲୋକଙ୍କ ଚକ୍ଷୁର କୁଟାକୁ ଆବିଷ୍କାର କରିଥାଏ । ତେବେ ସେ ବ୍ୟକ୍ତି ନିଜେ ଏହାକୁ ବାହର କରିବ କିଅବା ସମ୍ଭବତଃ କାଟିବା ନିମନ୍ତେ ଅନ୍ୟକୁ ଅନୁରୋଧ କରିବ, ଯଦି ସେ ନିଜେ କାଢ଼ିବାକୁ ସମର୍ଥ ହୋଇପାରେ ନାହିଁ ।

ଜଣେ ବ୍ୟକ୍ତିଙ୍କ ସହ ଆପଣା ଚକ୍ଷୁରେ କଡ଼ିକାଠ ବିଷୟରେ ଅନେକ ପ୍ରଶ୍ନ ଜାତ ହୁଏ । ଆପଣା ଆଖିରେ ଥିବା କଡ଼ିକାଠକୁ କିପରି ସେ କିପରି ଦେଖିପାରେ ନାହିଁ । କ'ଣ ସେ ଯନ୍ତ୍ରଣାକୁ ଅନୁଭବ କରିପାରେ ନାହିଁ । ଆଉ ଯଦି ସେ ଅନୁଭବ ବିହିନ ହୋଇଛି, ତେବେ ତାହାର କରିବାର କ'ଣ ଅନ୍ୟର ସାହାଯ୍ୟ ଦରକାର ହେବ, ଯେହେତୁ ଏହି କାର୍ଯ୍ୟ ଏକ ସୁକ୍ଷ୍ମ ସ୍ପର୍ଶତାର ଆବଶ୍ୟକ ପଡ଼େ । ସେ ନିଜେ କାହିଁକି କାଢ଼ିକାଠ

କାଢ଼ିପାରେ ନାହିଁ । ଯେହେତୁ ସେ ବହାର କରିବାକୁ କଷ୍ଟମନେ କରେ, ତେବେ ମଧ୍ୟ କ'ଣ ସେ କଢ଼ିବାକୁ ଚେଷ୍ଟା କରିପାରେ କି ? ଆଉ ଯେହେତୁ ସେ ଆପଣା ଚକ୍ଷୁର କଢ଼ିକାଠ ପ୍ରତି ମନଯୋଗୀ ହୋଇପାରି ନାହିଁ, କ'ଣ କୌଣସି ବ୍ୟକ୍ତି ନିଶ୍ଚିତ ଯେ ସେ ଅନ୍ୟ ଲୋକଙ୍କ ଚକ୍ଷୁର କୁଟା ପ୍ରକୃତରେ ବାହର କରିପାରେ ?

**ଦଳୀୟ ଆଲୋଚନା:**

❖ ଅନେକ "କାହିଁକି" ପ୍ରଶ୍ନଗୁଡ଼ିକ ଦ୍ୱାରା ଏହି ଦୃଷ୍ଟାନ୍ତରୁ ଆମେ ଆଶିଂକ ଶିକ୍ଷା ପ୍ରାପ୍ତ କରିପାରିଛୁ ।

- ଜଣେ ବ୍ୟକ୍ତି ଯାହାଙ୍କ ନିଜ ଆଖିରେ କଡିକାଠ ଥିବା ସତ୍ତ୍ୱେ କାହିଁକି ଅନ୍ୟ ସାଥିବିଶ୍ୱାସିଙ୍କ କୁଟାଟିକକ ଦେଖିଥାଏ ? (ତାଙ୍କ ଭୁଲ ଧରିବା ନିମନ୍ତେ)
- ଜଣେ ବିଶ୍ୱାସୀ କାହିଁକି ଅନ୍ୟର ଦୋଷ ଧରିବାକୁ ଚାହିଁଥାଏ ? (ଅନ୍ୟକୁ କମ୍ ମୁଲ୍ୟ କରିବାକୁ କିଅବା ତାଙ୍କ ଉପରେ ହେବାପାଇ)
- ଦୋଷ ଧରିବା ବ୍ୟକ୍ତିଙ୍କ କ'ଣ କାରଣ ଥାଏ ? ଅନ୍ୟମାନଙ୍କ ଉପରେ ସେମାନଙ୍କ ବିଚାର ସେମାନଙ୍କ ନିଜଗୁଣ ଉନ୍ନତି କରିବାକୁ ଏକ ଆବଶ୍ୟକ ତାର ଜାତ ହୋଇଥାଏ । ସେମାନେ ବିଶ୍ୱାସ କରନ୍ତି ନାହିଁ ଯେ, ଏକ ଦୁର୍ବଳ ନ୍ୟାୟକାରି ଭାବେ ଈଶ୍ୱର ତାଙ୍କରି ସେବା ଓ ଅନୁଧ୍ୟାନ କରି ଆସୁଅଛନ୍ତି । ସେମାନେ ଭାବନ୍ତି, ଈଶ୍ୱରଙ୍କ ପରେ ପରେ ସେମାନେ ହିଁ ଉତ୍କୃଷ୍ଟ ବିଚାରପତି ଅଟନ୍ତି । ତେଣୁ ସୋମନେ ନିଜ ନିଜକୁ ବିଚାରକର୍ତ୍ତା ନିଯୁକ୍ତି କରନ୍ତି ଆଉ ଏହାର ମୁଖ୍ୟ ମୁଳ ହେଉଛି ସେମାନଙ୍କର ଅହଂକାର ।
- ତୁମ୍ଭମାନ ନିଜ ନିର୍ଣ୍ଣୟ କର । ଅନ୍ୟକୁ ବିଚାର କରିବା ମୁଖ୍ୟ କାରଣ ଭଲ ନା ମନ୍ଦ ଅଟେ ?

**ଶିକ୍ଷାର ମୂଳ ବିଷୟ:**

ଗୋଟିଏ ମାତ୍ର ବିଚାରକର୍ତ୍ତା ଅଛନ୍ତି ଆଉ ସେ ମୁଁ ନୁହଁ ।

**ପ୍ରୟୋଗ:**

ଅନ୍ୟକୁ ବିଚାର ନ କରିବା ନିମନ୍ତେ ଏକ ହିତାହିତ ଜ୍ଞାନ ଯୁକ୍ତ ଚେଷ୍ଟା କର ।

## ପାଠ-୧୫

## ଇନ୍ଦ୍ରିୟ ଶକ୍ତି ବୃଦ୍ଧିକରିବା

**ଆଇସବ୍ରେକର ଦଳ:**

- ଏକ ବାଇବଲ ଆବରଣ (ବାଇବଲ କଭର)ରେ ଏକ ପୁସ୍ତକ ରଖି ତାହା ଦଳୀୟ ସଭାକୁ ଆଣ ଓ ଏହା ଦଳକୁ ଦେଖାଇବା ବେଳେ ପ୍ରଶ୍ନ କର ଏହା କ'ଣ? (ଉତ୍ତର ପ୍ରାୟ ଏକ ବାଇବଲ ହିଁ ହେବ)
- ଏକ ବାଇବଲ ଆବରଣ ସହ ଏକ ପୁସ୍ତକ ଦଳିୟ ସଭାକୁ ଆଣ । ଏହା ଦଳକୁ ଦେଖାଇବା ବେଳେ ପ୍ରଶ୍ନକର ଏହା କ'ଣ? ଉତ୍ତର ପ୍ରାୟ ଏକ ବାଇବଲ ହିଁ ହେବ ।
- ସମସ୍ତେ ଯୋହନ ୭: ୨୪ ଖୋଲିବା ହୁଅ ।
- ବାଇବଲ ଆବରଣ ସହ ପୁସ୍ତକରୁ କିଛି ଧାଡ଼ି ତମେ ପଢ଼ିବାକୁ ଆରମ୍ଭ କର ।
- ତେବେ ଯାହା ଜଣାଯାଇଅଛି ତାହା ଯୋହନ ୭: ୨୪ ସହ ଯୋଡ଼ିବା ନିମନ୍ତେ ଦଳକୁ କୁହ ।

**ଉପକ୍ରମ:**

ପୂର୍ବ ପାଠରେ ଅନ୍ୟଲୋକଙ୍କ ବିଚାର କରିବା ବିଷୟ ଆଲୋଚନା କରାଗଲା । ଅନ୍ୟମାନଙ୍କୁ ବିଚାର ନକରିବା ନିମନ୍ତେ ଯୀଶୁଙ୍କ ଶିଷ୍ୟମାନଙ୍କୁ କୁହାଯାଇଥିଲା । ଏହି କାର୍ଯ୍ୟକୁ ନୂତନ ନିୟମର ଅନେକ ଶାସ୍ତ୍ରାଂଶ ସମର୍ଥନ କରେ ଏବଂ ଆମେ ସେଗୁଡ଼ିକୁ ଏଠାରେ ପୁନଃଦୃଷ୍ଟି ଦେବା । ପ୍ରଥମ ବାକ୍ୟ ରୋମୀୟ ପୁସ୍ତକରୁ ଅଟେ ।[୬୬] ଅତଏବ, ହେ ମନୁଷ୍ୟ, ବିଚାର କରୁଥାଅ ଯେ ତୁମ୍ଭେ, ତୁମ୍ଭେ ଯେକେହି ହୁଅ, ତୁମ୍ଭର ଉତର ଦେବାର ବାଟ ନାହିଁ; କାରଣ ଯେଉଁ ବିଷୟରେ ତୁମ୍ଭେ ଅନ୍ୟର ବିଚାର କରୁଥାଅ, ସେହି ବିଷୟରେ ତୁମ୍ଭେ ଆପଣାକୁ ଦୋଷୀ କରୁଥାଅ, ଯେଣୁ ବିଚାର କରୁଥାଅ ଯେ ତୁମ୍ଭେ, ତୁମ୍ଭେ ନିଜେ ସେହିପ୍ରକାର କର୍ମ କରୁଥାଅ । ଆଉ, ଯେଉଁମାନେ ଏହିପ୍ରକାର କର୍ମ କରନ୍ତି, ସେମାନଙ୍କ ବିରୁଦ୍ଧରେ ଈଶ୍ୱରଙ୍କ ବିଚାର ଯେ ନ୍ୟାୟ-ସଙ୍ଗତ, ଏହା ଆମ୍ଭେମାନେ ଜାଣୁ । ଆଉ, ହେ ମନୁଷ୍ୟ, ଯେଉଁମାନେ ଏହିପ୍ରକାର କର୍ମ କରନ୍ତି, ସେମାନଙ୍କର ବିଚାର କରି ଆପେ ସେହିପ୍ରକାର କରୁଥାଅ ଯେ ତୁମ୍ଭେ, ତୁମ୍ଭେ ଈଶ୍ୱରଙ୍କ ବିଚାରରୁ ପଳାୟନ କରି ପାର ବୋଲି କଅଣ ମନେ କରୁଅଛ? କିମ୍ବା ଈଶ୍ୱରଙ୍କ କୃପା ଯେ ତୁମ୍ଭକୁ ମନପରିବର୍ତନ ଆଡ଼କୁ ଘେନିଯିବାକୁ ଚେଷ୍ଟା କରେ, ଏହା ନ ଜାଣି ତୁମ୍ଭେ କି ତାହାଙ୍କର କୃପା, ଧୈର୍ଯ୍ୟ ଓ ଚିରସହିଷ୍ଣୁତାରୂପ ଧନସବୁ ତୁଚ୍ଛ କରୁଅଛ? କିନ୍ତୁ ତୁମ୍ଭେ ଆପଣା କଠିନ ଓ ଅପରିବର୍ତୀତ ହୃଦୟ ଅନୁସାରେ, ଯେଉଁ ଦିନ ଈଶ୍ୱରଙ୍କ ନ୍ୟାୟବିଚାର ପ୍ରକାଶ ପାଇବ, ସେହି କ୍ରୋଧର ଦିନରେ ନିଜ ପାଇଁ କ୍ରୋଧ ସଂଚୟ କରୁଅଛ ।

[୬୬] ରୋମୀୟ ୨: ୧-୬

କଠିନ ହୃଦୟ ଓ ଅପରିବର୍ତ୍ତୀତ ହୃଦୟ ଯୋଗୁଁ, ପ୍ରତି ଫଳେର ପ୍ରେରିତ ପାଉଲ, ଯେଉଁମାନେ ଅନ୍ୟମାନଙ୍କୁ ବିଚାର କରନ୍ତି, ସେମାନଙ୍କ ସହିତ ସମାନ କରନ୍ତି, ଯେଉଁମାନେ ଆପଣାମାନଙ୍କ ନିମେନ୍ତ କ୍ରୋଧ ସଞ୍ଚୟ କରୁଅଛନ୍ତି ।

ରୋମୀୟ ପୁସ୍ତକରେ ଆଉ ଏକ ବାକ୍ୟ କହେ, ତୁମ୍ଭେ କିଏ ଯେ ଅନ୍ୟର ଦାସର ବିଚାର କରୁଅଛ ? ସେ ଆପଣା ପ୍ରଭୁ ନିକଟରେ ସ୍ଥିର ରୁହେ ବା ପତିତ ହୁଏ; ହଁ, ତାହାକୁ ସ୍ଥିର ରଖାଯିବ, କାରଣ ତାହାକୁ ସ୍ଥିର ରଖିବାକୁ ପ୍ରଭୁଙ୍କର ଶକ୍ତି ଅଛି ।[୬୭] ପ୍ରେରିତ ପାଉଲ ଅଖଣ୍ଡିତ ଭାବରେ ନିଜ ଚିନ୍ତାଧାରାକୁ ପ୍ରକାଶ କରୁଅଛନ୍ତି ।[୬୮] କିନ୍ତୁ ତୁମ୍ଭେ କାହିଁକି ଆପଣା ଭାଇର ବିଚାର କରୁଅଛ ? କିମ୍ବା ତୁମ୍ଭେ କାହିଁକି ଆପଣା ଭାଇକୁ ତୁଚ୍ଛ କରୁଅଛ ? ଆମ୍ଭେମାନେ ସମସ୍ତେ ତ ଈଶ୍ୱରଙ୍କ ବିଚାରାସନ ଛାମୁରେ ଠିଆ ହେବା । ଯେଣୁ ଲେଖାଅଛି, "ପ୍ରଭୁ କହନ୍ତି, ଆମ୍ଭେ ଜୀବିତ ଥିବା ପ୍ରମାଣେ, ପ୍ରତ୍ୟେକ ଜାନୁ ଆମ୍ଭ ଛାମୁରେ ନତ ହେବ, ଆଉ ପ୍ରତ୍ୟେକ ଜିହ୍ୱା ଈଶ୍ୱରଙ୍କ ପ୍ରଶଂସା କରିବ ।" ଅତଏବ, ଆମ୍ଭମାନଙ୍କର ପ୍ରତ୍ୟେକ ଜଣକୁ ଈଶ୍ୱରଙ୍କ ଛାମୁରେ ନିଜ ନିଜର ହିସାବ ଦେବାକୁ ହେବ ।

ଆପଣା ନାମ ଅଧିନସ୍ଥ ପତ୍ରିକାରେ ପ୍ରଭୁଙ୍କ ଭ୍ରାତା ଏବଂ ଯିରୁଶାଲେମ ମଣ୍ଡଳୀର ମୁଖିଆ, ଅନ୍ୟମାନଙ୍କୁ ବିଚାର କରିବା ବିଷୟ ପ୍ରତି କିଛି ବାକ୍ୟ ଯୋଡ଼ନ୍ତୁ । ସେ ଲେଖନ୍ତି, ହେ ଭାଇମାନେ, ତୁମ୍ଭେମାନେ ପରସ୍ପରର ଗ୍ଲାନି କର ନାହିଁ ଯେ ଭାଇର ଗ୍ଲାନି କରେ କିମ୍ବା ଭାଇର ବିଚାର କରେ, ସେ ବ୍ୟବସ୍ଥାର ଗ୍ଲାନି କରେ ଓ ସେଥିର ବିଚାର କରେ; କିନ୍ତୁ ତୁମ୍ଭେ ଯଦି ବ୍ୟବସ୍ଥାର ବିଚାର କର, ତାହାହେଲେ ତୁମ୍ଭେ ବ୍ୟବସ୍ଥାର ପାଳନକାରୀ ନ ହୋଇ ସେଥିର ବିଚାରକର୍ତ୍ତା ଅଟ । ବ୍ୟବସ୍ଥାଦାତା ଓ ବିଚାରକର୍ତ୍ତା ଜଣେମାତ୍ର, ସେ ରକ୍ଷା ଓ ବିନାଶ କରିବାକୁ ସମର୍ଥ; କିନ୍ତୁ ପ୍ରତିବାସୀର ବିଚାର କରୁଅଛ ଯେ ତୁମ୍ଭେ, ତୁମ୍ଭେ କିଏ ?[୬୯] ନିଜ ପତ୍ରିକାର ଶେଷ ଆଡ଼କୁ, ଯାକୁବ ପୁଣିଥରେ ମୁଦାକୁ ଜୋର ଦିଅନ୍ତି । ଯେବେ ସେ କହନ୍ତି, ହେ ଭାଇମାନେ, ତୁମ୍ଭେମାନେ ଯେପରି ଦଣ୍ଡପ୍ରାପ୍ତ ନହୁଅ, ଏଥି ନିମନ୍ତେ ପରସ୍ପର ବିରୁଧରେ ବଚସା ନକର, ଦେଖ,

---

[୬୭] ରୋମୀୟ ୧୪: ୪

[୬୮] ରୋମୀୟ ୧୪: ୧୦-୧୨

[୬୯] ଯାକୁବ ୪: ୧୧-୧୨

ବିଚରାକର୍ତ୍ତା ଦ୍ୱାରା ସମ୍ମୁଖରେ ଦଣ୍ଡାୟମାନ ହୋଇ ଅଛନ୍ତି ।[୭୦] ଏଠିସ୍ଥିତି ସମସ୍ତ ଶାସ୍ତ୍ର ଯୀଶୁଙ୍କ ଶିକ୍ଷା ସହଯୋଗ କରେ: ବିଚାର କରନାହିଁ, ଆଉ ତୁମ୍ଭକୁ ଦୋଷାରୋପ କରାଯିବ ନାହିଁ: କ୍ଷମା ଦିଅ ଆଉ ତମେ ମଧ୍ୟ କ୍ଷମା ପାଇବ ।

ଯୀଶୁଙ୍କ ଶିଷ୍ୟମାନେ ଅନ୍ୟ ଲୋକମାନଙ୍କୁ ବିଚାର କରୁନଥିଲେ, କାରଣ ଈଶ୍ୱର ସେମାନଙ୍କୁ ବିଚାରପତି ରୁପେ ନିଯୁକ୍ତି କରି ନଥିଲେ । ପ୍ରେରିତ ପୁସ୍ତକରେ ଉଲ୍ଲେଖ ଅଛି । ପ୍ରେରିତ ପୁସ୍ତକ ୧୭:୩୧-୩୨, କାରଣ ଯେଉଁଦିନ ସେ ଆପଣା ନିରୂପିତ ବ୍ୟକ୍ତିଙ୍କ ଦ୍ୱାରା ଧାର୍ମିକତାରେ ଜଗତର ବିଚାର କରିବେ, ଏହିପରି ଗୋଟିଏ ଦିନ ସ୍ଥିର କରିଅଛନ୍ତି, ଆଉ ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଥାପନ କରି ଏ ବିଷୟରେ ସମସ୍ତଙ୍କ ନିକଟରେ ପ୍ରମାଣ ଦେଇଅଛନ୍ତି । ମୃତମାନଙ୍କର ପୁନରୁଥାନ କଥା ଶୁଣି କେହି କେହି ପରିହାସ କରିବାକୁ ଲାଗିଲେ; ଆଉ କେହି କେହି କହିଲେ, ଆମ୍ଭେମାନେ ଆଉ ଥରେ ଆପଣଙ୍କଠାରୁ ଏହି ବିଷୟ ଶୁଣିବା ।[୭୧] ଏହାର ଘୋଷଣାରେ ଉକ୍ତ ମୁଦ୍ଦାକୁ ରୋମୀୟ ପୁସ୍ତକ ଶକ୍ତି ଯୋଗକରେ । ଯେଉଁ ଦିନରେ ଈଶ୍ୱର ମୋହର ସୁସମାଚାର ଅନୁସାରେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ମନୁଷ୍ୟମାନଙ୍କର ଗୁପ୍ତ ବିଷୟଗୁଡ଼ିକ ବିଚାର କରିବେ ।[୭୨] ପୁଣି ଏହି ପୁସ୍ତକ ଏହାର ସାରାଂଶ ଦିଏ; କାରଣ ପ୍ରତିଶୋଧ ନେବା ଆମ୍ଭର ଅଧିକାର, ଆମ୍ଭେ ପ୍ରତିଫଳ ଦେବା, ଯେ ଏହି କଥା କହି ଅଛନ୍ତି, ତାହାଙ୍କୁ ଆମ୍ଭେମାନେ ଜାଣୁ; ପୁନଶ୍ଚ ପ୍ରଭୁ ଆପଣା ଲୋକମାନଙ୍କୁ ବିଚାର କରିବେ । ଜୀବିତ ଈଶ୍ୱରଙ୍କ ହସ୍ତରେ ପଡ଼ିବା ଭୟଙ୍କର ବିଷୟ ।[୭୩]

ଅନ୍ୟମାନଙ୍କୁ ବିଚାର କରନ୍ତୁ, ବୋଲି ଯଦିଅ ଯୀଶୁ ଆପଣା ଶିଷ୍ୟମାନଙ୍କୁ କରିବାକୁ ଚାହାନ୍ତି ନାହିଁ ତଥାପି ଭଲ ଓ ମନ୍ଦ ମଧ୍ୟରେ ନିଷ୍ପତି ନେବା ନିମନ୍ତେ, ଆତ୍ମିକ ସତ୍ୟତା ପ୍ରାଥମିକଦା ଦେବାକୁ ଆଗ୍ରହ କଲେ । ଉକ୍ତ ତିନୋଟି ଶବ୍ଦ: ବିଚାର, ଇନ୍ଦ୍ରିୟ ଓ ନିର୍ଣ୍ଣୟ ପ୍ରାୟ ସମାନ ଅଟେ । ବାସ୍ତବରେ ସାରା ଶାସ୍ତ୍ରରେ ଇନ୍ଦ୍ରିୟ ଶବ୍ଦ

---

[୭୦] ଯାକୁବ ୫: ୯

[୭୧] ପ୍ରେରିତ ୧୭: ୩୧-୩୨

[୭୨] ରୋମିୟ ୨ : ୧୬

[୭୩] ଏବ୍ରି ୧୦ : ୩୦-୩୧

ଜାଗାରେ, ବିଚାର ଓ ନିର୍ଣ୍ଣୟ ଶବ୍ଦ ଅନେକ ଅନେକ ସମୟରେ ବ୍ୟବହାର କରାଯାଇ ଅଛି ଆଉ ପୃଷ୍ଠଭୂମି ଦ୍ୱାରା ବ୍ୟବହୃତ ଏହି ଶବ୍ଦ ଅର୍ଥ ବାହାର କରାଯାଇପାରେ ।

ଏହି ବିଷୟର ଏକ ଉଦାହରଣ ଲୂକ.୭:୪୧-୪୩ରୁ ଅଣାଯାଏ । ଯେତେ ଯୀଶୁ ଶିମିୟୋନ ନାମକ ଜଣ ବ୍ୟକ୍ତିଙ୍କୁ ଏକ ଦୃଷ୍ଟାନ୍ତ ଦିଅନ୍ତି । ଜଣେ ମହାଜନଙ୍କର ଦୁଇ ଜଣ ଋଣୀ ଥିଲେ; ଜଣେ ପାଞ୍ଚଶହ ଓ ଆଉ ଜଣେ ପଚାଶ ଟଙ୍କା ଋଣ କରିଥିଲା । ପରିଶୋଧ କରିବାକୁ ସେମାନଙ୍କର କିଛି ନ ଥିବାରୁ ସେ ଉଭୟଙ୍କର ଋଣ ଛାଡ଼ିଦେଲେ । ଏଣୁ ସେମାନଙ୍କ ମଧ୍ୟରୁ କିଏ ତାଙ୍କୁ ଅଧିକ ପ୍ରେମ କରିବ ? ଶିମୋନ ଉତର ଦେଲେ, ମୋର ବୋଧ ହୁଏ, ସେ ଯାହାର ଅଧିକ ଋଣ ଛାଡ଼ିଦେଲେ, ସେ । ସେ ତାଙ୍କୁ କହିଲେ, ତୁମ୍ଭେ ଯଥାର୍ଥ ବିଚାର କଲ । ଆଉ, ସେ ସେହି ସ୍ତ୍ରୀ ପ୍ରତି ମୁଖ ଫେରାଇ ଶିମୋନଙ୍କୁ କହିଲେ, ଏହି ସ୍ତ୍ରୀକି ଦେଖୁଅଛ ? ମୁଁ ତୁମ୍ଭ ଗୃହକୁ ଆସିଲି, ତୁମ୍ଭେ ମୋ' ପାଦ ପାଇଁ ପାଣି ଦେଲ ନାହିଁ, କିନ୍ତୁ ଏ ଅଶ୍ରୁଜଳରେ ମୋର ପାଦ ସିକ୍ତ କରି ନିଜ କେଶରେ ତାହା ପୋଛିଦେଲା । ତୁମ୍ଭେ ମୋତେ ଚୁମ୍ବନ କଲ ନାହିଁ, କିନ୍ତୁ ମୁଁ ଭିତରକୁ ଆସିବା ସମୟଠାରୁ ଏ ମୋହର ପାଦ ଚୁମ୍ବନ କରିବାରୁ କ୍ଷା; ହୋଇ ନାହିଁ । ତୁମ୍ଭେ ମୋହର ମସ୍ତକରେ ତୈଳ ଲଗାଇଲ ନାହିଁ, କିନ୍ତୁ ଏ ମୋହର ପାଦରେ ସୁଗନ୍ଧି ତୈଳ ଲଗାଇଲା । ଏହି ପରିପେକ୍ଷୀରେ ସିମିୟନ ସିଧାସଳଖ ଅନ୍ୟ ଲୋକଙ୍କର ବିଚାର କଲେ ନାହିଁ, କିନ୍ତୁ ସଠିକ୍ ଭାବେର ଏକ ଆତ୍ମିକ ସତ୍ୟତା ବୁଝି ପାରିଲେ ।

ଇନ୍ଦ୍ରିୟ ଶବ୍ଦର ଅର୍ଥଗୁଡ଼ିକ ଏହା ଅଟେ । ବୁଝିବା, କିଅବା ଚିହ୍ନିବା କିମ୍ବା ସ୍ପଷ୍ଟ କରିବା । ଏହା ଜଣେ ବ୍ୟକ୍ତି କିଅବା ଚିହ୍ନିବା କିମ୍ବା ସ୍ପଷ୍ଟ କରିବା । ଏହା ଜଣେ ବ୍ୟକ୍ତି କିଅବା କିଛି ବସ୍ତୁ ବିଷୟରେ ସତ୍ୟତାର ଏକ ଖୋଜ, ଯେଉଁଥିରେ ଜଣେ ବ୍ୟକ୍ତିଙ୍କର ମତ ସ୍ଥାପିତ ହୋଇଅଛି । ଯେବେ ସତ୍ୟତା ଜଣାଯାଏ, ଜଣେ ବ୍ୟକ୍ତି ଘଟଣା ବିଷୟରେ ପଦକ୍ଷେପ ନେଇପାରେ । ତଥାପି ଉକ୍ତ ପଦକ୍ଷେପ ଅନ୍ୟର ବିଚାରକ ହେବାକୁ ହେବନି, ଯେଉଁଥିରେ ସେ ସେମାନଙ୍କ ଉପରେ ଏକବିଧି ଲାଗୁ କିଅବା ଦୋଷାରୋପ ଆଦେଶ ଆବଶ୍ୟକ ମନେ କରେ । ଯୀଶୁ ଉକ୍ତ ଧାରଣା ଗୋଟିଏ ବାକ୍ୟରେ ସଂକ୍ଷିପ୍ତ କରି, ସେ ପରବର୍ତ୍ତୀ ସମୟରେ ତାଙ୍କ ଶିଷ୍ୟମାନଙ୍କୁ

କରିବାକୁ ଚାହାନ୍ତି ! ଦେଖମାନଙ୍କ ମଧରେ ମେଣ୍ଢାମାନଙ୍କ ପରି ମୁଁ ତୁମ୍ଭମାନଙ୍କୁ ପଠାଉଅଛି, ଅତଏବ ସର୍ପପରି (ଇନ୍ଦ୍ରିୟ) ବୁଦ୍ଧିମାନ ଓ କପୋତ ପରି କୋପତ (ବିଚାରଶକ୍ତି ବିନା) ।[୭୪]

**ଶାସ୍ତ୍ରପାଠ:**

## ଇନ୍ଦ୍ରିୟଶକ୍ତି ବୃଦ୍ଧି କରିବା

## ପାର୍ବତୀୟ ପ୍ରଚାର

## ମାଥିଉ.୭ :୬

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ପବିତ୍ର ବସ୍ତୁ କୁକୁରକୁ ଦିଅନାହିଁ [୭୫] ଏବଂ ତୁମ୍ଭର ସୁବର୍ଣ୍ଣ ଘୁଷୁରି ସମ୍ମୁଖକୁ ଫିଙ୍ଗି ନାହିଁ, [୭୬] ହେଇପାରେ ସେମାନେ ଆପଣା ପାଦରେ ଦଳିଦେବ ଓ ତୁମ୍ଭମାନଙ୍କୁ ଚିରିଫାଡ଼ି ଦେବେ ।

**ଆଦେଶ:**

- ଯାହା ପବିତ୍ର, ତାହା କୁକୁରକୁ ଦିଅନାହିଁ ।
- ତୁମ୍ଭର ଅଳଙ୍କାର ଘୁଷୁରି ସମ୍ମୁଖରେ ଫିଙ୍ଗି ନାହିଁ ।

**ଦଳୀୟ ଆଲୋଚନା:**

---

[୭୪] ମାଥିଉ ୧୦: ୧୬

[୭୫] ପବିତ୍ର ବସ୍ତୁ କୁକୁରକୁ ଦିଅନାହିଁ । କୁକୁରମାନେ ମୂର୍ଖ ବୋଲି ଗ୍ରହଣ କରାଯାଆନ୍ତି । ଈଶ୍ୱର ନାହାନ୍ତି ବୋଲି, ଯେଉଁମାନେ ଆପଣା ହୃଦୟରେ କହେ ହିତୋପଦେଶ ୨୬:୧୧ କହେ, ଆପଣା ଦାନ୍ତ ପ୍ରତି ଫେରିବା କୁକୁର ଯେପରି ପୁନଃ ପୁନଃ ଆପଣା ଅଜ୍ଞାନତାର କର୍ମ କରିବା ମୁର୍ଖ ସେପରି । ମୂଦା ଏହାକି, ଯାହା ଈଶ୍ୱରଙ୍କ, ସେ ସମସ୍ତ ମୁର୍ଖମାନଙ୍କୁ ଦିଅନାହିଁ, କାରଣ ଈଶ୍ୱର ଅଛନ୍ତି ବୋଲି କୌଣସି ମତେ ସେମାନେ ବିଶ୍ୱାସ କରନ୍ତି ନାହିଁ ।

[୭୬] ଆପଣା ସୁବର୍ଣ୍ଣ ଘୁଷୁରି ସମ୍ମୁଖରେ ପକାଅନାହିଁ, ଘୁଷୁରିମାନେ ସେମାନେ, ଯେଉଁମାନଙ୍କର ବିଚାର ଶକ୍ତିର ଅଭାବ ଥାଏ, ପୁଣି ଠିକ୍ ନିର୍ଣ୍ଣୟ ବେଗର ଦକ୍ଷ୍ୟତା ନଥାଏ । ହତେପଦେଶ ୧୧:୨୨ କହେ; ଘୁଷୁରିର ଧମୁଣିରେ ଯେପରି ସୁବର୍ଣ୍ଣ ନଥ, ସେପରି ସୁବିଚାର ତ୍ୟାପିନ । କଥା ଏହା ! ସେ ମହିଳାଙ୍କୁ ଦିଅ ନାହିଁ, ଘିଓ କିଛି ଜିନିଷ ଯାହା, ମୁଲ୍ୟବାନ ବସ୍ତୁକୁ ଯନ୍ତ୍ରବାନ ନକରେ, ଯେହେତୁ ତାହା ସହିତ କ'ଣ କରାଯାଏ ଜାଣନ୍ତି ନାହିଁ ।

ଭଲ ଓ ମନ୍ଦ ମଧ୍ୟରେ ବୁଝିବା ନିମନ୍ତେ କେଉଁ ମାନଦଣ୍ଡ ତମେ ବ୍ୟବହାର କର। ।

**ଶିକ୍ଷଣୀୟ ବିଷୟ:**

ସାରା ଶାସ୍ତ୍ରରେ ଇନ୍ଦ୍ରିୟଶକ୍ତି ସହ ଜୀବନ କାଟିବାକୁ ଶିଷ୍ୟମାନଙ୍କୁ ଦିଆଯାଇଅଛି । ବାସ୍ତବରେ ପବିତ୍ର ଆତ୍ମାଙ୍କ ଦାନ ହେଉଚି ଇନ୍ଦ୍ରିୟଶକ୍ତି ଯାହା ଭଲ ଓ ମନ୍ଦ କ'ଣ ବୁଝି ମଣ୍ଡଳୀକୁ ସାହାଯ୍ୟ କରିବା ଅଟେ । ଏବ୍ରି ପୁସ୍ତକର ଲେଖକଙ୍କ ଅନୁସାରେ ଭଲ ଓ ମନ୍ଦ ବୁଝିବା ନିମନ୍ତେ ଇନ୍ଦ୍ରିୟ ଶକ୍ତିର ପ୍ରଶିକ୍ଷଣ ଦରକାର ପଡ଼େ ।[୭୭] ତାଲିମ, ଅଭ୍ୟାସ ଓ ପରିପକ୍ୱତା ଦ୍ୱାରା ବୁଝିବା ଶକ୍ତି ଆସିଥାଏ । କୌଣସି ବିବାଦର ବିଚାରରେ ଏକ ରାୟ ଦେବା ପୂର୍ବରୁ ଦୁଇ କିମ୍ୱେ ଦୁଇରୁ ଅଧିକ ସାକ୍ଷୀ ଦରକାର ପଡ଼ିଥିଲା । ଭଲ ଓ ମନ୍ଦ ମଧ୍ୟରେ ସଠିକ୍ ବୁଝାମଣା ନିମନ୍ତେ ଏକ ଅଭିମତକୁ ସ୍ଥାପନ କରିବା ପୂର୍ବରୁ ତିନୋଟି ବାସ୍ତବ ବିଷୟକୁ ଅନୁଧ୍ୟାନ କରିବାକୁ ପଡ଼େ । ସେଗୁଡ଼ିକ ହେଲା:

୧. ବ୍ୟକ୍ତିଙ୍କର କାର୍ଯ୍ୟ ଓ କର୍ମ ।

୨. ବ୍ୟକ୍ତିଙ୍କର ବାକ୍ୟଗୁଡ଼ିକ ।

୩. ଈଶ୍ୱରଙ୍କ ବାକ୍ୟ ।

ଯେପରି କଥା ବଢୁଛି । ତମେ ଗୋଟିଏ ବହିକୁ, ଏହାର ଆବରଣ ଦେଖି ବିଚାର କରିପାରିବ ନାହିଁ । କେବଳ ବାହାର ଆବରଣ ଦ୍ୱାରା ତମେ ଭଲ ଏବଂ ମନ୍ଦ ବୁଝିପାରିବ ନାହିଁ । ବୁଝିବା ନିମନ୍ତେ ଜଣେ ବ୍ୟକ୍ତିଙ୍କର ବାହ୍ୟ କର୍ମ କିଅବା ଏକ ଅବସ୍ଥା ଆଣି ଆବଶ୍ୟକ କିନ୍ତୁ ତାହାହିଁ ପରୀକ୍ଷାର ଶିର୍ଷିକ ହୋଇ ନପାରେ । ଉଦାହରଣ ସ୍ୱରୁପ, ଜଣେ ବ୍ୟକ୍ତି ଅନ୍ୟ ଏକ ବ୍ୟକ୍ତିଙ୍କ ଆଡ଼କୁ ଏକ ବନ୍ଧୁକ ମୁନ ଦେଖାଇବା ଦୃଶ୍ୟ, ଯଦି ଆମେ ଦେଖିଥାଉ, ଏହା ଭଲ କି ମନ୍ଦ ବୁଝିବା ନିମନ୍ତେ ଆମ୍ଭମାନଙ୍କ ପାଖରେ ଅଧିକା କିଛି ଖବର ନଥାଏ । ତେଣୁ ଆମ୍ଭମାନଙ୍କୁ ଅଧିକ ଖବର ଆବଶ୍ୟକ । ଏକ ସଠିକ ବୁଝାମଣା ନିମନ୍ତେ ଦିନେ ନିକୋଦମ ଇଶ୍ରାଲେର ରାଜାଙ୍କୁ ସ୍ମରଣ କରାଇଲେ, ସେ କହିଲେ; ଜଣେ ଲୋକଠାରୁ ପ୍ରଥମେ ନଶୁଣି ଓ

[୭୭] ଏବ୍ରି ୫: ୧୪

ତାହାର ଆଚରଣ ବିଷୟ ନଜାଣି ଆମ୍ଭମାନଙ୍କର ବ୍ୟବସ୍ଥା ଜଣେ ବ୍ୟକ୍ତିଙ୍କୁ ବିଚାର କରେ ନାହିଁ,[୭୮] ଯୀଶୁ ମଧ୍ୟ କହିଲେ ମୁ ଯେପରି ସେପରି ବିଚାର କରେ ।[୭୯]

ହୃଦୟ ମଧ୍ୟରେ କ'ଣ ଅଛି ଓ ଅଭିପ୍ରାୟ ପଛର ଆତ୍ମା କ'ଣ ଜାଣିବା ନିମନ୍ତେ ନିର୍ଗତ ବାକ୍ୟଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ପଟା ଅଟେ । ଫାରୁଶୀମାନଙ୍କ ସହିତ କଥା ହେଲାବେଳେ ଏହି ଶିକ୍ଷାକୁ ବର୍ଣ୍ଣନା କଲେ । "ରେ କାଳ ସର୍ପର ବଂଶ ତୁମ୍ଭମାନେ ନଷ୍ଟ ହୋଇ କି ପ୍ରକାରେ ଭଲକଥା କହିପାର ? କାରଣ ହୃଦୟର ପୂର୍ଣ୍ଣତାରୁ ମୁଖ କଥା କହେ । ଉତ୍ତମ ଲୋକ ଉତ୍ତମ ଭଣ୍ଡାରୁ ଉତ୍ତମ ପଦାର୍ଥ ବାହାର କରେ ପୁଣି ମନ୍ଦ ଲୋକ ମନ୍ଦ ଭଣ୍ଡାରରୁ ମନ୍ଦ ପଦାର୍ଥ ବାହାର କରେ" ।[୮୦] ଅଭିପ୍ରାୟ ଈଶ୍ୱରଂକ ଆଗରେ ଗୁରୁତ୍ୱପୂର୍ଣ୍ଣ ।

ପୂର୍ବରୁ ତାଙ୍କ ପାର୍ବତୀୟ ପ୍ରଚାରରେ, ଯୀଶୁ ମଣିଷର ଉତ୍ତମ କାର୍ଯ୍ୟ ଗୁଡ଼ିକର ତିନୋଟି ଉଦାହରଣ ନିଅନ୍ତି । ସେଗୁଡ଼ିକ ହେଲା ଦାନ, ପ୍ରାର୍ଥନା ଓ ଉପବାସ । ଯେଉଁମାନେ ଏହିସବୁ ଉତ୍ତମ କାର୍ଯ୍ୟ କରନ୍ତି, ସେମାନେ ପୁରସ୍କାର ପାଆନ୍ତି । ଯେଉଁମାନେ ସେସବୁ କରନ୍ତି ସେମାନଙ୍କ ପୁରସ୍କାର ଗୁପ୍ତରେ ସଦାପ୍ରଭୁଙ୍କ ଠାରୁ ପାଆନ୍ତି । ଯେଉଁମାନେ ଲୋକ ଦେଖାଇବା ନିମନ୍ତେ ସେହିପରି କାର୍ଯ୍ୟ କରନ୍ତି ସେମାନେ ଲୋକଙ୍କଠାରୁ ସମ୍ମାନ ପାଆନ୍ତି, କିନ୍ତୁ ଯୀଶୁ ସେମାନଙ୍କୁ କପଟିମାନଙ୍କ ସହ ସମାନ କରନ୍ତି । ସେ ସେମାନଙ୍କ ଅଭିପ୍ରାୟ ଜାଣିଲେ । ହିତୋପଦେଶ ପୁସ୍ତକ ଅନୁସାରେ : ମନୁଷ୍ୟର ସବୁଗତି ଆପଣା ଦୃଷ୍ଟିରେ ଯଥାର୍ଥ, ମାତ୍ର ସଦାପ୍ରଭୁ ହୃଦୟ ସବୁ ତୋଲନ୍ତି ।[୮୧]

ପ୍ରକାଶିତ ଧର୍ମଶାସ୍ତ୍ର କିଅବା ପବିତ୍ର ଆତ୍ମାଙ୍କ ପ୍ରକାଶିତ ଈଶ୍ୱରଙ୍କ ବାକ୍ୟ, ଭଲ ମନ୍ଦ ବୁଝିବା ନିମନ୍ତେ ଚୂଡ଼ାନ୍ତ ସତ୍ୟତା ଅଟେ । କାର୍ଯ୍ୟ, ଶବ୍ଦ କିଅବା ଦୃଶ୍ୟମାନ ଓ ଅଭିପ୍ରାୟଗୁଡ଼ିକ କ'ଣ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟ- ସାଧକ ପୁଣି ଦିଧାର ଖଡ୍‌ଗଠାରୁ ତୀକ୍ଷ୍ଣତର, ଆଉ ପ୍ରାଣ ଓ ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ

[୭୮] ଯୋହନ ୭:୫୧

[୭୯] ଯୋହନ ୫:୩୦

[୮୦] ମାଥିଉ ୧୨:୩୪

[୮୧] ହିତୋପଦେଶ ୨୧:୨

ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ସୁକ୍ଷ୍ମ ବିଚାରକ ଅଟେ ।[୨] କାରଣ ଯେଉଁମାନେ ବୁଝିବାରେ ଶାସ୍ତ୍ରକୁ ବ୍ୟବହାର କରନ୍ତି, ଏହା ଅତି ସଠିକ୍ ରୁପେ କରିବା ଆବଶ୍ୟକ ଅଟେ ଓ ଏକ ସେମାନଙ୍କ ଏକ ତତ୍କାଳିନ ଜ୍ଞାନ ଠାରୁ ଅଧିକ ଆବଶ୍ୟକ ପଡ଼େ । ତାଙ୍କର ଶାସ୍ତ୍ର ଅଧ୍ୟୟନରେ ପ୍ରେରିତ ପାଉଲ ତିମଥିଙ୍କ ଉତ୍ସାହ କଲେ । "ସତ୍ୟବାକ୍ୟ ଯଥାର୍ଥ ରୁପେ ବ୍ୟବହାର କରି ଯେଉଁ କାର୍ଯ୍ୟକାରିର ଲଦ୍ଦାଃଦ୍ଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣଶକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯନ୍ତ୍ର କର" ।[୩]

ଇନ୍ଦ୍ରିୟ ବିଷୟକ ତାଙ୍କରି ଶିକ୍ଷାର ପ୍ରଥମ ଭାଗରେ ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ଏକ ଯୋଡ଼ି ଆଜ୍ଞା ପ୍ରଚଳନ କରନ୍ତି ଯାହା ଭଲ ଓ ମନ୍ଦ ଜାଣିବାରେ ଆବଶ୍ୟକ ପଡ଼େ ଆର ତତ୍ପରେ ସଠିକ୍ ପଦକ୍ଷେପ ନେବା । ଯାହା ପବିତ୍ର ତାହା କୁକୁରକୁ ଦିଅନାହିଁ ଏବଂ ତୁମ୍ଭର ଅହଂକାର ଘୁଷୁରି ଆଗରେ ଫିଙ୍ଗି ନାହିଁ । ଯେପରି ସେଗୁଡ଼ିକ ତାଙ୍କ ପଦ ଦଳିତ ନହୁଓ ଓ ତୁମ୍ଭମାନଙ୍କୁ ଚିରିଫାଡ଼ି ଦେବେ । ସେସବୁ ସଠିକ୍ ବ୍ୟବହାର ଓ ଶାସ୍ତ୍ର ଜାଣିବା ନିମନ୍ତେ ଏହି ଆଜ୍ଞାଗୁଡ଼ିକ ଶିଷ୍ୟମାନଙ୍କ ଦକ୍ଷତାକୁ ପରୀକ୍ଷା କରେ । ଯୀଶୁ ଯାହା ଇଙ୍ଗିତ କରୁଅଛନ୍ତି, କେବଳ ଏକ ଛୋଟ ଛୁଆ କିଅବା ପାଗଳ ବ୍ୟକ୍ତି ଏହିପରି କିଛି କରିବାକୁ ଚିନ୍ତା କରିବେ । ବିଶେଷତଃ ବିବେକ ସୂଚନା ଦିଏ ଯେ ପବିତ୍ରତା କିଅବା ମୂଲ୍ୟବାନ କ'ଣ ଅଟେ, ଉକ୍ତ ମୂଲ୍ୟ ଜାଣନ୍ତି ନାହିଁ ବୋଲି, ତେବେ ପ୍ରାରମ୍ଭରୁ କାହିଁକି ସେମାନଙ୍କୁ ପବିତ୍ର ବସ୍ତୁ କିଅବା ଅହଂକାର ଦିଅ । ସେମାନଙ୍କୁ ସେମାନଙ୍କ ଖାଦ୍ୟ ଦେବା ହିଁ ଉତ୍ତମ ହେବ ।

ତଥାପି ଅନେକ ଲୋକ ଆଜ୍ଞା ଶୁଣି ସ୍ୱୀକାର କରନ୍ତି ଯେ ଆକ୍ଷରିକ ବାଖ୍ୟାକରଣ ଠାରୁ ସେଗୁଡ଼ିକ ଅଧିକା କିଛି କରିବାକୁ ପଡ଼ିବ । ସେମାନେ ଜାଣନ୍ତି ଯେ ଶିଷ୍ୟମାନଙ୍କୁ ଏକ ଗୁପ୍ତ ଆତ୍ମିକ ସତ୍ୟତା ଉଲ୍ଲେଖ କରିବା ନିମନ୍ତେ ଅଳଂକାର ରୂପକ ଏହି ଆଜ୍ଞାଗୁଡ଼ିକ ଯୀଶୁ ବ୍ୟବହାର କରିଅଛନ୍ତି । କିନ୍ତୁ ଯୀଶୁ କେଉ ବିଷୟରେ କହୁଛନ୍ତି ଓ ତତ୍ପରେ ଏହାକୁ କିପରି ବ୍ୟବହାର କରିବାକୁ ଜାଣିବା ନିମନ୍ତେ ଏହା ଅନ୍ତଃଭାବନାଠାରୁ ଅଧିକା ଆବଶ୍ୟକ ପଡ଼େ ।

---

[୨] ଏବ୍ରି ୪:୧୬

[୩] ୨ ତିମଥି ୨ : ୧୫

ପ୍ରାକୃତିକ ଜଗତରେ, ପିଲାମାନେ ସେମାନଙ୍କର ପଞ୍ଚ ଇନ୍ଦ୍ରିୟକୁ ଅତିଶିଘ୍ର ବ୍ୟବହାର କରିବା ଆରମ୍ଭ କରନ୍ତି । କିନ୍ତୁ ସେମାନଙ୍କୁ ପରିପକ୍ୱ କରିବା ନିମନ୍ତେ ଅନେକ କର୍ମ ଲାଗିଯାଏ । ଉକ୍ତ ପ୍ରାକୃତିକ ଉନ୍ନତି ପଦ୍ଧତିର ଏକଭାଗ, ଇନ୍ଦ୍ରିୟଗୁଡ଼ିକୁ ଯୋଗାଯୋଗ କରିବା ନିମନ୍ତେ ଶବ୍ଦଗୁଡ଼ିକ ଶିଖିବା ଆବଶ୍ୟକ ପଡ଼େ । ଏବଂ ପିଲାମାନେ ମଧ୍ୟ ଚିନ୍ତାଧାରାକୁ ଯୋଡ଼ିବା ନିମନ୍ତେ ଶିଖିବାକୁ ଓ ଧାରଣାଗୁଡ଼ିକୁ ପରିପକ୍ୱ ନିଷ୍ପତି ନେବାକୁ ପଡ଼ିବ । ଅନେକ ସମାଜଗୁଡ଼ିକରେ, ସେମାନେ ଯୌବନାବସ୍ଥାକୁ ପହଞ୍ଚିବା ପର୍ଯ୍ୟନ୍ତ ସେମାନଙ୍କ ନିଷ୍ପତି ନିମନ୍ତେ, ଜବାବଦାରି ମଧ୍ୟ ଧରାଯାଏ ନାହିଁ । ଉଦାହରଣ ସ୍ୱରୁପ, ତିନିବର୍ଷର ଏକ ଛୋଟ ଛୁଆ ତାଙ୍କ ମା'ଙ୍କ ସୁବର୍ଣ୍ଣ ଏକ ଘୁଷୁରିକୁ ଖୁଆଇବାକୁ ଉଦ୍ୟମ କରିପାରେ, କିନ୍ତୁ ଏକବାର ବର୍ଷର ଛୁଆ ଏହା କେବେ ଭାବି ମଧ୍ୟ ନପାରେ । ଏହିପରି ନିୟମ ଶିଷ୍ୟମାନଙ୍କ ନିମନ୍ତେ କାର୍ଯ୍ୟକାରୀ ହେବ । ପରେ ଜଣେ ବ୍ୟକ୍ତି ପୁନର୍ଜନ୍ମ ହୋସ ଇଶ୍ୱରଙ୍କ ରାଜ୍ୟଭୁକ୍ତ ହୁଏ, ସେ ତାଙ୍କ ଆତ୍ମିକ ଇନ୍ଦ୍ରିୟତାରେ ବୃଦ୍ଧ ପାଇବା ଆରମ୍ଭ କରେ । ସେଗୁଡ଼ିକ ଯୋଗଯୋଗ କରିବା ନିମନ୍ତେ ଶବ୍ଦ ସବୁ ଶିଖେ ପୁଣି ଇଶ୍ୱରଙ୍କ ଭାବନା ଓ ଚିନ୍ତାଗୁଡ଼ିକୁ ଉନ୍ନତି କରିବା ନିମନ୍ତେ ଶାସ୍ତ୍ର ବ୍ୟବହାର କରେ ।

ଉକ୍ତ ଦୁଇ ଆଜ୍ଞା ବିନିଯୋଗ କରିବାରେ, ଯୀଶୁ ଆତ୍ମିକରୁପେ କେଉଁ ବିଷୟରେ କହୁଅଛନ୍ତି ଜାଣିବା ନିମନ୍ତେ, ଆମେ କୋଟୋଟି ସାଧାରଣ ପର୍ଯ୍ୟବେକ୍ଷଣ ସହ ଆରମ୍ଭ କରିବା ।

୧. ଆଜ୍ଞାଗୁଡ଼ିକ ସ୍ୱତନ୍ତ୍ର ରୁପେ ଜଣେ ଅପରିପକ୍ୱ ଶିଷ୍ୟଙ୍କୁ ଦର୍ଶାଏ । ଯେହେତୁ ଜଣେ ପରପକ୍ୱ ଉକ୍ତ କାର୍ଯ୍ୟ କରିବାକୁ, ଚିନ୍ତା ମଧ୍ୟ କେବେ କରି ନପାରେ । ସେ ପରିପକ୍ୱ ବ୍ୟକ୍ତି ଭଲ ଏବଂ ମନ୍ଦ ବୁଝିବା ନିମନ୍ତେ ଆପଣା ଇନ୍ଦ୍ରିୟକୁ ପ୍ରଶିକ୍ଷଣ କରିପାରିଛି ।
୨. ଦେବା ଅବା ଫିଙ୍ଗିବା କାର୍ଯ୍ୟ, ପଶୁମାନଙ୍କୁ କିଛି ଖୁଆଇବାରେ ଏକ ଉଦ୍ୟମକୁ ଦର୍ଶାଏ ।
୩. କୁକୁର ଓ ଘୁଷିରୀମାନେ ପଶୁ ଅଟନ୍ତି । ଶୁଆଇବା କାର୍ଯ୍ୟ କରୁଥିବା ଜଣକ ସମାନ ପ୍ରକୃତି ସେମାନଙ୍କ ଠାରେ ଦେଖାଯାଏ ନାହିଁ । ଏହି ଦୃଷ୍ଟିରେ ଜଣେ ଶିଷ୍ୟ ସେହିପରି । ତେଣୁ ସେମାନେ ଯୀଶୁଖ୍ରୀଷ୍ଟଙ୍କ ସହଯୋଗୀ ବିଶ୍ୱାସି ହୋଇପାରିବେ ନାହିଁ ।
୪. ପବିତ୍ର ଶବ୍ଦ ଏପରି ଶବ୍ଦ, ଯାହା ସଦାପ୍ରଭୁଙ୍କର କିଅବା ସଦାପ୍ରଭୁଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି ।
୫. ଅଳଂକାର ଶବ୍ଦ କିଛି ମୂଲ୍ୟବାନ ବସ୍ତୁକୁ ସୂଚିତ କରେ, ଯାହା ବ୍ୟକ୍ତି ଯିଏ ଖୁଆଉଛି, ତାଙ୍କର ।

ପ୍ରଥମ ଆଜ୍ଞା ପବିତ୍ର ବସ୍ତୁ କୁକୁରମାନଙ୍କୁ ଦେବା ବିଷୟ ! ହିତୋପଦେଶ ପୁସ୍ତକରେ ଦର୍ଶାଗଲା ! ଆପଣା ବାନ୍ତି ପ୍ରତି ଫେରିବା କୁକୁର ଯେପରି, ପୁନଃ ପୁନଃ ଆପଣା ଅଜ୍ଞାନତାର କର୍ମକରିବା ମୂର୍ଖ ସେପରି ।[୪] ଏହି ବାକ୍ୟ ଅନୁଯାୟୀ ଆମେ ଉଦ୍ଭାବନ କରିପାରିଛୁ ଯେ, ଜଣେ ମୁର୍ଖ ଗୋଟିଏ କୁକୁର ସହ ସମାଜ ଏବଂ ବାକ୍ୟ ଅନୁଯାୟୀ ଜଣେ ମୁର୍ଖ ଏକ ଭୋଲା କିଅବା ଅଜ୍ଞାନୀ ବ୍ୟକ୍ତିଙ୍କ ଠାରୁ ମଧ୍ୟ ଅଧିକ । ସେ ଏପରି ଜଣେ ବ୍ୟକ୍ତି, ଯିଏ ଈଶ୍ୱରଙ୍କୁ ବିଶ୍ୱାସ କରେ ନାହିଁ । ଗୀତସଂଗିତା.୧୪:୧ କହେ, "ମୁର୍ଖ ଆପଣା ହୃଦୟରେ କହେ, ପରମେଶ୍ୱର ନାହାନ୍ତି" ହିତୋପଦେଶରେ ଉଭୟ କୁକୁର ଓ ମୁର୍ଖ ଆପଣା ଗନ୍ତିପ୍ରତି ଫେରନ୍ତି । ଯାହା ଏପରି ବସ୍ତୁର ମିଶ୍ରଣ, ସେମାନେ ଖାଇଥିଲେ କିଅବା ଅଂଶି ହୋଇଛନ୍ତି, ପୁଣି ତୁଚ୍ଛ କରିଛନ୍ତି ।

ତାଙ୍କ ଶିକ୍ଷାରେ, ଯୀଶୁ କହିଲେ, ଶିଷ୍ୟମାନେ ପଶୁମାନଙ୍କୁ ଯାହା ଦାନ କରିଅଛନ୍ତି ସେମାନେ ପଦ ଦଳିତ କିମ୍ବା ପ୍ରତ୍ୟାଖ୍ୟାନ କରିବେ ଓ ଶିଷ୍ୟଙ୍କ ପ୍ରତି ଫେରି, ତାଙ୍କୁ ନଷ୍ଟ କରିବେ । ଏହି ବିଷୟର ଏକ ପଦ ହିତୋପଦେଶରେ ଦେଖାଯାଏ । "ଯେ ନିନ୍ଦକକୁ ଶିକ୍ଷା ଦିଏ, ସେ ଆପେ ଲଜ୍ଜାପାଏ, ପୁଣି, ଯେ ଦୃଷ୍ଟକୁ ଅନୁଯୋଗ କରେ ସେ ନିଜେ କଳଙ୍କ ପାଏ ।" ନିନ୍ଦକକୁ ଅନୁଯୋଗ କରନାହିଁ, କଲେ, ସେ ତୁମ୍ଭକୁ ଘୃଣା କରିବ, ଜ୍ଞାନୀକି ଅନୁଯୋଗ କର, ତହିରେ ସେ ତୁମ୍ଭକୁ ପ୍ରେମ କରିବ ।[୫] ଜଣେ ଦୁଷ୍ଟ ଓ ନିନ୍ଦକ ସମାନ ଅଟନ୍ତି । କୁକୁର ବିଷୟରେ ମୁଦା ଏହା ଅଟେ । ଈଶ୍ୱରଙ୍କ ଏପରି କୌଣସି ବିଷୟ ତାଙ୍କୁ ଦିଅନାହିଁ, ଯିଏ ସଦାପ୍ରଭୁଙ୍କୁ ପରିତ୍ୟାଗ କରିଅଛି (ତାହା ପବିତ୍ର ମିଳନ, ଆତ୍ମିକ ଦାନ ଓ ନିଜେ ତୁମେ)

ଦ୍ୱିତୀୟ ବାକ୍ୟ, ସୁବର୍ଣ୍ଣ ଘଷୁରି ଆଗରେ ଫିଙ୍ଗିବା ବିଷୟ । ବାକ୍ୟରୁ ଆମେ ବୁଝି ପାରିଛୁ ଯେ ସୁବର୍ଣ୍ଣ ଜ୍ଞାନ ଓ ବହୁମୁଲ୍ୟ ଦାନ ସହ ସମକକ୍ଷ କରାଯାଇଅଛି ଆୟୁବ ପୁସ୍ତକ ୨୮ ୧୮ କହେ; ପଦ୍ମରାଗ ମଣି ଅପେକ୍ଷା ଜ୍ଞାନର ମୁଲ୍ୟ ଅଧିକ ହିତୋପଦେଶ ପୁସ୍ତକ ୧୧:୨୨ରେ ଘୁଷୁରିମାନଙ୍କୁ କୁହାଯାଏ, ଘୁଷୁରିର ଅମୁଣୀରେ ଯେପରି ସୁବର୍ଣ୍ଣ ନଥ, ସେପରି ସୁବିଚାର ତ୍ୟାଗୀନି ରୁପବତୀ ସ୍ତ୍ରୀ ।

---

[୪] ହିତୋପଦେଶ ୨୬ : ୧୧

[୫] ହିତୋପଦେଶ ୯ : ୭-୮

ଜଣେ ସ୍ତ୍ରୀ ଯାହାଙ୍କ ଠାରେ ସୁବିବେଚନାର ଅଭାବ ଥାଏ, ସେ, ଅନୁଭୁତି, ବୋଧ ଜ୍ଞାନ, ବିଚାର ଶକ୍ତି, ବୃଦ୍ଧି, ଉପଦେଶ, ବ୍ୟବହାର, ବିଚାରକ ବୁଝିବା ଶକ୍ତିରେ ଅଭାବ ହେବ। ହିତୋପଦେଶ ୨: ୧୩-୧୮ରେ ତାଙ୍କ ଆଚାର ବ୍ୟବହାର ବିଷୟକ ପଦ ଦେଖାଯାଏ। ଯେଉଁମାନେ ଅନ୍ଧକାରମୟ ପଥରେ ଗତାୟାତ କରିବା ନିମନ୍ତେ ସରଳ ମାର୍ଗ ପରିତ୍ୟାଗ କରନ୍ତି; ଯେଉଁମାନେ କୁକ୍ରିୟା କରିବାକୁ ହୃଷ୍ଟ ଓ ଦୁଷ୍ଟମାନଙ୍କ ଅବାଧ୍ୟତାରେ ଅନୁରକ୍ତ; ଯେଉଁମାନେ ଆପଣା ଆପଣା ମାର୍ଗରେ କୁଟିଳ ଓ ଆପଣା ଆପଣା ପଥରେ ବକ୍ରଗାମୀ, ଏପରି କୁକର୍ମକାରୀମାନଙ୍କ ପଥରୁ ତୁମ୍ଭର ଉଦ୍ଧାର ହେବ। ଆଉ, ଯେଉଁ ପରସ୍ତ୍ରୀ ଚାଟୁବାଦିନୀ, ଯେ ଆପଣା ଯୌବନକାଳର ମିତ୍ରକୁ ତ୍ୟାଗ କରି ଆପଣା ପରମେଶ୍ୱରଙ୍କ ନିୟମ ପାସୋରେ ହିତୋ. ୫:୩, ଯାହାର ଗୃହ ମୃତ୍ୟୁଆଡ଼େ ଓ ଯାହାର ପଥ ପରଲୋକ ଆଡ଼େ ଯାଏ, ଯାହା ନିକଟକୁ ଗମନ କଲେ କେହି ଫେରି ଆସେ ନାହିଁ ଓ ଜୀବନର ପଥ ଆଉ ଧରେ ନାହିଁ। ଘୁଷୁରି ବିଷୟରେ ମୁଦା ଏହା, ଜ୍ଞାନ ସେମାନଙ୍କୁ ଦିଅନାହିଁ, ଯେଉଁମାନେ ଏହାକୁ ବୁଝି ପାରନ୍ତି ନାହିଁ କିଅବା ଜାଣି ପାରନ୍ତ ନାହିଁ। (ମନେରଖ ହିତୋପଦେଶ ୯: ୧୦ ଈଶ୍ୱର ବିଷୟକ ଭୟ[୮୬] ଜ୍ଞାନର ଆରମ୍ଭ)

**ସାରାଂଶ:**

ଅନେକ ସରଳ ଖ୍ରୀଷ୍ଟିୟାନମାନେ, ଆପଣା ପାଖରେ ଥିବା ଉତ୍ତମ ବିଷୟ ଆଖପାଖର ପ୍ରତ୍ୟେକଙ୍କୁ ଦେବାକୁ ଚାହାନ୍ତି। ତଥାପି ଅନ୍ୟମାନଙ୍କୁ ଏ ସମସ୍ତ ଦାନ କରିବାରେ, ଯୀଶୁ ଆପଣା ଶିଷ୍ୟମାନଙ୍କ ପରିପକ୍ୱ ଓ ବୁଦ୍ଧିମାନ ହେବା ନିମନ୍ତେ ଆଜ୍ଞା ଦିଅନ୍ତି। ସେମାନେ ସୁସମାଚାର, ପ୍ରଭୁଭୋଗି, ବୁଦ୍ଧି, ଉପଦେଶ ଏବଂ ଆତ୍ମିକ ଦାନ ପରି ସମସ୍ତ ବିଷୟ ଏପରେ ଯୋଡ଼ନ୍ତି। ସେ ଜାଣନ୍ତି ଯେ ଯାହା ଶିଷ୍ୟମାନେ ଦାନ କରିବେ, ନାକେବଳ କେତେ ଲୋକ ଆଗ୍ରହ କରିବେ ତା ସହ ପ୍ରକୃତରେ ଏହାକୁ ତୁଚ୍ଛ କରିବେ ପୁଣି ଶିଷ୍ୟମାନଙ୍କ ପ୍ରତି ଫେରିବେ। ଆପଣା ଶିଷ୍ୟମାନଙ୍କୁ ସିମା ମଧ୍ୟରେ ଜୀବନ କାଟିବା ନିମନ୍ତେ ଯୀଶୁ ସିମା ନିରୁପଣ କରନ୍ତି, କାରଣ ସେ ପ୍ରେମ କରନ୍ତି ପୁଣି ସେମାନଙ୍କୁ ସୁରକ୍ଷା କରିବାକୁ ଚାହାନ୍ତି। ତେଣୁ ଆମେ ସମସ୍ତେ ତାଙ୍କ ଚେତାବନିକୁ ଶୁଣିବା ଓ ତାଙ୍କ ଆଜ୍ଞା ପାଳନ କରିବା ଆବଶ୍ୟକ।

---

[୮୬] ଈଶ୍ୱର ବିଷୟକ ଭୟ ବା (ସମ୍ମାନ), ସମସ୍ତ ବାକ୍ୟ ଉପରେ ଈଶ୍ୱରଙ୍କ ବାକ୍ୟକୁ ଧରି ରଖିବା।

**ପ୍ରୟୋଗ:**

**ପଢ଼:** <u>**ମାର୍କ ୭: ୨୪-୩୦**</u> ଆଉ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ଏବଂ ତୁମ୍ଭ ଉତ୍ତରଗୁଡ଼ିକର କାରଣ ସଂକ୍ଷିପ୍ତରେ ବାଖ୍ୟାକର ।

## ସୁରଫୈନୀକିୟା ସ୍ତ୍ରୀ

## ମାଥିଉ.୧୫:୨୧-୨୮, ମାର୍କ.୭:୨୪-୩୦

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

**AD 30, ଗ୍ରୀଷ୍ମକାଳ:**

ଆଉ ସେ ସେଠାରୁ ଉଠି **ସୋର** (Tyre)[୮୭] ଅଞ୍ଚଳକୁ ଗଲେ, ଆଉ ଯେବେ ସେ ଘରେ ପ୍ରବେଶ କଲେ, ସେ ଚାହିଁଲେ, କୌଣସି ବ୍ୟକ୍ତି ଏହି ବିଷୟରେ ଜାଣନ୍ତୁ, ତଥାପି ଲୋକଙ୍କ ଦୃଷ୍ଟିରୁ ରକ୍ଷା ପାଇଁ ପାରିଲେ ନାହିଁ । ଆଉ, ଦେଖ ଜଣେ **କିଣାନୀୟ**[୮୮] ସ୍ତ୍ରୀଲୋକମାନେ, ସେହି ଅଞ୍ଚଳରୁ ଆସିଲେ ଏବଂ ଚିତ୍କାରକରି କରିବାକୁ ଲାଗିଲେ ହେ ଦାଉଦ ସନ୍ତାନ ଯୀଶୁ ମୋତେ ଦୟାକର: ମୋ ଝିଅ ଗୁରୁତର ସହ ମନ୍ଦ ଆତ୍ମାରେ ଆକ୍ରାନ୍ତ ହୋଇଅଛି । ବସ କିନ୍ତୁ ତାଙ୍କୁ କୌଣସି ଉତ୍ତର ଦେଲେ ନାହିଁ । ଆଉ ତାଙ୍କ ଶିଷ୍ୟମାନେ ପାଖକୁ ଆସି ତାଙ୍କୁ ପଚାରିବାକୁ ଲାଗିଲେ ଆହ କହିଲେ, ସେ ଆମ ପଛେ ପଛେ ଚିତ୍କାର କରି ଆସୁଛି, ତାଙ୍କୁ ପଠାଇଦିଅ । କିନ୍ତୁ ସେ ଉତ୍ତର ଦେଇ କହିଲେ, ମୋତେ କେବଳ ଇଶ୍ରାଏଲ ମଧ୍ୟରେ ହଜି ଯାଇଥିବା ମେଣ ନିକଟକୁ ପ୍ରେରଣ କରାଗଲା କିନ୍ତୁ ସେ ଆସି, ତାଙ୍କ ସମ୍ମୁଖରେ ପ୍ରଣାମ କରି କହିଲେ ପ୍ରଭୁ, ମୋତେ ସାହାଯ୍ୟ କର । ସେ ଜଣେ **ସେରୋଫିନେସିଆର**[୮୯] ଏକ ବିଜାତି ମହିଳା ଥିଲା । ଆଉ ତାଙ୍କ ଝିଅଙ୍କ ଠାରୁ ଭୂତ ଛଡ଼ାଇବା ନିମନ୍ତେ ବରାମ୍ବାର ନିବେଦନ କରିବାକୁ ଲାଗିଲେ, ଆଉ ତାଙ୍କୁ ସେ କହିଲେ, ପ୍ରଥମେ

---

[୮୭] ସୋର (Tyre), ଏକ ସହର ଫନେସିଆ ସିମାଧିନ (ବର୍ତ୍ତମାନ ଲିକାନନ) ସୁର ସାଗର କୁଳରେ, ଏହା ଉତ୍ତର ପଶ୍ଚିମ କପରନାହୁମରୁ ପ୍ରାୟ ୬୫ କିଲୋମିଟର ଦୂରରେ ।

[୮୮] **କିଣାନୀୟ**, କାନନରୁ ବଂଶ, ଯାହାଙ୍କ ଉପରେ ନହଙ୍କ ଦ୍ୱାରା ଅଭିଷାପ ବର୍ତ୍ତିଥିଲେ, ଯେଉଁ କାରଣରୁ ସେମାନଙ୍କୁ ଦାସ ଲୋକଙ୍କ ଏକ ବଂଶ କୁହାଯାଏ । ଥରେ ଏହି ଲୋକମାନେ ଇଶ୍ରାଏଲ ଦେଶ ଅକ୍ତିଆର କରିଥିଲେ, କିନ୍ତୁ ଇଶ୍ରାଏଲିୟ ମାନଙ୍କୁ ପରମେଶ୍ୱର ଦେଶ ଦାନ କଲାବେଳେ ସେମାନଙ୍କ ତଡ଼ି ଦିଆଯାଇଥିଲା ।

[୮୯] **ସେରୋଫିନେସିଆର**, ଜଣେ ବ୍ୟକ୍ତି, ଯିଏ ଫଂନିସିଆ ଅଞ୍ଚଳରୁ ଆସିଲେ ତାଙ୍କୁ ସିରିଆନ ରାଜ୍ୟରେ ଯୋଡା ଯାଉଥିଲା ।

ପିଲାମାନଙ୍କ ସନ୍ତୁଷ୍ଟ କରନ୍ତି, କାରଣ ପିଲାମାନଙ୍କର ରୋଟି ଛାଡ଼ାଇ **କୁକୁରମାନଙ୍କୁ** [୯୦] ଦେବା ଭଲ ନୁହେଁ। କିନ୍ତୁ ସେ ଉତ୍ତର ଦେଇ କହିଲେ କିନ୍ତୁ ହେ ମହାଶୟ ପିଲାମାନଙ୍କ ଯେଜରୁ ତଳେ ପଡ଼ିବା ଅଇଠା କୁକୁରମାନେ ଖାଇଥାନ୍ତି। ଆଉ ସେ ତାଙ୍କୁ କହିଲେ ହେ ମହିଳା ତୁମ୍ଭ ବିଶ୍ୱାସ ମହାନ: ଯାହା ତମେ ଚାହ ତାହା ତୁମ୍ଭ ନିମନ୍ତେ ଘଟୁ। ତୁମ୍ଭର ଉତ୍ତର ଯୋଗୁ ଆପଣା ପଥରେ ଯାଅ ତୁମ୍ଭ ଝିଅଠାରୁ ମଳ ଆତ୍ମା ଦୂର ହୋଇଅଛି। ଆଉ ତାଙ୍କ ଝିଅ ଏକ ଝଟ୍‌କାରେ ସୁସ୍ଥ ହେଲା। ଆଉ ସେ ଘରକୁ ଯାଇ ଦେଖୁଦେଖୁ, ତାଙ୍କ ଝିଅଙ୍କୁ ସେଜରେ ଶୋଇବା ଦେଖିଲେ, ଆଉ ମନ୍ଦ ଆତ୍ମା ତାଙ୍କୁ ଛାଡ଼ି ଗଲା।

୧. ସୁରଫୈନିକିୟା ସ୍ତ୍ରୀ କଣ ଘୁଷୁରୀ ଥିଲା? (ନା, ସେ ମୂଲ୍ୟ ଚିହ୍ନିଲା ଓ ପ୍ରାପ୍ତ ନିମନ୍ତେ ଯୀଶୁଙ୍କ ନିକଟକୁ ଗଲେ)

୨. ସୁରଫୈନିକିୟା ସ୍ତ୍ରୀ କ'ଣ ଗୋଟିଏ କୁକୁର ଥିଲା? (ଯଦିଅ ଯୀଶୁ ପ୍ରାରମ୍ଭରେ ମହିଳାଙ୍କୁ କୁକୁର ସହ ତୁଳନାକଲେ, ସେ ପ୍ରମାଣ କଲେ ଯେ, ସେ ଜଣେ ବିଶ୍ୱାସୀ ଥିଲେ।

- ସେ ଈଶ୍ୱରଙ୍କୁ ଚିହ୍ନିଲେ ଓ ସମାନ କଲେ।
- ସେ ଈଶ୍ୱରଙ୍କ ସଦଗୁଣ ଓ ଦୟା ନିମନ୍ତେ ଡ଼ାକ ଦେଲେ।
- ସେ ଈଶ୍ୱରଙ୍କ ପିଲାମାନଙ୍କୁ ଚିହ୍ନିପାରିଲେ ଓ ସମ୍ମାନ ଦେଲେ।
- ସେ ନିଜର ସ୍ଥାନ ଚିହ୍ନି ଏହା ବିମ୍ରତା ସହ ଗ୍ରହଣ କରି ଈଶ୍ୱରଙ୍କୁ ଓ ତାଙ୍କ ପସନ୍ଦକୁ ସମାନ କଲେ।
- ସେ ଯୀଶଙ୍କୁ ଭରଷା ଦିଅନ୍ତି ଯେ, ସେ ତାଙ୍କ ହସ୍ତରୁ ଯେ କୌଣସି ବସ୍ତୁ ଗ୍ରହଣ କରିବେ ଓ ତାଙ୍କ।

୩. ଯୀଶୁ ତାଙ୍କରି ରାୟ କିପରି ଦେଉଥିଲେ? (କ'ଣ ଶୁଣିବା ଦ୍ୱାରା)

- ମୁଁ ଆପଣାରୁ କିଛି କରିପାରେ ନାହିଁ, ମୁଁ ଯେପରି ଶୁଣେ, ସେହିପରି ବିଚାର କରେ, ଆଉ ମୋହର ବିଚାର ଯଥାର୍ଥ, କାରଣ ମୁଁ ଆପଣାର ଇଛା ସାପନ କରିବାକୁ ଇଛା

---

[୯୦] **କୁକୁରମାନଙ୍କୁ,** ଏହି ପରିସ୍ଥିତିରେ ଉକ୍ତ ଶବ୍ଦ ଦୁର୍ବୃତ କୁକୁରମାନଙ୍କ ନିମନ୍ତେ ନୁହେଁ, ଗୃହ ପାଳିତ କୁକୁର ଛୁଆ ନିମନ୍ତେ ବ୍ୟବହାର କରାଗଲା।

ନକରି ମୋହାରି ପ୍ରେରଣ କର୍ତ୍ତାଙ୍କର ଇଚ୍ଛା ସାଧନ କରିବାକୁ ଚେଷ୍ଟା କରେ। (ଯୋହନ.୫ : ୩୦)

- କାରଣ ହୃଦୟର ପୁର୍ଣ୍ଣତାରୁ ମୁଖ କଥା କହେ। ଉତ୍ତମ ଲୋକ ଉତ୍ତମ ଭଣ୍ଡାରରୁ ପଦାର୍ଥ ବାହାର କରେ, ପୁଣି ମନ୍ଦଲୋକ ମନ୍ଦ ଭଣ୍ଡାରରୁ ମନ୍ଦ ପଦାର୍ଥ ବାହାର କରେ। କିନ୍ତୁ ମୁଁ ତୁମ୍ଭମାନଙ୍କ କହୁଅଛି, ମନୁଷ୍ୟମାନେ ଯେ କୌଣସି ଅସାର କଥା କହନ୍ତି ବିଚାର- ଦିନରେ ସେମାନେ ସେଥିର ଉତ୍ତର ଦେବେ: ଯେଣୁ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ନିର୍ଦ୍ଦୋଶ ଓ ତୁମ୍ଭ ବାକ୍ୟଦ୍ୱାରା ତୁମ୍ଭେ ଦୋଷିବୋଲି ପ୍ରମାଣିତ ହେବ। (ମାଥିଉ.୧୭:୩୪-୩୩)
- ଅଜ୍ଞାନ ହି ତୁନିହେଲେ, ଜ୍ଞାନବାନ ଗଣିତ ହୁଏ; ପୁଣି ସେ ଆପଣା ଓଷ୍ଠ ବନ୍ଧ କଲେ, ବୁଦ୍ଧିମାନ ଗଣିତ ହୁଏ (ହିତୋ.୧୭-୧୮)

## ପାଠ-୧୬

## କିପରି ଚିରଦିନ ପାଇଁ ବଞ୍ଚିବା ?

**ଆଇସବ୍ରେକର ଦଳ:**

ତମେ ନିଜକୁ ହରାଇ ଏକ ନୂଆ ଲକ୍ଷ୍ୟ ପ୍ରାପ୍ତ ନିମନ୍ତେ କେତେ ଚେଷ୍ଟାକରିଅଛ ? ଯଦି, ହଁ ନିଜକୁ ହରାଇ ତୁମ୍ଭର ଲକ୍ଷ୍ୟ ପ୍ରାପ୍ତ ନିମନ୍ତେ, ତମେ ନେଇଥିବା ପଦକ୍ଷେପଗୁଡ଼ିକ ବର୍ଣ୍ଣନା କର ।

**ଉପକ୍ରମ:**

ପୂର୍ବପାଠରେ ଯୀଶୁ ଆପଣା ଶିଷ୍ୟମାନଙ୍କ ଆତ୍ମିକ ଇନ୍ଦ୍ରିୟଶକ୍ତି ବିଷୟରେ ଶିକ୍ଷା ଦାନ କଲେ । ଆତ୍ମିକ ସତ୍ୟତା ସବୁ ଆବିଷ୍କାର କରି, ସେସବୁ ପାଳନ କରିବା ନିମନ୍ତେ, ଯୀଶୁ ସେମାନଙ୍କୁ ଆଗ୍ରହ କଲେ । କିପରି ଚିରଦିନ ପାଇଁ ବଞ୍ଚିବେ, ଆତ୍ମାସହ ବୁଝିବା ନିମନ୍ତେ ଶିଷ୍ୟମାନଙ୍କୁ ସେ ଅନୁରୋଧ କରୁଛନ୍ତି ।

ଜଣେ ବ୍ୟକ୍ତି କିପରି ଉଧାର ପାଏ ଆଉ ସ୍ୱର୍ଗକୁ ଯିବା ବିଷୟ ଠାରୁ ଚିରଦିନ ବଞ୍ଚିବା କିଅବା ଅନନ୍ତ ଜୀବନ ଅଧିକ ଗୁରୁତ୍ୱତାକୁ ଆବଦ୍ଧ କରେ । ଏହା ଏକ ଶୈଳୀ, ଯଦ୍ୱାରା ଜଣେ ବ୍ୟକ୍ତି ଚିରଦିନ ପାଇଁ ବଞ୍ଚେ । ଏହିପରି ଇଶ୍ୱର ବଞ୍ଚି ଆସୁଥିବା ଜୀବନକୁ ଦେଖିଥାନ୍ତି । ଏହି ବିଷୟରେ ଏବ୍ରୀୟମାନଙ୍କ ମନୋଭାବ ଏହି, ଯେ ଯେତେଦିନ ପର୍ଯ୍ୟନ୍ତ ମଣିଷର ଶ୍ୱାସ ଚଳପ୍ରଚଳ ହେଉଛି, ସେତେବେଳେ ପଯ୍ୟନ୍ତ ସେ ବଞ୍ଚିଛି । ଏବହ ଯେତେବେଳେ ପଯ୍ୟନ୍ତ ଶ୍ୱାସ ତାଙ୍କଠାରେ ଅଛି, ସେ ଇଶ୍ୱରଙ୍କୁ ସମ୍ମାନ ଦେଇ ଗୋଟିଏ ଜୀବନ ବଞ୍ଚିବ, କାରଣ ଇଶ୍ୱର ତାଙ୍କ ଜୀବନର ସୃଷ୍ଟିକର୍ତ୍ତା ଓ ଭାରବହନକାରୀ ଅଟନ୍ତି । ଧାରଣା ଏହା ଯେ, ପୃଥିବୀ ପୃଷ୍ଠରେ ମଣିଷ ଗୋଟିଏ ଭାଗରେ ଓ ସ୍ୱର୍ଗକୁ ଯାଇ, ଅଦୃଶ୍ୟ ହୁଅନ୍ତି, ଆଉ ଏକ ଭାଗ ।

ଚିରଦିନ ବଞ୍ଚିବା କିପରି ଅଟେ, ଶିଷ୍ୟମାନଙ୍କୁ ଶିକ୍ଷାଦେବା ପରେ (ଭାଇଙ୍କ ସହିତ ନରାଗିବା, ବିଶ୍ୱସ୍ଥ ହେବା, ତୁମ୍ଭର ହଁ, ହଁ ହେଉ, ପ୍ରାଥନା, କ୍ଷମାଦେବା ଓ ଅନ୍ୟାନ୍ୟ । ଯୀଶୁ ଆପଣା ମୁଦ୍ଦାକୁ ଫେରନ୍ତି । କାରଣ ମୁଁ ତୁମ୍ଭମାନଙ୍କୁ କହୁଅଛି ତୁମ୍ଭମାନଙ୍କ ଧାର୍ମିକତା ଶାସ୍ତ୍ରୀ ଓ ଫାରୁଶୀମାନଙ୍କ ଧାର୍ମିକତା ଅପେକ୍ଷା ଅଧିକ ବେଶୀ

ନହେଲେ ତୁମ୍ଭେମାନେ କୌଣସି ପ୍ରକାରେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବ ନାହିଁ ।[୯୧] ଏହିପରି ଦ୍ରୁତ ଅଗ୍ନି ପ୍ରକ୍ରିୟାରେ ଯୀଶୁ ପାଞ୍ଚଟି ଆଜ୍ଞା ପ୍ରୟୋଗ କରନ୍ତି, ଯାହା ତାଙ୍କ ଶିଷ୍ୟମାନଙ୍କୁ ସ୍ୱର୍ଗରାଜ୍ୟକୁ ପ୍ରବେଶ କରିବା ଅଧିକାର ଉପରେ ଧାରଣା ସହ ଛାଡେ ।[୯୨]

**ଶାସ୍ତ୍ରପାଠ:**

## ଚିରଦିନ ନିମନ୍ତେ କିପରି ବଞ୍ଚିବା

## ପାର୍ବତୀୟ ପ୍ରଚାର

## ମାଥିଉ.୭:୭ –୧୪

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ; ଖୋଜ, ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ; ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ । କାରଣ ଯେକେହି ମାଗେ, ସେ ପାଏ; ଯେ ଖୋଜେ, ସେ ସନ୍ଧାନ ପାଏ; ଆଉ, ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇ ଦିଆଯାଏ । କିମ୍ବା ତୁମ୍ଭମାନଙ୍କ ମଧ୍ୟରେ ଏପରି କେଉଁ ଲୋକ ଅଛି, ଯେ ନିଜ ପୁଅ ରୋଟୀ ମାଗିଲେ ତାହାକୁ ପଥର ଦେବ, କିଅବା ମାଛ ମାଗିଲେ ତାହାକୁ ସାପ ଦେବ ? ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତମ ଉତମ ଦାନ ଦେଇ ଜାଣ, ତେବେ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ଉତମ ଉତମ ବିଷୟ ନ ଦେବେ! ଅତଏବ, ଲୋକମାନେ ତୁମ୍ଭମାନଙ୍କ ପ୍ରତି ଯାହାସବୁ କରନ୍ତୁ ବୋଲି ଇଚ୍ଛା କର, ତୁମ୍ଭେମାନେ ମଧ୍ୟ ସେମାନଙ୍କ ପ୍ରତି ସେହିସବୁ କର, କାରଣ ଏହା ହିଁ ବ୍ୟବସ୍ଥା ଓ ଭାବବାଦୀ-ମାନଙ୍କ ଧର୍ମଶାସ୍ତ୍ରର ସାର । ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କର; କାରଣ ସର୍ବ-ନାଶକୁ ଘେନିଯିବା ଦ୍ୱାର ଓସାର ଓ ପଥ ପ୍ରଶସ୍ତ, ପୁଣି ତାହା ଦେଇ ପ୍ରବେଶ କରିବା ଲୋକେ ଅନେକ । ଆଉ, ଜୀବନକୁ ଘେନିଯିବା ଦ୍ୱାର ସଂକୀର୍ଣ୍ଣ ଓ ପଥ ଦୁର୍ଗମ, ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ ।

---

[୯୧] ମାଥିଉ ୫:୨୦

[୯୨] ସ୍ୱର୍ଗ ରାଜ୍ୟ ଶବ୍ଦ ଓ ଇଶ୍ୱରଙ୍କ ରାଜ୍ୟ ସମଅର୍ଥ ଅଟେ ଆଉ ଉଭୟ ସ୍ଥାନରେ ବ୍ୟବହାର କରାଯାଇପାରେ । ଉଭୟଙ୍କ ଅର୍ଥ, ସ୍ଥାନ ଯେଉଁଠାରେ ଇଶ୍ୱର ରାଜ୍ୟ କରନ୍ତି । ୧୮ ପାଠରେ ଇଶ୍ୱରଙ୍କ ରାଜ୍ୟ ଓ ସ୍ୱର୍ଗରାଜ୍ୟ ଉପରେ ଗଭିର ଆଲୋଚନା କରାଯାଇଅଛି ।

**ଆଦେଶ:**

- ମାର୍ଗ, ତୁମ୍ଭମାନଙ୍କୁ ଦିଆଯିବ ।
- ଖୋଦ, ତୁମ୍ଭେ ପାଇବ ।
- ଆଘାତ କର, ଆଉ ତୁମ୍ଭମାନଙ୍କ ପାଇ ଖୋଲାଯିବ ।
- ତମେ ଯେପରି ଅନ୍ୟଠାରୁ ସେବା ଅପେକ୍ଷା କର, ସେହିପରି ସେମାନଙ୍କୁ ସେବାକର ।
- ସଂକୀର୍ଣ୍ଣ ପଥ ଦେଇ ଗମନ କର ।

**ଶିକ୍ଷଣୀୟ ବିଷୟ:**

ମାଥିଉ.୭:୭-୧୪ ର ପ୍ରଥମ ଅଧ୍ୟୟନରେ, ଏହା ପ୍ରକାଶ କରେ, ଯେ ଯୀଶୁ ତିନୋଟି ଭିନ୍ନ ଭିନ୍ନ ବିଷୟରେ କହୁଅଛନ୍ତି: ପ୍ରାର୍ଥନା, ସ୍ୱର୍ଣ୍ଣ ନିୟମ ଓ ସଂକିର୍ଣ୍ଣ ପଥରେ ଗମନ କରିବା, ଯାହା ଜୀବନ ଆଡ଼କୁ କଢାଇ ନିଏ ।[୯୩] ତଥାପି ଅଧ୍ୟୟନରେ ଏକ ବଡ ଛବି ଦେଖିବାକୁ ମିଳେ । ଇଶ୍ୱରଙ୍କ ଅଭିମତ ଅନୁସାରେ କିପରି ଜଣେ ବ୍ୟକ୍ତି ବଂଚିବ । ଏହା ଏକ ସାରାଂଶ ଅଟେ । କିପରି ଚିରଦିନ ବଂଚିବାରେ ଏକ ଆରମ୍ଭର ସୀମା, ଏକ ପଥ ଓ ଏକ ଲକ୍ଷ୍ୟ ସ୍ଥାନ ଅଛି ।

ବେଳେବେଳେ ଏକ ପ୍ରାକୃତିକ ଉଦାହରଣ ପ୍ରତିସ୍ଥାପନ ଦ୍ୱାରା ଏକ ଆତ୍ମିକ ବିଷୟ ସହଜରେ ବୁଝିହୁଏ । ତେଣୁ ଆମେ ପରବର୍ତ୍ତୀ ଆଲୋଚନାରେ ଉଦାହରଣ ସବୁ ବ୍ୟବହାର କରିବା । ଯେବେ ଲୋକେ ଅନ୍ୟ କାହାର ଘରକୁ ଯିବାକୁ ଯାହେ, ଯେଉଁ ଘରକୁ ସେମାନେ ପୁର୍ବରୁ କେବେ ଯାଇନାହାନ୍ତି ଆଉ ସେମାନେ ପ୍ରଥମେ ଦିଗଦର୍ଶନ ପାଇ ପଚାରିଥାନ୍ତି । ଦ୍ୱିତୀୟରେ ସେମାନେ ଦିଗଦର୍ଶନକୁ ଅନୁଗମନ କରିବାକୁ ଅନ୍ୱେଷଣ କରନ୍ତି । କେତେ ଲୋକ ମାନଚିତ୍ରକୁ ଆପଣା ସଙ୍ଗରେ ନିଅନ୍ତି । ଦିଗଦର୍ଶନ ବିଷୟରେ କାଳେ ସେମାନେ ବିଚ୍ଛିନ୍ନ କି ଅବା ବିଭ୍ରାନ୍ତ ହେବେ । ଅନ୍ୟମାନେ ସେମାନଙ୍କ ମୋବାଇଲ ଫୋନ ସାଥିରେ ନିଅନ୍ତି । ଆଉ ଶେଷରେ ଉକ୍ତ ବ୍ୟକ୍ତିଙ୍କର ଗୃହରେ ପହଂଚି, ପ୍ରବେଶ କରିବାକୁ ଦ୍ୱାରରେ ଆଘାତ କରନ୍ତି ।

[୯୩] ଏହି ବ୍ୟକ୍ତିଗତ ବିଷୟଗୁଡିକ ଅନ୍ୟ ପାଠ ଗୁଡ଼ିକରେ ବିନିଯୋଗ କରାଗଲା ।

ଯୀଶୁ କହିଲେ, କିପରି ଚିରଦିନ ବଂଚିବାର ପ୍ରଥମ ଉଦ୍ୟମ, ଦିଗଦର୍ଶନ ଅନ୍ୱେଷଣ କରିବା । ତତ୍‌ପରେ ସେ କହିଲେ, ଯେ, ଯାହାକୁ ଡ଼କାଯିବ ସେ ହେଲେ, ପିତା ଇଶ୍ୱର । ଯୀଶୁ ଆପଣା ଶ୍ରୋତାମାନଙ୍କୁ ଭରଷା ଦିଅନ୍ତି ଯେ, ଯେଉଁମାନେ ଇଶ୍ୱରଙ୍କୁ ଅନୁସନ୍ଧାନ କରନ୍ତି, ସମସ୍ତେ ପ୍ରାପ୍ତ କରିବେ, କାରଣ ଇଶ୍ୱର ଉତ୍ତମ ଅଟନ୍ତି । ମାଗ ତାହା ତୁମ୍ଭମାନଙ୍କୁ ଦିଆଯିବ । ଯାକୁବ.୧:୫ ମଧ୍ୟ କହେ, କିନ୍ତୁ ତୁମ୍ଭମାନଙ୍କ ମଧ୍ୟରୁଯେବେ କାହାରି ଜ୍ଞାନର ଅଭାବ ଥାଏ, ଯେବେ ଯେଉଁ ଇଶ୍ୱର ଦୋଷ ନ ଧରି ମୁକ୍ତ ହସ୍ତରେ ସମସ୍ତଙ୍କୁ ଦାନ କରନ୍ତି, ତାହାଙ୍କ ଛାମୁରେ ସେ ପ୍ରାର୍ଥନା କରେ; ସେଥିରେ ତାହାକୁ ଦିଆଯିବ ।

ଏହା ମଧ୍ୟ ବ୍ୟବହୃତ ହୋଇଅଛି, କିନ୍ତୁ ଲୋଖାଯାଇନାହିଁ, ଯେ ହେହେତୁ ଏଠାରେ ଦୁଇଟି ପଥ, ଦୁଇଟି ଦ୍ୱାର ଓ ଦୁଇଟି ଲକ୍ଷ୍ୟସ୍ଥଳ ତୁଳନା କରାଯାଇଅଛି । ଲୋକେ ଚିର ଦିନ ବଞ୍ଚିବା ନମନ୍ତେ ଇଶ୍ୱରଙ୍କୁ ଛାଡ଼ି ମାର୍ଗଦର୍ଶନ ଅନୁସନ୍ଧାନ କରିଥାଇପାରନ୍ତି । ମର୍ଗଦର୍ଶନ ନିମନ୍ତେ ଇଶ୍ୱରଙ୍କୁ ଖୋଜିବାରେ ନର୍ଦ୍ଦେଶ ଦିଏ ଯେ ଜଣେ ବ୍ୟକ୍ତିଙ୍କ ଠାରେ ଏକ ସଠିକ ହୃଦୟ ଅଛି । ତାହା ବିଷୟରେ ପରିପୁର୍ଣ୍ଣ ଏବଂ ଇଶ୍ୱରଙ୍କ ଆୟୋଜନ ଉପରେ ସମ୍ପୁର୍ଣ୍ଣ ନିର୍ଭର କରେ ।

ଦ୍ୱିତୀୟ ପାହାଚ, ମାର୍ଗ ଦର୍ଶନ ଅନୁଗମନ କିଅବା ଲକ୍ଷସ୍ଥଳକୁ ରାସ୍ତା ଅନୁସନ୍ଧାନ କରିବା । ଯୀଶୁ ମାର୍ଗ ଦର୍ଶନ କିଅବା ଲକ୍ଷସ୍ଥଳକୁ ରାସ୍ତା ବୁଝିବା ନିମନ୍ତେ ଅତିସହଜ କରନ୍ତି । ତେଣୁକରି, ତୁମେ ଯେପରି ଅନ୍ୟମାନଙ୍କ ଠାରୁ ସେବା ଅପେକ୍ଷା କର, ଠିକ ସେହିପରି ସେମାନଙ୍କୁ ସେବାକରି । କାରଣ ଏହା ହିଁ ବ୍ୟବସ୍ଥା ଓ ଭବିଷ୍ୟତ ଜାଣି ଅଟେ । ଅନ୍ୟକୁ ଏହିପ୍ରକାରେ ସେବାରିବାରେ, ଜଣାପଡେ ଯେ, ଜଣେ ବ୍ୟକ୍ତିଙ୍କ ଠାରେ ଠିକ୍ ଚିନ୍ତା ରହିଛି । ସେ ଅନ୍ୟକୁ ନିଜ ସମାନ ଦେଖେ ଓ ଅହଂକାର ତାକୁ ପ୍ରତିରୋଧ କରେନାହିଁ । ଏହା ହିଁ ସଂକୀର୍ଣ୍ଣ ପଥ ଅଟେ । ଯୀଶୁ ତାଙ୍କ ଶ୍ରୋତା ମାନଙ୍କୁ ଭରଷା ଦିଅନ୍ତି ଯେ ଯେଉଁମାନେ ଏହି ମର୍ଗଦର୍ଶନଗୁଡ଼ିକ କିଅବା ସଂକିର୍ଣ୍ଣ ପଥ ଅନୁସନ୍ଧାନ କରି ତଦନୁସାରେ କାର୍ଯ୍ୟ କରନ୍ତି । ସେମାନଙ୍କ ନିମନ୍ତେ ଖୋଜ ତମେ ପାଇବ ବାକ୍ୟ ବ୍ୟବହାର କରାଗଲା ।

ଶେଷ ସୋପାନ ସଠିକ ଦ୍ୱାରାଓ ଫାଟକ ଦ୍ୱାରା ପ୍ରବେଶ ବିଷୟ ଅଟେ । ଯୀଶୁ ନର୍ଦ୍ଦେଶ ଦିଅନ୍ତି ଯେ ଦୁଇଟି ଫାଟକ କିମ୍ବା ଦ୍ୱାର ଅଛି, ଯାହା ଦ୍ୱାରା ଜଣେ ବ୍ୟକ୍ତି ନିଜ ଜୀବନରେ ଅତିକ୍ରମ କରିଥାଏ । ଗୋଟିଏ ଅନନ୍ତ

ଜୀବନ ଆଡ଼କୁ ଓ ଅନ୍ୟଟି ବିନାଶ ଆଡ଼କ ବଢା ନିଏ । ଯୀଶୁ ତାଙ୍କ ଶୀଷ୍ୟମାନଙ୍କୁ କହିଲେ, ଯଦି ସେମାନେ ଚିରଦିନ ନିମନ୍ତେ ବଞ୍ଚିବାକୁ ଚାହାନ୍ତି, ସେମାନଙ୍କୁ ସଂକିର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କରିବାକୁ ପଡ଼ିବ । ନଚେତ୍ ସେମାନେ ବିନାଶ ହେବେ । ସଂକୀର୍ଣ୍ଣ ଦ୍ୱାର କେବଳ ଏକ ବ୍ୟକ୍ତି ଶରିରର ଓସାର ଅଟେ ଓ ଏକ ସମୟରେ ଜଣେ ବ୍ୟକ୍ତି ହିଁ ପ୍ରବେଶ କରିପାରେ । ସେହି ଦ୍ୱାର ଯୀଶୁ ଅଟନ୍ତି । ଯୋହନ ୧୦:୯ ରେ ଯୀଶୁ ଘୋଷଣା କରନ୍ତି, "ମୁଁ ଦ୍ୱାର, ଯଦି କେହି ମୋ ଦେଇ ପ୍ରବେଶ କରେ, ତାହା ହେଲେ ସେ ରକ୍ଷା ପାଇବ ଏବଂ ଭିତରକୁ ଆସି ଓ ବାହାରକୁ ଯାଇ ଚରା ପାଇବ" ଯେଉଁମାନେ ଯୀଶୁଙ୍କ ଦ୍ୱାରକୁ ଆଘାତ କରେ, ତାଙ୍କ ନିମନ୍ତେ ସେ ଏହା ଖୋଲିବ ।

ସମସ୍ତ ତ୍ରିତ୍ୱ ଇଶ୍ୱର, ପିତା, ପୁତ୍ର ଓ ପବିତ୍ର ଆତ୍ମା, ଏକାଠି ହୋଇ ଲୋକମାନଙ୍କୁ ଅନନ୍ତ ଜୀବନ ପ୍ରାପ୍ତ ହେବାରେ ସାହାଯ୍ୟ କରନ୍ତି । ପିତା ରାସ୍ତା ଦିଅନ୍ତି, ପବିତ୍ର ଆତ୍ମା ରାସ୍ତାରେ ଚଲାନ୍ତି ଏବଂ ପୁତ୍ର ଦ୍ୱାର ଖୋଲନ୍ତି । ଚିରଦିନ ବଞ୍ଚିବା ନିମନ୍ତେ ମାର୍ଗଦର୍ଶନ ଗୁଡିକ ଅତିସହଜ । (୧) ଇଶ୍ୱରଙ୍କ ଉପରେ ଭରଷା । (୨) ପବିତ୍ର ଆତ୍ମାଙ୍କ ଅନୁଗମନ କର ଏବଂ (୩) ଯୀଶୁଙ୍କ ଦ୍ୱାରା ଯାଏ । ଏହା ସହଜ କରିବାକୁ ଗଲେ, କଳେ ଲୋକ ହଜିଯିବେ, ତେଣୁ ସଦାପ୍ରଭୁ ବାଇବଲ ରୁପରେ ମାର୍ଗଦର୍ଶନ ଦିଅନ୍ତି । ସେ ମଧ୍ୟ ରାସ୍ତାଚ୍ୟୁତ ଲୋକମାନଙ୍କୁ ପଦକ୍ଷେପ ସଠିକ କରିବା ନିମନ୍ତେ ରାସ୍ତା କଡରେ ଅନ୍ୟମାନଙ୍କୁ ରଖିଥାନ୍ତି । ସେମାନଙ୍କୁ ପ୍ରେରିତ, ଭବିଷ୍ୟଦବକ୍ତା ପାଳନ ଓ ଶିଷ୍ୟମାନେ ବୋଲି କୁହାଯାଏ ।

ଯଦି ସେ ସବୁ ବିଷୟ ନୁହେଁ । ତାଙ୍କୁ ଲୋକମାନଙ୍କ ଅନ୍ତରେ ବଞ୍ଚିବା ନିମନ୍ତେ ତାଙ୍କ ପବିତ୍ର ଆତ୍ମାକୁ ପଠାନ୍ତି । ତେବେ ସେମାନେ ତାଙ୍କ ସହ ଏକ ସୀଧାସଳଖ ଯୋଗାଯୋଗ କରିପାରନ୍ତି । ଯୀଶୁଙ୍କ ଚିରଦିନ ବଞ୍ଚିବା ପାଠରୁ ଅନ୍ୟାନ୍ୟ ଅନେକ ସିଦ୍ଧାନ୍ତଗୁଡିକ ଅଛି । କିପରି ବଞ୍ଚିବାକୁ ହେବ, ମାର୍ଗଦର୍ଶନ ନିମନ୍ତେ, ଯେବେ ଜଣେ ବ୍ୟକ୍ତି ପିତାଙ୍କୁ ଅନ୍ୱେଷଣ ନ କରେ । ସେ କେବଳ ଆବିଷ୍କାର କରିବ । ବଞ୍ଚିବା ନିମନ୍ତେ କିପ୍ରକାରେ ଅନ୍ୟମାନେ ବିଶ୍ୱାସ କରନ୍ତି । ନିଶ୍ଚିନ୍ତ ରୁପେ ସେମାନେ ଚିରଦିନ ବଞ୍ଚିନାହାଁନ୍ତି, ପୃଥିବୀକୁ ସୃଷ୍ଟି କରିନାହାନ୍ତି ଏବଂ ବାସ୍ତବରେ ସେମାନଙ୍କ ଠାରେ କୌଣସି ଏକ ଅନନ୍ତ ଅଭିମତ ନହିଁ, ତେବେ ସେମାନେ କିପରି ମାର୍ଗ ଜାଣିବେ ? ସେମାନଙ୍କ ପଥ ପ୍ରଶସ୍ତ ପୁଣି ତାହା ସହଜରେ ଖୋଜିହୁଏ ।

ଲୋକମାନେ ଅନୁଗମନକାରୀ ଅଟନ୍ତି। ମେଣ୍ଢାପରି! ସୁରକ୍ଷା ଓ ପୋଷଣ ନିମନ୍ତେ ସେମାନେ ଏକ ମେଷପାଳକଙ୍କ ଅନୁଗମନ କରିବେ। କିନ୍ତୁ ସେମାନେ ମଧ୍ୟ ବଧ କରିବା ନିମନ୍ତେ ଏକ ଛେଳିର ଅନୁଗମନ କରିବେ। ଯୀଶୁ କହିଲେ, ସେ ଉତ୍ତମ ମେଷପାଳକ ଅଟନ୍ତି ଓ ତାଙ୍କ ମେଷମାନଙ୍କୁ ପରିଚାଳନା ଓ ଅଗ୍ରୁବାହି କରିବା ନିମନ୍ତେ ପବିତ୍ର ଆତ୍ମାଙ୍କୁ ପ୍ରେରଣ କରନ୍ତି। ସେ ମଧ୍ୟ ସାଥେ ସାଥେ ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଆପଣା ଆଜ୍ଞାସବୁ ଓ ଧାର୍ମିକ ବ୍ୟକ୍ତିମାନଙ୍କୁ ଦେଲେ। ଛେଳି, (ଶୟତାନ) ଅନ୍ୟପକ୍ଷରେ ଲୋକମାନେ ଜଗତ ପଥରେ ଯାଆନ୍ତି ବୋଲି ଗୁହେ। ଓ ସେମାନଙ୍କୁ ଭ୍ରମ କରିବା ନିମନ୍ତେ ଭଣ୍ଡଭାବବାଦୀ ଓ ଭଣ୍ଡଶିକ୍ଷକମାନଙ୍କୁ ବ୍ୟବହାର କରେ।

ଅସରନ୍ତି ଜୀବନ ଦୁଇ ଫାଟ, ଏକ ସଂକୀର୍ଣ୍ଣ ଓ ଅନ୍ୟଏକ ଓସାର ମଧ୍ୟରୁ ଗୋଟିଏ ଫାଟକ ଦ୍ୱାରା ପ୍ରବେଶ କରିବାରେ ପ୍ରାପ୍ତ ହୁଏ। ଯୀଶୁ କହିଲେ, ସେ ମେଣ୍ଢାମାନଙ୍କର ସଂକୀର୍ଣ୍ଣ ଫାଟକ ଅଟନ୍ତି। ଏବଂ ଯୋହନ ୬: ୩୭ ରେ "ଯୀଶୁ କହିଲେ, ପିତା ଯେଉଁମାନଙ୍କୁ ମୋତେ ଦାନ କରନ୍ତି, ସେମାନେ ମୋ ନିକଟକୁ ଆସିବେ, ଆଉ ଯେ ମୋନିକଟକୁ ଆସେ, ତାହାକୁ ମୁଁ କୌଣସି ପ୍ରକାରେ ବାହାର କରି ଦେବନାହିଁ। ଅନ୍ୟ ପକ୍ଷରେ, ଓସାରିଆ ରାସ୍ତା ବିନାଶ ଆଡ଼କୁ ନିଏ। ଏହା ବହୁ ଉତ୍ତମ ବିଜ୍ଞାପନ କରାଯାଇ ଅଛି। ସହଜରେ ସନ୍ଧାନ ମିଳେ ପୁଣି ଏକ ସମୟରେ ଅନେକେ ଏଥିରେ ପ୍ରବେଶ କରନ୍ତି।

ଆମେ ବଞ୍ଚି ଆସୁଥିବା ଚଳିତ ପୃଥିବୀରୁ ଦୁଇଟି ଫାଟକ ବିଷୟରେ ଏକ ବିଶ୍ଳେଷଣ। ଫାଟକ ଯାହା ବିନାଶ କୁ କଢାଇ ନିଏ, ଚଳଚିତ୍ର ମହଲ, ଆମୋଦ ପ୍ରମଦ ବଗିଚା, ଓ ଖେଳ ଦୃଶ୍ୟମାନଙ୍କରେ ପ୍ରବେଶ ସହ ତୁଳନା କରାଯାଇପାରେ। ଲୋକେ ବହୁ ମାତ୍ରାରେ ଗହଳି, ପ୍ରବେଶ ନିମନ୍ତେ ଲୋକମାନେ ଠେଲା ପେଲା ଆଉ ଏକା ସମୟରେ ଅନେକ ପ୍ରବେଶ କରିପାରିବେ। ଅନ୍ୟ ପାର୍ଶ୍ୱରେ ଫାଟକ ଯାହା ଅନନ୍ତ ଜୀବନ ଆଡ଼କୁ କଢାଇ ନିଏ, ଘର ପ୍ରବେଶ ସହିତ ତୁଳନା କରାଯାଇପାରେ। ଲୋକମାନେ ଅତି ବିରଳ, କେହି ଧାଡ଼ିରେ ଛିଡା ହୁଅନ୍ତି ନାହିଁ, ଓ ବିଶେଷତଃ ଗୋଟିଏ ସମୟରେ ଜଣେ ଭିତରକୁ ପ୍ରବେଶ କରିଥାଏ।

ଫାଟକ ଯାହା ଜୀବନ ଆଡ଼କୁ କଢାଇ ନିଏ, ତୁଳନାରେ ବିନାଶ ଆଡ଼କୁ ବଢାଇ ନିଉଥିବା ଫାଟକ ଅପେକ୍ଷା ଛୋଟିଆ ଅଟେ ଆଉ ଅଳ୍ପ ଲେକେ ଏହା ପ୍ରାପ୍ତ କରନ୍ତି। ତଥାପି ଏକ ଲମ୍ବା ସମୟ ବ୍ୟବଧାନରେ ଏକ

ସଂକିର୍ଣ୍ଣ ଫାଟକ ଦ୍ଵାରା ଅନେକ ଲୋକ ପ୍ରବେଶ କରିପାରିବେ । ଆଉ ଫାଟକ ଅତି ବ୍ୟସ୍ତ ସାବ୍ୟସ୍ତ ହୋଇପାରେ ମଧ୍ୟ ସନ୍ଧାନ କରିବାକୁ ସହଜ ହେବ, ଯେବେ ଲୋକେ ଥରେ ପ୍ରବେଶ କରି ଉକ୍ତ ଫାଟକର ରାସ୍ତା ଅନ୍ୟକୁ ଦେଖାନ୍ତି ।

**ଦଳୀୟ ଆଲୋଚନା:**

- ❖ ଯେବେ ଜଣେ ବ୍ୟକ୍ତି ବିନାଶ ହୁଏ, କେଉଁ ଚିହ୍ନ ସେ ଛାଡିଯାଏ ?
